୬୭ତମ ବର୍ଷ | ୨୧ ଫେବ୍ରୁଆରୀ ୨୦୨୪ | ପ୍ରଥମ ସଂଖ୍ୟା



# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨



**ସୁବର୍ଣ୍ଣ ଦିବସ, ୨୯ ଫେବ୍ରୁଆରୀ ୨୦୨୪, ପ୍ରଭୁଙ୍କର ଦିନ ।**

ପରମ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟ ଜନନୀ ଶ୍ରୀମାଙ୍କ ଚରଣ କମଳରେ ଆମର କୃତଜ୍ଞତାପୂର୍ଣ୍ଣ ବିନମ୍ର ପ୍ରଣାମ ।

୬୭ତମ ବର୍ଷ　　୨୧ ଫେବ୍ରୁଆରୀ, ୨୦୨୪　　ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ　　ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

## ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୨୪]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୫ |
| ମାତୃବାଣୀ | ... | ... | ୬ |
| ଅତିମାନସ ଅବତରଣର ସେହି ଦିବ୍ୟଲଗ୍ନ (ଶ୍ରୀମା'ଙ୍କ ଅନୁଭୂତି) | ... | ... | ୯ |
| ଅତିମାନସ ଓ ଦିବ୍ୟଜୀବନ | ... | ଶ୍ରୀଅରବିନ୍ଦ | ୧୧ |
| ମୃତ୍ୟୁ ଅନିବାର୍ଯ୍ୟ ନୁହେଁ | ... | ଶ୍ରୀମା | ୧୫ |
| ଅତିମାନସ ଭୂମିରେ ଚେତନା | ... | ଶ୍ରୀଅରବିନ୍ଦ | ୧୬ |
| ଧମ୍ମପଦ (୫) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ୧୭ |
| ମାତୃମନ୍ଦିର ସମ୍ପର୍କରେ ଶ୍ରୀମା | ... | ... | ୨୧ |
| ଅରୋଭିଲ୍‌ର ଲକ୍ଷ୍ୟ ଓ ଆଦର୍ଶ | ... | ଶ୍ରୀମା | ୨୨ |
| ଅରୋଭିଲ୍ ଏବଂ ଅତିମାନସ ଅଭିବ୍ୟକ୍ତି | ... | ଶ୍ରୀମା | ୨୪ |
| ଏକ ନୂତନ ସ୍ୱର୍ଗ ଓ ଏକ ନୂତନ ପୃଥିବୀ [ଅତିମାନସ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଏକ ପତ୍ର] | ... | ... | ୨୫ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ୨୮ |
| ଏକ ଅଭିନବ ମାନବ-ଗୋଷ୍ଠୀ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୩୩ |
| ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନି ସୂକ୍ତମାଳା ଅଗ୍ନି, ଦିବ୍ୟ ସଂକଳ୍ପ-ଶକ୍ତି | ... | ଶ୍ରୀଅରବିନ୍ଦ | ୩୭ |
| ଆଜିର ସଙ୍କଟ : କ୍ରମ ବିକାଶରେ ଅନିବାର୍ଯ୍ୟ ? | ... | ଶ୍ରୀ ମନୋଜ ଦାସ | ୩୯ |
| ଈଶ୍ୱର ଜନନୀ (କବିତା) | ... | ଶ୍ରୀଅରବିନ୍ଦ | ୪୨ |
| ନୂତନ ଚେତନା ଓ ନୂତନ ଜଗତ୍ | ... | ଶ୍ରୀ ପ୍ରପତ୍ତି | ୪୩ |
| ଶ୍ରୀମାଙ୍କର ବାଲ୍ୟ ଜୀବନରେ ପରିବାରର ଭୂମିକା (୧) | ... | ମମତା ଦାଶ | ୪୬ |
| ମା' – ଏକ ଅନୁଭବ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ୪୯ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଯୋଗବାଶିଷ୍ଠ ରାମାୟଣ (୪) | ... | ... | ୫୨ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ଅତିମାନସ ଓ ମଧ୍ୟବର୍ତ୍ତୀ ସ୍ତରସବୁ | ... | ଶ୍ରୀମା | ୫୬ |
| **ସମ୍ପାଦକୀୟ** | ... | ... | ୫୮ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ୬୧ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

Let the new birth become manifest in your heart and radiate in calm and joy and take up all the parts of your being, mind and vision and will and feeling and life and body. Let each date in your life be a date of its growth and greater completeness till all in you is the child of the Mother. Let the Light and Power and Presence envelop you and protect and cherish and foster, till all your inner and outer existence is one movement and an expression of its peace and strength and Ananda.

23. 01. 1929 – Sri Aurobindo

(CWSA - Vol. 35, p. 838)

ନବଜନ୍ମ ତୁମ ହୃଦୟରେ ପ୍ରକାଶିତ ହେଉ ଏବଂ ଶାନ୍ତି ଓ ଆନନ୍ଦ ମଧ୍ୟରେ ତାହା ନିଜର ଜ୍ୟୋତିଃ ବିକୀର୍ଣ୍ଣ କରୁ, ତୁମ ସତ୍ତାର ସକଳ ଅଂଶକୁ – ତୁମର ମନ, ଦୃଷ୍ଟି, ସଂକଳ୍ପ, ଅନୁଭବ ଓ ପ୍ରାଣ ଏବଂ ଶରୀରକୁ ତାହା ନିଜ ମଧ୍ୟରେ ଧାରଣ କରୁ । ତୁମ ଜୀବନର ପ୍ରତ୍ୟେକଟି ଦିନ ହେଉ ତା'ର ବୃଦ୍ଧି; ତା'ର ବୃହତ୍ତର ପୂର୍ଣ୍ଣତାର ଦିନ ଯେପର୍ଯ୍ୟନ୍ତ ତୁମ ସତ୍ତାର ସମସ୍ତ ଅଙ୍ଗ ମା'ଙ୍କର ସନ୍ତାନ ନ ହୋଇଛି । ସେହି **ଜ୍ୟୋତିଃ, ଶକ୍ତି** ଏବଂ **ସାନ୍ନିଧ** ତୁମକୁ ଚତୁର୍ଦ୍ଦିଗରୁ ଘେରି ରହୁ, ତୁମକୁ ରକ୍ଷା କରୁ, ପାଳନ କରୁ ଏବଂ ପୋଷଣ କରୁ; ଯେତେ ଦିନ ପର୍ଯ୍ୟନ୍ତ ତୁମର ବାହ୍ୟ ଓ ଆନ୍ତର ଜୀବନ ନ ହୋଇଛି ତା'ର ଶାନ୍ତି, ଶକ୍ତି ଓ ଆନନ୍ଦର ଏକ ଅଖଣ୍ଡ ଗତିଧାରା ଓ ପ୍ରକାଶ ।

୨୩. ୦୧. ୧୯୨୯ – ଶ୍ରୀଅରବିନ୍ଦ



# ମାତୃବାଣୀ

Only one thing is absolutely indispensable: the will to discover and to realise [the truth of your being]. This discovery and realisation should be the primary preoccupation of our being, the pearl of great price which we must acquire at any cost. Whatever you do, whatever your occupations and activities, the will to find the truth of your being and to unite with it must be always living and present behind all that you do, all that you feel, all that you think.

– The Mother

ଏକାନ୍ତ ଅପରିହାର୍ଯ୍ୟ ହେଲା କେବଳ ଗୋଟିଏ ମାତ୍ର କଥା : [ନିଜ ସତ୍ତାର ସତ୍ୟକୁ] ଆବିଷ୍କାର ଏବଂ ଉପଲବ୍ଧି କରିବା ଦିଗରେ ସଂକଳ୍ପ । ଏହି ଆବିଷ୍କାର ଏବଂ ଉପଲବ୍ଧିହିଁ ଆମ ସତ୍ତାର ପ୍ରାଥମିକ ନିବିଷ୍ଟ କର୍ମ ହେବା ଉଚିତ – ମହାମୂଲ୍ୟ ରତ୍ନ ଯାହା ଆମେ ଯେକୌଣସି ପ୍ରକାରେ ଆୟତ୍ତ କରିବା ଆବଶ୍ୟକ । ତୁମେ ଯାହା କରନା କାହିଁକି, ତୁମର ବୃତ୍ତି ଏବଂ କାର୍ଯ୍ୟକଳାପ ଯାହା ହେଉନା କାହିଁକି, ତୁମ ସତ୍ତାର ସତ୍ୟକୁ ନିରୂପଣ କରିବା ଏବଂ ତାହା ସହ ମିଳିତ ହେବାର ସଂକଳ୍ପ ସର୍ବଦା ଜୀବନ୍ତ ଏବଂ ଉପସ୍ଥିତ ରହିବା ଚାହି – ତୁମେ ଯାହାକିଛି କରୁଥାଅ, ଯାହାକିଛି ଅନୁଭବ କରୁଥାଅ ଏବଂ ଯାହାକିଛି ଚିନ୍ତା କରୁଥାଅ, ସବୁରି ପଶ୍ଚାତରେ ।

– ଶ୍ରୀମା



# ଅତିମାନସ ଅବତରଣର ସେହି ଦିବ୍ୟଲଗ୍ନ

## (ଶ୍ରୀମା'ଙ୍କ ଅନୁଭୂତି)

*(୧୯୫୬ ମସିହା, ୨୯ ଫେବ୍ରୁଆରୀ ବୁଧବାର ସମବେତ ଧ୍ୟାନରେ)*

ଆଜି ସନ୍ଧ୍ୟାରେ ଭଗବାନଙ୍କ ସାନ୍ନିଧ ତୁମ୍ଭମାନଙ୍କ ମଧ୍ୟରେ ସଶରୀର ଓ ବାସ୍ତବ ହୋଇ ଦେଖାଦେଇଛି । ମୋର ଶରୀର ହୋଇଥିଲା ଏକ ଜୀବନ୍ତ ସ୍ୱର୍ଣ୍ଣର ମୂର୍ତ୍ତି – ବିଶ୍ୱଠାରୁ ବୃହତ୍ତର । ଦେଖିଲି ଏକ ବିଶାଳ, ବିପୁଳ ସୁବର୍ଣ୍ଣ ଦ୍ୱାର ସମ୍ମୁଖରେ ମୁଁ ଛିଡ଼ା ହୋଇଛି ଯାହା ଜଗତକୁ ଭଗବାନଙ୍କଠାରୁ ପୃଥକ୍ କରି ରଖିଥିଲା ।

ସେହି ଦ୍ୱାର ଆଡ଼କୁ ମୁଁ ଦୃଷ୍ଟି ଦେଇ ଜାଣିପାରିଲି ଏବଂ ସଂକଳ୍ପ କଲି – ଯାହା ଏକହିଁ ଚେତନାର ଯୁଗପତ୍ କ୍ରିୟା – ''ସମୟ ଆସିଛି'' (The time has come) ଏବଂ ଗୋଟିଏ ସୁବୃହତ୍ ସ୍ୱର୍ଣ୍ଣ ହାତୁଡ଼ି ହାତରେ ଧରି ସେହି ଦ୍ୱାର ଉପରେ ଏକ ଆଘାତ କଲି – ଗୋଟିଏ ମାତ୍ର ଆଘାତ ଯେଉଁଥିରେ ଦ୍ୱାରଟି ସମ୍ପୂର୍ଣ୍ଣ ରୂପେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ।

ସେତିକିବେଳରୁ ଅତିମାନସ ଜ୍ୟୋତିଃ, ଶକ୍ତି ଓ ଚେତନା ଅବିଚ୍ଛିନ୍ନ ଧାରାରେ ପୃଥିବୀ ଉପରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗିଲା ।

(ଫେବ୍ରୁଆରୀ ୨୯, ୧୯୬୦ରେ ଶ୍ରୀମା'ଙ୍କ ପ୍ରଦତ୍ତ ବାଣୀ)

### (୧)

ମୁଁ ଉପରେ ଯାହା ଲେଖିଲି ତାହା ତୁମେ ବୁଝିପାରିବ ନାହିଁ, ତଥାପି ତୁମର ମନକୁ ସ୍ଥିର କର ଏବଂ ଗ୍ରହଣ କରିବାକୁ ଚେଷ୍ଟା କର ।

ତେବେ ଏହି ଅନୁଭୂତିକୁ ମୋ ନିଜ ସକାଶେ ଶବ୍ଦରେ ପ୍ରକାଶ କରିବାର କୌଣସି ଆବଶ୍ୟକତା ନଥିଲା । ଅନ୍ୟମାନଙ୍କ ନିମିତ୍ତ ଶବ୍ଦରେ ପ୍ରକାଶ କରିବାକୁ ମୁଁ ସମସ୍ତ କିଛି ଲେଖି ପକାଇଲି । କିନ୍ତୁ ଲେଖିବା ଦ୍ୱାରା କୌଣସି ଉପଲବ୍ଧି ବା ଚେତନାର ସ୍ଥିତି ସର୍ବଦା ସୀମାବଦ୍ଧ ହୋଇଯାଏ । ଏପରିକି ପ୍ରକାଶ କରିବାର କ୍ରିୟାହିଁ କେତେକାଂଶରେ ପ୍ରକାଶମାନ ବସ୍ତୁକୁ ସୀମିତ କରେ ।

୨୯ ଫେବ୍ରୁଆରୀ, ୧୯୫୬ ରେ ଯାହା ଘଟିଲା ତାହା କେବଳ ଗୋଟିଏ ସୂକ୍ଷ୍ମ ଦୃଶ୍ୟ ବା ଉପଲବ୍ଧି ନ ଥିଲା, ବରଂ କିଛି କାର୍ଯ୍ୟ ସିଦ୍ଧ ହେଲା । ସେହି ଦିନ ପ୍ଲେ-ଗ୍ରାଉଣ୍ଡରେ ସାନ୍ଧ୍ୟ ଧ୍ୟାନ ବେଳେ ମୁଁ ଅତିମାନସ ଲୋକ ମଧ୍ୟକୁ ଉଠିଗଲି ଏବଂ ଦେଖିଲି ଯେ କିଛି କରିବାକୁ ହେବ ଏବଂ ତାହା କାର୍ଯ୍ୟରେ ପରିଣତ କଲି ।

ଆଶ୍ଚର୍ଯ୍ୟର ବିଷୟ ଏହି ଯେ – ''ସମୟ ଆସିଛି'' (The time has come) – ଏହି ବାଣୀକୁ ମୁଁ ଇଂରାଜୀ ଭାଷା ମାଧ୍ୟମରେ ଶୁଣିଥିଲି, ଫ୍ରେଞ୍ଚରେ ନୁହେଁ । ଅବଶ୍ୟ ଏହି ବାଣୀ, ମୁଁ ଯାହା ସଂକଳ୍ପ କରିଥିଲି ଓ ଜାଣିଥିଲି ଏହି ଉଭୟକୁ ଏକହିଁ ସଙ୍ଗେ ବ୍ୟକ୍ତ କରୁଛି । ଯେତେବେଳେ କି ମୁଁ ସେ ବିଶାଳ ଦ୍ୱାରର ସମ୍ମୁଖରେ ଥିଲି ଯାହାର ଆର ପାଖରେ ପୃଥିବୀ ବିଦ୍ୟମାନ, ମୋର ମନେ ହେଉଥିଲା ଯେପରି ଶ୍ରୀଅରବିନ୍ଦ ଏହି ଶବ୍ଦଗୁଡ଼ିକ ଉଚ୍ଚାରଣ କରୁଛନ୍ତି ।

ଯେତେବେଳେ ମୁଁ ଅତିମାନସ ଲୋକରୁ ନିମ୍ନଭୂମିକୁ ଅବତରଣ କରି ଆସିଲି ସେତେବେଳକୁ ସେହି ବିପୁଳ ଜ୍ୟୋତିଧାରା ସମଗ୍ର ବିଶ୍ୱକୁ ପ୍ଲାବିତ କରିସାରିଛି । ମୁଁ ଭାବିଲି ଯେହେତୁ ସେହି ପ୍ଲାବନ ଏପରି ବିଶାଳ ଓ ସୁବିପୁଳ ଥିଲା ସୁତରାଂ ମୋ ସମ୍ମୁଖରେ ଯେଉଁମାନେ ପ୍ଲେ-ଗ୍ରାଉଣ୍ଡରେ ବସିଥିଲେ ସେମାନେ ଏକାବେଳେ ଧରାଶାୟୀ ହୋଇଥିବେ, କିନ୍ତୁ ମୁଁ ଚକ୍ଷୁ ଖୋଲି ଦେଖିଲି ଯେ ସମସ୍ତେ ଖୁବ୍ ଧୀରସ୍ଥିର ହୋଇ ବସିଛନ୍ତି, ମନେ ହେଲା ଯାହାସବୁ ଘଟିଗଲା ସେ ସମ୍ବନ୍ଧରେ ସେମାନେ ପୂର୍ଣ୍ଣ ଅଜ୍ଞ ।

### (୨)

ଅତିମାନସ ଶକ୍ତି ୧୯୫୦ ମସିହା ଡିସେମ୍ବର ଠାରୁ ବ୍ୟକ୍ତିଗତ ରୂପେ କାର୍ଯ୍ୟ କରୁଥିଲା । ୧୯୫୬ ମସିହା ଜାନୁଆରୀ ମାସରେ ଶ୍ରୀଅରବିନ୍ଦ ମୋତେ ଦୁଇଥର କିଂବା ତିନିଥର ଦେଖା ଦେଇ କହିଲେ ଯେ ସାଧାରଣ ଅଭିବ୍ୟକ୍ତିର ସମୟ ଉପସ୍ଥିତ । କିନ୍ତୁ ଯେତେବେଳେ ଏହି ଅଭିବ୍ୟକ୍ତି ଘଟିଲା, ତାହା ହଠାତ୍ ସଂଘଟିତ ହେଲା ।

ସେଦିନ ଏହା ଏକାବେଳେ ଅଚାନକ ଥିଲା । କିନ୍ତୁ ମୋର ସବୁଠାରୁ ବଡ଼ ବଡ଼ ଉପଲବ୍ଧିଗୁଡ଼ିକ ଏହିପରି ଭାବରେହିଁ ଆସିଛି । ମୁଁ ମୋର ସାଧାରଣ ଚେତନାରେ ଥାଏ ଏବଂ ହଠାତ୍ ସେହି ଉପଲବ୍ଧିଗୁଡ଼ିକ ଆସିଯାଏ ଯେପରିକି ସେହି ଅନୁଭୂତି ତୁଳନା ଦ୍ୱାରା ଜୀବନ୍ତତା ପ୍ରକାଶ କରିବାକୁ ଚାହାନ୍ତି । କୌଣସି ଉପଲବ୍ଧିର ମୂଲ୍ୟବୋଧ ଓ ମହତ୍ତ୍ୱ ସବୁଠାରୁ ବେଶୀ ଅନୁଭବ କରାଯାଏ ଯେତେବେଳେ ସେହିସବୁ ପ୍ରଥମେ ଏହିପରି ଭାବରେ ଆସିଥାଏ । ଯଦି ଏହିପରି ଉପଲବ୍ଧି ଆସୁଛି ବୋଲି ଜଣେ ଆଗରୁ ଜାଣିପାରେ, ତେବେ ସେଥିରେ ମନର ଖେଳା ଆରମ୍ଭ ହୁଏ । ଯେତେବେଳେ ଉପସ୍ଥିତ ଉପଲବ୍ଧି ମନୋଭୂମିରେ ଆସି ଦେଖାଦେଲା ସେତେବେଳକୁ ମୁଁ ଦ୍ୱାରର ଆରପଟରୁ ଫେରି ଆସିଲିଣି । ସେତେବେଳକୁ ଗୋଟିଏ ଚମତ୍କାର ଆଲୋକ ଚତୁର୍ଦ୍ଦିଗରେ ବ୍ୟାପ୍ତ ହୋଇ ଯାଇଥିଲା । ଯେଉଁମାନଙ୍କର ସ୍ଥିତି ହୃଦୟରେ, ମନରେ ନୁହେଁ, ସେମାନେ ଅପେକ୍ଷାକୃତ ଏହି ଅଭିବ୍ୟକ୍ତି ସମ୍ବନ୍ଧରେ କିଛି ଅବଗତ ହୋଇପାରିବେ ।

ପ୍ରାୟ କୋଡ଼ିଏ ମିନିଟ ପର୍ଯ୍ୟନ୍ତ ସେହି ଆଲୋକବୃଷ୍ଟି ହେଲା । ବରଂ ମୁଁ ଧ୍ୟାନ ସମୟରେ ଏହି ଆଲୋକବୃଷ୍ଟିକୁ କୋଡ଼ିଏ ମିନିଟ ପର୍ଯ୍ୟନ୍ତ ଲକ୍ଷ୍ୟ କଲି ଏବଂ ତାହା ପରେ ଧ୍ୟାନ ବନ୍ଦ କଲି । ମୁଁ ବହୁତ ସମୟ ପର୍ଯ୍ୟନ୍ତ ସମବେତ ଧ୍ୟାନ ରଖିବାକୁ ଚାହିଁଲି ନାହିଁ । କେତେକ ମିନିଟ ପରେ ଲୋକେ ଚଞ୍ଚଳ ହୋଇପଡ଼ନ୍ତି । ମୋତେ ମୋର ବ୍ୟକ୍ତିଗତ ବାହ୍ୟ ସତ୍ତାକୁ ଫେରି ଆସିବା ନିମିତ୍ତ ଗୋଟିଏ ବିଶେଷ ଉଦ୍ୟମ କରିବାକୁ ହେଲା, ଏବଂ ଅତି କଷ୍ଟରେ ମୁଁ କୌଣସି ଶବ୍ଦ ଉଚ୍ଚାରଣ କରିପାରିଲି ।

ଆଶ୍ରମରେ କେବଳ ଦୁଇ ଜଣ ବ୍ୟକ୍ତି, ଏବଂ ବାହାରର ତିନି ଜଣ ବ୍ୟକ୍ତି ଯାହାସବୁ ଘଟିଗଲା ତାହା ଅନୁଭବ କରିଥିଲେ । ଏହା ଯେ ଅତିମାନସର ଅଭିବ୍ୟକ୍ତି, ସେମାନେ ଏକଥା ଜାଣି ନଥିଲେ । କିନ୍ତୁ ଏହି ଅତିମାନସ ଅଭିବ୍ୟକ୍ତି ଯୋଗୁଁହିଁ ସେମାନଙ୍କ ଉପଲବ୍ଧିରେ କିଛି ଅନନ୍ୟ ସାଧାରଣ ବସ୍ତୁ ଥିଲା ।

ନିରବଚ୍ଛିନ୍ନ ଭାବେ ଆଲୋକ ବୃଷ୍ଟି ହେଉଛି — କିନ୍ତୁ ବାଲ୍‌କୋନି(ସେତେବେଳେ ପ୍ରତ୍ୟହ ସକାଳ ଘ. ୬.୧୫ ମିନିଟରେ ମା ବାଲ୍‌କୋନି ଦର୍ଶନ ଦେଉଥିଲେ)ରେ ଏହା ବିଶେଷ ଘନୀଭୂତ ରୂପେ ବୃଷ୍ଟି ହେଉଛି । ବର୍ତ୍ତମାନ, ଯାହା ସହଜ ଥିଲା ତାହା ଯେପରି ବିନା ଉଦ୍ୟମରେ ମିଳିଯାଉଛି, ଯାହା କଷ୍ଟକର ପ୍ରତୀତ ହେଉଥିଲା ତାହା ସହଜ ବୋଧ ହେଉଛି, ଏବଂ ଯାହା ଏକାନ୍ତ ଅସମ୍ଭବ ବୋଧ ହେଉଥିଲା ତାହା ସିଦ୍ଧ ହୋଇପାରିବ ବୋଲି ମନେ ହେଉଛି ... ଇତ୍ୟାଦି । ବିଶ୍ୱଗତ ବାତାବରଣରେ ଏହି ଅଭିବ୍ୟକ୍ତି ସୂକ୍ଷ୍ମ ଭୌତିକ ସ୍ତରରେ ଘଟିଛି । ବର୍ତ୍ତମାନ ପର୍ଯ୍ୟନ୍ତ ବି ବାହ୍ୟ ଭୌତିକ ସତ୍ତାରେ କିଛି ବି ଦୃଷ୍ଟିପଥାରୂଢ଼ ହୋଇ ନାହିଁ । ପ୍ରକୃତି ଅତିମାନସ ତତ୍ତ୍ୱକୁ ପ୍ରତ୍ୟାଖ୍ୟାନ କରି ନାହିଁ, — କାରଣ ଏହା ଅତିମାନସକୁ ବର୍ଜନ କରିପାରି ନ ଥା'ନ୍ତା । ତେବେ ଅତିମାନସ ବାହ୍ୟ ପ୍ରକୃତି ମଧ୍ୟରେ ବୁଡିଯାଇଛି ଏବଂ ନିଜେ କାର୍ଯ୍ୟ କରି ନିଜକୁ ପ୍ରକାଶ କରିବ ।

ଯାହା ହେଉ, ସବୁକିଛି ପରିବର୍ତ୍ତିତ ହୋଇଛି, ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇଛି, ପୂର୍ବରୁ ଜ୍ୟୋତିର୍ମୟ ମାନସର ଚାପ ଦ୍ୱାରା କାର୍ଯ୍ୟ କରା ହେଉଥିଲା । ଶ୍ରୀଅରବିନ୍ଦ ସେହି ବିଜୟ ହାସଲ କରିଥିଲେ । ବର୍ତ୍ତମାନ ଅତିମାନସହିଁ ପ୍ରତ୍ୟକ୍ଷରୂପେ ଚାଳନା କରୁଛି ଓ ଶାସନ କରୁଛି । ବର୍ତ୍ତମାନ ମଧ୍ୟ ଏହି କାର୍ଯ୍ୟରେ ଶ୍ରୀଅରବିନ୍ଦହିଁ ପ୍ରଧାନ ପୁରୋଧା । ତାଙ୍କର ସାନ୍ନିଧ୍ୟ ସର୍ବଦା ମୋ ସଙ୍ଗେ ରହିଛି । ❖

ହେ ପ୍ରଭୁ, ତୁମେ ସଂକଳ୍ପ କରିଛ ଓ ମୁଁ କାର୍ଯ୍ୟକାରୀ କରୁଛି :
ଏକ ନୂତନ ଆଲୋକ ପୃଥିବୀପୃଷ୍ଠରେ ଫାଟି ପଡୁଛି,
ଏକ ନୂତନ ଜଗତ୍ ଜନ୍ମ ଲାଭ କରିଛି ।
ପ୍ରତିଶ୍ରୁତ ବସ୍ତୁସକଳ ସଂପୂର୍ଣ୍ଣ ହୋଇଛି ।

୨୯ ଫେବ୍ରୁଆରୀ - ୨୯ ମାର୍ଚ୍ଚ ୧୯୫୬ — ଶ୍ରୀମା

# ଅତିମାନସ ଓ ଦିବ୍ୟଜୀବନ

## ଶ୍ରୀଅରବିନ୍ଦ

ଯେଉଁମାନେ ଦିବ୍ୟଜୀବନ ଭିତରେ ପ୍ରବେଶ କରିବେ ଏବଂ ତାହାକୁ ଅଧିଗତ କରିବେ, ସେମାନେ କ୍ରମଶଃ ଅଧିକରୁ ଅଧିକତର ଏବଂ ଶେଷରେ ପୂର୍ଣ୍ଣ ସତ୍ୟଚେତନା ଲାଭ କରିବେ ଏବଂ ସେହି ଚେତନା ନିଜ ଭିତରେ ଯାହାସବୁ ବହନ କରିଥାଏ, ସେସବୁକୁ ଲାଭ କରିବେ । ଏହି ଚେତନାହିଁ ନିଜ ସଙ୍ଗରେ ଆତ୍ମା ଓ ପ୍ରକୃତି ଭିତରେ ଭଗବତ୍ ଉପଲବ୍ଧିକୁ ନେଇ ଆସିବ । ଭଗବତ୍-ଅନ୍ୱେଷୀ ସାଧକ ଆଧ୍ୟାତ୍ମିକ ପୂର୍ଣ୍ଣତା ଦିଗରେ ଯେତିକି ଆଗେଇ ଯାଉଥିବେ, ସେଇ ପରିମାଣରେ ଆତ୍ମା ଓ ଜୀବନ ଉଭୟ କ୍ଷେତ୍ରରେ ତାଙ୍କର ସମସ୍ତ ଅଭିଳାଷ ପୂରଣ ହେଉଥିବ । ସେ ବିଶ୍ୱାତୀତ ଦିବ୍ୟସତ୍ୟକୁ ଜାଣିବା ସଙ୍ଗେ ସଙ୍ଗେ ସ୍ୱ-ଅନୁଭୂତି ଭିତରେ ପରମ ସତ୍ୟ, ଚେତନା ଓ ଆନନ୍ଦକୁ ଲାଭ କରିବେ ଏବଂ ସଚ୍ଚିଦାନନ୍ଦଙ୍କ ସଙ୍ଗେ ଏକ ହୋଇଯିବେ । ସେ ଜାଗତିକ ସତ୍ତା ଓ ବିଶ୍ୱ-ପ୍ରକୃତି ସଙ୍ଗେ ଏକ ହୋଇଯିବେ, ସେ ନିଜ ଭିତରେ ନିଜର ବିଶ୍ୱ-ଚେତନାରେ ସାରା ଜଗତକୁ ଧାରଣ କରିବେ ଓ ସର୍ବଭୂତ ସହିତ ନିଜର ଏକାତ୍ମତା ଅନୁଭବ କରିବେ । ସେ ସମସ୍ତଙ୍କ ଭିତରେ ନିଜକୁ ଓ ନିଜ ଭିତରେ ସମସ୍ତଙ୍କୁ ଦେଖିବେ, ଯେଉଁ ଆତ୍ମା ଏହି ନିଖିଳ ସୃଷ୍ଟି ବା ଅସ୍ତିତ୍ୱର ରୂପ ନେଇଛି ତା' ସହିତ ଏକୀଭୂତ ଓ ଏକାତ୍ମ ହୋଇଯିବେ । ସେ ସର୍ବସୌନ୍ଦର୍ଯ୍ୟମୟଙ୍କର ସୌନ୍ଦର୍ଯ୍ୟକୁ ଓ ସର୍ବାଶ୍ଚର୍ଯ୍ୟମୟଙ୍କର ଅଲୌକିକ କର୍ମକୁ ପ୍ରତ୍ୟକ୍ଷ କରିବେ, ପରିଶେଷରେ ସେ ବ୍ରହ୍ମଙ୍କ ଆନନ୍ଦ ଭିତରେ ପ୍ରବିଷ୍ଟ ହୋଇ ତହିଁରେ ବାସ କରିବେ । କିନ୍ତୁ ଏସବୁ ପାଇଁ ତାଙ୍କୁ ଜୀବନ ବା ସୃଷ୍ଟିକୁ ପରିତ୍ୟାଗ କରିବାକୁ ପଡ଼ିବ ନାହିଁ ବା କୌଣସି ଆତ୍ମବିଲୋପକାରୀ ନିର୍ବାଣ ମଧ୍ୟରେ ଅଧ୍ୟାତ୍ମ ପୁରୁଷଙ୍କର ବିଲୟ ଭିତରକୁ ଝାସ ଦେବାକୁ ପଡ଼ିବ ନାହିଁ । ଯେପରି ଆତ୍ମା ଭିତରେ, ସେହିପରି ପ୍ରକୃତି ଭିତରେ ସେ ଭଗବାନଙ୍କୁ ଉପଲବ୍ଧି କରିପାରିବେ । ଭଗବାନଙ୍କର ପ୍ରକୃତି ହେଲା ଜ୍ୟୋତିଃ, ଶକ୍ତି ଓ ଆନନ୍ଦ; ତେଣୁ ସେ ଦିବ୍ୟଜ୍ୟୋତିଃ, ଦିବ୍ୟଶକ୍ତି ଓ ଦିବ୍ୟ-ଆନନ୍ଦକୁ ନିଜ ଊର୍ଦ୍ଧ୍ୱରେ ରହିଥିବାର ଅନୁଭବ କରିବେ ଓ ଅନୁଭବ କରିବେ ଯେ ତାଙ୍କ ଭିତରକୁ ଏହା ଅବତରଣ କରି ତାଙ୍କ ପ୍ରକୃତିର ପ୍ରତିଟି ଅଙ୍ଗ, ତାଙ୍କ ସତ୍ତାର ପ୍ରତିଟି କୋଷ, ପ୍ରତିଟି ପରମାଣୁକୁ ପୂର୍ଣ୍ଣ କରିଦେଉଛି, ତାଙ୍କର ଆତ୍ମା, ମନ, ପ୍ରାଣ ଓ ଶରୀରକୁ ପରିପ୍ଲାବିତ କରିଦେଉଛି । ସେ ଅନୁଭବ କରିବେ ଅସୀମ ସମୁଦ୍ର ପରି ଏହା ତାଙ୍କର ଚତୁର୍ଦ୍ଦିଗକୁ ବେଷ୍ଟନ କରି ପୃଥିବୀକୁ ପୂର୍ଣ୍ଣ କରିଦେଉଛି ଏବଂ ତାଙ୍କର ସମସ୍ତ ଆବେଗ, ଅନୁଭୂତି ଓ ଇନ୍ଦ୍ରିୟ ଆଦିକୁ ପରିପ୍ଲୁତ କରି ତାଙ୍କର ସମସ୍ତ ଜୀବନକୁ ଯଥାର୍ଥ ଓ ପରିପୂର୍ଣ୍ଣ ଭାବରେ ଦିବ୍ୟଜୀବନରେ ରୂପାନ୍ତରିତ କରିଦେଉଛି । ଏହାକୁ ଏବଂ ଆଉ ଯାହାକିଛି ଆଧ୍ୟାତ୍ମିକ ଚେତନା ତାଙ୍କ ନିମନ୍ତେ ନେଇ ଆଣିପାରନ୍ତା, ସେସମସ୍ତକୁ ସେ ଲାଭ କରିବେ ଯେତେବେଳେ ଦିବ୍ୟଜୀବନ ତା'ର ଚୂଡ଼ାନ୍ତ ପୂର୍ଣ୍ଣତାରେ ପହଞ୍ଚିବ ଏବଂ ଅତିମାନସ ଚେତନା ତାଙ୍କ ଭିତରେ ପୂର୍ଣ୍ଣ ପରିଣତି ଲାଭ କରିବ । କିନ୍ତୁ ପୂରାପୂରି ଏ ଅବସ୍ଥାରେ ପହଞ୍ଚିବା ପୂର୍ବରୁ ମଧ୍ୟ ତାଙ୍କ ଭିତରେ ଥରେ ଅତିମାନସ ଅବତରଣ କଲେ ଓ ତାଙ୍କ ଜୀବନର ଦିଗ୍ ନିର୍ଦ୍ଦେଶର ଭାର ଗ୍ରହଣ କଲେ ସେ ଏହି ଚେତନା ଭିତରେ ବାସ କରିପାରିବେ ଓ ଏହି ଚେତନାରେ ବଢ଼ି ଉଠି ପାରିବେ । ସେ ଭଗବାନଙ୍କ ସଙ୍ଗରେ ସମସ୍ତ ପ୍ରକାର ସମ୍ପର୍କ ସ୍ଥାପନ କରିପାରିବେ । ଭଗବତ୍ ଜ୍ଞାନ, ଭଗବତ୍ ପ୍ରେମ ଓ ଭଗବତ୍ ଭକ୍ତି ଏହି ତ୍ରିଧାରା ତାଙ୍କ ଭିତରେ ଉନ୍ମୋଚିତ ହେବ ଏବଂ ତାଙ୍କୁ ଘେନିଯିବ ତାଙ୍କର ସମଗ୍ର ସତ୍ତା ଓ ପ୍ରକୃତିର ପୂର୍ଣ୍ଣ ଆତ୍ମଦାନ ଓ ସମର୍ପଣ ପଥରେ । ସେ ଭଗବାନଙ୍କ ଭିତରେ ଭଗବାନଙ୍କ ସହ ଯୁକ୍ତହୋଇ ବାସ କରିବେ, ଭଗବାନଙ୍କୁ ଲାଭ କରିବେ, ଏପରିକି ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ଭୁଲି ଭଗବାନଙ୍କ ଭିତରେ ନିମଜ୍ଜିତ ହୋଇପାରନ୍ତି କିନ୍ତୁ କୌଣସି ଆତ୍ମ ବିଲୋପ ଭିତରେ ଏହାକୁ ବିଲୀନ କରିଦେବାକୁ ପଡ଼ିବ ନାହିଁ । ଭଗବାନଙ୍କ ପ୍ରେମ, ପ୍ରେମର ସମସ୍ତ ମାଧୁର୍ଯ୍ୟ ସେ ଲାଭ କରିବେ, ଭଗବାନଙ୍କ ସଙ୍ଗେ ସଂଯୋଗ ଓ ଏକାତ୍ମତାର ଆନନ୍ଦ ତଥା ତାଙ୍କ ସଙ୍ଗେ ଏକ ହୋଇ ମଧ୍ୟ ପୃଥକ୍ ରହିବାର ଆନନ୍ଦ ସେ ଲାଭ କରିବେ । ଅନନ୍ତଙ୍କର ଅସୀମ ପ୍ରକାରର ଅନୁଭୂତି ଓ ଅସୀମଙ୍କର ଆଲିଙ୍ଗନ ଭିତରେ ସସୀମର ସମସ୍ତ ଆନନ୍ଦ ସେ ଆସ୍ୱାଦନ କରିବେ ।

ଅତିମାନସର ଅବତରଣକୁ ଯେଉଁ ବ୍ୟକ୍ତି ଗ୍ରହଣ କରିବେ ଓ ସତ୍ୟଚେତନାରେ ପରିପୂର୍ଣ୍ଣ ହୋଇଉଠିବେ ତାଙ୍କ ପାଇଁ ଏହା ଦିବ୍ୟଜୀବନର ସମସ୍ତ ସମ୍ଭାବନା ଆଣିଦେବ । ଯେଉଁସବୁ ବିଶେଷ ଅଭିଜ୍ଞତାକୁ ନେଇ ଆଧ୍ୟାତ୍ମିକ ଜୀବନ ଗଠିତ ବୋଲି

ଆମେ ମନେ କରିଥାଉ ଏହା ସେହି ସମସ୍ତଙ୍କୁ ନିଜ ଭିତରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ, ଯେଉଁସବୁ ବିଷୟକୁ ଆମେ ଆଧ୍ୟାତ୍ମିକତା ଭିତରେ ଅନ୍ତର୍ଭୁକ୍ତ କରୁ ନାହିଁ, ସେଗୁଡ଼ିକ ଯଦି ଦିବ୍ୟରୂପାନ୍ତର ପାଇଁ ସମର୍ଥ ହେବ ତେବେ ଏହା ସେସବୁକୁ ମଧ୍ୟ ନିଜ ଭିତରେ ଗ୍ରହଣ କରିବ। ଏହା ପାର୍ଥିବ ପ୍ରକୃତି ଓ ପାର୍ଥିବ ଜୀବନରୁ ଏପରି କୌଣସି ଜିନିଷକୁ ବାଦ୍ ଦେବ ନାହିଁ ଯାହା ଅତିମାନସର ସ୍ପର୍ଶ ଲାଭ କରି ରୂପାନ୍ତରିତ ହୋଇପାରେ ଓ ଆତ୍ମାର ଅଭିବ୍ୟକ୍ତ ଜୀବନ ଭିତରେ ଅନ୍ତର୍ଭୁକ୍ତ ହୋଇପାରେ। କାରଣ, ଏପରି କୌଣସି ଆବଶ୍ୟକତା ନାହିଁ ଯେ ପୃଥିବୀ ଉପରେ ଦିବ୍ୟଜୀବନ ଅନ୍ୟସବୁ ବିଷୟରୁ ପୃଥକ୍ ହୋଇ ରହିବ ବା ସାଧାରଣ ପାର୍ଥିବ ଜୀବନ ସହିତ ଏହାର କୌଣସି ସମ୍ପର୍କ ରହିବ ନାହିଁ। ଏହା ମାନବସତ୍ତା ଓ ମାନବଜୀବନକୁ ଗ୍ରହଣ କରିବ, ଯାହା ରୂପାନ୍ତରିତ ହୋଇପାରିବ ତାକୁ ରୂପାନ୍ତରିତ କରିବ, ଯାହାକିଛି ଆଧ୍ୟାତ୍ମିକତାରେ ପରିଣତ ହେବା ସମ୍ଭବ ତାହାକୁ ଆଧ୍ୟାତ୍ମିକତାରେ ପରିଣତ କରିବ, ବାକି ଅନ୍ୟସବୁ ଉପରେ ଏହା ନିଜର ପ୍ରଭାବ ବିସ୍ତାର କରିବ ଓ ସେଗୁଡ଼ିକ ଭିତରେ ହୁଏତ ଏକ ମୌଳିକ ପରିବର୍ତ୍ତନ ଆଣିବ କିଂବା ସେଗୁଡ଼ିକର ଊର୍ଦ୍ଧ୍ୱାୟନ ଦିଗରେ କ୍ରିୟା କରିବ। ଏହା ବ୍ୟକ୍ତି ଓ ବିଶ୍ୱ ଭିତରେ ଗଭୀରତର ସଂଯୋଗ ଆଣିଦେବ, ଆଧ୍ୟାତ୍ମିକ ସତ୍ୟର ଉଜ୍ଜ୍ୱଳ ଛାୟା ସ୍ୱରୂପ ରହିଥିବା ଜୀବନର ଆଦର୍ଶକୁ ଏହା ଆଧ୍ୟାତ୍ମିକ ସତ୍ୟ ଦ୍ୱାରା ଅଧିକାର କରିବ ଏବଂ ତାହାକୁ ମହତ୍ତର ଓ ଉଚ୍ଚତର ଅସ୍ତିତ୍ୱ ଦିଗରେ ଉଠାଇନେବ। ମନକୁ ଏହା ଉଠାଇ ନେବ ଚିନ୍ତା ଓ ସଂକଳ୍ପର ଏକ ଦିବ୍ୟତର ଆଲୋକ ଦିଗରେ, ଜୀବନକୁ ଏହା ଉଠାଇନେବ ଗଭୀର ଓ ସତ୍ୟତର ଆବେଗ ଦିଗରେ ଏବଂ କର୍ମ ଦିଗରେ, ତା'ର ନିଜସ୍ୱ ବୃହତ୍ତର ଶକ୍ତି ଓ ଉଚ୍ଚତର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଦିଗରେ। ଯେଉଁସବୁକୁ ସେମାନଙ୍କ ସତ୍ତାର ପୂର୍ଣ୍ଣସତ୍ୟରେ ଉଠାଇନେବା ସମ୍ଭବପର ହେବ ନାହିଁ ସେମାନଙ୍କୁ ଏହା ସେହି ପୂର୍ଣ୍ଣତାର ନିକଟତର କରାଇଦେବ। ଏପରିକି ଏହି ପରିବର୍ତ୍ତନ ପାଇଁ ମଧ୍ୟ ଯେଉଁମାନେ ପ୍ରସ୍ତୁତ ହୋଇ ନ ଥିବେ ସେମାନେ ଦେଖିପାରିବେ ଯେ ସେମାନଙ୍କର ବର୍ତ୍ତମାନର ଅସମ୍ପୂର୍ଣ୍ଣ କ୍ରମ-ପରିଣାମ ଯେତେବେଳେ ଆତ୍ମ-ପୂର୍ଣ୍ଣତା ପାଇଁ ପ୍ରସ୍ତୁତ ହୋଇଯିବ, ସେତେବେଳେ ସେମାନଙ୍କ ଆଗରେ ପୂର୍ବୋକ୍ତ ସମସ୍ତ ସମ୍ଭାବନାର ଦ୍ୱାର ଖୋଲିଯିବ। ଏପରିକି ଶରୀର ଯଦି ଅତିମାନସ ଚେତନାର ସ୍ପର୍ଶ ସହ୍ୟ କରିପାରିବ, ତେବେ ତାହା ନିଜ ସତ୍ୟ ସମ୍ପର୍କରେ ଆହୁରି ସଚେତ ହେବ। କାରଣ ଏପରି ଏକ ଶାରୀର-ଚେତନା ରହିଛି ଯାହାକି ଯଥାର୍ଥ ଅବସ୍ଥାରେ ରହିବା ଓ ଯଥାର୍ଥ କର୍ମ କରିବା ପାଇଁ ଏକ ସହଜାତ ସତ୍ୟ ଓ ଶକ୍ତିର ଅଧିକାରୀ। ଏପରିକି ଏହାର କୋଷ ଓ ତନ୍ତୁର ଗଠନ ଭିତରେ ଏପରି ଏକ ଅନଭିବ୍ୟକ୍ତ ଗୁପ୍ତଜ୍ଞାନ ରହିଛି ଯାହାକି ଦିନେ ସଚେତନ ହେବ ଏବଂ ଶରୀର ସତ୍ତାର ରୂପାନ୍ତର ଦିଗରେ ସାହାଯ୍ୟ କରିବ। ପୃଥିବୀ-ପ୍ରକୃତି ଓ ପୃଥିବୀ-ଚେତନାରେ ଏକ ଜାଗରଣ ଆସିବ ଯାହାକି ଏକ ନୂତନ ଓ ଦିବ୍ୟତର ଜଗତ-ବ୍ୟବସ୍ଥାର ପ୍ରକୃତ ଆରମ୍ଭ ନ ହେଲେ ମଧ୍ୟ ସେ ଦିଗରେ ଅନ୍ତତଃ ଏକ ସଫଳ ପ୍ରସ୍ତୁତି ଓ ତା'ର ବିବର୍ତ୍ତନର ପ୍ରଥମ ପଦକ୍ଷେପ ହେବ।

ଅତିମାନସର ଅବତରଣ ଫଳରେ ଯେଉଁମାନେ ଶକ୍ତି ଓ ପ୍ରଭାବ ପ୍ରତି ନିଜକୁ ଖୋଲି ଧରି ପାରିବେ ସେମାନଙ୍କ ସମଗ୍ର ପ୍ରକୃତିକୁ ନେଇ ସତ୍ୟଚେତନା କ୍ରିୟା କରିବ ଓ ସେମାନଙ୍କ ଭିତରେ ଦିବ୍ୟଜୀବନର ପୂର୍ଣ୍ଣତା ଆଣିଦେବ। ଏପରିକି ଯେଉଁମାନେ ଏଥିପାଇଁ ସକ୍ଷମ ସେମାନଙ୍କ ଉପରେ ଏହାର ପ୍ରଥମ ଓ ସଦ୍ୟ ଫଳ ଏହା ହେବ ଯେ ସତ୍ୟଚେତନାରେ ପ୍ରବେଶ କରିବାର ଓ ସେମାନଙ୍କ ପ୍ରକୃତିର ଗତିବୃତ୍ତିକୁ ଅତିମାନସ ସତ୍ୟର ଗତିବୃତ୍ତିରେ ପରିଣତ କରିବାର ସମ୍ଭାବନା ଖୋଲିଯିବ। ସେମାନଙ୍କ ପାଇଁ ଚିନ୍ତାରେ ସତ୍ୟ, ସଂକଳ୍ପରେ ସତ୍ୟ, ଅନୁଭୂତିରେ ସତ୍ୟ, କର୍ମରେ ସତ୍ୟ, ଏପରିକି ଶରୀର ପର୍ଯ୍ୟନ୍ତ ସମଗ୍ର ସତ୍ତାରେ ଏକ ସତ୍ୟ ଅବସ୍ଥା ଏବଂ ପରିଣାମରେ ଏକ ଦିବ୍ୟରୂପାନ୍ତରର ସମ୍ଭାବନା ଖୋଲିଯିବ। ଯେଉଁମାନେ ନିଜକୁ ଏପରି ଭାବରେ ଉନ୍ମୁକ୍ତ କରି ଧରିପାରିବେ ଏବଂ ଉନ୍ମୁକ୍ତ ରହିପାରିବେ, ସେମାନଙ୍କ ପାଇଁ ଏହିସବୁ ବିକାଶର କୌଣସି ସୀମା ରହିବ ନାହିଁ ବା କୌଣସି ମୌଳିକ ବାଧାବିଘ୍ନ ରହିବ ନାହିଁ। କାରଣ ମନ, ପ୍ରାଣଶକ୍ତି ଓ ଦେହ ଉପରେ ଊର୍ଦ୍ଧ୍ୱରୁ ପ୍ରବଳ ଧାରାରେ ବର୍ଷୁଥିବା ଅତିମାନସ ଆଲୋକ ଓ ଶକ୍ତିର ଚାପରେ ସମସ୍ତ ବାଧାବିଘ୍ନ ମିଳାଇ ନିଶ୍ଚିହ୍ନ ହୋଇଯିବ। କିନ୍ତୁ ଅବଶ୍ୟ ଏପରି ହେବ ନାହିଁ ଯେ ଅତିମାନସ ଅବତରଣର ଫଳାଫଳ କେବଳ ସେଇମାନଙ୍କ ଭିତରେ ଆବଦ୍ଧ ରହିବ ଯେଉଁମାନେ ଏଥିପ୍ରତି ନିଜକୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ ରଖିବେ ବା ଏହି ପରିବର୍ତ୍ତନ କେବଳ ଅତିମାନସ ପରିବର୍ତ୍ତନ ଭିତରେହିଁ ସୀମାବଦ୍ଧ ରହିବ। ମାନସିକ ପ୍ରକୃତିର ଏକ ମୁକ୍ତ ଏବଂ ପୂର୍ଣ୍ଣତର ପରିସର ଭିତରେ ମାନସିକ ସତ୍ତାର ମଧ୍ୟ ଛୋଟକାଟର ଗୌଣ ରୂପାନ୍ତର

ହୋଇପାରେ । ବର୍ତ୍ତମାନ ଅବସ୍ଥାରେ ମନୁଷ୍ୟର ମନ ଅତ୍ୟନ୍ତ ସୀମିତ ଓ ଅପୂର୍ଣ୍ଣ ଅବସ୍ଥାରେ ଅଛି, ପ୍ରତ୍ୟେକ ମୁହୂର୍ତ୍ତରେ ଏହାର ସତ୍ୟପଥରୁ ସ୍ଖଳିତ ହେବାର ଓ ସତ୍ୟକୁ ହରାଇବାର ବିପଦ ରହିଛି, ସମସ୍ତ ପ୍ରକାର ବିଭ୍ରାନ୍ତିରେ ପଡ଼ିବାର ଏବଂ ପୂର୍ଣ୍ଣ ମିଥ୍ୟାର ପ୍ରରୋଚନାରେ ଓ ପ୍ରକୃତିର ବିକୃତିରେ ପଡ଼ି ବିପଥଗାମୀ ହେବାର ବିପଦ ରହିଛି । ମନ ଅନ୍ଧ ଓ ଏହା ଅଜ୍ଞାନତା ଓ ନିଶ୍ଚେତନା ଦ୍ୱାରା ଆକର୍ଷିତ ହୁଏ ଏବଂ କ୍ୱଚିତ୍ ସତ୍ୟଜ୍ଞାନରେ ପହଞ୍ଚିପାରେ । ଏହି ମନର ବୁଦ୍ଧି, ଉଚ୍ଚତର ଜ୍ଞାନକୁ ବସ୍ତୁ-ନିରପେକ୍ଷ କେବଳ ମାନସିକ ଧାରଣା ଓ ଅପ୍ରତ୍ୟକ୍ଷ ପ୍ରତୀକସବୁର ସାହାଯ୍ୟରେ ବ୍ୟାଖ୍ୟା କରିବାକୁ ଚେଷ୍ଟାକରେ । ଏପରିକି ଉଚ୍ଚତର ସମ୍ବୋଧିର ବାର୍ତ୍ତାସବୁକୁ ମଧ୍ୟ ଏକ ଅନିଶ୍ଚିତ ଓ ଦ୍ୱନ୍ଦ୍ୱପୂର୍ଣ୍ଣଭାବ ସହ ଗ୍ରହଣ କରେ । ଏହି ପ୍ରକାର ଏକ ମନର ସ୍ଥାନରେ ଏକ ସତ୍ୟ ଓ ମୁକ୍ତ ମନ ପ୍ରକାଶ ପାଇବ ଯେକି ନିଜକୁ ଓ ନିଜର ଯନ୍ତ୍ର ବା କରଣଗୁଡ଼ିକୁ ମୁକ୍ତଭାବରେ ଚରମ ପୂର୍ଣ୍ଣତା ଆଡ଼କୁ ଉଠାଇ ନେବା ପାଇଁ ସକ୍ଷମ ହେବ । ଏପରି ଏକ ଜୀବନ ପ୍ରକାଶ ପାଇବ ଯାହାକି ଏହି ମୁକ୍ତ ଓ ଆଲୋକିତ ମନ ଦ୍ୱାରା ନିୟନ୍ତ୍ରିତ ହେବ, ଏପରି ଏକ ଶରୀର ପ୍ରକାଶ ପାଇବ ଯାହାକି ଏହି ଆଲୋକ ପ୍ରତି ଉନ୍ମୀଳିତ ଏବଂ ମୁକ୍ତ ମନ ଓ ସଂକଳ୍ପ ଏହାଠାରୁ ଯାହା ଦାବିକରିବ ତାହା ପୂରଣ କରିବାକୁ ସମର୍ଥ ହେବ । ଏହି ପରିବର୍ତ୍ତନ କେବଳ ଯେ ଅଳ୍ପ କେତେକଙ୍କ ମଧ୍ୟରେ ସୀମାବଦ୍ଧ ରହିବ ତା' ନୁହେଁ, ସାର୍ବଜନୀନଭାବେ ଏହା ସମସ୍ତ ମାନବଜାତି ଭିତରେ ପ୍ରସାରଲାଭ କରିବ । ଏହି ସମ୍ଭାବନା ଯଦି ପୂର୍ଣ୍ଣହୁଏ, ତେବେ ଏହାର ଅର୍ଥ ହେବ ମନୁଷ୍ୟ ଯେଉଁ ପୂର୍ଣ୍ଣତାର ସ୍ୱପ୍ନ ଦେଖିଆସିଛି – ନିଜର ପୂର୍ଣ୍ଣତା, ନିଜର ଶୁଦ୍ଧ ଓ ଦୀପ୍ତିମୟ ପ୍ରକୃତିର ପୂର୍ଣ୍ଣତା, ନିଜର କର୍ମ ଓ ଜୀବନର ପୂର୍ଣ୍ଣତା ସମ୍ପର୍କରେ ଯେଉଁ ସ୍ୱପ୍ନ ଦେଖିଆସିଛି ତାହା ଆଉ ସ୍ୱପ୍ନ ହୋଇ ନ ରହି ସତ୍ୟରେ ପରିଣତ ହେବ ଏବଂ ମନୁଷ୍ୟଜାତି ନିଶ୍ଚେତନା ଓ ଅଜ୍ଞାନର କବଳରୁ ଉଦ୍ଧାର ପାଇବ । ମନୋମୟ ଜୀବର ଜୀବନ ଓ ଅତିମାନସ ଜୀବନ ଭିତରେ ସାମଞ୍ଜସ୍ୟ ସ୍ଥାପିତ ହେବ । ଅତିମାନସ ଜୀବନ ରହିବ ମନର ଉପରେ, ଜୀବନର ସର୍ବୋଚ୍ଚ ପର୍ଯ୍ୟାୟ ରୂପେ ଏବଂ ମନ ପରିଣତ ହେବ ସତ୍ୟଚେତନାର ଏକ ବିସ୍ତାର ଓ ତାହାର ଅନ୍ତର୍ଭୁକ୍ତ ଏକ ରାଜ୍ୟରେ ଏବଂ ଦିବ୍ୟଜୀବନର ଏକ ଅଂଶ ଓ ଅଙ୍ଗରେ । ଏହା ନିଶ୍ଚିତ ଯେ ବର୍ତ୍ତମାନ ପୃଥିବୀ-ପ୍ରକୃତିରେ ମନ ଯେପରି ପ୍ରଧାନ ଭୂମିକା ଗ୍ରହଣ କରିଛି ସେହିପରି ଯଦି ଅତିମାନସର ଅବତରଣ ହୁଏ ଏବଂ ପୃଥିବୀ-ପ୍ରକୃତିରେ ସେହିପରି ଏକ ନେତୃତ୍ୱକାରୀ ଭୂମିକା ନେଇ ଅତିମାନସ ବିଧାନ ପ୍ରତିଷ୍ଠିତ ହୁଏ, ତେବେ ମନର ଅପୂର୍ଣ୍ଣତା ଯୋଗୁଁ ଯେଉଁସବୁ ପାଇଁ ସେ ସମର୍ଥ ହୋଇ ନ ଥିଲା ଅତିମାନସର ସେହି ଅସାମର୍ଥ୍ୟ ନ ଥିବାରୁ ସେ ଯଦି ଆହୁରି ନିଶ୍ଚିତ ଓ ସୁଦୃଢ଼ଭାବରେ ପୃଥିବୀ-ବ୍ୟବସ୍ଥାକୁ ପୂର୍ଣ୍ଣରୂପେ ପରିଚାଳନା କରେ ସମସ୍ତଙ୍କ ଉପରେ ସେମାନଙ୍କ ନିଜ ସ୍ତରରେ ଓ ସେମାନଙ୍କ ସ୍ୱାଭାବିକ ସୀମା ମଧ୍ୟରେ ନିଜ ରୂପାନ୍ତରକାରୀ ଶକ୍ତିନେଇ କ୍ରିୟା କରେ, ତେବେ ଏହା ନିଶ୍ଚିତ ଯେ ମନୁଷ୍ୟଜାତିର ଜୀବନରେ ଯଦିବା ପୂର୍ଣ୍ଣ ରୂପାନ୍ତର ସାଧିତ ନ ହୁଏ ତଥାପି ଅତି ବିରାଟ ପରିବର୍ତ୍ତନ ସଂଘଟିତ ହେବ ।

ବର୍ତ୍ତମାନ ବିଚାର କରିବାକୁ ବାକି ରହିଲା, ଏହି ସମ୍ଭାବନା ପଥରେ କ'ଣସବୁ ବାଧାବିଘ୍ନ ରହିପାରେ, ବିଶେଷ କରି ପୃଥିବୀ-ବ୍ୟବସ୍ଥାର ପ୍ରକୃତିରୁ ଏବଂ ଏକ କ୍ରମ-ବିନ୍ୟସ୍ତ ବିବର୍ତ୍ତନର କ୍ଷେତ୍ର ରୂପେ, ତା'ର କ୍ରିୟାରୁ କ'ଣ କ'ଣ ବାଧା ଆସିପାରେ । ବିବର୍ତ୍ତନର ଏହି କ୍ରମ-ବିନ୍ୟାସରେ ଆମର ମାନବଜାତି ଗୋଟିଏ ସ୍ତର ଏବଂ ମନୁଷ୍ୟର ଅପୂର୍ଣ୍ଣତାକୁ ଏକ ବିବର୍ତ୍ତନଗତ ପ୍ରୟୋଜନ ବୋଲି କୁହାଯାଇପାରେ । ଦେଖିବା କଥା ଅତିମାନସ ଏଠାରେ ପ୍ରକାଶିତ ହୋଇ ସମସ୍ତ ବସ୍ତୁର ପରିଚାଳନା ଭାର ଗ୍ରହଣ କଲେ, ପୃଥିବୀ-ବ୍ୟବସ୍ଥାର ଏହି ସ୍ତରବିନ୍ୟାସର କ୍ରମକୁ ସ୍ୱୀକାର କରି ଏହିସବୁ ବାଧାବିଘ୍ନକୁ କେତେ ଦୂର କିପରି ଅତିକ୍ରମ କରିପାରିବ । ଅଜ୍ଞାନ ଓ ନିଶ୍ଚେତନା ଦ୍ୱାରା ଯେଉଁ ଭୁଲ୍ ଓ ଅଜ୍ଞତାପୂର୍ଣ୍ଣ ବ୍ୟବସ୍ଥା ଓ ସ୍ତରବିନ୍ୟାସ ତିଆରି ହୋଇଛି, ଅତିମାନସ ତାହାକୁ କେତେ ଦୂର ସଂଶୋଧନ କରିପାରିବ ଓ ତାହା ସ୍ଥାନରେ ପୂର୍ଣ୍ଣତା ଓ ଦିବ୍ୟ-ରୂପାନ୍ତରକୁ ସମ୍ଭବ କଲା ଭଳି ଏକ ଯଥାର୍ଥ ସ୍ତରବିନ୍ୟାସ ସ୍ଥାପିତ କରିପାରିବ । ନିଶ୍ଚିତରୂପେ ବ୍ୟକ୍ତି ପାଇଁ ପଥ ଖୋଲିଯିବ; ଯଦି କୌଣସି ମାନବଗୋଷ୍ଠୀ ବ୍ୟକ୍ତିଗତ ତଥା ସମଷ୍ଟିଗତ ଜୀବନରେ ଏକ ପୂର୍ଣ୍ଣ ଜୀବନ ଲାଭ ପାଇଁ ଲକ୍ଷ୍ୟ ରଖନ୍ତି ବା ଦିବ୍ୟଜୀବନ ପାଇଁ ଅଭୀପ୍ସା କରନ୍ତି ତେବେ ସେମାନେ ନିଜର ଅଭୀପ୍ସା ପୂରଣ ପାଇଁ ନିଶ୍ଚୟ ଆବଶ୍ୟକ ସହାୟତା ପାଇବେ । ଅତିମାନସ ଅଭିବ୍ୟକ୍ତିର ଏହି ସର୍ବନିମ୍ନ ପରିଣତି ନିଃସନ୍ଦେହରେ ଆଶା କରାଯାଇପାରେ । କିନ୍ତୁ ଏହା ଛଡ଼ା ମଧ୍ୟ ଅନ୍ୟାନ୍ୟ ବୃହତ୍ତର ସମ୍ଭାବନା ରହିଛି ଯାହାକି ସମଗ୍ର ମାନବସମାଜ ପାଇଁ ଉପସ୍ଥିତ ହୋଇପାରେ । ତା'ହେଲେ

ବର୍ତ୍ତମାନ ଆମର ବିଚାର କରିବା କଥା ମାନବ-ସମାଜ ପାଇଁ ଅତିମାନସ ଅବତରଣର ଅର୍ଥ କ'ଣ ହେବ, ସମଗ୍ର ମାନବସମାଜର ସମଗ୍ର ଜୀବନ, ଭାଗ୍ୟ ଓ ତା'ର ବିବର୍ତ୍ତନମୂଳକ ଭବିଷ୍ୟତ୍ ପାଇଁ ଏହାର ଫଳାଫଳ କ'ଣ ହେବ ଓ ଏହା କେଉଁ ପ୍ରକାର ସମ୍ଭାବନା ଆଣିଦେବ ?

(*Essays in Philosophy and Yoga*, pp. 563 - 567)

ଆମେ ପରମ ଭଗବାନଙ୍କଠାରୁ ଯେଉଁ ବର ଲାଭ ଚାହିଁଛୁ ତାହା ସର୍ବୋତ୍ତମଙ୍କଠାରୁ ପୃଥିବୀ ଯେତେ ଯେତେ ବର ଚାହିଁପାରେ ତା' ଭିତରେ ସର୍ବଶ୍ରେଷ୍ଠ । ଆମେ ଚାହୁଁଛୁ ସେହି ରୂପାନ୍ତର ଯାହାକୁ ସଂପନ୍ନ ଓ ସିଦ୍ଧ କରିବା ସବୁଠୁ ଦୁରୂହ, ଯାହାର ଦାବି ଓ ସର୍ତ୍ତ ପୂରଣରେ କୌଣସି ତ୍ରୁଟିକୁ ଶେଷ ପର୍ଯ୍ୟନ୍ତ ସହ୍ୟ କରାଯାଏନା । ପରମ ସତ୍ୟ ଓ ଶକ୍ତିର ଜଡ଼ ଭିତରକୁ ଅବତରଣ, ଜଡ଼ର ଭୂମି ଓ ଚେତନାରେ ଏବଂ ଏହି ଜଡ଼ ପୃଥିବୀରେ ଅତିମାନସର ପ୍ରତିଷ୍ଠା, ଏବଂ ଜଡ଼ର ପୂରା ମୂଳତତ୍ତ୍ୱ ପର୍ଯ୍ୟନ୍ତ ଏକ ପୂର୍ଣ୍ଣାଙ୍ଗ ରୂପାନ୍ତର – ଏହାହିଁ ଆମର ଲକ୍ଷ୍ୟ, ଏହାଠାରୁ କିଛି କମ୍ ନୁହେଁ । ଏହି ଅଲୌକିକ ସିଦ୍ଧି କେବଳ ଏକ ପରମ ଦିବ୍ୟକୃପାହିଁ ସମ୍ପନ୍ନ କରିପାରେ ।

ପରମା ଦିବ୍ୟ ଶକ୍ତି ସବୁଠୁ ଜଡ଼ମୟ ଚେତନା ଭିତରକୁ ଅବତରଣ କରିଛି କିନ୍ତୁ ସେଠାରେ ସେ ରହିଛି ଭୌତିକ ଘନ ଆବରଣର ପଶ୍ଚାତରେ । ନିଜର ପ୍ରକାଶ ପୂର୍ବରୁ, ନିଜର ପ୍ରକାଶ୍ୟ ମହାନ୍ କ୍ରିୟା ଆରମ୍ଭ ହେବା ପୂର୍ବରୁ ତାହାର ଦାବି ହେଲା ସେଠାରେ ଯେପରି ପରମ ଦିବ୍ୟକୃପାର ସର୍ତ୍ତସବୁ ବାସ୍ତବ ଓ ଫଳପ୍ରଦ ହୋଇ ରୁହେ । ଏବଂ ପ୍ରଥମ ସର୍ତ୍ତଟି ହେଲା ଜଡ଼ମୟ ସତ୍ତା ଓ ପ୍ରକୃତିରେ ପ୍ରକାଶିତ ଓ ଅଭିବ୍ୟକ୍ତ ହେବା ପୂର୍ବରୁ ସେହି ଦିବ୍ୟସତ୍ୟ ଯେପରି ଆମ ଭିତରେ ସଂପୂର୍ଣ୍ଣ ଓ ସମଗ୍ର ଭାବରେ, ଦ୍ୱିଧାହୀନ ଓ ସର୍ତ୍ତହୀନ ଭାବରେ ଗୃହୀତ ହେଉ ।

ସମଗ୍ର ସତ୍ତାର ଏକ ପୂର୍ଣ୍ଣ ସମର୍ପଣ, ଅନ୍ୟକିଛି ପ୍ରତି ନୁହେଁ କେବଳ ଦିବ୍ୟ ପ୍ରଭାବ ପ୍ରତି ଏକ ସର୍ବତୋମୁଖୀ ଆତ୍ମ-ଉନ୍ମୀଳନ, ନିରନ୍ତର ସର୍ବାଙ୍ଗୀନ ଭାବରେ କେବଳ ଦିବ୍ୟ ସତ୍ତାକୁ ଗ୍ରହଣ କରିବା ଓ ସମସ୍ତ ମିଥ୍ୟାକୁ ପ୍ରତ୍ୟାଖ୍ୟାନ କରିବା – କେବଳ ଏହିଗୁଡ଼ିକହିଁ ହେଉଛି ସର୍ତ୍ତ । କିନ୍ତୁ କୌଣସି କୁଣ୍ଠା, ଦ୍ୱିଧା, ଛଳନା ବା ଏଡ଼ାଇ ଯିବାର ଭାବ ନ ରଖି ପୂରାପୂରି ଭାବରେ ଏହି ସର୍ତ୍ତଗୁଡ଼ିକୁ ପୂରଣ କରିବାକୁ ହେବ, ସହଜ ଓ ଆନ୍ତରିକ ଭାବରେ ଦୈହିକ ଚେତନା ଓ ତା'ର କ୍ରିୟା ପର୍ଯ୍ୟନ୍ତ ।

(Bulletin, August 1988)

– ଶ୍ରୀଅରବିନ୍ଦ

# ମୃତ୍ୟୁ ଅନିବାର୍ଯ୍ୟ ନୁହେଁ

## ଶ୍ରୀମା

ଦେଶ-ବିଦେଶରେ ବୈଜ୍ଞାନିକମାନଙ୍କ ଭିତରେ ବର୍ତ୍ତମାନ ଏହି ଧାରଣା ସ୍ଥାନ ପାଇବାକୁ ଆରମ୍ଭ କଲାଣି ଯେ ମୃତ୍ୟୁର କୌଣସି ପ୍ରୟୋଜନୀୟତା ନାହିଁ । କିନ୍ତୁ ସମଗ୍ର ମାନବସମାଜ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ମୃତ୍ୟୁ ସୁନିଶ୍ଚିତ; କୁହାଯାଇପାରେ ଯେ ଏହା ହେଉଛି ଦୀର୍ଘକାଳ ଧରି ଏକ ଅପରିବର୍ତ୍ତନୀୟ ଅନୁଭୂତି ଉପରେ ପ୍ରତିଷ୍ଠିତ ଏକ ମାନବୀୟ ଧାରଣା ବା ପ୍ରସ୍ତାବନା । ଯଦି ଏହି ବିଶ୍ୱାସଟିକୁ ପ୍ରଥମେ ସଚେତନ ମନ ଭିତରୁ, ତା'ପରେ ପ୍ରାଣିକ ପ୍ରକୃତି ଏବଂ ଅବଚେତନ ଦୈହିକ ସ୍ତରଗୁଡ଼ିକରୁ କାଢ଼ି ଫିଙ୍ଗି ଦିଆଯାଏ, ତା'ହେଲେ ମୃତ୍ୟୁ ଆଉ ଅନିବାର୍ଯ୍ୟ ହୋଇ ରହିବ ନାହିଁ ... ।

ପୃଥିବୀପୃଷ୍ଠରେ ଜଡ଼ ଯେଉଁ ଅବସ୍ଥାରେ ରହିଥିଲା ତାହାହିଁ ମୃତ୍ୟୁକୁ ଅପରିହାର୍ଯ୍ୟ କରି ରଖିଲା । ଜଡ଼ର ବିବର୍ତ୍ତନର ସମଗ୍ର ଅର୍ଥ ହେଉଛି ଅଚେତନାର ପ୍ରାଥମିକ ଅବସ୍ଥାରୁ ଏକ କ୍ରମ-ବର୍ଦ୍ଧମାନ ଚେତନା ଦିଗରେ ବିକାଶ ଓ ଅଭିବୃଦ୍ଧି । ଏବଂ ଅଭିବୃଦ୍ଧିର ଏହି ପ୍ରକ୍ରିୟାରେ ଆକୃତିଗୁଡ଼ିକର ବିଲୁପ୍ତି ଏକ ଅନିବାର୍ଯ୍ୟ ଆବଶ୍ୟକତା ରୂପେ ଦେଖାଦେଲା । ଏବଂ ପ୍ରକୃତରେ ତାହାହିଁ ଘଟି ଚାଲିଛି । କାରଣ ସଂଗଠିତ ବ୍ୟକ୍ତିଚେତନାକୁ ଏକ ସ୍ଥିର ଆଧାର ମିଳିବା ପାଇଁ ପ୍ରୟୋଜନ ହେଲା ସେହିପରି ଏକ ସ୍ଥିର ନିଶ୍ଚିତ ଆକୃତି । କିନ୍ତୁ ଆକୃତିର ଏହି ସ୍ଥିରତା ଫଳରେହିଁ ମୃତ୍ୟୁ ଅନିବାର୍ଯ୍ୟ ହୋଇ ଉଠିଲା । ... ... କାରଣ ବ୍ୟକ୍ତିରୂପଟି ରହିଥାଏ, ମାତ୍ର ତାହା ଅତ୍ୟଧିକ ସ୍ଥିରତା ଭିତରେ ବାନ୍ଧି ଦେଉଥିବା ଏକ ଢାଞ୍ଚା ରୂପରେ ରହିଥାଏ । ତେଣୁ ତାହା ଶକ୍ତିମାନଙ୍କର ଗତିବୃତ୍ତିଗୁଡ଼ିକୁ ଆଉ ସ୍ୱଚ୍ଛନ୍ଦ ଭାବରେ ଅନୁସରଣ କରିପାରେ ନାହିଁ, ବିଶ୍ୱାତ୍ମକ ଗତିଶୀଳତାରେ ଘଟୁଥିବା ପ୍ରଗତିଶୀଳ ପରିବର୍ତ୍ତନଗୁଡ଼ିକ ସହ ସମାନ ଛନ୍ଦ ଓ ସୁସମଞ୍ଜସତା ରକ୍ଷା କରି ଏହା ନିଜକୁ ପରିବର୍ତ୍ତିତ କରିପାରେ ନାହିଁ, ବିଶ୍ୱପ୍ରକୃତିର ଦାବିକୁ ଏହା କ୍ରମାଗତ ପୂରଣ କରିପାରେ ନାହିଁ, ତାହା ସଙ୍ଗେ ତାଳ ମିଳାଇ ଚାଲିପାରେ ନାହିଁ, ଏହା ସେହି ସ୍ରୋତରୁ ବାହାରି ଯାଏ । ଏହିପରି ଭାବରେ ରୂପ ବା ଆକୃତି ଏବଂ ପରିବର୍ତ୍ତନ ପାଇଁ ତାହା ଉପରେ ଚାପ ଦେଉଥିବା ଶକ୍ତି — ଏହି ଉଭୟ ଭିତରେ ବଢ଼ି ଉଠୁଥିବା ବ୍ୟବଧାନ ଓ ଅସମଞ୍ଜସତାର ଗୋଟିଏ ବିନ୍ଦୁରେ ସେହି ରୂପ ବା ଆକୃତିର ସଂପୂର୍ଣ୍ଣ ବିଲୁପ୍ତିକୁ ଆଉ ଏଡ଼ି ଦେବା ସଂପୂର୍ଣ୍ଣ ଅସମ୍ଭବ ହୋଇପଡ଼େ । ଏକ ନୂତନ ଆକୃତିର ଗଠନ ଆବଶ୍ୟକ; ଏକ ନୂତନ ସମଞ୍ଜସତା ଓ ବିଶୁଦ୍ଧିକୁ ରୂପ ଦେବାକୁ ହେବ । ଏହାହିଁ ହେଉଛି ମୃତ୍ୟୁର ପ୍ରକୃତ ତାତ୍ପର୍ଯ୍ୟ ଏବଂ ବିଶ୍ୱ ପ୍ରକୃତି ପାଇଁ ଏହାହିଁ ହେଉଛି ତା'ର ଉପଯୋଗିତା । କିନ୍ତୁ ରୂପ ବା ଆକୃତିଟି ଯଦି ଅଧିକ ବେଗକ୍ଷମ ହୁଏ, ଅଧିକ ନମନୀୟ ହୁଏ ଏବଂ ଯଦି ଚେତନାର ପରିବର୍ତ୍ତନ ଅନୁଯାୟୀ ଶରୀରର ଦେହକୋଷଗୁଡ଼ିକ ମଧ୍ୟ ପରିବର୍ତ୍ତନ ପାଇଁ ଜାଗରିତ ହୁଅନ୍ତି, ତା'ହେଲେ ଏକ ଦାରୁଣ ବିଲୁପ୍ତିର ଆଉ କୌଣସି ପ୍ରୟୋଜନ ରହିବ ନାହିଁ ଓ ମୃତ୍ୟୁ ଆଉ ଅନିବାର୍ଯ୍ୟ ହୋଇ ରହିବ ନାହିଁ ।

(Agenda & M.C.W., Vol. 3, page - 37) ❖

# ଅତିମାନସ ଭୂମିରେ ଚେତନା

**ଶ୍ରୀଅରବିନ୍ଦ**

... ଏଠାରେ ଯେଉଁ ସତ୍ୟଟି ସବୁ ସମୟରେ ଏବଂ ନିରବଚ୍ଛିନ୍ନ ଭାବରେ ବିଦ୍ୟମାନ ରହିଥାଏ, ଏବଂ ଯାହା ଭିତରକୁ ବ୍ୟକ୍ତିର ବିକାଶ ଓ ଅଭିବୃଦ୍ଧି ହୋଇଥାଏ ଏବଂ ଯାହା ଭିତରେ ସେ ସର୍ବଦା ବାସ କରିଥାଏ, ତାହା ହେଉଛି ଅନନ୍ତ ସତ୍ତା । ଏବଂ ଏଠାରେ ଯାହାକିଛି ଦୃଷ୍ଟ ହୁଏ, ଅନୁଭୂତ ହୁଏ, ଜ୍ଞାତ ହୁଏ, ତାହା ରହିଥାଏ କେବଳ ସେହି ଏକ ଓ ଅଦ୍ୱୟ ସତ୍ତାର ଉପାଦାନ ରୂପେ । ଏହା ହେଉଛି ଅନନ୍ତ ଚେତନା ଏବଂ ଯାହାକିଛି ଚେତନଶୀଳ, ଯାହାକିଛି କ୍ରିୟା କରୁଥାଏ ବା ଗତିଶୀଳ ହୋଇ ରହିଥାଏ, ସେ ସମସ୍ତହିଁ ଦୃଷ୍ଟ, ଅନୁଭୂତ ଓ ଜ୍ଞାତ ହୁଏ ସେହି ଏକହିଁ ଅନନ୍ତ ସତ୍ତାର ଆତ୍ମାନୁଭବ ଓ ଶକ୍ତି ରୂପେ ଏବଂ ତାହାହିଁ ବାସ କରୁଥାଏ ସେ ସମସ୍ତର ଭିତରେ । ଏହା ହେଉଛି ଅନନ୍ତ ଆନନ୍ଦ ଏବଂ ଯାହା ଅନୁଭବ କରେ ଓ ଅନୁଭୂତ ହୁଏ ତାହା କେବଳ ସେହି ଅଦ୍ୱୟ ପରମ ଆନନ୍ଦର ନାନା ରୂପାୟନ ଭାବରେହିଁ ପରିଦୃଷ୍ଟ, ଅନୁଭୂତ, ଗୃହୀତ ଓ ଜ୍ଞାତ ହୁଏ ଏବଂ ସେ ସମସ୍ତ ଭିତରେ ବାସ କରୁଥାଏ ସେହି ଏକହିଁ ପରମ ଆନନ୍ଦ । ବାକି ଅନ୍ୟ ସବୁଗୁଡ଼ିକ ହେଉଛି ଆମ ଅସ୍ତିତ୍ୱର କେବଳ ସେହି ଏକହିଁ ସତ୍ୟର ଅଭିବ୍ୟକ୍ତି ଓ ପରିବେଶ ମାତ୍ର । ଏହା ଆଉ କେବଳ ଦେଖିବା ବା ଜାଣିବା ମାତ୍ର ହୋଇ ରହେ ନାହିଁ, କିନ୍ତୁ ହୋଇଉଠେ ସେହି ଅବସ୍ଥା ଯେଉଁଠି ପ୍ରତ୍ୟକ୍ଷୀଭୂତ ହୁଏ ସବୁକିଛି ଭିତରେ ଆତ୍ମା ଓ ଆତ୍ମା ଭିତରେ ସବୁକିଛି, ସବୁକିଛି ଭିତରେ ଭଗବାନ୍ ଓ ଭଗବାନଙ୍କ ଭିତରେ ସବୁକିଛି, ଏବଂ ସବୁକିଛିହିଁ ଦୃଷ୍ଟ ହୁଏ ଭଗବାନଙ୍କ ରୂପରେ । ଏହି ଅବସ୍ଥା ବର୍ତ୍ତମାନ ଆଉ ସେହି ଅବସ୍ଥା ହୋଇ ରହି ନ ଥାଏ ଯେଉଁଠି ଏହାକୁ କେବଳ ଅର୍ପଣ କରାଯାଏ ସତ୍ୟକୁ ପ୍ରତିବିମ୍ବିତ କରୁଥିବା ଅଧ୍ୟାତ୍ମୀଭୂତ ମନ ପାଖରେ; ଏହା ପରିଣତ ହୋଇଥାଏ ସେହି ଅବସ୍ଥାରେ ଯେଉଁଠି ଏହା ଅତିମାନସ ପ୍ରକୃତିରେ ସଂସିଦ୍ଧ ଏକ ପୂର୍ଣ୍ଣାଙ୍ଗ, ନିତ୍ୟ ବର୍ତ୍ତମାନ, ନିତ୍ୟ ସକ୍ରିୟ ଉପଲବ୍ଧି ଦ୍ୱାରା ବିଧୃତ ହୋଇ, ତହିଁରେହିଁ ବାସ କରି ରହିଥାଏ ।

ଏଠାରେ ଭାବନା, ସଂକଳ୍ପ, ସଂବେଦନ ଓ ଆମ ପ୍ରକୃତିର ଅନ୍ତର୍ଗତ ସବୁକିଛି ମଧ୍ୟ ରହିଥାଏ କିନ୍ତୁ ତାହା ରୂପାନ୍ତରିତ ହୋଇ ଉତ୍ତୋଳିତ ହୋଇଯାଏ ଏକ ଉଚ୍ଚତର ଚେତନାକୁ । ଏଠାରେ ସମସ୍ତ ଭାବନା ଦୃଷ୍ଟ ଓ ଅନୁଭୂତ ହୁଏ ସତ୍ତାସ୍ଥ ଉପାଦାନର ଏକ ଜ୍ୟୋତିର୍ମୟ ଶରୀର ରୂପେ, ଶକ୍ତିର ଏକ ଜ୍ୟୋତିର୍ମୟ ଗତିସ୍ପନ୍ଦନ ରୂପେ ଏବଂ ଆନନ୍ଦର ଏକ ଜ୍ୟୋତିର୍ମୟ ତରଙ୍ଗ ରୂପେ । ଏହା ମନର ଶୂନ୍ୟ-ବାୟୁ ଭିତରେ ଖେଳୁଥିବା କେବଳ ଏକ ଧାରଣା ନୁହେଁ କିନ୍ତୁ ବାସ୍ତବତାରେ ଅନୁଭୂତ ହେଉଥିବା ଏକ ସତ୍ୟ, ଯାହାକି ଅନୁଭୂତ ହୁଏ ଅନନ୍ତ ସତ୍ତାର ଏକ ସତ୍ୟର ଆଲୋକ ରୂପେ । ଆମର ସଂକଳ୍ପ ଓ ପ୍ରେରଣାଗୁଡ଼ିକ ମଧ୍ୟ ଠିକ୍ ସେହି ଭଳି ଅନୁଭୂତ ହୁଏ ଈଶ୍ୱରଙ୍କ ସତ୍, ଚିତ୍ ଓ ଆନନ୍ଦରହିଁ ଏକ ବାସ୍ତବ ଶକ୍ତି ଓ ଉପାଦାନ ରୂପେ । ଅଧ୍ୟାତ୍ମୀଭୂତ ସମସ୍ତ ସଂବେଦନ ଓ ଆବେଗଗୁଡ଼ିକ ଅନୁଭୂତ ହୁଅନ୍ତି ଚେତନା ଓ ଆନନ୍ଦରହିଁ ବିଶୁଦ୍ଧ ଢାଞ୍ଚା ବା ଉପାଦାନ ରୂପେ । ସ୍ୱୟଂ ଶରୀରସତ୍ତା ଅନୁଭୂତ ହୁଏ ଏକ ସଚେତନ ଆକୃତି ବା ଗଢ଼ଣରୂପେ, ଏବଂ ପ୍ରାଣସତ୍ତା ଅନୁଭୂତ ହୁଏ ଆତ୍ମାର ଜୀବନରୁ ଉତ୍ସାରିତ ଶକ୍ତି ଓ ସଂପଦର ଏକ ବିପୁଳ ପ୍ଲାବନ ରୂପେ ।

ବିକାଶ କ୍ଷେତ୍ରରେ ଅତିମାନସର କ୍ରିୟାଟି ହେଉଛି ଏହି ଉଚ୍ଚତର ଚେତନାକୁ ଏପରି ଭାବରେ ଅଭିବ୍ୟକ୍ତ ଓ ସଂଗଠିତ କରିବା ଯାହା ଫଳରେ ଏହା ବର୍ତ୍ତମାନ ଯେପରି କେବଳ ସେହି ଊର୍ଦ୍ଧ୍ୱସ୍ଥ ଅନନ୍ତଙ୍କ ମଧ୍ୟରେ ଅବସ୍ଥାନ କରି ଓ କ୍ରିୟା କରି ବ୍ୟକ୍ତିର ସତ୍ତା ଓ ପ୍ରକୃତି ଭିତରେ ତାହାର କିଛିଟା ସୀମିତ, ଆବୃତ, ନିମ୍ନତର ଓ ବିରୂପ ଅଭିବ୍ୟକ୍ତିକୁ ରୂପ ଦେଉଛି, ତା' ପରିବର୍ତ୍ତେ ଏହା ବ୍ୟକ୍ତି ମଧ୍ୟରେ ବ୍ୟାପକ ଓ ସାମଗ୍ରିକ ଭାବରେ ଅନନ୍ତ ଓ ବିଶ୍ୱମୟ ଆତ୍ମାର ଏକ ସଚେତ, ଆତ୍ମଜ୍ଞାନ-ସମର୍ଥ, ଆଧ୍ୟାତ୍ମିକ ସତ୍ତା ରୂପରେ ଓ ଏକ ଜୀବନ୍ତ ତଥା କ୍ରିୟାଶୀଳ ଶକ୍ତି ରୂପରେ ଅବସ୍ଥାନ କରିବ ଓ କ୍ରିୟା କରିବ । (SABCL, Vol. 21, p.792 - 93)

# ଧମ୍ମପଦ

## (୫)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଝିମ ନିକାୟ, ସଂଯୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢ଼ୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ "Commentaries surle Dhammapada" ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

ଦ୍ୱିତୀୟ ଅଧ୍ୟାୟ

### ଅପ୍‌ପମାଦବଗ୍‌ଗୋ (ଅପ୍ରମାଦବର୍ଗ)

(Vigilance is the way to Immortality, Negligence the way to Death. The vigilant never dies; the negligent is already dead.)

### (୧)

ଅପ୍‌ପମାଦୋ ଅମତ-ପଦଂ ପମାଦୋ ମଚ୍ଚୁନୋ ପଦଂ ।
ଅପ୍‌ପମତ୍ତା ନ ମୀୟନ୍ତି ଯେ ପମତ୍ତା ଯଥା ମତା ॥

ଅପ୍ରମାଦ ନିର୍ବାଣର ମାର୍ଗ, ପ୍ରମାଦ ମୃତ୍ୟୁର ମାର୍ଗ । ଯେଉଁମାନେ ଅପ୍ରମତ୍ତ, ସେମାନଙ୍କର ମୃତ୍ୟୁ ହୁଏ ନାହିଁ; ଯେଉଁମାନେ ପ୍ରମତ୍ତ ସେମାନେ କାର୍ଯ୍ୟତଃ ମୃତସ୍ୱରୂପ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏଠାରେ ଏହି ପାଠରେ 'ନିର୍ବାଣ' ଶବ୍ଦ ଧ୍ୱଂସସାଧନ (ତୁମେ ଯେପରି ବୁଝ) ଅର୍ଥରେ ବ୍ୟବହୃତ ହୋଇ ନାହିଁ। ଆମ୍ଭମାନଙ୍କର ବର୍ତ୍ତମାନ ପାର୍ଥିବ ସତ୍ତାରେ ଆମ୍ଭେମାନେ ଜୀବନ ଓ ମରଣକୁ ଯେପରି ଜାଣୁ, ଅର୍ଥାତ୍ ଯାହା ପରସ୍ପର ପ୍ରତିକୂଳ – ଜୀବନ ମୃତ୍ୟୁର ପ୍ରତିକୂଳ; ମୃତ୍ୟୁ ଜୀବନର ପ୍ରତିକୂଳ ତାହାର ବୈପରୀତ୍ୟସୂଚକ ''ଶାଶ୍ୱତ ସତ୍ତା'' ଅର୍ଥରେ ନିର୍ବାଣ ଶବ୍ଦ ଏଠାରେ ବ୍ୟବହୃତ ହୋଇଛି। ସେହିପରି ପାର୍ଥିବ ଜୀବନ ବିଷୟରେ ଏଠାରେ କୁହାଯାଉ ନାହିଁ; କିନ୍ତୁ ଜୀବନମରଣର ଅତୀତ ଶାଶ୍ୱତ ସତ୍ତା, ଯଥାର୍ଥ ସତ୍ତା ବିଷୟରେ କୁହାଯାଇଛି।

ଅପ୍ରମାଦ ଅର୍ଥ ସଚେତନ ହେବା, ନିଜେ ସତର୍କ ରହିବା, ଅକପଟ ସରଳ ହେବା, କଦାପି ହତବୁଦ୍ଧି ନ ହେବା। ସାଧନା କରିବାକୁ ହେଲେ, ଜୀବନର ପ୍ରତି ମୁହୂର୍ତ୍ତରେ ଦୁଇଟି ବିଷୟ ମଧ୍ୟରୁ ନିର୍ବାଚନ କରିବାକୁ ହେବ; ପ୍ରଥମଟି ହେଲା ଲକ୍ଷ୍ୟାଭିମୁଖୀ ପଦକ୍ଷେପ ଏବଂ ଅନ୍ୟଟି ହେଲା ନିଦ୍ରିତ ହୋଇପଡ଼ିବା କିଂବା କୌଣସି ସମୟରେ ଏପରି କହିବା – ''ଆଚ୍ଛା ପରେ ଦେଖିବା, ବର୍ତ୍ତମାନ ତରତର ହେବା ନାହିଁ''; ତଥା ପଥ ମଧ୍ୟରେ ବସିପଡ଼ିବା ଏବଂ ପଶ୍ଚାଦ୍‌ଗାମୀ ହେବା।

ଅପ୍ରମତ୍ତ ହେବା ଅର୍ଥ ଏହା ନୁହେଁ ଯେ କେବଳ ନିଜର ଅଧୋଗତିର ଆକର୍ଷଣକୁ ପ୍ରତିରୋଧ କରିବା, କିନ୍ତୁ ଅଗ୍ରଗତି ନିମିତ୍ତ କୌଣସି ସୁଯୋଗ, ନିଜର କୌଣସି ଦୁର୍ବଳତାକୁ ଜୟ କରିବାର କୌଣସି ସୁଯୋଗ, କୌଣସି ପ୍ରଲୋଭନକୁ ପ୍ରତିରୋଧ କରିବା ପାଇଁ, କୌଣସି ବିଷୟରେ ଶିକ୍ଷାଲାଭ କରିବାର, କୌଣସି ବିଷୟ ସଂଶୋଧିତ କରିବାର, କୌଣସି ବିଷୟ ପୂର୍ଣ୍ଣ ଆୟତ୍ତ କରିବାର ସୁଯୋଗ ନ ହରାଇବା ପାଇଁ ସଚେତନ ହେବା। ଯାହା କରିବାକୁ ତୁମକୁ କେତେକ ବର୍ଷ ଲାଗିଥା'ନ୍ତା, ଅପ୍ରମତ୍ତ ହେବା ଦ୍ୱାରା ତାହା ତୁମେ କେତୋଟି ଦିନରେ କରିପାର। ଅପ୍ରମତ୍ତ ହେବା ଦ୍ୱାରା ତୁମେ ଜୀବନର ଲକ୍ଷ୍ୟ ନିକଟବର୍ତ୍ତୀ ହେବା ପାଇଁ, ତୁମେ ଜୀବନର ପ୍ରତ୍ୟେକ ଘଟଣା, ପ୍ରତ୍ୟେକ କର୍ମ, ପ୍ରତ୍ୟେକ ଗତିକୁ ଗୋଟିଏ ସୁଯୋଗରେ ପରିଣତ କର।

ଅପ୍ରମାଦ ଦୁଇପ୍ରକାର – କ୍ରିୟାଶୀଳ ଓ ନିଷେଧକ। ଏକ ପ୍ରକାର ଅପ୍ରମାଦ ତୁମକୁ ସାବଧାନ କରେ ଯେତେବେଳେ ତୁମେ ଭୁଲ୍ କରିବାକୁ ଉଦ୍ୟତ ହୁଅ, ଭ୍ରାନ୍ତ ନିର୍ବାଚନ କରିବାକୁ ଉଦ୍ୟତ ହୁଅ, ଯେତେବେଳେ ତୁମେ ନିଜକୁ ଦୁର୍ବଳ ହେବାକୁ ଓ ପ୍ରଲୋଭନରେ ପଡ଼ିବାକୁ ଛାଡ଼ି ଦିଅ। ଅନ୍ୟ ପ୍ରକାର କ୍ରିୟାଶୀଳ ଅପ୍ରମାଦ, ପ୍ରଗତି ନିମିତ୍ତ ସୁଯୋଗ ଅନ୍ୱେଷଣ କରେ; ଦ୍ରୁତ ଅଗ୍ରସର ହେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଘଟଣା ଉପଯୋଗ କରିବାକୁ ଯତ୍ନବାନ୍ ହୁଏ।

ନିଜର ପତନର ପ୍ରତିବିଧାନ କରିବା ଏବଂ ଲକ୍ଷ୍ୟ ଦିଗରେ ଦ୍ରୁତ ଅଗ୍ରସର ହେବା – ଏହି ଦୁଇଟି ପ୍ରଚେଷ୍ଟା ମଧ୍ୟରେ ପାର୍ଥକ୍ୟ ରହିଅଛି।

ଏବଂ ଉଭୟ ପ୍ରଚେଷ୍ଟାର ସମ୍ପୂର୍ଣ୍ଣ ପ୍ରୟୋଜନୀୟତା ଅଛି।

ଯେ ଅପ୍ରମତ୍ତ ନୁହେଁ, ସେ କାର୍ଯ୍ୟତଃ ମୃତ। ସେ ନିଜ ଜୀବନର ଯଥାର୍ଥ କାରଣ, ଇହଜୀବନର ଉଦ୍ଦେଶ୍ୟ ସହିତ ସମ୍ପର୍କ ହରାଇଥାଏ।

ଅତଏବ ଏଠାରେ ସମୟ, ଘଟଣାବଳୀ ଓ ଜୀବନ ଅତିବାହିତ ହୁଏ, ଜୀବନର କୌଣସି ପରିଣତି ଘଟେ ନାହିଁ, ଏବଂ ତୁମେ ନିଦ୍ରିତ ଅବସ୍ଥାରୁ ଜାଗରିତ ହୁଅ ଏପରି ଏକ ଗହ୍ୱର ମଧ୍ୟରେ ଯେଉଁଠାରୁ ବାହାରି ଆସିବା କଠିନ ହୁଏ।

## (୨)

ଏବଂ ବିସେସତୋ ଞତ୍ୱା ଅପ୍ପମାଦମ୍ହି ପଣ୍ଡିତା।
ଅପ୍ପମାଦେ ପମୋଦନ୍ତି ଅରିୟାନଂ ଗୋଚରେ ରତା॥

(They know this thoroughly well, the wise in vigilance and they rejoice in their vigilance, ever in the presence of the Great Ones.)

ଯେଉଁମାନେ ଅପ୍ରମାଦକୁଶଳ, ସେମାନେ ଏହା ବିଶେଷରୂପେ ଜ୍ଞାତ ହୁଅନ୍ତି, ଅପ୍ରମାଦରେ ଆନନ୍ଦ ଲାଭ କରନ୍ତି ଏବଂ ମହାପୁରୁଷମାନଙ୍କର ଅନୁସୃତ ମାର୍ଗରେ ବିଚରଣ କରନ୍ତି।

**ଶ୍ରୀମା'ଙ୍କ ଭାଷ୍ୟ :**

ଏହି ଶିକ୍ଷାର ଆଦ୍ୟ-ପ୍ରାନ୍ତ ଗୋଟିଏ ବିଷୟ ପ୍ରତି ଲକ୍ଷ୍ୟ ରଖିବା ଦରକାର। ତାହା ହେଲା :– ତୁମକୁ ଆଦୌ କୁହାଯାଉ ନାହିଁ ଯେ ସତ୍-ବିହିତ ଜୀବନଯାପନ, ସତ୍-ଚିନ୍ତନ କଠୋର ଆୟାସ ବା ଉତ୍ସର୍ଗର ଫଳସ୍ୱରୂପ ଲାଭ କରାଯାଏ। ବରଂ ଏହା ଏକପ୍ରକାର ଆନନ୍ଦଦାୟକ ଅବସ୍ଥା ଯାହାକି ସକଳ ଦୁଃଖ-ଦୁର୍ଦ୍ଦଶା ନିବାରଣ କରେ। ସେ କାଳରେ, ବୁଦ୍ଧଙ୍କ ସମୟରେ ଆଧ୍ୟାତ୍ମିକ ଜୀବନଯାପନ ଆନନ୍ଦର, ସ୍ୱର୍ଗସୁଖର, ସର୍ବାପେକ୍ଷା

ଅଧିକ ସୁଖର ବିଷୟ ଥିଲା । ଏହି ପ୍ରକାର ଜୀବନ ତୁମକୁ ଜଗତର ଯାବତୀୟ ଦୁଃଖ, କ୍ଲେଶ, ଉଦ୍‌ବିଗ୍ନତାରୁ ମୁକ୍ତ କରେ ତଥା ତୁମକୁ ସୁଖୀ, ପରିତୃପ୍ତ ଓ ପରିତୁଷ୍ଟ କରେ ।

ଆଧୁନିକ ଯୁଗର ଜଡ଼ବାଦ ଆଧ୍ୟାତ୍ମିକ ସାଧନାକୁ ଗୋଟିଏ କଷ୍ଟକର ସଂଗ୍ରାମ ଓ ଉତ୍ସର୍ଗରେ ପରିଣତ କରିଅଛି, ଜୀବନର ତଥାକଥିତ ଆନନ୍ଦ ସମୂହକୁ କଠୋରତା ସହ ବର୍ଜନର ରୂପ ଦେଇଅଛି ।

ମାନବ-ସଭ୍ୟତାର ସର୍ବବ୍ୟାପୀ ଜଡ଼ବାଦୀ ଭାବପ୍ରବଣତା ହେତୁ, କେବଳ ମାତ୍ର ଭୌତିକ ଜଗତର ବାସ୍ତବତା, ଭୌତିକ ସୁଖସ୍ୱାଚ୍ଛନ୍ଦ୍ୟ, ଭୌତିକ ଉଲ୍ଲାସ, ଭୌତିକ ଭୋଗୈଶ୍ୱର୍ଯ୍ୟର ପ୍ରାଧାନ୍ୟ ସ୍ୱୀକୃତ ହୋଇଅଛି । ପ୍ରାଚୀନ କାଳରେ ଏହା ଆଦୌ ଚିନ୍ତାର ବିଷୟ ନ ଥିଲା । ଅପରପକ୍ଷେ ପ୍ରତ୍ୟାହାର, ଏକାଗ୍ରତା ସାଧନ, ଯାବତୀୟ ସାଂସାରିକ ଦୁର୍ଭାବନାରୁ ମୁକ୍ତି, ଆଧ୍ୟାତ୍ମିକ ଆନନ୍ଦ ସମୀପରେ ଆତ୍ମନିବେଦନ,– ଏହାହିଁ ସେକାଳରେ ଯଥାର୍ଥ ସୁଖ ଥିଲା ।

ଏହି ଦୃଷ୍ଟିରୁ ଏହା ସୁସ୍ପଷ୍ଟ ଯେ ମାନବଜାତି ପ୍ରଗତିପଥରେ ବିଶେଷ ଅଗ୍ରସର ହୋଇ ନାହିଁ ଏବଂ ଯେଉଁମାନେ ପୃଥିବୀର ଭୌତିକ ସଭ୍ୟତାର କେନ୍ଦ୍ରସ୍ଥଳଗୁଡ଼ିକରେ ଜନ୍ମଗ୍ରହଣ କରିଛନ୍ତି, ସେମାନଙ୍କର ଅବଚେତନାରେ ଏହି ପ୍ରକାର ଭୟାନକ ଧାରଣା ରହିଅଛି ଯେ ଜଡ଼ବାସ୍ତବତାହିଁ ଯଥାର୍ଥ ସତ୍ୟ ଏବଂ ଜଡ଼ଜଗତର ବହିର୍ଭୂତ ବିଷୟଗୁଡ଼ିକରେ ନିଜକୁ ନିଯୁକ୍ତ କରିବା ଏକ ବିସ୍ମୟକର ଆତ୍ମୋତ୍ସର୍ଗଭାବ ଏବଂ ପ୍ରାୟ ଏକ ମହାନ୍ ପ୍ରଚେଷ୍ଟାର ନିର୍ଦ୍ଦେଶ କରେ ।

ସକାଳରୁ ସନ୍ଧ୍ୟା ଏବଂ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଯାବତୀୟ ଭୌତିକ ତର୍ପଣ, ବାହ୍ୟ ଇନ୍ଦ୍ରିୟାନୁଭୂତି, ଭୌତିକ ବିଷୟାସକ୍ତିରେ ଲିପ୍ତ ନ ରହିବା ଏକ ଅସାଧାରଣ ଚେତନାର ପରିଚୟ ଦିଏ । ବ୍ୟକ୍ତି ଏ ବିଷୟରେ ସଜ୍ଞାନ ନ ଥିଲେ ମଧ୍ୟ, ସମଗ୍ର ଆଧୁନିକ ସଭ୍ୟତା ଏହି ଧାରଣାରେ ପ୍ରତିଷ୍ଠିତ : ''ଆଃ, ତୁମେ ଯାହା ସ୍ପର୍ଶ କର, ନିଶ୍ଚୟ ଜାଣିବ ଯେ ତାହା ସତ୍ୟ, ତୁମେ ଯାହା ଦେଖିବ ତାହାହିଁ ଯଥାର୍ଥ ସତ୍ୟ, ତୁମେ ଯାହା ଭୋଜନ କର, ତାହା ପ୍ରକୃତରେ ତୁମେ ଭୋଜନ କରିଅଛ; ଏହା ବ୍ୟତୀତ ବାକିସବୁ ବାଜେ କଥା ! ସେ ସମସ୍ତ ବିଷୟ ଯେ ବୃଥା ସ୍ୱପ୍ନ ନୁହେଁ, ଏବଂ ଆମ୍ଭେମାନେ ବାସ୍ତବକୁ ତ୍ୟାଗ କରି ଅବାସ୍ତବକୁ ଧରିବାକୁ ଯାଉଅଛୁ କି ନା, କାୟାକୁ ଛାଡ଼ି ଛାୟା ପଛରେ ଧାଇଁଛୁ କି ନା, ଏ ବିଷୟରେ ଆମର ସନ୍ଦେହ ଜାତ ହୁଏ । ତଥାପି ଏଥିରେ ମଧ୍ୟ ଲାଭ କଅଣ ? କେତୋଟି ସ୍ୱପ୍ନ ମାତ୍ର ? କିନ୍ତୁ ମୁଣାରେ ଯେତେବେଳେ ନଗଦ ମୁଦ୍ରା ରଖାହୋଇଛି, ସେତେବେଳେ ତୁମେ ନିଶ୍ଚିତ ରୂପେ ଜାଣିପାର ଯେ ସେଗୁଡ଼ିକ ତୁମର ପ୍ରକୃତରେ ସେଠାରେ ଅଛି ।''

ଏହି ଭାବଧାରା ସର୍ବତ୍ର, ସକଳ କ୍ଷେତ୍ରରେ ଭିତ୍ତିସ୍ୱରୂପ ରହିଅଛି । ବାହ୍ୟ ପ୍ରକାଶକୁ ସାମାନ୍ୟ ଚହଲାଇ ଦେଲେ, ସେଠାରେ ଏହା ଦୃଷ୍ଟିଗୋଚର ହୁଏ, ଦେଖାଯାଏ ତୁମର ଚେତନା ରାଜ୍ୟରେ ଏବଂ ମଧ୍ୟେ ମଧ୍ୟେ ଏହା ଗୋପନରେ ତୁମକୁ କହେ, ''ସାବଧାନ ରହ, ପ୍ରତାରିତ ହୁଅନା'' । ପ୍ରକୃତରେ ଏହା ଏକ ଶୋଚନୀୟ ଅବସ୍ଥା ।

ଆମ୍ଭେମାନେ ଜାଣିଅଛୁ ଯେ ବିବର୍ତ୍ତନଧାରା କ୍ରମବିକାଶଶୀଳ ଏବଂ ଏହା ଏକ ସର୍ପିଳ ଊର୍ଦ୍ଧ୍ୱଗତି(spiral of ascending progression) ଅନୁସରଣ କରେ । ମୁଁ ସନ୍ଦେହ କରୁ ନାହିଁ ଯେ ଆଧୁନିକ ବଡ଼ ବଡ଼ ନଗରରେ ମନୁଷ୍ୟର ସ୍ୱାଚ୍ଛନ୍ଦ୍ୟ ସଙ୍ଗତି କ୍ରମବିବର୍ତ୍ତନଧାରାରେ ଗୁହାବାସୀ ମାନବର ସ୍ୱାଚ୍ଛନ୍ଦ୍ୟ ଅପେକ୍ଷା ଉନ୍ନତତର ହୋଇଅଛି । କିନ୍ତୁ ପ୍ରାଚୀନ ଇତିହାସରେ ବର୍ଣ୍ଣିତ ହୋଇଅଛି, ମନୁଷ୍ୟର ଦୂରଦୃଷ୍ଟି କ୍ଷମତା, ଭବିଷ୍ୟତ୍ ନିରୂପଣ କ୍ଷମତା, ଐଶିକ ପ୍ରତ୍ୟାଦେଶଲବ୍ଧ ଜ୍ଞାନ ଦ୍ୱାରା ଭବିଷ୍ୟତ୍ ଘଟଣାବଳୀର ଘୋଷଣା, କୌଣସି ସୂକ୍ଷ୍ମସତ୍ତା ସହିତ ଜୀବନର ଘନିଷ୍ଠ ପ୍ରତିଷ୍ଠା, ଯାହାକି ସେ କାଳର ସରଳ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ବାସ୍ତବ ବିଷୟରୂପେ ବିବେଚିତ ହେଉଥିଲା ।

ବର୍ତ୍ତମାନ ଯୁଗର ସୁନ୍ଦର ନଗରମାନ ସୁଖ-ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ହୋଇଥିବାରୁ ଯେତେବେଳେ ଜଣେ କୌଣସି ବିଷୟ ନିନ୍ଦା କରେ ସେତେବେଳେ ସେ କ'ଣ କହେ ? – ''ଏହା ଏକ ସ୍ୱପ୍ନ, ଏକ କଳ୍ପନା ।''

ଏବଂ ବସ୍ତୁତଃ ଯେତେବେଳେ କୌଣସି ବ୍ୟକ୍ତି ଆନ୍ତର ଉପଲବ୍ଧିରେ ବାସ କରେ, ସେତେବେଳେ ଲୋକେ ତାହାକୁ କଟାକ୍ଷ ଦୃଷ୍ଟିରେ ଦେଖନ୍ତି ଏବଂ ପଚାରନ୍ତି ଯେ ଯଥାର୍ଥରେ ସେ ପ୍ରକୃତିସ୍ଥ କି ନା । ଯେଉଁ ଲୋକ ଅର୍ଥ ସଞ୍ଚୟ କାର୍ଯ୍ୟରେ ନିଜର ସମୟ ଅତିବାହିତ କରେ ନାହିଁ ଅଥବା ଯେ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ବୃଦ୍ଧି ଓ ନିଜର ମଙ୍ଗଳ ଉଦ୍ଦେଶ୍ୟରେ ସମାଜରେ ଉଚ୍ଚପଦ ଲାଭ କରିବାରେ ତଥା ଜଣେ ମହତ୍ ବ୍ୟକ୍ତି ରୂପେ ପରିଚିତ ହେବାରେ ସମୟର ବ୍ୟବହାର କରେ ନାହିଁ, ସେହି ବ୍ୟକ୍ତିକୁ ଲୋକେ ଅବିଶ୍ୱାସ କରନ୍ତି ଏବଂ ପ୍ରକୃତରେ ସେପରି ବ୍ୟକ୍ତିର ମାନସିକ ସୁସ୍ଥତା ଅଛି କି ନାହିଁ, ସେ ବିଷୟରେ ଲୋକେ ସନ୍ଦିହାନ ହୁଅନ୍ତି ।

ତୁମର ପାରିପାର୍ଶ୍ୱିକ ଅବସ୍ଥାରେ ଉପାଦାନ ସ୍ୱରୂପେ, ତୁମର ପରିବେଷ୍ଟନୀର ଏକ ପ୍ରଧାନ ସାମଗ୍ରୀରୂପେ, ଅପର-ଲୋକଙ୍କଠାରୁ ପ୍ରାପ୍ତ ଚିନ୍ତାସମୂହ ସହିତ ସଂସର୍ଗ ହେତୁ, ଉପର୍ଯ୍ୟୁକ୍ତ ଭାବଧାରା ଏପରି ବ୍ୟାପକ ହୋଇଅଛି ଯେ ଏହା ସଂପୂର୍ଣ୍ଣ ସ୍ୱାଭାବିକ ବୋଲି ମନେହୁଏ । ତୁମେ ଅନୁଭବ କର ନାହିଁ ଯେ ଏହା ଏକ ଅପରୂପ ବିକୃତି ।

ନିଜ ସତ୍ତା ସମ୍ବନ୍ଧରେ କିଞ୍ଚିତ୍ ପରିମାଣରେ ସଚେତନ ହେବା, ବହିର୍ଜୀବନର ଅନ୍ତରାଳବର୍ତ୍ତୀ ଜୀବନ ସହିତ ସମ୍ବନ୍ଧ ସ୍ଥାପନ କରିବା, ସବୁ ସମ୍ପଦ ମଧ୍ୟରେ ଶ୍ରେଷ୍ଠ ବୋଲି ତୁମେ ବୋଧ କର ନାହିଁ । ତୁମ ସମ୍ମୁଖରେ ଗୋଟିଏ ସୁସଜ୍ଜିତ ଟେବୁଲ ନିକଟରେ ତୁମେ ଯେତେବେଳେ ଗୋଟିଏ ଆରାମଦାୟକ ଚୌକିରେ ବସିଥାଅ, ତୁମେ ଯେତେବେଳେ ସୁସ୍ୱାଦୁ ଖାଦ୍ୟପଦାର୍ଥରେ ଉଦର ପୂର୍ତ୍ତି କର, ସେତେବେଳେ ତାହା ତୁମର ଅଧିକ ପ୍ରତ୍ୟକ୍ଷଗୋଚର ଓ ଅଧିକ ଚିତ୍ତାକର୍ଷକ ବୋଧହୁଏ । ଏବଂ ତୁମେ ଯଦି ଗତ ଦିବସ ବିଷୟରେ ଚିନ୍ତା କର, ସେଦିନର ଖତିଆନରେ କୌଣସି ଭୌତିକ ସୁବିଧା, କୌଣସି ଇନ୍ଦ୍ରିୟସୁଖ, ଶାରୀରିକ ସନ୍ତୋଷ ବିଷୟରେ ଅବଗତ ହୁଅ, ତାହାହେଲେ ସେହି ଦିନଟିକୁ ଗୋଟିଏ ଶୁଭଦିବସ ବୋଲି ବିଚାର କର; କିନ୍ତୁ ସେହି ଦିନ ଯଦି ତୁମେ ଜୀବନର ଗୋଟିଏ ଉତ୍ତମ ଶିକ୍ଷା ପାଇଥାଅ, ଯଦି ତାହା ତୁମର ନାସାଗ୍ରରେ ଆଘାତପୂର୍ବକ ତୁମେ ଯେ ଜଣେ ନିର୍ବୋଧ ଲୋକ ବୋଲି ଜଣାଇ ଦେଇଥାଏ, ତୁମେ ସେତେବେଳେ ପରମପୁରୁଷଙ୍କୁ ଧନ୍ୟବାଦ ଅର୍ପଣ କର ନାହିଁ, ବରଂ କହିଥାଅ –''ଏହି ସଂସାରରେ ବାସ କରିବା ସର୍ବଦା ଆମୋଦଜନକ ନୁହେଁ ।''

ମୁଁ ଯେତେବେଳେ ଏହି ପ୍ରାଚୀନ ମୂଳବଚନସବୁ ପାଠ କରେ ସେତେବେଳେ ମୋର ଠିକ୍ ଏହି ଧାରଣା ହୁଏ ଯେ ଅନ୍ତର୍ଦୃଷ୍ଟିରୁ, ଯଥାର୍ଥ ଜୀବନ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଆମ୍ଭେମାନେ ବହୁତ ପଛକୁ ହଟିଯାଇଛୁ । କେତୋଟି କୌଶଳଯୁକ୍ତ ଯନ୍ତ୍ରପାତି ଲାଭ କରିବା ସକାଶେ, ଆମର ଆଳସ୍ୟପରାୟଣତାକୁ ଉତ୍ସାହିତ କରୁଥିବା କେତେକ ସାମଗ୍ରୀ ନିମିତ୍ତ, ଦୈନନ୍ଦିନ ଜୀବନରେ ପରିଶ୍ରମ ଲାଘବ କରିବା ଉଦ୍ଦେଶ୍ୟରେ କେତେକ ବୈଜ୍ଞାନିକ ଯନ୍ତ୍ର ଓ ଉପକରଣାଦି ଲାଭ କରିବା ସକାଶେ ଆମ୍ଭେମାନେ ଆନ୍ତର ଜୀବନର ସତ୍ୟ ପରିହାର କରିଅଛୁ । ଏହି ଜ୍ଞାନ ଆମ୍ଭେମାନେ ହରାଇଛୁ । ଏବଂ ଜୀବନର ଅର୍ଥ, ଆମ୍ଭମାନଙ୍କର ଅସ୍ତିତ୍ୱର ପ୍ରଧାନ କାରଣ, ଯେଉଁ ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ଉଚିତ, ଯେଉଁ ଦିଗରେ ସକଳ ଜୀବନ ଧାବିତ ହେଉଅଛି (ତୁମର ଇଚ୍ଛା ବା ଅନିଚ୍ଛା ସତ୍ତ୍ୱେ) – ଏହିସବୁ ବିଷୟର ଜ୍ଞାନ ଲାଭ ଉଦ୍ଦେଶ୍ୟରେ ଚିନ୍ତା କରିବା ପାଇଁ ଉଦ୍ୟମ ଆବଶ୍ୟକ । ଲକ୍ଷ୍ୟ ଅଭିମୁଖରେ ମାତ୍ର ଗୋଟିଏ ପଦକ୍ଷେପ ପରେ ତୁମେ କହ –''ଓଃ, ଏହା କରିବା ପାଇଁ ଏତେ ଚେଷ୍ଟା ଦରକାର !'' କିନ୍ତୁ ପାରିପାର୍ଶ୍ୱିକ ଅବସ୍ଥା ଯେତେବେଳେ ସୁଖକର ହୁଏ ନାହିଁ, ସେତେବେଳେହିଁ ଜଣେ ଏ ବିଷୟରେ ଚିନ୍ତା କରେ ।

ଅତୀତରେ ଯେଉଁ ସମୟରେ ଜଣେ ମେଷପାଳକ, ଯେ କି କୌଣସି ବିଦ୍ୟାଳୟରେ ପାଠ ପଢ଼ି ନ ଥିଲେ, ରାତ୍ରିରେ ମୁକ୍ତାକାଶ ତଳେ ମେଷପଲର ଜଗୁଆଳ ଥିଲେ, ନକ୍ଷତ୍ରର ଗତିବିଧି ଦେଖି ଭବିଷ୍ୟତ୍ ଘଟଣା ନିର୍ଣ୍ଣୟ କରିପାରୁଥିଲେ, ପ୍ରକୃତି ମଧ୍ୟରେ ବ୍ୟକ୍ତ ଏପରି କିଛି ସହିତ ସଂଳାପ କରୁଥିଲେ, ଏବଂ ଏକ ସରଳ ଜୀବନଯାପନ ଦ୍ୱାରା ପରମ ସୌନ୍ଦର୍ଯ୍ୟ ଓ ଶାନ୍ତିର ଉପଲବ୍ଧି କରିଥିଲେ, ସେସମୟରୁ ଆମ୍ଭେମାନେ କେତେ ଦୂରରେ ବର୍ତ୍ତମାନ ରହିଅଛୁ !

ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ ଗୋଟିଏ ବସ୍ତୁ ଲାଭ କରିବାକୁ ହେଲେ ଅନ୍ୟଟି ତ୍ୟାଗ କରିବାକୁ ହୁଏ । ମୁଁ ଯେତେବେଳେ ଆନ୍ତର ଜୀବନ କଥା କହେ, ସେତେବେଳେ ମୁଁ କୌଣସି ଆଧୁନିକ ବୈଜ୍ଞାନିକ ଉଦ୍ଭାବନର ଆଦୌ ବିରୋଧ କରେ ନାହିଁ । କିନ୍ତୁ ଏହିସବୁ ଉଦ୍ଭାବନ ଆମ୍ଭମାନଙ୍କୁ କିପରି କୃତ୍ରିମ ଓ ନିର୍ବୋଧ କରିଅଛି ! ପ୍ରକୃତ ସୌନ୍ଦର୍ଯ୍ୟଜ୍ଞାନ ଆମ୍ଭେମାନେ କେତେ ପରିମାଣରେ ହରାଇଛୁ, ଅଯଥା କେତେ ପ୍ରକାର ଅଭାବ ଦ୍ୱାରା ଆମ୍ଭେମାନେ ନିଜକୁ ଭାରାକ୍ରାନ୍ତ କରିଅଛୁ !

ସମ୍ଭବତଃ ବିବର୍ତ୍ତନର ସର୍ପିଳ ଗତିଧାରାରେ ଊର୍ଦ୍ଧ୍ୱକୁ କ୍ରମଶଃ ଉନ୍ନୀତ ହେବାର ସମୟ ବର୍ତ୍ତମାନ ଉପସ୍ଥିତ ଏବଂ ବର୍ତ୍ତମାନ ଆମ୍ଭେମାନେ ଜଡ଼ ପଦାର୍ଥର ସର୍ବବିଧ ଜ୍ଞାନ ସାହାଯ୍ୟରେ ଆମ୍ଭମାନଙ୍କର ଆଧ୍ୟାତ୍ମିକ ପ୍ରଗତିକୁ ଦୃଢ଼ପ୍ରତିଷ୍ଠ କରିପାରିବୁ । ପ୍ରକୃତିର ରହସ୍ୟାବଳୀର ଜ୍ଞାନ ବଳରେ ଆମ୍ଭେମାନେ ଦୁଇଟି ଚରମ ପ୍ରାନ୍ତକୁ ପରସ୍ପର ସଂଯୁକ୍ତ କରିପାରିବୁ, ଏବଂ ପ୍ରକୃତିର ଅଭ୍ୟନ୍ତରରେ ପରମ ସଦ୍‌ବସ୍ତୁର ପୁନରାବିଷ୍କାର କରିପାରିବୁ ।

(*କ୍ରମଶଃ*)

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ,
ପୃଷ୍ଠା : ୨୭ - ୩୨)

ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ

# ମାତୃମନ୍ଦିର ସମ୍ପର୍କରେ ଶ୍ରୀମା

ପୂର୍ଣ୍ଣତା ପାଇଁ ମଣିଷର ଯେଉଁ ଅଭୀପ୍ସା ରହିଛି, ଭଗବାନଙ୍କଠାରୁ ତାହାର ଉତ୍ତରର ଏକ ପ୍ରତୀକ ରୂପେ ମାତୃମନ୍ଦିର ଗଢ଼ି ଉଠିବ ।

ଏହା ହେବ ପ୍ରଗତିଶୀଳ ମାନବ-ଏକତା ଭିତରେ ଭାଗବତ ମିଳନର ଏକ ଅଭିବ୍ୟକ୍ତି ।

୧୪ ଅଗଷ୍ଟ, ୧୯୭୦

*

ମାତୃମନ୍ଦିର ହେବାକୁ ଚାହେଁ ଶ୍ରୀଅରବିନ୍ଦଙ୍କ ଶିକ୍ଷାନୁଯାୟୀ ଭାଗବତୀ ବିଶ୍ୱଜନନୀଙ୍କ ଏକ ପ୍ରତୀକ ।

*

ମାତୃମନ୍ଦିର ହେବ ଅରୋଭିଲ୍‌ର ଆତ୍ମା ।

ଯେତେ ଶୀଘ୍ର ସେହି ଆତ୍ମା ସେଠାରେ ପ୍ରାଣପ୍ରତିଷ୍ଠା ଲାଭକରି ବିରାଜିତ ହେବ, ସମସ୍ତଙ୍କ ପାଇଁ, ବିଶେଷ କରି ଅରୋଭିଲ୍‌ବାସୀମାନଙ୍କ ପାଇଁ ତାହା ହେବ ସେତେ ମଙ୍ଗଳପ୍ରଦ ।

*

(ମାତୃମନ୍ଦିର ଭିତ୍ତିସ୍ଥାପନର ଶିଳାନ୍ୟାସ ଉପଲକ୍ଷେ ଶ୍ରୀମାଙ୍କ ବାର୍ତ୍ତା ।)

ମାତୃମନ୍ଦିର ହୋଇଉଠୁ ଭଗବାନଙ୍କ ପାଇଁ ଅରୋଭିଲ୍‌ର ଅଭୀପ୍ସାର ଏକ ଜୀବନ୍ତ ପ୍ରତୀକ ।

୨୧ ଫେବ୍ରୁଆରୀ, ୧୯୭୧

*

(ମାତୃମନ୍ଦିର କାର୍ଯ୍ୟାରମ୍ଭ ଉପଲକ୍ଷେ ବାର୍ତ୍ତା)

ସହଯୋଗିତାର ଭ୍ରାତୃତ୍ୱ ।

ଆଲୋକ ଓ ଆନନ୍ଦରେ ଦିବ୍ୟ ଏକତା ପାଇଁ ଅଭୀପ୍ସା ।

୧୪ ମାର୍ଚ୍ଚ, ୧୯୭୧ ଆଶୀର୍ବାଦ ।

*

ମାତୃମନ୍ଦିର ପ୍ରତ୍ୟକ୍ଷ ଭାବରେ ସିଧାସଳଖ ଭଗବତ୍ ପ୍ରଭାବର ଅଧୀନ ହୋଇ ରହିଛି ଏବଂ ଆମେ ନିଜ ଚେଷ୍ଟାରେ ଯାହା କରିପାରନ୍ତୁ ସେ ତା'ଠାରୁ ଅନେକ ଅଧିକ ଉତ୍ତମ ଭାବରେ ସବୁକିଛିର ଆୟୋଜନ ଓ ବ୍ୟବସ୍ଥା କରିବେ ।

ଅକ୍ଟୋବର ୧୯୭୧

*

(ମାତୃମନ୍ଦିରର ଚାରିଟି ଭିତ୍ତିସ୍ତମ୍ଭ ନିର୍ମାଣର କାର୍ଯ୍ୟାରମ୍ଭ ଉପଲକ୍ଷେ ବାର୍ତ୍ତା)

ଅରୋଭିଲ୍ ହୋଇଉଠୁ ଏକ ବିକାଶଶୀଳ ଦିବ୍ୟ-ଏକତାର ପ୍ରତୀକ ।

ଏବଂ ଏହାକୁ ସଫଳ ଓ ସାର୍ଥକ କରିବା ପାଇଁ ସର୍ବୋତ୍ତମ ପନ୍ଥା ହେଲା ସମଗ୍ର ଜୀବନକୁ ଏ ଦିଗରେ ଉତ୍ସର୍ଗ କରି କର୍ମ, ଆବେଗ ଓ ଅନୁଭୂତି ଭିତରେ ଭଗବତ୍ ପୂର୍ଣ୍ଣତା ପାଇଁ ଅଭୀପ୍ସାର ଐକ୍ୟ ସାଧନ ।

୨୧ ଫେବ୍ରୁଆରୀ, ୧୯୭୧

*

(ଚାରିଟି ସ୍ତମ୍ଭର ତାତ୍ପର୍ଯ୍ୟ)

ଦକ୍ଷିଣ ଦିଗର ସ୍ତମ୍ଭ — ମହେଶ୍ୱରୀ

ଉତ୍ତର ଦିଗର ସ୍ତମ୍ଭ — ମହାକାଳୀ

ପୂର୍ବ ଦିଗର ସ୍ତମ୍ଭ — ମହାଲକ୍ଷ୍ମୀ

ପଶ୍ଚିମ ଦିଗର ସ୍ତମ୍ଭ — ମହାସରସ୍ୱତୀ ।

*

(ମାତୃମନ୍ଦିରର ଭିତ୍ତି ଚଟାଣର କଂକ୍ରିଟ୍ କାମ ଉପଲକ୍ଷେ ବାର୍ତ୍ତା)

ଆସ ଆମେ ସମସ୍ତେ ଭଗବତ୍ ସତ୍ୟର ଅଭିବ୍ୟକ୍ତି ପାଇଁ ଏକ କ୍ରମବର୍ଦ୍ଧିଷ୍ଣୁ ଆନ୍ତରିକତା ନେଇ କାମ କରିବା ।

୩ ମେ, ୧୯୭୨

*

(ମାତୃମନ୍ଦିରର ଭିତ୍ତିରୁ ଆଲୋକ ବିକିରଣ କରୁଥିବା ବାରଟି ଭୂତଳ-ପ୍ରକୋଷ୍ଠର ତାତ୍ପର୍ଯ୍ୟ)

ଆନ୍ତରିକତା, ବିନମ୍ରତା, କୃତଜ୍ଞତା, ଅଧ୍ୟବସାୟ, ଅଭୀପ୍ସା, ଗ୍ରହଣଶୀଳତା, ପ୍ରଗତି, ସାହସ, ଉତ୍ତମଭାବ, ଉଦାରତା, ସମତା ଓ ଶାନ୍ତି ।

*

(ମାତୃମନ୍ଦିରକୁ ବେଷ୍ଟନ କରିଥିବା ବାରଟି ଉଦ୍ୟାନର ତାତ୍ପର୍ଯ୍ୟ)

ସତ୍, ଚିତ୍, ଆନନ୍ଦ, ଆଲୋକ, ଜୀବନ, ଶକ୍ତି, ସମ୍ପଦ, ଉପଯୋଗିତା, ପ୍ରଗତି, ତାରୁଣ୍ୟ, ସୌଷମ୍ୟ, ପୂର୍ଣ୍ଣତା ।

# ଅରୋଭିଲ୍‌ର ଲକ୍ଷ୍ୟ ଓ ଆଦର୍ଶ

**ଶ୍ରୀମା**

ଅରୋଭିଲ୍ ଏକ ବିଶ୍ୱନଗରୀ ହେବାକୁ ଚାହେଁ, ଯେଉଁଠାରେ ସକଳ ଦେଶର ନରନାରୀ ବିଭିନ୍ନ ଧର୍ମମତ, ରାଜନୀତି ତଥା ଜାତିଗତ ପାର୍ଥକ୍ୟର ଉର୍ଦ୍ଧ୍ୱରେ ଶାନ୍ତି ଓ ସଂଗତି ସହିତ ବାସ କରି ପାରିବେ ।

ଅରୋଭିଲ୍‌ର ଉଦ୍ଦେଶ୍ୟ ହେଉଛି ମାନବ-ଏକତାର ଉପଲବ୍ଧି ।

*୮ ସେପ୍ଟେମ୍ବର, ୧୯୬୫*

ମାନବସମାଜକୁ ପାର୍ଥିବ ସୃଷ୍ଟିର ସର୍ବଶେଷ ସୋପାନ ବୋଲି କୁହାଯାଇ ପାରିବ ନାହିଁ । ବିବର୍ତ୍ତନ ଚାଲିଛି ଏବଂ ତାହା ମନୁଷ୍ୟର ଏହି ସ୍ତରଟିକୁ ମଧ୍ୟ ଅତିକ୍ରମ କରିଯିବ । ଏହି ନୂତନ ଜୀବ-ନମୁନାର ଆଗମନ ପ୍ରକ୍ରିୟାରେ ସେ ପ୍ରକୃତରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା କରୁଛି କି ନାହିଁ, ସେକଥା ଜାଣିବା ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ।

ଏହି ପୃଥିବୀ ବର୍ତ୍ତମାନ ଯେପରି ଅଛି, ଯେଉଁମାନେ ତହିଁରେହିଁ ସନ୍ତୁଷ୍ଟ ଅଛନ୍ତି, ଏହା ସ୍ୱଷ୍ଟ ଯେ ସେମାନଙ୍କ ସକାଶେ ଅରୋଭିଲ୍‌ର ଅସ୍ତିତ୍ୱର କୌଣସି କାରଣ ନାହିଁ ।

*ଅଗଷ୍ଟ, ୧୯୬୬*

ସକଳ ସମାଜଗତ, ରାଜନୈତିକ ଓ ଧର୍ମଗତ ଦୃଢ଼ ବିଶ୍ୱାସକୁ ଅତିକ୍ରମ କରି ଅରୋଭିଲ୍ ପରମ ସତ୍ୟର ସେବା କରିବା ଉଚିତ ।

ଅରୋଭିଲ୍ ହେଉଛି ଆନ୍ତରିକତା ଓ ପରମ ସତ୍ୟଙ୍କ ଭିତ୍ତିରେ ଶାନ୍ତି ଦିଗରେ ଏକ ପ୍ରଚେଷ୍ଟା ।

*୨୦ ସେପ୍ଟେମ୍ବର, ୧୯୬୬*

## ଅରୋଭିଲ୍‌ରେ ବାସ କରିବାର ସର୍ତ୍ତାବଳୀ

ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ଆବଶ୍ୟକ ସର୍ତ୍ତଗୁଡ଼ିକ ହେଉଛି :

(୧) ମାନବଜାତିର ଅପରିହାର୍ଯ୍ୟ ଏକତା ସମ୍ବନ୍ଧେ ଦୃଢ଼ବିଶ୍ୱାସ ରଖିବା ଏବଂ ସେହି ଏକତା ଯେପରି ବାସ୍ତବତଃ ସମ୍ଭବ ହୋଇପାରିବ ସେଥିପାଇଁ ସହଯୋଗ କରିବା ସକାଶେ ସଂକଳ୍ପ କରିବା ।

(୨) ଭବିଷ୍ୟତ୍ ଉପଲବ୍ଧିସକଳର ଉନ୍ନତି ସାଧନ ଦିଗରେ ଯାହାକିଛି ସହାୟକ ହୁଏ, ସେସବୁରେ ସହଯୋଗ କରିବା ନିମିତ୍ତ ସଂକଳ୍ପବଦ୍ଧ ହେବା । ସେହି ଉପଲବ୍ଧିରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଭୌତିକ ସର୍ତ୍ତଗୁଡ଼ିକ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ ।

*୧୯ ଜୁନ୍, ୧୯୬୭*


ନବଜ୍ୟୋତି

ଅରୋଭିଲ୍‌ର ଲକ୍ଷ୍ୟ
ଏକ ଫଳପ୍ରଦ ମାନବ-ଏକତା,
ପୃଥିବୀପୃଷ୍ଠରେ ଶାନ୍ତି ।

ଅରୋଭିଲ୍ ହେଉଛି ପରମ ସତ୍ୟର ସେବାରେ
ନିୟୋଜିତ ଏକ ସହର ।

*୨୮ ଫେବ୍ରୁଆରୀ, ୧୯୬୮*

## ଅରୋଭିଲ୍‌ର ପ୍ରତୀକ



କେନ୍ଦ୍ରସ୍ଥ ବିନ୍ଦୁଟି ଏକତାର, ପରମ ଦିବ୍ୟସତ୍ତାଙ୍କର ପ୍ରତିନିଧିତ୍ୱ କରେ; ଭିତରର ବୃତ୍ତଟି ସୃଷ୍ଟିର, ଅରୋଭିଲ ନଗରୀ ସମ୍ବନ୍ଧେ ଯୋଜନାର ପ୍ରତିନିଧିତ୍ୱ କରେ; ପାଖୁଡ଼ାଗୁଡ଼ିକ ଅଭିବ୍ୟକ୍ତି-ସାମର୍ଥ୍ୟର, ଉପଲବ୍ଧିର ପ୍ରତିନିଧିତ୍ୱ କରେ ।

*୧୬ ଅଗଷ୍ଟ, ୧୯୭୧* — ଶ୍ରୀମା

# ଅରୋଭିଲ୍ ଏବଂ ଅତିମାନସ ଅଭିବ୍ୟକ୍ତି

## ଶ୍ରୀମା

ଅରୋଭିଲ୍‌ର ଉଦ୍ଦେଶ୍ୟ ହେଉଛି ପୃଥିବୀପୃଷ୍ଠରେ ଅତିମାନସ ସତ୍ତାର ଆଗମନୀକୁ ତ୍ୱରାନ୍ୱିତ କରିବା ।

ଯେଉଁମାନେ ଦେଖିପାରୁଛନ୍ତି ଯେ ଜଗତ୍ ଯେପରି ହେବା ଉଚିତ, ସେପରି ହୋଇପାରି ନାହିଁ, ସେହିମାନଙ୍କର ସହାୟତାକୁ ଆମେ ସ୍ୱାଗତ ଜଣାଉଛୁ ।

ପ୍ରତ୍ୟେକ ବ୍ୟକ୍ତି ଜାଣିରଖିବା ଆବଶ୍ୟକ ଯେ ସେ ମୃତ୍ୟୁ ନିମିତ୍ତ ପ୍ରସ୍ତୁତ ଏକ ପୁରାତନ ଜଗତ୍ ସହିତ ସହଯୋଗ କରିବାକୁ ନା ଜନ୍ମ ନେବାକୁ ପ୍ରସ୍ତୁତ ହେଉଥିବା ଏକ ନୂତନ ତଥା ମହତ୍ତର ଜଗତ୍ ନିମିତ୍ତ କାର୍ଯ୍ୟ କରିବା ପାଇଁ ଚାହେଁ ।

(୧ ଫେବ୍ରୁଆରୀ, ୧୯୭୨)

*

ନିମ୍ନ ପ୍ରକୃତିର ସମସ୍ତ ଆବେଗକୁ ଅନୁସରଣ କରି ଚାଲିବା ନିଶ୍ଚିତ ଭାବେ ଅତିମାନସ ପନ୍ଥା ନୁହେଁ ଏବଂ ଏଠାରେ (ଅରୋଭିଲ୍‌ରେ) ସେଥିନିମିତ୍ତ କୌଣସି ସ୍ଥାନ ନାହିଁ ।

ଆମେ ଯାହା ଚାହୁଁ, ତାହା ହେଲା ଅତିମାନସର ଆଗମନୀକୁ ତ୍ୱରାନ୍ୱିତ କରିବା, କିନ୍ତୁ କାମନା ଓ ଆବେଗରେ ପରିପୂର୍ଣ୍ଣ ଏକ ମାନବ ସମାଜର ଅସୁନ୍ଦର ଅବସ୍ଥାରେ ପତିତ ହେବାକୁ ଆଦୌ ନୁହେଁ ।

(୧୦ ଜୁଲାଇ, ୧୯୭୨)

*

ଅରୋଭିଲ୍ ସୃଷ୍ଟ ହୋଇଛି ଏକ ପ୍ରଗତିଶୀଳ ଉଚ୍ଚତର ମାନବଜାତି ନିମିତ୍ତ, ଏକ ନୀଚତର ମାନବଜାତି ଯାହା ତାହାର ପ୍ରବୃତ୍ତି ଦ୍ୱାରା ଶାସିତ ଏବଂ କାମନା ଦ୍ୱାରା କବଳିତ, ସେଥି ନିମିତ୍ତ ନୁହେଁ । ଯେଉଁମାନେ ନୀଚତର ବା ପଶୁପ୍ରକୃତି ବିଶିଷ୍ଟ ମାନବଜାତିର ଅନ୍ତର୍ଭୁକ୍ତ, ଏଠାରେ (ଅରୋଭିଲ୍‌ରେ) ସେମାନଙ୍କର ସ୍ଥାନ ନାହିଁ ।

ଯେଉଁମାନେ ଅତିମାନସ ନିମିତ୍ତ ଅଭୀପ୍ସୁ ଏବଂ ସେଠାରେ ପହଞ୍ଚିବା ନିମିତ୍ତ ସଚେଷ୍ଟ, ସେହିମାନଙ୍କ ନିମିତ୍ତହିଁ ଅରୋଭିଲ୍ ।

(୧ ଡିସେମ୍ବର, ୧୯୭୨)

*

ପ୍ରତ୍ୟେକ ବ୍ୟକ୍ତିକୁ ଉନ୍ନତି କରିବାକୁ ହେବ ତଥା ଅଧିକତର ଏକନିଷ୍ଠ ହେବାକୁ ହେବ ।

ଅରୋଭିଲ୍ ସୃଷ୍ଟ ହୋଇଛି – ସକଳ ଅହଂ ଓ ସେସବୁର ଲୋଭ-ତୁଷ୍ଟି ନିମିତ୍ତ ନୁହେଁ, କିନ୍ତୁ ଏକ ନୂତନ ଅତିମାନସ ଜଗତର ସୃଷ୍ଟି ନିମିତ୍ତ ଯାହା ଅଭିବ୍ୟକ୍ତ କରିବ ଦିବ୍ୟପୂର୍ଣ୍ଣତାକୁ ।

(୧୨ ଡିସେମ୍ବର, ୧୯୭୨)

*

ଅରୋଭିଲ୍ ସୃଷ୍ଟି କରାଯାଇଛି ଏକ ଉଚ୍ଚତର ମାନବଜାତି ନିମିତ୍ତ, ସେହିମାନଙ୍କ ନିମିତ୍ତ ଯେଉଁମାନେ ସେମାନଙ୍କ ଅହଂକୁ ଅତିକ୍ରମ କରିବାକୁ ଏବଂ ସମସ୍ତ କାମନା-ବାସନାକୁ ତ୍ୟାଗ କରିବାକୁ ଚାହାନ୍ତି ଯାହା ଫଳରେ ସେମାନେ ଅତିମାନସକୁ ଗ୍ରହଣ କରିବା ନିମିତ୍ତ ନିଜକୁ ପ୍ରସ୍ତୁତ କରିପାରିବେ । କେବଳ ସେହିମାନେହିଁ ଯଥାର୍ଥ ଅରୋଭିଲ୍‌ବାସୀ ।

ଯେଉଁମାନେ ସେମାନଙ୍କ ଅହଂର କଥାମାନି ଚଳିବାକୁ ଏବଂ ସମସ୍ତ କାମନା-ବାସନାକୁ ତୁଷ୍ଟ କରିବାକୁ ଚାହାନ୍ତି, ସେମାନେ ଏକ ନିମ୍ନମାନ ମାନବଜାତିର ଅନ୍ତର୍ଭୁକ୍ତ ଏବଂ ସେମାନଙ୍କ ପାଇଁ ଏଠାରେ (ଅରୋଭିଲ୍‌ରେ) ସ୍ଥାନ ନାହିଁ । ସେମାନେ ସେହି ସାଧାରଣ ଜଗତକୁ, ଯାହାକି ସେମାନଙ୍କ ସକାଶେ ଯଥାର୍ଥ ସ୍ଥାନ, ଫେରିଯିବା ଆବଶ୍ୟକ ।

(୧୮ ଡିସେମ୍ବର, ୧୯୭୨)

# ଏକ ନୂତନ ସ୍ୱର୍ଗ ଓ ଏକ ନୂତନ ପୃଥିବୀ

## [ଅତିମାନସ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଏକ ପତ୍ର]

ମୁଁ ଯେପରି କହିଛି ଯେ ପାର୍ଥିବ ଚେତନାରେ ଏକ ନୂତନ ଅତିମାନସ ତତ୍ତ୍ୱର ଆବିର୍ଭାବ ଓ ଅଭିବ୍ୟକ୍ତି ହେଲେ ଏବଂ ମନ, ପ୍ରାଣ ଓ ଜଡ଼ ଏଠାରେ ନିଜକୁ ଯେପରି ସଙ୍ଗଠିତ କରିଛନ୍ତି, ଅତିମାନସ ସେହିପରି ନିଜକୁ ଏଠାରେ ସଙ୍ଗଠିତ କଲେ – କାର୍ଯ୍ୟତଃ ଏହି ଆବିର୍ଭାବର ଅର୍ଥ ତାହାହିଁ ହେବ – ତାହାର ଫଳାଫଳ କ'ଣ ହେବ ସେସମ୍ପର୍କରେ କୌଣସି ଅନୁମାନ କରିବା ହେବ ଟିକିଏ ବିପଜ୍ଜନକ ଓ ଅକାଳପକ୍ୱ। କାରଣ ଆମେ ଏହିସବୁ ଅନୁମାନ ମନ ଦ୍ୱାରା କରିବାକୁ ବାଧ ଏବଂ ମନର ଊର୍ଦ୍ଧ୍ୱରେ ଯେଉଁ ସତ୍ୟ ରହିଛି ତାହାର କ୍ରିୟାକଳାପ ସମ୍ପର୍କରେ କୌଣସି ଭବିଷ୍ୟତ୍ ବୟାନ ଦେବାର ସାମର୍ଥ୍ୟ ମନର ନାହିଁ – ଠିକ୍ ଯେପରି କେବଳ ପଶୁସ୍ତରୀୟ ବା ପ୍ରାଣିକ ଦୃଷ୍ଟି ପକ୍ଷେ ଏଠାରେ ମନ ଓ ମନପ୍ରଧାନ ଜାତିର କ୍ରିୟାକଳାପ ସମ୍ପର୍କରେ କୌଣସି ଭବିଷ୍ୟତ୍ କଳ୍ପନା କରିବା ଅସମ୍ଭବ ହୋଇଥା'ନ୍ତା। ଅତିମାନସ ହେଉଛି ଚେତନାର ସମ୍ପୂର୍ଣ୍ଣ ଭିନ୍ନ ଏକ ବିନ୍ୟାସ, ଯାହାକି ମାନସିକ ଚେତନାଠାରୁ ବହୁ ଦୂରରେ ଏବଂ ପ୍ରକୃତିରେ ମାନବୀୟ ମନ ଓ ଅତିମାନସ ଭିତରେ ଉଚ୍ଚତର ଚେତନାର ଅନେକଗୁଡ଼ିଏ କ୍ରମିକ ସ୍ତରବିନ୍ୟାସ ରହିଛି। ଯଦି ପୃଥିବୀ ଏକ କ୍ରମପରିଣାମମୂଳକ ବା ବିବର୍ତ୍ତନମୂଳକ ଜଗତ୍ ନହୋଇ ଗୋଟିଏ ନିର୍ଦ୍ଦିଷ୍ଟ ଢାଞ୍ଚାର ଜଗତ୍ ହୋଇଥା'ନ୍ତା, ତା'ହେଲେ ଏପରି ଭବିଷ୍ୟତ୍ ବାଣୀ କରାଯାଇ ପାରନ୍ତା ଯେ ଏକ ଉଚ୍ଚତର ନମୁନାର ଚେତନା ଅବତରଣ କରିଲେ ତାହା ବର୍ତ୍ତମାନ ରହିଥିବା ଚେତନାକୁ ଆତ୍ମସାତ୍ କରିନେବ ବା ଉଚ୍ଛେଦ କରିଦେବ। ଏହା ଫଳରେ ଅଜ୍ଞାନର ପରିସମାପ୍ତି ଘଟନ୍ତା ଏବଂ ଅଜ୍ଞାନ ନିର୍ମିତ ସୃଷ୍ଟି ମଧ୍ୟ ଅନ୍ତର୍ହିତ ହୋଇ ଯାଆନ୍ତା ଅନ୍ୟ ଏକ ରୂପରେ ପରିବର୍ତ୍ତିତ ହେବା ଦ୍ୱାରା ବା ତାହାକୁ ଉଚ୍ଛେଦ କରି ତାହା ସ୍ଥାନରେ ଅନ୍ୟ ଏକ ନିର୍ମାଣର ରୂପାୟଣ ଦ୍ୱାରା। ମଣିଷର ମନୋମୟ ଜଗତ୍ ରୂପାନ୍ତରିତ ହୁଅନ୍ତା ଅତିମାନସରେ ଏବଂ ସେହି ବିବର୍ତ୍ତନ ରହିତ ନମୁନାର ଜଗତରେ ଯଦି ପ୍ରାଣିକ ଅର୍ଦ୍ଧମାନବ ଚେତନା ରହିଥାଆନ୍ତା, ତା'ହେଲେ ତାହା ମଧ୍ୟ ଅତିମାନସରେ ରୂପାନ୍ତରିତ ହୋଇଯାଆନ୍ତା। କିନ୍ତୁ ଯେହେତୁ ପୃଥିବୀ ଏକ ବିବର୍ତ୍ତନ ବା କ୍ରମପରିଣାମର ଜଗତ୍, ଅତିମାନସ ଅବତରଣର ପରିଣତି ଏପରି ସମ୍ପୂର୍ଣ୍ଣ ସର୍ବଗ୍ରାସୀ ହେବାର ସମ୍ଭାବନା ନାହିଁ। ଏହା ହେବ କେବଳ ଚେତନାର ଏକ ନୂତନ ତତ୍ତ୍ୱର ଓ ସଚେତ ସତ୍ତାମାନଙ୍କର ଏକ ନୂତନ ବ୍ୟବସ୍ଥାକ୍ରମର ପ୍ରତିଷ୍ଠା। ଏହି ନୂତନ ତତ୍ତ୍ୱହିଁ ଜାଗତିକ ବିଧିବ୍ୟବସ୍ଥାରେ ତା'ର ନିଜସ୍ୱ ରୂପ ଓ ଶକ୍ତିକୁ ବିବର୍ତ୍ତିତ କରିବ।

ଏପରିକି ସମଗ୍ର ମାନବସମାଜ ତତ୍କ୍ଷଣାତ୍ ପୂରାପୂରି ଅତିମାନସରେ ରୂପାନ୍ତରିତ ହୋଇଯିବ ନାହିଁ ବା ସେପରି ହେବାର କୌଣସି ପ୍ରୟୋଜନ ନାହିଁ। କିନ୍ତୁ ତହିଁ ସଙ୍ଗେ ସଙ୍ଗେ ପୃଥିବୀରେ ଅତିମାନସ ସୃଷ୍ଟିର ଆରମ୍ଭ ପାର୍ଥିବ ଜୀବନର ବାକିସବୁ ଅଂଶ ଉପରେ ଏକ ଶକ୍ତିଶାଳୀ ପ୍ରଭାବ ପକାଇବାକୁ ବାଧ। ମଣିଷସମାଜ ଉପରେ ଏହାର ପ୍ରଥମ ପ୍ରଭାବ ହେବ ସତ୍ୟ ଜ୍ୟୋତିଃର ବ୍ୟବସ୍ଥାକ୍ରମ ଏବଂ ଅଜ୍ଞାନର ବ୍ୟବସ୍ଥାକ୍ରମସବୁ ଭିତରେ ସ୍ୱୟଂ ଏହି ପୃଥିବୀପୃଷ୍ଠରେହିଁ ଏକ ପଥ ଖୋଲିଦେବା। ଏହା ହେବ ଉପଲବ୍ଧିର ଏକ କ୍ରମବିନ୍ୟାସ ଯାହା ଫଳରେ ମନପ୍ରଧାନ ମାନବ ପକ୍ଷେ ଅଜ୍ଞାନରୁ ଦିବ୍ୟ-ଆଲୋକ ଦିଗରେ ଅଧିକ ସହଜ ଓ ନିଶ୍ଚିତଭାବେ ବିବର୍ତ୍ତିତ ହେବା ସମ୍ଭବ ହେବ ଏବଂ ସେ ଯେତେ ଯେତେ ଆଗେଇ ଯାଉଥିବ ସେହି ପଥର ପଦକ୍ଷେପ ଓ ସୋପାନ ଅନୁଯାୟୀ ନିଜର ଅସ୍ତିତ୍ୱକୁ ସଙ୍ଗଠିତ କରିଦେଇ ପାରୁଥିବ। କାରଣ ବର୍ତ୍ତମାନ ମନ ଓ ଅତିମାନସ ଭିତରେ ଥିବା ଚେତନାର କ୍ରମବିନ୍ୟସ୍ତ ସ୍ତରସବୁ ମଣିଷର ମନ ଓ ଚେତନା ଉପରେ କେବଳ ଏକ ପ୍ରଭାବ ଆକାରରେହିଁ କ୍ରିୟା କରେ (ଏଥି ମଧ୍ୟରୁ ସର୍ବୋଚ୍ଚ ସ୍ତରଟିର ପ୍ରଭାବ ଅତ୍ୟନ୍ତ ପରୋକ୍ଷ), ଏହା ଅପେକ୍ଷା ତାହା ଅଧିକ କିଛି କରିପାରିବ ନାହିଁ। କିନ୍ତୁ ଏହି କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆସିପାରେ। ଏକ ସଙ୍ଗଠିତ ଉଚ୍ଚତର ମାନବ ଚେତନାର ବା ତା'ର ବିଭିନ୍ନ ମାତ୍ରାର ଆବିର୍ଭାବ ହୋଇପାରେ, ଯେତେବେଳେ କି ଅତିମାନସ ସଙ୍ଗଠିତ ଚେତନା ନେତା ରୂପେ ସବା ଉପରେ ରହି ଅନ୍ୟଗୁଡ଼ିକୁ ପ୍ରଭାବିତ କରିବ ଏବଂ ସେମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବ। ଖୁବ୍ ସମ୍ଭବ ଏପରି ହୋଇପାରେ ଯେ ଅତିମାନସ ତତ୍ତ୍ୱ ନିଜକୁ ଯେତିକି ବିବର୍ତ୍ତିତ କରୁଥିବ, ସ୍ୱୟଂ ବିବର୍ତ୍ତନ ମଧ୍ୟ ଅଧିକରୁ ଅଧିକ ଅନ୍ୟ ଏକ ବିଭାବକୁ ରୂପାୟିତ

କରିବ – ସେତେବେଳେ ଦିବ୍ୟ ପ୍ରକୃତି ଅଧିକାଧିକ ଭାବେ ନିଜର କର୍ତ୍ତୃତ୍ୱ ବିସ୍ତାର କରିବ ଏବଂ ଅସୁର-ରାକ୍ଷସ-ପୈଶାଚିକ ପ୍ରକୃତି ଯାହାକି ବର୍ତ୍ତମାନ ଏତେ ବିରାଟ ସ୍ଥାନ ମାଡ଼ି ବସିଛି ତାହା ଅଧିକରୁ ଅଧିକ ପଛକୁ ହଟିଯିବ ଓ ନିଜର କ୍ଷମତା ହରାଇବ । ସର୍ବତ୍ର ଏକ ଅଧିକତର ଐକ୍ୟ, ସୌଷମ୍ୟ ଓ ଆଲୋକର ତତ୍ତ୍ୱ ପ୍ରକଟିତ ହେବ । ଏହା ନୁହେଁ ଯେ ଅଜ୍ଞାନର ସୃଷ୍ଟି ପୂରାପୂରି ଲୋପ ପାଇଯିବ, କିନ୍ତୁ ଏହା ନିଜର ଦୁଃଖ ଯନ୍ତ୍ରଣା ଓ ମିଥ୍ୟାଚାରର ଉପାଦାନଗୁଡ଼ିକୁ ଅନେକାଂଶରେ ହରାଇବାକୁ ଆରମ୍ଭ କରିବ । ଏବଂ ଆମେ ବର୍ତ୍ତମାନ ଅରାଜକତା ଓ ସଂଘର୍ଷର, ଅନ୍ଧକାର ଓ ବିଭ୍ରାନ୍ତିର ଯେଉଁ ରାଜୁତି ଦେଖୁଛୁ ତା' ପରିବର୍ତ୍ତେ ଅଧିକତର ଭାବରେ ଏହା ହେବ ସ୍ୱଳ୍ପତର ସତ୍ୟରୁ ଉଚ୍ଚତର ସତ୍ୟ ଦିଗରେ, ସ୍ୱଳ୍ପତର ସୌଷମ୍ୟରୁ ଉଚ୍ଚତର ସୌଷମ୍ୟ ଦିଗରେ ଏବଂ ସ୍ୱଳ୍ପତର ଆଲୋକରୁ ଉଚ୍ଚତର ଆଲୋକ ଦିଗରେ ଏକ ଅଗ୍ରଗତି । କାରଣ ସମସ୍ତ ଗୁହ୍ୟ ବିଦ୍ୟାର ଶିକ୍ଷା ଅନୁସାରେ ବିବର୍ତ୍ତନମୂଳକ ଏହି ସୃଷ୍ଟି ଠିକ୍ ଏହି ଭାବରେହିଁ ଅଗ୍ରଗତି କରିପାରି ଥା'ନ୍ତା । କିନ୍ତୁ ଅନ୍ଧକାର ଶକ୍ତିମାନଙ୍କର ହସ୍ତକ୍ଷେପ ଫଳରେ ତାହା ସେପରି ହୋଇପାରିଲା ନାହିଁ – ବେଦ ଓ ଉପନିଷଦ୍ ସମେତ ସମସ୍ତ ପରମ୍ପରା ନାନା ଦୃଷ୍ଟାନ୍ତ ଦେଇ ସେଇ ଗୋଟିଏ କଥାହିଁ ସୂଚାଇଛନ୍ତି । ଉପନିଷଦ୍‌ରେ ସେହିସବୁ ଦୈତ୍ୟମାନଙ୍କ କଥା କୁହାଯାଇଛି, ଯେଉଁମାନେ ମନ୍ଦକୁ ଅସ୍ତ୍ର ରୂପେ ବ୍ୟବହାର କରି ଦେବତାମାନଙ୍କର ସମସ୍ତ ସୃଷ୍ଟି ଉପରେ ପ୍ରଚଣ୍ଡ ଆଘାତ ଆଣନ୍ତି । ଜୋରାଷ୍ଟ୍ରିଆନ୍ ଶିକ୍ଷାରେ ମଧ୍ୟ ଅହୁର ମଜ୍‌ଦାଙ୍କ କର୍ମକୁ ନଷ୍ଟ କରିବା ପାଇଁ ଆର୍ହିମାନ୍ ଆଗେଇ ଆସନ୍ତି, କ୍ୟାଲ୍‌ଡିଆନ୍ ଧର୍ମରେ ମଧ୍ୟ ଏହିପରି ବିଭିନ୍ନ ପ୍ରତୀକକୁ ବ୍ୟବହାର କରାଯାଇଛି । କିନ୍ତୁ ସବୁକ୍ଷେତ୍ରରେ ତାତ୍ପର୍ଯ୍ୟଟି ସେହି ସମାନ; ଏପରି ଅପଶକ୍ତିମାନଙ୍କ ବିଷୟରେ କୁହାଯାଇଛି ଯେଉଁମାନେ ସୃଷ୍ଟିର ସୌଷମ୍ୟପୂର୍ଣ୍ଣ ବିକାଶକୁ ବ୍ୟାହତ କରିବା ପାଇଁ ଏବଂ ଅନ୍ଧକାର ଓ ବିଶୃଙ୍ଖଳାର ତତ୍ତ୍ୱକୁ କାର୍ଯ୍ୟକାରୀ କରିବା ପାଇଁ ବରାବର ତତ୍ପର ହୋଇ ରହିଛନ୍ତି । ଗୁହ୍ୟବିଦ୍ୟା ପରମ୍ପରା ମଧ୍ୟ ସ୍ୱୀୟ ଭବିଷ୍ୟ ଦୃଷ୍ଟିରେ ଏହି ବିଭ୍ରାଟକାରୀ ଶକ୍ତି ଓ ଉପାଦାନଗୁଡ଼ିକର ବିନାଶ ଓ ପୃଥିବୀ ଉପରେ ଏକ ଭଗବତ୍ ତତ୍ତ୍ୱ ବା କ୍ଷମତାର ଅବତରଣକୁ ସୂଚିତ କରିଛି । ଅବଶ୍ୟ ସାଧାରଣତଃ ସେମାନେ ଏହା ହଠାତ୍ ଓ ନାଟକୀୟ ରୂପରେ ଘଟିବ ବୋଲି ଧରି ନେଇଛନ୍ତି । ମୁଁ ମନେ କରୁଛି ଅତିମାନସ ଅବତରଣ ସେହି ଘଟନାଟିକୁହିଁ ଘଟାଇବ ଅନ୍ଧକାରର କ୍ରମବିଲୋପ ଓ ଦିବ୍ୟ-ଆଲୋକର କ୍ରମବିକାଶ ଦ୍ୱାରା । କିନ୍ତୁ ଏହି କାର୍ଯ୍ୟଟି ଦ୍ରୁତତାର କେଉଁ ବେଗ ନେଇ ଆଗେଇ ଚାଲିବ ସେ ସମ୍ପର୍କରେ କୌଣସି ଭବିଷ୍ୟ ବାଣୀ ବା ପୂର୍ବ ସୂଚନା ପାଇଁ ଚେଷ୍ଟା କରିବା ହେବ ଏକ ବିବେଚନାହୀନ କାର୍ଯ୍ୟ ।

ଏହା ଏକ ଅତ୍ୟନ୍ତ ସାଧାରଣ ବିବୃତି, କିନ୍ତୁ ତୁମର ପ୍ରଥମ ପ୍ରଶ୍ନର ଉତ୍ତର ହିସାବରେ ଏହା ଯଥେଷ୍ଟ । ତେବେ ତହିଁରେ କେବଳ ଏତିକି ଯୋଗ କରିବା ପ୍ରୟୋଜନ ଯେ ଉଚ୍ଚତର ଦିବ୍ୟ ସତ୍ୟାଲୋକର ଏହି ଅତିମାନସ ସୃଷ୍ଟି ବିବର୍ତ୍ତନଧର୍ମୀ ଏକ ସୃଷ୍ଟି ହେବାରେ କୌଣସି ବାଧା ନାହିଁ । ସବୁଦିନ ପାଇଁ ଚୂଡାନ୍ତଭାବେ ଧାର୍ଯ୍ୟ ହୋଇଯାଇଥିବା ଗୋଟିଏ ପ୍ରକାର ନମୁନାର ଏକ ସ୍ଥିରୀକୃତ ସୃଷ୍ଟି ନହୋଇ ବହୁବିଧ ବୈଚିତ୍ର୍ୟ ଭିତରେ ଦିବ୍ୟସତ୍ୟ ଓ ସୌଷମ୍ୟର ଏହା ଏକ ନିରବଚ୍ଛିନ୍ନ ପ୍ରସ୍ଫୁଟନର ସୃଷ୍ଟି ହେବାରେ କୌଣସି ବାଧା ନାହିଁ । ଯାହା ନିଷ୍ପତ୍ତିମୂଳକଭାବେ ଅବଧାରିତ, ତାହା ହେଉଛି ଗୋଧୂଳି ଆଲୋକ ଓ ଯଥାର୍ଥ ଦିବ୍ୟାଲୋକ ଭିତରେ ରହିଥିବା ସୀମା ରେଖାକୁ ଅତିକ୍ରମ କରିବା; ବିକାଶର ଭିତ୍ତିଭୂମିକୁ ଅଜ୍ଞାନର ଚେତନା ଭିତରୁ ସ୍ଥାନାନ୍ତରିତ କରି ସତ୍ୟଚେତନା ଭିତରକୁ ନେଇ ଆସିବା । ଏହି ସ୍ଥଳରେ ତାହାହିଁ ହେବ ଚୂଡ଼ାନ୍ତ । ଆଧ୍ୟାତ୍ମିକ ସତ୍ୟର ଏକ ଜଗତ୍ ଭିତରକୁ ଏହି ସଂକ୍ରମଣ ନିଜକୁ କେବଳ ସାର୍ଥକ କରି ପାରିବ ଯଦି ପ୍ରଥମତଃ ସମଗ୍ର ପାର୍ଥିବ ଚେତନା ପୂରାପୂରି ଅତିମାନସ ଭାବାପନ୍ନ ହୋଇଉଠେ ଓ ଦ୍ୱିତୀୟତଃ ତା'ପରେ ଯଦି ଏହିଠାରେହିଁ ସଚ୍ଚିଦାନନ୍ଦର ସେହିସବୁ ଜଗତର ତତ୍ତ୍ୱ ଉପଲବ୍ଧ ହେବାର ପର୍ଯ୍ୟାୟ ଆସେ ଯେଉଁଠି ସର୍ବ ଭିତରେ ସର୍ବଙ୍କର ଅନୁପ୍ରବେଶ ଫଳରେ ସମସ୍ତ ପ୍ରକାର ସ୍ଥିରୀକୃତ ନିର୍ଦ୍ଧାରଣ ଅନ୍ତର୍ହିତ ହୋଇଯାଏ । କିନ୍ତୁ ଏହି ଧରଣର ବିଚାର ହେବ ଭବିଷ୍ୟତ୍ ସମ୍ଭାବନାର ଅତ୍ୟଧିକ ସୁଦୂରକୁ ଦୃଷ୍ଟି ନିକ୍ଷେପ କରିବା । ସଂକ୍ଷେପରେ କୁହାଯାଇପାରେ ଯେ ଯଦି ଅତିମାନସ ତତ୍ତ୍ୱର ଅବତରଣ ଘଟେ ତେବେ ଏଠାରେ କୌଣସି ଅପାର୍ଥିବ ଅବସ୍ଥା ଭିତରେ ସ୍ୱର୍ଗର ପୁନଃ ସ୍ଥାପନା ନୁହେଁ, କିନ୍ତୁ ଏହା ହେବ ସ୍ୱୟଂ ଏହି ପାର୍ଥିବ ଚେତନା ଭିତରେ "ଏକ ନୂତନ ସ୍ୱର୍ଗ ଓ ଏକ ନୂତନ ପୃଥିବୀର ସୃଷ୍ଟି", ଏହା ହେବ ପାର୍ଥିବ ବ୍ୟବସ୍ଥାକ୍ରମରେ ପୂର୍ଣ୍ଣତା ଓ ରୂପାନ୍ତର ଆଣିଦେବା, ତାହାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେବା ନୁହେଁ ।

ଏହା ସ୍ପଷ୍ଟ ଯେ ଅତିମାନସ ତତ୍ତ୍ୱର ଆବିର୍ଭାବ ଫଳରେ

ଏଠାରେ ସୃଜନ ପଦ୍ଧତିରେ ବିପୁଳ ସଂଶୋଧନ ଓ ରୂପାନ୍ତର ଘଟିବ । ଏହାର ସୁନିର୍ଦ୍ଦିଷ୍ଟ ରୂପ କ'ଣ ହେବ, ତାହା ଏକ ଅଧିକ ଦୁରୂହ ପ୍ରଶ୍ନ, କାରଣ ଅତିମାନସ ସୃଷ୍ଟିର ତତ୍ତ୍ୱ ଏକ ଅବିସମ୍ବାଦୀ ସତ୍ୟ କିନ୍ତୁ ଏହାର ଅଭିବ୍ୟକ୍ତିର ସମ୍ଭାବନାସବୁ ବହୁବିଧ ଏବଂ ସେହି ସକ୍ରିୟ ଗତିଶୀଳ ଦିବ୍ୟସତ୍ୟହିଁ ସ୍ୱୟଂ ବାଛି ନେବ ଓ ସ୍ଥିର କରିବ ନିଜ ଅଭିବ୍ୟକ୍ତିର ରୂପ ।

(First Published in *Mother India*, Oct. 1975, pp. 794 - 97)

## ପାର୍ଥିବ ଓ ସ୍ୱର୍ଗୀୟ ପ୍ରଲୋଭନର ଉର୍ଦ୍ଧ୍ୱରେ

ଗୋଟିଏ ସମୟରେ ପୂରାପୂରି ବ୍ୟକ୍ତିଗତ ମୁକ୍ତି ଉପରେ ସମସ୍ତ ଜୋର୍ ଦେବାର ଆବଶ୍ୟକତା ଥିଲା ଯାହା ଫଳରେ ଉର୍ଦ୍ଧ୍ୱର ଏକ ବୋଧ ମନୁଷ୍ୟର ମାନସିକତାରେ ପ୍ରବେଶ କରିଦିଆଯିବ, ଯେଉଁଭଳି ଗୋଟିଏ ସମୟରେ ଗୁଣବାନ୍ ଓ ଧାର୍ମିକ ଲୋକମାନଙ୍କ ପାଇଁ ଆନନ୍ଦମୟ ସ୍ୱର୍ଗ ଉପରେ ଜୋର୍ ଦିଆଯାଉଥିଲା, ଯାହାଫଳରେ ସେହି ସମୁଜ୍ଜ୍ୱଳ ଆକର୍ଷଣରେ ଲୋକମାନେ ଧର୍ମାଚାରର ଅଭ୍ୟାସ ପାଇଁ ଓ ଲଗାମଛଡ଼ା ପାଶବିକତାର ଦମନ ପାଇଁ ସଚେଷ୍ଟ ହେବେ । କିନ୍ତୁ ପାର୍ଥିବ ପ୍ରଲୋଭନର କ୍ଷେତ୍ରରେ ଯେପରି, ସେହିପରି ସ୍ୱର୍ଗର ପ୍ରଲୋଭନ ଉପରେ ମଧ୍ୟ ବିଜୟ ହାସଲ କରିବାକୁ ହେବ । ସଦ୍‌ଗୁଣର ପୁରସ୍କାର ରୂପେ ଏକ ସୁଖଭରା ନନ୍ଦନକାନନର ପ୍ରଲୋଭନକୁ ମନୁଷ୍ୟ ପ୍ରତ୍ୟାଖ୍ୟାନ କରିଛି । ବହୁବର୍ଷ ପୂର୍ବରୁ ଭାରତରେ ଉପନିଷଦ୍‌ଗୁଡ଼ିକ ଏହାର କ୍ଷୁଦ୍ରତାକୁ ଦେଖାଇ ଦେଇଛି ଏବଂ ଲୋକମାନଙ୍କ ମନରେ ଏହାର ପ୍ରଭାବ ଆଉ କୌଣସି ଆଧିପତ୍ୟ ବିସ୍ତାର କରୁ ନାହିଁ । ଜନପ୍ରିୟ ଖ୍ରୀଷ୍ଟଧର୍ମ ଓ ଜନପ୍ରିୟ ଇସଲାମରେ ଏହାର ଯେଉଁ ଆବେଦନ ଥିଲା ଆଧୁନିକ ମାନବର ବିବେକରେ ତାହା ଆଉ ସେପରି ହୋଇ ରହି ନାହିଁ, ତାହା ଅର୍ଥହୀନ ହୋଇ ପଡ଼ିଛି । ଜନ୍ମ ଆଉ ମୃତ୍ୟୁରୁ ମୁକ୍ତି ଏବଂ ଜାଗତିକ ଶ୍ରମରୁ ପ୍ରତ୍ୟାହାରକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଛି ଯେପରି ବୌଦ୍ଧଧର୍ମର ମହାଯାନ-ବିଚାର ଏହାକୁ ପ୍ରତ୍ୟାଖ୍ୟାନ କରି କରୁଣା ଓ ସହାୟତାକୁ ନିର୍ବାଣ ଅପେକ୍ଷା ଅଧିକ ମହତ୍ତର ସ୍ଥାନ ଦେଇଛି । ଆମକୁ ସଦ୍‌ଗୁଣର ଅଭ୍ୟାସ କରିବାକୁ ହେବ ପାର୍ଥିବ ବା ସ୍ୱର୍ଗୀୟ କୌଣସି ପୁରସ୍କାରର ପ୍ରଲୋଭନ ବିନା, ତେଣୁ ଆମେ ଯେଉଁ ମୁକ୍ତିର ଅନ୍ୱେଷଣ କରିବା ତାହା ହେବ ପୂରାପୂରି ଆନ୍ତର କ୍ଷେତ୍ରରେ ଓ ନୈର୍ବ୍ୟକ୍ତିକ ! ତାହା ହେବ ଅହଂଭାବରୁ ମୁକ୍ତି, ପରମଙ୍କ ସଙ୍ଗେ ମିଳନ, ଆମର ବିଶ୍ୱଜନୀନତା ଓ ବିଶ୍ୱାତୀତତାର ଉପଲବ୍ଧି; ଏବଂ ଆମେ ଏପରି କୌଣସି ମୁକ୍ତିକୁ ମୂଲ୍ୟ ଦେବୁ ନାହିଁ ଯାହାକି ପ୍ରକାଶ ଭିତରେ ଭଗବାନଙ୍କ ପ୍ରତି ପ୍ରେମ ଠାରୁ ଏବଂ ପୃଥିବୀ ପ୍ରତି ସହାୟତାର ମନୋଭାବ ଠାରୁ ଆମକୁ ଦୂରେଇ ନେବ । ଯଦି ଆବଶ୍ୟକ ହୁଏ ତା'ହେଲେ କିଛି ସମୟ ଏହି ଶିକ୍ଷା ଦିଆଯିବା ଉଚିତ ଯେ, ''ଏକ ବ୍ୟକ୍ତିଗତ ଓ ଏକକ ମୁକ୍ତି ଅପେକ୍ଷା ଆମର ଅନ୍ୟାନ୍ୟ ଦୁର୍ଭୋଗଗ୍ରସ୍ତ ଆତ୍ମାମାନଙ୍କ ସହ ଏକତ୍ର ରହି ଏହିଠାରେ ଏହି ନରକହିଁ ଅଧିକ ବାଞ୍ଛନୀୟ ।''

(CWSA, Vol. - 18, p. 96 - 97)

— ଶ୍ରୀଅରବିନ୍ଦ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପୂର୍ବ ବଙ୍ଗରେ ଅଶାନ୍ତି

ଆମେ କହି ସାରିଛୁ ଯେ ଜାତୀୟତାବାଦର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ସ୍ୱାଧୀନତା ଅଭିମୁଖେ ଅଗ୍ରଗତିର ଗୋଟିଏ କ୍ଷୁଦ୍ର ପର୍ଯ୍ୟାୟ ମଧ୍ୟରୁ ଆମକୁ ଆହୁରି ଅଧିକ ଏକ ପ୍ରଚଣ୍ଡ ପର୍ଯ୍ୟାୟ ନିକଟରେ ଆଣି ପହଞ୍ଚେଇବା ବ୍ୟତୀତ ପରିସ୍ଥିତିର ପରିବର୍ତ୍ତନ ପାଇଁ ଲାଲା ଲଜପତ୍ ରାୟଙ୍କର ନିର୍ବାସନ କୌଣସି ନୂତନ ତଥ୍ୟ ପ୍ରଦାନ କରିନି । ଅଶାନ୍ତି ସୃଷ୍ଟି କରୁଥିବା ଦ୍ୱିତୀୟ ତଥ୍ୟଟି ହେଲା ଢାକାର ସଲିମୁଲ୍ଲା ଏବଂ ମଇମନ୍‌ସିଂ ଜିଲ୍ଲାଠାରେ ଅରାଜକତା ଓ ଅତ୍ୟାଚାରରେ ମଜ୍ଜି ରହିଥିବା ପ୍ରଶାସକମାନଙ୍କ ଭିତରେ ମୈତ୍ରୀ ସ୍ଥାପନ ଚୂଡ଼ାନ୍ତ ପର୍ଯ୍ୟାୟରେ ଆସି ପହଞ୍ଚିଛି । ବର୍ତ୍ତମାନ ପାଇଁ ଅନ୍ତତଃ ଏ ସମସ୍ତ ଅଶାନ୍ତିର ପରିସମାପ୍ତି ଘଟିଛି ଯଦିବା ଶାନ୍ତ ମନେ ହେଉଥିବା ଏଇ ପରିସ୍ଥିତିର ପୂର୍ଣ୍ଣ ସୁଯୋଗ ନିଶ୍ଚୟ ଆମକୁ ନେବାକୁ ପଡ଼ିବ ଯାହା ଫଳରେ ଝୋଟ ଅମଳ ସମୟ ଗଡ଼ିଗଲା ପରେ ପରେ ଏକ ସମ୍ଭାବନୀୟ ପ୍ରକୋପର ପୁନରାବୃତ୍ତି ବିରୋଧରେ ଆମେ ନିଜ ଘରଟିକୁ ଆଗେ ସଜାଡ଼ି ପାରିବୁ । ଏହି ଉପଦ୍ରବଗୁଡ଼ିକ କେତେଦୂର ପର୍ଯ୍ୟନ୍ତ ପରିସ୍ଥିତିକୁ ବଦଳେଇ ଦେଇଛି ଆଉ ଏଇ ଯେଉଁ ନୂତନ ଅବସ୍ଥା ସବୁ ସୃଷ୍ଟି ହେଲା ତା'ର ମୁକାବିଲା କରିବା ସକାଶେ ଆମର କ'ଣ କରିବା ସମୀଚୀନ ହେବ, ଏଇ କଥାଗୁଡ଼ିକ ଆମକୁ ଗୁରୁତ୍ୱର ସହିତ ବିଚାର କରିବା ଉଚିତ । ପ୍ରଥମେ ଆମେ ଲକ୍ଷ୍ୟ କରିବା ଉଚିତ ଏ ସମସ୍ତ ଅଶାନ୍ତି ଉପଦ୍ରବ ନିଜେ କିଂବା ସେସବୁର କାରଣ ପରିସ୍ଥିତିର ସ୍ୱରୂପ ଦୃଷ୍ଟିରୁ କୌଣସି ନୂତନ ତଥ୍ୟ ଆଣି ଦେଇ ନାହାନ୍ତି । ସ୍ୱଦେଶୀ ହିନ୍ଦୁମାନଙ୍କୁ ଭୟଭୀତ କରିବା ପାଇଁ ସଲିମୁଲ୍ଲାଙ୍କର ଅଭିଯାନ, ମୁସଲମାନମାନଙ୍କ ମଧ୍ୟରୁ କିଛି ବଦମାସମାନଙ୍କୁ ଆୟୁଧ ରୂପେ ବ୍ୟବହାର କରିବା, ଆଇନ ଭଙ୍ଗକାରୀମାନଙ୍କ ପ୍ରତି ସରକାରୀ କର୍ମଚାରୀମାନଙ୍କର ନିଷ୍କ୍ରିୟତା ଓ ଦରଦଭାବ – ଏଗୁଡ଼ିକ ତ ଆମମାନଙ୍କ ସହିତ ବହୁ ଆଗରୁ ମଧ୍ୟ ରହିଛି । ଏହି ମୁହୂର୍ତ୍ତରେ ଆମେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛୁ, ଜନସାଧାରଣଙ୍କୁ ଯେଉଁ ସତର୍କବାଣୀ ଓ ବିହିତ ପରାମର୍ଶମାନସବୁ ଦେଇଛୁ ତାହା ସମ୍ପୂର୍ଣ୍ଣ ରୂପେ ପ୍ରମାଣିତ ହୋଇ ସାରିଛି, ନିର୍ବିବାଦରେ ଯଥାର୍ଥ ବୋଲି ପ୍ରତିପାଦିତ ହୋଇଛି, ସେଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି ଲୁଟତରାଜର ଲୋମହର୍ଷଣ ସ୍ମୃତି ଭିତର ଦେଇ, ରକ୍ତପାତ ଓ ଘୋର ଅପମାନ ମଧ୍ୟ ଦେଇ । ସେତେବେଳେ ପରିସ୍ଥିତି ସମ୍ପର୍କରେ ଆମର ଅନୁଧ୍ୟାନ ହେଲା ଏଇଆ ଯେ ନବାବ ସଲିମୁଲ୍ଲା –, ମଇମନ୍‌ସିଂ, ଢାକା, ଟିପ୍ପେରାଃ ଏବଂ ପାବ୍‌ନାର ସମ୍ଭାବ୍ୟ ଅଞ୍ଚଳଗୁଡ଼ିକ ଦ୍ୱାରା ସହସା ପ୍ରଭାବିତ ହୋଇ ପଡ଼ିଥିବା ଦେଶର ସେଇ ସମସ୍ତ ଇଲାକାକୁ ଛାଡ଼ି ଦେଲେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ କୌଣସି ସାଂଘାତିକ ଧରଣର ଗଣ୍ଡଗୋଳର ଆଶଙ୍କାକୁ ପ୍ରଶ୍ରୟ ଦେବା ଉଚିତ ନୁହଁ । ଠିକ୍ ଏଇଆହିଁ ଘଟିଗଲା । ହିନ୍ଦୁମାନଙ୍କର କଠୋର ମନୋଭାବ ଦ୍ୱାରା କୌଣସି ଆଖିଦୃଶିଆ ଅନିଷ୍ଟ ହେବା ଆଗରୁ କୋମିଲାଠାରେ ଗୋଳମାଳକୁ ରୋକି ଦିଆଗଲା; ଢାକାଠାରେ ଛୋଟ ଛୋଟ କିଛି ହାତାହାତି ଘଟଣା ସତ୍ତ୍ୱେ ବ୍ୟକ୍ତି ବିଶେଷଙ୍କ ହଇରାଣ ଏବଂ ଗୋଟିଏ କିଂବା ଦୁଇଟି ଆକସ୍ମିକ ବିଶୃଙ୍ଖଳା ସତ୍ତ୍ୱେ ଏକଥା କାହାରି ମୁଣ୍ଡକୁ ଜୁଟିଲା ନାହିଁ, କାରଣ ହିନ୍ଦୁମାନଙ୍କର ବିଶାଳ ଶକ୍ତି ଏବଂ ଆଗୁଆ ପ୍ରସ୍ତୁତି ମୁଖ୍ୟ ପ୍ରସ୍ତାବକ ଏବଂ ସେମାନଙ୍କ ସହଯୋଗୀମାନଙ୍କୁ ଅତିଶୟ ଆତଙ୍କିତ କରି ଦେଇଥିଲା । ଝଡ଼ର ସମ୍ପୂର୍ଣ୍ଣ ପ୍ରଭାବକୁ ମଇମନ୍‌ସିଂ କେବଳ ଅନୁଭବ କରିଥିଲା, ଯେତେବେଳେ ପାବ୍‌ନା ତଥାପି ରହିଥିଲା ଏହି ଝଡ଼ର ପ୍ରାନ୍ତରେ ଦୋଦୁଲ୍ୟମାନ ଅବସ୍ଥାରେ । ଏକଥା ନୁହଁ ଯେ ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକରେ ନବାବଙ୍କ ଅଭିଯାନକୁ ଜୋର୍‌ଦାର ସଞ୍ଚାଳିତ କରାଯାଇ ନଥିଲା । ସମଗ୍ର ପୂର୍ବ ବଙ୍ଗ ଏବଂ ଉତ୍ତର ବଙ୍ଗଳାରେ ଲାଲ ପୁସ୍ତିକା (Red Pamphlet) ସର୍ବବ୍ୟାପକ ହୋଇ ଉଠିଛି; ବରିସାଲରେ, କଲିକତାରେ ଆଉ ସ୍ୱଦେଶୀବାଦର ପ୍ରତିଟି ଟାଣୁଆ କେନ୍ଦ୍ରରେ ନବାବଙ୍କ ମୁଲ୍ଲାମାନଙ୍କର ପ୍ରଚାରଗୁଡ଼ିକ ଯେପରି ନିରବଚ୍ଛିନ୍ନ ଭାବେ ଜାରି ରହିଛି ସେହିପରି ବୈରଭାବ ପରିପୂର୍ଣ୍ଣ, ଯେମିତି ଏହ୍ଲାବାଦ ଓ ବନାରସ, ସେମିତି ସୁଦୂର ପଶ୍ଚିମରେ ମଧ୍ୟ ଯଦିବା ଆତଙ୍କ ଖେଳି ଯାଇଛି, ଅପ୍ରାସଙ୍ଗିକ ଆଲୋଚନାମାନ ହେଉଛି, ଅଭିଯାନଟି ଉଲ୍ଲେଖନୀୟ ଭାବେ ବିଫଳ ହୋଇଛି ନବାବ ସଲିମୁଲ୍ଲାଙ୍କ ରାଜ୍ୟର ବାହ୍ୟ ସୀମାନ୍ତରେ । ଏହି ଘଟଣା ଲକ୍ଷ୍ୟ କରିବାର କଥା । ଆମେ କହୁନୁ ଯେ ସଲିମୁଲ୍ଲାଙ୍କ ନୀତି ଦୁଇ ସମ୍ପ୍ରଦାୟ ମଧ୍ୟରେ ଏକ

ବ୍ୟାପକ ବିଭେଦ ଓ ଅନୈକ୍ୟର ସଙ୍କଟକୁ ଆଗେଇ ନଉନି । ସରକାରୀ ସ୍ତରରେ ପ୍ରୋତ୍ସାହିତ ଏ ଧରଣର ଏକ ଅନୈତିକ ଆଲୋଡ଼ନ ସଦାସର୍ବଦା ବିପଜ୍ଜନକ । କିନ୍ତୁ ଦେଶର ଅବଶିଷ୍ଟ ଭାଗରେ ନବାବ ଓ ମୁଲ୍ଲାମାନଙ୍କ ପ୍ରତି ଅନ୍ଧ ଅନୁରକ୍ତି ଦେଖିବାକୁ ମିଳେନି । ଆଉ ଏମିତି ଅନ୍ୟାନ୍ୟ ଅନୁକୂଳ ପରିସ୍ଥିତି ଓ ସଙ୍ଗଠନମାନ ରହିଛି ଯାହାର ଯଥାର୍ଥ ବିନିଯୋଗ ଯଦି ଜାତୀୟତାବାଦୀମାନେ କରନ୍ତି ତା'ହେଲେ ବିଭେଦକୁ ଉଖାରୁଥିବା ଶକ୍ତିମାନଙ୍କ ସହିତ ସ୍ଥାୟୀ ମୁକାବିଲା କରାଯାଇ ପାରିବ । ଏମିତିକି ସେଗୁଡ଼ିକ ମଧ୍ୟ ନିଜେ ସ୍ୱଦେଶୀ ଆନ୍ଦୋଳନକାରୀଙ୍କ ବିରୋଧରେ ସ୍ୱୟଂ ଆପଣାକୁ ନେତା ଭାବେ ବାଛି ନେଇଥିବା ବ୍ୟକ୍ତିର ପକ୍ଷଭୁକ୍ତ ହେବା ଦିଗରେ ମୁସଲମାନମାନଙ୍କୁ ପ୍ରତିହତ କରିବା ପାଇଁ ଯଥେଷ୍ଟ ।

କିନ୍ତୁ ଅଶାନ୍ତ ଇଲାକାଟି ଯେତେ ସୀମିତ ହେଲେ ମଧ୍ୟ ଆମେ ଦେଶକୁ ସତର୍କ କରି ଦେଇଥିଲୁ ଯେ କୋମିଲା କେବେ ବି ଏପ୍ରକାର ଆକସ୍ମିକ ଗଣ୍ଡଗୋଳର ସର୍ବପ୍ରଥମ ଅଞ୍ଚଳ ନଥିଲା କି ସର୍ବଶେଷ ମଧ୍ୟ ନୁହେଁ । ଆଉ ଠିକଣା ସମୟରେ କୋମିଲାର ହିନ୍ଦୁମାନଙ୍କ ଦୃଷ୍ଟାନ୍ତକୁ ଅନୁସରଣ କରିବା ପାଇଁ ଆମେ ଏହାକୁ ନିବେଦନ କରିଥିଲୁ । ଅନ୍ଧମାନଙ୍କର ଅନ୍ଧ ନେତା, ଏଇ ନରମପନ୍ଥୀ ରାଜନୀତିଜ୍ଞମାନେ ଗଣ୍ଡଗୋଳର ପରିସମାପ୍ତି ଘଟିଛି ବୋଲି ଆନନ୍ଦରେ କୁରୁଳି ଉଠୁଥିଲେ ଆଉ ସେମାନଙ୍କର ରହସ୍ୟାବୃତ ପ୍ରଚେଷ୍ଟା ବଳରେ ତାହା ସମ୍ପନ୍ନ ହେଲା ବୋଲି କହୁଥିଲେ – ଏବଂ ଶାନ୍ତି ଶାନ୍ତି ବୋଲି ଚିତ୍କାର କରି ଲାଗିଛନ୍ତି ଯେଉଁଠି ଶାନ୍ତିର ଆଦୌ ଚିହ୍ନ ବର୍ଣ୍ଣ କିଛି ନାହିଁ । ଆମେ ସୂଚନା ଦେଇଥିଲୁ ଯେ କୋମିଲାର ଘଟଣା ସମ୍ପୂର୍ଣ୍ଣ ଭିନ୍ନ ଧରଣର, ଗୋଟିଏ ଆକସ୍ମିକ ଶାନ୍ତିଭଙ୍ଗ ନୁହଁ, କିନ୍ତୁ ତାହା ଯେ ଗୋଟିଏ ନୀତିର ଅଂଶ ବିଶେଷ – ଆଉ ସେକଥା ଆମେ ଜାଣିଥିଲୁ ଯେ ଯେଉଁ ମଣିଷମାନଙ୍କ ସହିତ ଆମେ ଏତେ ଭଲ ସମ୍ପର୍କ ସ୍ଥାପନ କରିଥିଲୁ, ଥରକର ପରାଜୟରେ ସେମାନେ ସେମାନଙ୍କର ଚକ୍ରାନ୍ତରୁ ଦୂରେଇ ଯିବେ ବୋଲି ଆମେ ଅନୁମାନ କରିପାରିଲୁ ନାହିଁ । କୋମିଲାଠାରେ ମାଡ଼ ଖାଇ ସେମାନେ ମଇମନ୍‌ସିଂଠାରେ ଆଉ ଥରେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ ବୋଲି ଦୃଢ଼ ନିଶ୍ଚିତ ଥିଲେ । ଆମେ ମଧ୍ୟ ଦେଶକୁ ସତର୍କ କରି ଦେଇଥିଲୁ ଯେ ଯେତେବେଳେ ଗଣ୍ଡଗୋଳ ଆସୁଛି ସେତେବେଳେ ସୁରକ୍ଷା ଉଦ୍ଦେଶ୍ୟରେ ସରକାରୀ କର୍ମଚାରୀ ଓ ପୁଲିସ ଅନେଇ ରହିବାଟା ଖାଲି ଅଳସୁଆମିର ପରିଚୟ ହେବ । ସ୍ୱରାଜକୁ ଆମର ଆଦର୍ଶ ବୋଲି ଘୋଷଣା କରିବା ଦ୍ୱାରା ଆମେ ଶାସନତନ୍ତ୍ରର ଅସ୍ତିତ୍ୱ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲୁ ଆଉ ଶାସନତନ୍ତ୍ର ନିଜର ସତ୍ତା ଲୋପ କରିବା ପାଇଁ ଆମ ଉଦ୍ୟମକୁ ସୁଗମ ଓ ନିରାପଦ କରିବା ଦ୍ୱାରା ଆମକୁ ଯେ ସାହାଯ୍ୟ କରିବ ଏକଥା ଆଶା କରିପାରି ନଥିଲୁ । ପକ୍ଷାନ୍ତରେ ନବାବ ଓ ତାଙ୍କର ଗୁଣ୍ଡାମାନେ ବାସ୍ତବ ପକ୍ଷେ ଯଦିଓ ଖୋଲାଖୋଲି ଭାବେ ନହେଲେ ମଧ୍ୟ, ସ୍ୱଦେଶୀବାଦ ବିରୋଧରେ ସେମାନଙ୍କର ଲଢ଼େଇରେ ଶାସନତନ୍ତ୍ରର ମିତ୍ର ବନି ଯାଇଥିଲେ ଆଉ ମିତ୍ରମାନଙ୍କଠାରୁ ପ୍ରକୃତ ସାହାଯ୍ୟ ନମିଳିଲେ ମଧ୍ୟ ସହାନୁଭୂତି ଓ ସାହାଯ୍ୟ ଭରା ନିଷ୍କ୍ରିୟତା ଉପରେ ଆଧିପତ୍ୟ ନିଶ୍ଚୟ ସେମାନଙ୍କର ରହିବ । ଏସବୁ ସଂକ୍ରାନ୍ତରେ ପରିସ୍ଥିତିର ଅନୁଧ୍ୟାନ ଆମର ବିନା ବାକ୍‌ବିତଣ୍ଡା କିଂବା ବାଦ ବିସମ୍ବାଦରେ ସଠିକ ବୋଲି ପ୍ରମାଣିତ ହୋଇ ଯାଇଛି । ଉତ୍‌କ୍ଷିପ୍ତ ଜନତାର ହୀନ ଆବେଗକୁ ତାଙ୍କର ଉଦ୍ଦେଶ୍ୟ ସାଧନ କରିବା ଦିଗରେ ନବାବ ଯେତେଦୂର ପର୍ଯ୍ୟନ୍ତ ସଫଳ ହୋଇଛନ୍ତି, ମନ୍ଦିରଗୁଡ଼ିକୁ ଅପବିତ୍ର କରିବା ପାଇଁ ଆଉ ନାରୀମାନଙ୍କ ଇଜ୍ଜତକୁ ଅପମାନ କରିବା ପାଇଁ କୌଣସି ଦ୍ୱିଧା ବୋଧ ନକରି, ସ୍ୱଦେଶୀ ବିରୋଧୀ ସେନାବାହିନୀ ତା'ର ନଗ୍ନ ଆକ୍ରମଣରେ ଯେତେଦୂର ଆଗେଇ ଯାଇଛି, ଏସବୁ ମାତ୍ରାଧିକ କାର୍ଯ୍ୟ ପାଇଁ ସରକାରୀ କର୍ମଚାରୀବୃନ୍ଦ ସେମାନଙ୍କ ନେପଥ୍ୟ ଅନ୍ୟାୟକୁ ପ୍ରଶ୍ରୟ ଦେବା ଦିଗରେ ଏତେଦୂର ଅଗ୍ରସର ହୋଇଛନ୍ତି ଯେ ୟୁରୋପୀୟ ପୁଲିସ ଅଧିକାରୀ ପ୍ରକୃତରେ ଉତ୍‌କ୍ଷିପ୍ତ ଜନତାର ନେତୃତ୍ୱ ନେଇଥିଲା ଏବଂ ପୁଲିସ ଆଖି ସାମନାରେ ଲୁଟତରାଜ କାର୍ଯ୍ୟ ଲାଗି ରହିଥିଲା; ଏ ସମସ୍ତ ଘଟଣାଗୁଡ଼ିକ ନୂଆ ଥିଲା; କିନ୍ତୁ ଖୋଦ୍ ସଲିମୁଲ୍ଲାହିଙ୍କ ଅଭିଯାନ ଗୁଣ୍ଡା(ବୈପ୍ଳବିକ ଆନ୍ଦୋଳନ ବିରୋଧରେ ନିୟୋଜିତ ଆମ ଭାରତୀୟ ବ୍ଲାକ୍ ହାଉଣ୍ଡ)ମାନଙ୍କୁ ଏବଂ ସରକାରୀ କର୍ମକର୍ତ୍ତାମାନଙ୍କର ସମବେଦନା ଏସବୁ ତ ହେଲା ପୁରୁଣା ତତ୍ତ୍ୱ ଯାହା ସମ୍ପର୍କରେ ଦେଶକୁ ଆଗରୁ ସତର୍କ କରି ଦିଆଯାଇଥିଲା ଆଉ ଆମ ଆନ୍ଦୋଳନର ପୁରୋଧାମାନେ ଯାହା ବିରୋଧରେ ସତର୍କତାମୂଳକ ବ୍ୟବସ୍ଥା ଅବଲମ୍ବନ କରିବା ସମୁଚିତ ହୋଇ ଥାଆନ୍ତା ।

ଏମିତିକି, ଏଇ କଥାଗୁଡ଼ିକ ଯେତେଦୂର ଆଗେଇ ନିଆ ଯାଇଥିଲା ତାହା ସମ୍ପୂର୍ଣ୍ଣ ଭାବେ ମଇମନ୍‌ସିଂରେ ଘଟଣାଗୁଡ଼ିକର ଗୋଟିଏ ବିଶେଷତ୍ୱ ଯୋଗୁହିଁ ହୋଇଥିଲା ଯାହାକୁ ପରିହାର କରିବା ପାଇଁ ଆମେ ଦେଶକୁ ସତର୍କ କରି ଦେଇଥିଲୁ – ଏହା

ହେଉଛି ଜମାଲପୁରରେ ହିନ୍ଦୁମାନଙ୍କ ପକ୍ଷରୁ ଅପ୍ରତିରୋଧ କଥା । ଏଭଳି କିଛି ଲୋକ ଅଛନ୍ତି ଯେଉଁମାନେ କହନ୍ତି, ଭାରତବର୍ଷରେ ଘଟି ଚାଲିଥିବା ସାମ୍ପ୍ରତିକ ଘଟଣାବଳୀ ସୂଚେଇ ଦିଏ ଯେ ଜାତୀୟତାବାଦୀ କାର୍ଯ୍ୟକ୍ରମ ହେଉଛି ଅସମ୍ଭବ । ଏହି ତାର୍କିକ ବ୍ୟକ୍ତିମାନଙ୍କର ଯୁକ୍ତିକୁ ଆମେ ତ ଅନୁସରଣ କରୁନୁ । ଜମାଲପୁରଠାରେ ସଂଘଟିତ ହୋଇଥିବା ଘଟଣାଗୁଡ଼ିକ ଆଉ ତହିଁରୁ ଉପୁଜିଥିବା ପରିଣାମ ହେଲା ଗୋଟିଏ ସାଂଘାତିକ ପ୍ରମାଣ ଯାହା ଦର୍ଶାଇ ଦିଏ ଯେ ଜାତୀୟତାବାଦୀ ଚିନ୍ତାଧାରାଗୁଡ଼ିକ ହେଉଛି ଅକାଟ୍ୟ ଏବଂ ପ୍ରଶାସନ ସହିତ ଆମମାନଙ୍କର ସମ୍ପର୍କକୁ ନେଇ ନରମପନ୍ଥୀ ତତ୍ତ୍ୱଗୁଡ଼ିକ ହେଉଛି ନିହାତି ଅଯୌକ୍ତିକ ଆଉ ସ୍ୱଦେଶୀ ଆନ୍ଦୋଳନର ପ୍ରଚାରକୁ ଯେଉଁ ମାର୍ଗରେ ବଳବତ୍ତର କରାଯାଇଛି ତାହାହିଁ ସର୍ବୋତ୍ତମ ମାର୍ଗ । କୋମିଲାର ଜନସାଧାରଣ ଜାତୀୟତାବାଦୀ କାର୍ଯ୍ୟକ୍ରମର ଅନୁସରଣ କରି ଜାଜ୍ଜ୍ୱଲ୍ୟମାନ କୃତିତ୍ୱ ହାସଲ କରିଥିଲେ । କୋର୍ଟ କଚେରୀଗୁଡ଼ିକ, ବିଦ୍ୟାଳୟମାନ ଆଉ ନାନା ବିଷୟର ପ୍ରଶାସନିକ କାର୍ଯ୍ୟକ୍ରମ ସମ୍ବନ୍ଧିତ ଅନ୍ୟାନ୍ୟ ପ୍ରତ୍ୟେକ ମୌଳିକ ଉପାଦାନକୁ ସେମାନେ ବର୍ଜନ କରିଥିଲେ ଓ ଏକଥା ମଧ୍ୟ ଆଗ୍ରହର ସହିତ ଘୋଷଣା କରିଥିଲେ ଯେ ଯେତେଦିନ ପର୍ଯ୍ୟନ୍ତ ଢାକାର ନବାବଙ୍କୁ କୋମିଲାଠାରେ ରହିବାକୁ ସୁଯୋଗ ଦିଆଯାଉଥିବ ସେତେଦିନ ଧରି ସେମାନେ ବର୍ଜନ ଆନ୍ଦୋଳନକୁ ଚାଲୁ ରଖିଥିବେ — ଆଉ ବିନା କୌଣସି ଉପଚାରରେ ନବାବଙ୍କୁ ବିଦା କରି ଦିଆଗଲା । ସେମାନେ ଶକ୍ତିର ଜବାବ ଶକ୍ତିରେ ଦେଲେ ଏବଂ ସ୍ୱଦେଶୀବାଦୀ ବିରୋଧୀ ଗୁଣ୍ଡା ବାହିନୀକୁ ଶୋଚନୀୟ ପରାଜୟ ଭୋଗିବାକୁ ପଡ଼ିଲା । ଅନ୍ୟପକ୍ଷରେ, ଜାତୀୟତାବାଦୀ କାର୍ଯ୍ୟକ୍ରମ ଭିତରୁ ବାଦ୍ କରି ଦିଆଯାଇଥିବା ପ୍ରତ୍ୟେକଟି କଥା ଜମାଲପୁରର ଲୋକେ କରି ବସିଲେ; ସେମାନେ ଭରସା ରଖିଥିଲେ ବିଦେଶୀ ପ୍ରତିଶ୍ରୁତି ଉପରେ, କୌଣସି ପ୍ରତିରକ୍ଷା ବ୍ୟବସ୍ଥା ନଥାଇ ମେଣ୍ଢା ପରି ନିରସ୍ତ୍ର ହୋଇ ମେଳାକୁ ଯିବା ପାଇଁ ସେମାନେ ପସନ୍ଦ କରିଥିଲେ, ନିଜର ପରାକ୍ରମୀ ବାହୁଯୁଗଳ ଉପରେ ଭରସା ନରଖି ସେମାନେ ବ୍ରିଟିଶ ରୂପୀ ମେଷପାଳକକୁ ବିଶ୍ୱାସ କରି ଚାଲିଥିଲେ । ଆତ୍ମରକ୍ଷା ପାଇଁ ଧରିଥିବା ଲାଠିଗୁଡ଼ିକ ବିଦେଶୀ ହୁକୁମରେ ସେମାନେ ତଳେ ରଖିଦେଲେ, ଦଳବାନ୍ଧି ସେମାନେ ଯାଇଥିଲେ ବିଦେଶୀର ହୁକୁମରେ ମେଳାକୁ ଯହିଁରୁ ନିଜକୁ ଅନୁପସ୍ଥିତ ରଖିବା ପାଇଁ ସେମାନେ କଠୋର ସଂକଳ୍ପ ନେଇଥିଲେ; — ମୁସଲମାନମାନଙ୍କ ଦ୍ୱାରା ଗଦାର ନିର୍ମମ ଆଘାତ ପାଇବାକୁ । ତା'ପରେ ସେମାନଙ୍କର ମେଷତୁଲ୍ୟ ଆସ୍ଥା ପରିପୂର୍ଣ୍ଣ ଭାବକୁ ଯେତେବେଳେ ଉପଯୁକ୍ତ ପୁରସ୍କାର ମିଳିଗଲା, ସେଇ ଗୋଟିଏ ଶିକ୍ଷା ସେମାନଙ୍କ ପାଇଁ ଯଥେଷ୍ଟ ହେଲା ନାହିଁ; ପୁଣି ସେମାନେ ବ୍ରିଟିଶର ସୁରକ୍ଷା ଉପରେ ଆସ୍ଥା ସ୍ଥାପନ କରି ରହିଲେ ଆଉ ସ୍ୱୟଂ ସେବକମାନଙ୍କୁ ଫେରେଇ ଦେଲେ ଯେଉଁମାନେ କି ଆଗକୁ ଆହୁରି ହେବାକୁ ଥିବା ଖୋଲାଖୋଲି ଆକ୍ରମଣରୁ ସେମାନଙ୍କୁ ରକ୍ଷା କରିବା ପାଇଁ ନିୟୋଜିତ ରହିଥିଲେ । ଆଉ ଦ୍ୱିତୀୟ ଥର ପାଇଁ ଯେତେବେଳେ ଝଡ଼ଟି ଆସିଲା ସେତେବେଳେ ସେମାନେ ସମର ପ୍ରାଙ୍ଗଣରୁ ସମୂହ ପଳାୟନ ବ୍ୟତୀତ ଆଉ ଅଧିକ କିଛି ଭାବି ପାରିଲେ ନାହିଁ । ଆମୂଳଚୂଳ ଆମେ ଦେଖିବାକୁ ପାଉଛୁ ରାଜନୈତିକ କୁସଂସ୍କାରର କାର୍ଯ୍ୟଧାରାକୁ, ସେଇ ଚିରାଚରିତ ଅକାମୀ ସାଲିସକୁ ଯାହା ପ୍ରଶାସନକୁ ବିରୋଧ କରିବା ପାଇଁ ପ୍ରୟାସ କରିଥିଲା ଆଉ ଏବେ ଆସି ତା' ସହିତ ସହଯୋଗ କରୁଛି, ବିନମ୍ର ସମର୍ପଣ ଭାବ ସହିତ ପ୍ରଚଣ୍ଡ ପ୍ରତିବାଦକୁ ଫେଣ୍ଟି ଏକାକାର କରି, ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତି ଅଧୀନରେ ଏବଂ ସବୁଠୁ ପରାକ୍ରମୀ ଶତ୍ରୁମାନଙ୍କ ବିରୋଧରେ ଏକ ରାଷ୍ଟ୍ରର ନିର୍ମାଣ କରିବାକୁ ଏବଂ ତଥାପି ସର୍ବାଗ୍ରରେ ଅନୁଗତ, ଶାନ୍ତିପ୍ରିୟ ହୋଇ ରହିବାକୁ ଓ ଆଇନମାନି ଚଳିବାକୁ । ଏଇସବୁ କୁସଂସ୍କାରଗୁଡ଼ିକ ଏକାଥରକେ ଜମାଲପୁରର ବିସ୍ଫୋରଣରେ ଠୋ ହୋଇଗଲା, ଆଉ ତା'ପରେ ଯେଉଁ ତୁମୁଳ କାଣ୍ଡଟି ସୃଷ୍ଟି ହେଲା ତା'ର ଉଦ୍ଦେଶ୍ୟ ଥିଲା ଗୋଟିଏ ନୀତିର ଧ୍ୱଂସ ସାଧନ ।

ପୂର୍ବବଙ୍ଗଳାରେ ତେଣୁ ଗୁଣ୍ଡାମିଜନିତ ଉପଦ୍ରବ ପରିସ୍ଥିତିରେ ସୁଧାର ଆଣିବା ପାଇଁ ସେମିତି କିଛି ଅଭିନବ ତଥ୍ୟ ସୃଷ୍ଟି କରି ନଥିଲା, କିନ୍ତୁ ଲାଲା ଲଜପତ୍ ରାୟଙ୍କର ନିର୍ବାସନ ପରି ପରିସ୍ଥିତିକୁ ଏହା ଖାଲି ଅଧିକ ତୀବ୍ର କରିବା ସହିତ ଜାତୀୟତାବାଦର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା । ସେସବୁ କୌଣସି ନୂଆ ଅବସ୍ଥା ସୃଷ୍ଟି କରିନି ସତ, କିନ୍ତୁ ନୂତନ ଭାବରେ ଉପଲବ୍ଧିର ଯୋଗ୍ୟ କେତୋଟି ବିଶେଷ ସତ୍ୟର କାରଣ ସ୍ୱରୂପ ଦଣ୍ଡାୟମାନ ହୋଇଥିଲା । ତନ୍ମଧ୍ୟରୁ ପ୍ରଥମଟି ଅନୁସାରେ ବ୍ରିଟେନର ଶହେ ବର୍ଷର ଶାନ୍ତି (Pax Britannica) ହେଲା ମାୟା, ଆଉ ଆମର ଯଦି ଉଦ୍ଦେଶ୍ୟ ଥାଏ ସ୍ୱଦେଶୀ ଓ ସ୍ୱରାଜ୍ୟବାଦୀ ହେବାକୁ, ତା'ହେଲେ ଭବିଷ୍ୟତରେ ବ୍ରିଟିଶ ସୁରକ୍ଷା ଉପରେ ନୁହେଁ, କିନ୍ତୁ ନିଜର ସୁରକ୍ଷା ଉପରେ ଆମକୁ

ବିଶ୍ୱାସ ରଖିବାକୁ ହେବ । ଦ୍ୱିତୀୟଟି ହେଲା, ଦୀର୍ଘଦିନ ଧରି ଆମେ ଯେଉଁ କଥା ଉପରେ ଜୋର୍ ଦେଇ ଚାଲିଛୁ, ଆତ୍ମରକ୍ଷାର ସାଧନଗୁଡ଼ିକ ଆମ ପାଖରେ ଯାହାକିଛି ଅଛି, ବର୍ତ୍ତମାନ ପାଇଁ ତାହା ପର୍ଯ୍ୟାପ୍ତ ନୁହେଁ ଆଉ ଉନ୍ନତମାନର ସାଧନ ଓ ସଙ୍ଗଠନ ହେଉଛି ଗୋଟିଏ ଜରୁରି ଆବଶ୍ୟକତା । ତୃତୀୟଟି ହେଲା, ମୁସଲମାନଙ୍କ ସମସ୍ୟାର ଗୁରୁତ୍ୱ ଏବଂ ପ୍ରକୃତ ସ୍ୱରୂପ ଯାହାକୁ ଆମର ପୁରୁଖା ରାଜନେତାମାନେ ଅତି ନଗଣ୍ୟ କରି ଦେଇଛନ୍ତି ଅବା ଯାହା ପ୍ରତି ଅବଜ୍ଞା ଭାବ ପ୍ରଦର୍ଶନ କରିଛନ୍ତି । ଯେ କେହି ଦେଶ ଭିତରେ ଏଇ ସଙ୍କଟକୁ ସଫଳତାର ସହିତ ମୁକାବିଲା କରିବାକୁ ଚାହିଁଲେ ତାକୁ ଅଭିଜ୍ଞତାଲବ୍ଧ ଏହି ତିନିଗୋଟି ପାଠକୁ ଜାଣିବାକୁ ପଡ଼ିବ ଏବଂ ତଦନୁଯାୟୀ ତା'ର ଉପାୟଗୁଡ଼ିକୁ ଉପଯୁକ୍ତ ଭାବେ ରୂପରେଖ ଦେବ ।

## ନିଉମାନିଆ (Newmania)

ଗତକାଲି 'ଇଂଲିଶ୍‌ମ୍ୟାନ୍'ର ସ୍ୱତନ୍ତ୍ର ସମ୍ବାଦଦାତା ଢାକାର ଭୟଙ୍କର ବାଳ ଅପରାଧୀ ବୃନ୍ଦ (The Dreadful Boy Desperadoes of Dacca) କିଂବା ବରିସାଲର ଦୁର୍ଦ୍ଧର୍ଷ ସ୍ୱେଚ୍ଛାସେବୀଗଣ (The Violent Volunteers of Barisal) ପରି ଅନେକଗୁଡ଼ିଏ ଅଧ୍ୟାୟରେ ତାଙ୍କର ମନଗଢ଼ା ଲୋମହର୍ଷଣ ଅପରାଧ ଓ ହିଂସାରେ ଭରପୂର ଶସ୍ତା କାହାଣୀଟିକୁ (Shilling Shocker) ସମାପ୍ତ କରିଛନ୍ତି । ଏବେ ଆମକୁ ଅନେକ କଥା ମିଳି ଯାଇଛି, ଅଭିନବ ହିନ୍ଦୁଧର୍ମ, ଅଭିନବ ବିଚାରଧାରା, ଅଭିନବ ରାଜନୀତି, ଅଭିନବ ପ୍ରଦେଶ, ଅଭିନବ ଜନ୍ ମୋର୍ଲେ ଆଉ ବର୍ତ୍ତମାନ ଆମକୁ ଇଂଲିଶ୍‌ମ୍ୟାନ୍‌ର ଅଭିନବମାନିଆ (Newmania) ମିଳି ଯାଇଛନ୍ତି । ଲୋକସଂଘ (People's Association) ସେକ୍ରେଟାରୀଙ୍କ ଖୁଲ୍‌ନା ଟେଲିଗ୍ରାମରୁ ଅଜବ ବିକାରଗ୍ରସ୍ତ ଏହି ବ୍ୟାଧିଟିକୁ ସହଜରେ ହୃଦ୍‌ବୋଧ କରାଯାଇପାରେ । ଖୁଲ୍‌ନାର ଦାଢ଼ି ଗଜରି ନଥିବା ତରୁଣ ଅପରାଧୀମାନଙ୍କ ଦ୍ୱାରା ବ୍ରିଟିଶ ସାମଗ୍ରୀଗୁଡ଼ିକ ଖଳବୁଦ୍ଧିରେ ପାଣିରେ ବୁଡ଼େଇ ଦେବାର ଏବଂ ସମସ୍ତଙ୍କ ଅଲକ୍ଷିତରେ ନଷ୍ଟ କରି ଦେବାର ଉତ୍ତେଜନାପ୍ରବଣ ଓ ଘୋର ନିନ୍ଦାସୂଚକ ଖବରଟିଏ ନିଉମ୍ୟାନ୍ ପ୍ରକାଶ କରିଥିଲେ ବରିସାଲ୍‌ରୁ । ମି. ନିଉମ୍ୟାନ୍‌ଙ୍କ ଦ୍ୱାରା ପରିବେଷିତ ସମ୍ବାଦର ପ୍ରାଣପୁଲକିତ ଚମକ ଖୁଲ୍‌ନାର ମାଜିଷ୍ଟ୍ରେଟ୍‌ଙ୍କୁ ଏଭଳି ଭାବେ ପ୍ରଭାବିତ କରିଛି ଯେ ବୀର ରସରେ ଅତିରଞ୍ଜିତ ଏଇ କ୍ଷୁଦ୍ର ସମ୍ବାଦଟିକୁ ସେ ଅତ୍ୟନ୍ତ ଗାମ୍ଭୀର୍ଯ୍ୟ ସହକାରେ ଗ୍ରହଣ କରିଥିବାର ମନେ ହୁଏ । ବାସ୍ତବିକ, ଏହି ତଥାକଥିତ ହତ୍ୟା ଓ ଆକସ୍ମିକ ମୃତ୍ୟୁ ସମ୍ପର୍କରେ ଯାଞ୍ଚ କରି ସେ ସ୍ୱଭାବିକ ଭାବେ ଦେଖି ପାରିଥିଲେ ଯେ ସେମିତି କିଛି କାଣ୍ଡ ଘଟିନି । ଏଇଥିରୁ ସ୍ପଷ୍ଟ ରୂପେ ଜଣାପଡ଼େ ଯେ ଭାରତ ପାଇଁ ଆମର ଏକ ସ୍ୱତନ୍ତ୍ର ଉପାସନା ପଦ୍ଧତିର ଆବଶ୍ୟକତା ରହିଛି । ''ଡେନ୍‌ଜିଲ୍ ଇବ୍‌ବଟ୍‌ସନ୍ (Deazil Ibbetson) ଓ ନିର୍ବାସନ କବଳରୁ, କନେଷ୍ଟବଳର ଲାଠି ଆଉ ଗୁର୍ଖାର ବନ୍ଧୁକ କବଳରୁ, ଅଂଶୁଘାତ ଏବଂ ବେସାମରିକ ଓ ସାମରିକ ଗେଜେଟ୍ କବଳରୁ, ବ୍ରିଟେନର ଶାନ୍ତି (Pax-Britannica) ଏବଂ ଢାକାର ନବାବଙ୍କ କବଳରୁ, ସାର୍ ହେନେରୀ କଟନ୍ ଓ ମି. ରୀସ୍‌ଙ୍କ କବଳରୁ, ଫୁଲାର୍, ମୋର୍ଲେ ଆଉ ଶିଲଂର ହ୍ୟାରେ କବଳରୁ, ଆମକୁ ମୁକ୍ତ କର ହେ ମଙ୍ଗଳମୟ ଭଗବାନ୍ ! ଛୋଟମୋଟ ମହାମାରୀ ଓ ଅନିଷ୍ଟରୁ, ହଇଜା ଓ ମଟର ଗାଡ଼ି କବଳରୁ, ମିଳିମିଳା ଓ ନମନୀୟ ଭାବର କବଳରୁ ଆମକୁ ମୁକ୍ତ କର ହେ ମଙ୍ଗଳମୟ ଭଗବାନ୍ ! କିନ୍ତୁ ବିଶେଷ କରି ସବୁଠୁ ଏଇ ଷ୍ଟେଟ୍‌ସ୍‌ମ୍ୟାନ୍‌ର ବନ୍ଧୁତ୍ୱ ଏବଂ ନିଉମାନିଆଙ୍କ ପ୍ରଳାପ କବଳରୁ, ଆମକୁ ମୁକ୍ତ କର ହେ ମଙ୍ଗଳମୟ ଭଗବାନ୍ !''

## ଦେଶାନ୍ତର ସମ୍ବନ୍ଧରେ ଗୋଖ୍‌ଲେ

ଷ୍ଟେଟ୍‌ସ୍‌ମ୍ୟାନ୍ ଅନ୍ତତଃ ଜଣେ ପ୍ରଖ୍ୟାତ ନରମପନ୍ଥୀଙ୍କ ନୀତିଜ୍ଞାନର ତତ୍ତ୍ୱାବଧାରକ ରୂପେ କାର୍ଯ୍ୟ କରୁନି, ଏହା ଦେଖି ଆମକୁ ଭାରି ଖୁସି ଲାଗୁଛି । 'ଟାଇମସ୍ ଅଫ୍ ଇଣ୍ଡିଆ'କୁ ଗୋଖ୍‌ଲେ ଲେଖିଛନ୍ତି ଯେ ''ସରକାର ଅଚାନକ ଭୟରେ କାତର ହୋଇ ପଡ଼ିବାରୁ ଲାଲା ଲଜପତ୍ ରାୟଙ୍କୁ ବଳି ପକାଯାଇଛି ।'' ପ୍ରଶାସନିକ ସଂସ୍କାରର ଉଜ୍ଜ୍ୱଳ ସମ୍ଭାବନା ବିରୋଧରେ ଜାରୀ ରହିଥିବା ଶଙ୍କା ତାଙ୍କ ଉପରେ କୌଣସି ପ୍ରଭାବ ପକେଇ ପାରିଲା ନାହିଁ ଆଉ ଟାଇମ୍‌ସ୍ ପତ୍ରିକାକୁ ସ୍ୱତନ୍ତ୍ର ଟିପ୍ପଣୀ ଦେଇ ତାଙ୍କ ଚିଠିଟିକୁ ସେ ଏଭଳି ଶେଷ କରିଥିଲେ ସତେ ଯେମିତି ଏକ ଦେଶପ୍ରେମୀକୁ ତା' ନିଜ ସହକର୍ମୀମାନଙ୍କୁ ପରିତ୍ୟାଗ କରି ଚାଲି ଆସିବା ପାଇଁ କେବେ ବି ପ୍ରବର୍ତ୍ତା ଯାଇପାରିବ ନାହିଁ : –

''ଯେଉଁ ସଂସ୍କାରଗୁଡ଼ିକ ସମ୍ବନ୍ଧରେ ବଡ଼ଲାଟ ଓ ରାଜ୍ୟ ସଚିବ ଗଭୀର ଚିନ୍ତା ପ୍ରକଟ କରୁଛନ୍ତି ତା'ର କିଛି ହେଲେ ଅର୍ଥ ରହିବ ନାହିଁ ଯଦି ଦେଶର ସ୍ୱାର୍ଥ ପାଇଁ ଲାଲା ଲଜପତ୍ ରାୟଙ୍କ

ପରି ଏଭଳି ନିଷ୍ଠାବାନ୍ ଓ ମହାମନା କର୍ମୀମାନଙ୍କୁ ଭାରତବର୍ଷରୁ ବିତାଡ଼ିତ ହୋଇ ଦେଶାନ୍ତର ଭୋଗିବାକୁ ନ ପଡ଼େ।'' ପ୍ରଶାସନିକ ସଂସ୍କାରର ପ୍ରଲୋଭନ ଦୋଳାୟିତ ହେଉଛି ନରମପନ୍ଥୀ ଦେଶବାସୀଙ୍କ ଦୃଷ୍ଟି ସାମନାରେ, ଯଦ୍ୱାରା ଲାଲ ଲଜପତ୍‌ଙ୍କ ଦେଶାନ୍ତର ପରି ପଦକ୍ଷେପଗୁଡ଼ିକୁ ଜୋର୍‌ରେ ହଲ୍ଲା କରି ସମର୍ଥନ ଜଣେଇବା ପାଇଁ ସେମାନେ ଚାହିଁ ବସିଥିଲେ, ଏହାହିଁ ଥିଲା ସେମାନଙ୍କ ଦେଶଭକ୍ତି ପ୍ରତି ଅପମାନ। ଆଇନ ଦୃଷ୍ଟିରେ ଲାଞ୍ଚଦାତା ଓ ଲାଞ୍ଚଗ୍ରହୀତା ଉଭୟ ହେଉଛି ସମ ପରିମାଣରେ ଅପରାଧୀ। ନିଜକୁ ନିଜେ ପ୍ରତାରଣା କରିବା କଥା ନକହିବା ଭଲ, ଆମ ନରମପନ୍ଥୀ ଦେଶବାସୀଗଣ କୌଣସି ଦୋଷାବହ କାର୍ଯ୍ୟର ଅଭିଯୋଗ ଆଗତ ହେଲେ ନିଜକୁ କେବେହେଲେ ସମ୍ମୁଖୀନ ହେବାକୁ ଦିଅନ୍ତି ନାହିଁ, ଏକଥା ଶୁଣିଲେ ମନ ଯେ ପୂରି ଉଠିବ ଏଥିରେ ସନ୍ଦେହର ଅବକାଶ ନାହିଁ। ମି. ମୋର୍ଲେଙ୍କର ଲାଞ୍ଚ ଯାଚିବା ପ୍ରସଙ୍ଗଟିକୁ ନେଇ ତର୍ଜମା କଲେ ଦେଖାଯିବ ଯେ ତାଙ୍କର ସୁନାମ ଭିତରେ ଏତେ ମାତ୍ରାରେ ଦର୍ଶନ ତତ୍ତ୍ୱ ଓ ସାହିତ୍ୟିକ ଚେତନା ରହିଛି ଯାହାର ଚୂଡ଼ାନ୍ତ ବିଳୟ ଘଟିବ କୁଟନୈତିକ ବିଚାରହୀନତାର ଗୋଟିଏ ମାତ୍ର ଠୋକରରେ। ଏତତ୍ ବ୍ୟତୀତ ନୈତିକତାର ସାଧାରଣ ମାନଦଣ୍ଡ କୃଷ୍ଣକାୟ ଜାତିମାନଙ୍କ କ୍ଷେତ୍ରରେ ଆଦୌ ପାଳନ କରାଯାଇନି। ରାଜନୀତିକୁ ଛୁଇଁବା ଅର୍ଥ ଆଲକାତରାକୁ ଛୁଇଁବା, ଏକଥା କହିଛନ୍ତି କାର୍ଡ଼ିନାଲ୍ ନିଉମ୍ୟାନ୍, ଆଉ କୃଷ୍ଣକାୟ ଲୋକମାନଙ୍କ ସହିତ କାରବାର କଲାବେଳେ ଏହି କୃଷ୍ଣବର୍ଣ୍ଣର ଦ୍ରବ୍ୟକୁ ବ୍ୟବହାର କରିବା ପାଇଁ ଟିକିଏ ଅଧିକ ଫୁସୁଲାଫୁସିଲି କରିବା ଦରକାର ହୁଏ। ତାଙ୍କର ମହାମନା ବନ୍ଧୁଙ୍କୁ ଗୋଖଲେ ଏଇ ଯେଉଁ ସନ୍ଦେହ ମୁକ୍ତ କଲେ ତାହା ମି. ମୋର୍ଲେଙ୍କ ବର୍ଣ୍ଣାନ୍ଧ ଦୃଷ୍ଟିର କିଛି ଉପକାର ସାଧନ କରିବ ନାହିଁ – ଏତେ ପ୍ରେମରେ ମାତିଲେ ବୃଥା ଯାଏ। ସେଇ ସମାନ ଦଶାରେ ସେ ଅଗ୍ନି ପରୀକ୍ଷାରୁ ଅକ୍ଷତ ଅବସ୍ଥାରେ ବର୍ତ୍ତି ଯାଇଛନ୍ତି।

[ବନ୍ଦେ ମାତରମ୍, ମେ ୨୫, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

When we trust in the Divine's Grace we get an unfailing courage.
(CWM Vol. 14, p. 92) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଏକ ଅଭିନବ ମାନବ-ଗୋଷ୍ଠୀ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ନବସୃଷ୍ଟି ଆସନ୍ନ; ଏବେ ଜଗତଯାକ ଚାରିଆଡ଼େ ତାହାରି ପୂର୍ବାଭାସ, ଯେପରି ଏକ ତୀବ୍ର ବେଦନାର ଆଘାତରେ, ଆର୍ତ୍ତନାଦରେ ଜନନୀ ଧରିତ୍ରୀ ଅସ୍ଥିର, ସତେଅବା ସେ ପ୍ରସବ ବେଦନାରେ କାତର । ଏଇ ନୂଆ ସୃଷ୍ଟି ଆମର କପୋଳକଳ୍ପିତ କାହିଁ କେଉଁ ଦୂରସ୍ଥିତ ଆଦର୍ଶ ମାନବସମାଜ ନୁହେଁ କିଂବା ଏପରି ଏକ ଗୋଷ୍ଠୀର ଆଗମନର କଥା କହୁ ନାହିଁ ଯାହାର ଆଗମନ ଏବେ ବି କାର୍ଯ୍ୟକାରୀ ହୋଇ ନାହିଁ ଅର୍ଥାତ୍ ନବସୃଷ୍ଟିର ଭବିଷ୍ୟତ୍ ବାଣୀ ଆମେ କରିବାକୁ ଯାଉ ନାହୁଁ । ସେ ସୃଷ୍ଟି ସମ୍ଭବ ହୋଇସାରିଲାଣି ଏଇକ୍ଷଣି ଓ ଏଇଠାରେ ।

ହୁଏତ ନୂଆ ମାନବ ଆମମାନଙ୍କ ଅଜ୍ଞାତସାରରେ ଆବିର୍ଭୂତ ହୋଇସାରିଛି ଓ ଇତିମଧ୍ୟରେ ଦିବ୍ୟସ୍ୱରୂପରେ ଆମ ଭିତରେ ଗଢ଼ି ଉଠୁଛି । ହୁଏତ ଆମର ନିକଟତମ ପ୍ରତିବେଶୀ ବା ଆମର ପ୍ରିୟ ଭାଇଟି ଭିତରେ ତାହାର ପ୍ରକାଶ ଘଟିବାକୁ ଯାଉଛି । ଏମିତିକି ମୋ ନିଜ ଭିତରେ ତାହାର ପ୍ରକାଶ ଘଟିଲାଣି । ଖାଲି ସେହି ଦିବ୍ୟମାନବତ୍ୱ ଉପରେ ପତଳା ଏକ ଢାଙ୍କୁଣୀ ଘୋଡ଼େଇ ହୋଇ ରହିଛି । ଧାଡ଼ିର ଠିକ୍ ପଛରେ ସେ ଠିଆ ହୋଇଛି ନିର୍ଦ୍ଦିଷ୍ଟ ଶୁଭକ୍ଷଣଟିକୁ ଅପେକ୍ଷା କରି, କେତେବେଳେ ସେ ସେଇ ଓଢ଼ଣାଟିକୁ ଫୋପାଡ଼ି ଦେଇ ଆସି ଧାଡ଼ିର ଆଗରେ ପୁରୋଭାଗରେ ଠିଆହୋଇ ପଡ଼ିବ । ଏପରି ଏକ ଯୁଗସନ୍ଧିକ୍ଷଣରେ ଆମେ ଆସି ପହଞ୍ଚୁଛୁ ଠିକ୍ ଯେତେବେଳେ ପୁରୁଣା ପ୍ରତିଷ୍ଠାନସବୁ ଭାଙ୍ଗି ଧସି ପଡ଼ୁଛି ଓ ନୂଆ ଶକ୍ତିସବୁ ମୁଣ୍ଡଟେକି ଠିଆ ହେଉଛି । ପୁରୁଣା ଅଭ୍ୟାସ, ପୁରୁଣା ରୀତିନୀତିମାନ ଘୁଞ୍ଚି ଯାଉଛି ନବପ୍ରେରଣାର ଉନ୍ମେଷରେ । ଜୀବନର ସବୁ କ୍ଷେତ୍ରରେ, ସବୁ ସ୍ତରରେ ଜିନିଷପତ୍ର, ସାଜସରଞ୍ଜାମ ଆଦିକୁ ନୂଆ ଢଙ୍ଗରେ ସଜାଇବା ସକାଶେ, ପ୍ରତ୍ୟେକଟି ଜିନିଷର ନୂଆ ମୂଲ୍ୟାୟନ କରିବା ସକାଶେ ଗୋଟିଏ ଜରୁରୀ ତାଗିଦା ସତରେ ଯେମିତି ଆମ ଉପରେ ଆସି ପଡ଼ିଯାଇଛି । ଭୂତଳରୁ ନେଇ ଶିଖର ଯାଏଁ, ଅର୍ଥନୈତିକ ଓ ରାଜନୈତିକ ଜୀବନରୁ ଆରମ୍ଭ କରି ଶିଳ୍ପିକ ଓ ଆଧାତ୍ମିକ ଜୀବନ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ମନୁଷ୍ୟ ଏବେ ପ୍ରଚଣ୍ଡ ଧକ୍କା ଖାଉଛି, ଆନ୍ଦୋଳିତ ହେଉଛି, ଯେମିତି କିଛି ଗୋଟାଏ ଅଭିବ୍ୟକ୍ତ ହେବାକୁ ଯାଉଛି ଓ ସେଥିପାଇଁ ତାହା ଉପରୁ ଚାପ ପ୍ରୟୋଗ କରୁଛି । ସେ ଅନୁଭବ କରୁଛି ଓ ଏଇ କଥାଟିକୁ ସ୍ପଷ୍ଟ କରି କହିବାକୁ ଭିତରୁ ଏକ ତାଡ଼ନା ବି ଅନୁଭବ କରୁଛି । ଦିବ୍ୟଶକ୍ତି ଅଲକ୍ଷିତ ଭାବରେ ସଞ୍ଚାରିତ ହେଉଛି, ଚିନ୍ମୟ ସତ୍ତା ଆମ ଭିତରେ ଗୁପ୍ତ ଭାବରେ ଠେଲା ଦେଉଛି – ସେ ଆଉ ଅନ୍ଧକାରରେ, ମୁଖାର ଆଢୁଆଳରେ ପଡ଼ିରହିବାକୁ ଚାହେଁ ନାହିଁ । ବାହାରକୁ, ଦିବାଲୋକକୁ ବାହାରି ଆସିବାକୁ ତା'ର ମନ । ସେ ଚାହେଁ ମଣିଷ ତା'ର ସମୁଦାୟ ଗୁଣ-ସମ୍ଭାରକୁ ଦେଖୁ, ବୁଝୁ ଓ ସମାଦର କରୁ ।

ସେଇ ଶକ୍ତି, ସେଇ ଚିନ୍ମୟ ସତ୍ତା, ମନୁଷ୍ୟର ଆବିର୍ଭାବ କାଳରୁ ସହସ୍ର ସହସ୍ର ବର୍ଷ ଧରି ବଢ଼ିଉଠିଛି, ଶକ୍ତି ସଂଗ୍ରହ କରିଛି । ଯେଉଁଦିନ ମଣିଷ ପ୍ରଥମ କରି ଏ ପୃଥିବୀରେ ଦେଖା ଦେଇଥିଲା, ତାହାରି ସଙ୍ଗେ ସଙ୍ଗେ ଉଚ୍ଚତର ମାନବ ବି ଜନ୍ମ ନେଇଥିଲା ତା' ଭିତରେ । ଚିନ୍ମୟ ପୁରୁଷ ସେତେବେଳେ ଆଉ ପଶୁ ଆବରଣରେ ରହିବାକୁ ରାଜି ହେଲେ ନାହିଁ, ମନୁଷ୍ୟରୂପ ଗ୍ରହଣ କଲେ – ସେଇ ଊର୍ଦ୍ଧାୟନର ସଙ୍ଗେ ସଙ୍ଗେ ମଣିଷ ଭିତରକୁ ସେ ନେଇ ଆସିଲେ ବିପୁଳତର ସ୍ୱାଧୀନତା ଓ ବିସ୍ତୃତତର ଗତିଛନ୍ଦ । ଆମ ଭିତରେ ଥିବା ଆନ୍ତର ତରଙ୍ଗର ଶିଖର ଦେଶ ଉପର ସ୍ତରରେ ଜାଗ୍ରତ୍ ହୋଇଛି ପ୍ରତି ଯୁଗରେ, ଦେଶଦେଶାନ୍ତରରେ – କବିମାନଙ୍କ ମଧ୍ୟରେ, ନ୍ୟାୟନୀତି ପ୍ରଣୟନକାରୀମାନଙ୍କଠାରେ, ଋଷିମାନଙ୍କ ଉପଲବ୍ଧିରେ, ନାନା ଅଭିଜ୍ଞତାରେ; ସତରେ ଯେମିତି ଯଜ୍ଞ-ଅଶ୍ୱର ଉନ୍ନତଶିର ଛୁଟି ଚାଲିଛି ଦିବ୍ୟଉଷାର ଅଭିମୁଖରେ । ଏବେ ସେ ତା'ର ବନ୍ଦିଦଶାର କାଳ ଡେଇଁ ଗଲାଣି; ଏକଥା କୁହାଯାଇପାରେ ଯେ ତା'ର ପ୍ରସ୍ତୁତିପର୍ବ ଶେଷ ହୋଇଯାଇଛି । ଆତ୍ମା ତା'ର ନିଃସଙ୍ଗବୋଧର ପର୍ବକୁ ଡେଇଁ ଏବେ ପ୍ରକଟିତ ହେବାକୁ ଚାହୁଁଛି । ଏତେଦିନ ଧରି ଯାହା ଚାଲୁଥିଲା, ତାକୁ ଆବାହନ ଓ ସମ୍ମିଳନ କହିଲେ ଚଳିବ, ସେଇଟି ସାଧିତ ହେଉଥିଲା ଆତ୍ମାର ନିରବତା ଭିତରେ । ବର୍ତ୍ତମାନ ସମୟ ଆସିଛି, ସେ ନିରବତା ବାଙ୍ମୟ ହେବ । ଖୋଳପାଟି ଖସାଇ ଦେଇ ଆମ ଆନ୍ତରସତ୍ତା ପୂର୍ଣ୍ଣାଙ୍ଗ ଓ ପୂର୍ଣ୍ଣ ବିକଶିତ ହୋଇ ବାହାରକୁ ବାହାରି ଆସିବାର ସମୟ

ହୋଇଗଲାଣି । ଆତ୍ମଗୋପନକାରୀ ମହାରାଜା ବିଜୟୀ ବୀରର ମହିମାରେ ଭୂଷିତ ହୋଇ ଫେରି ଆସୁଛନ୍ତି ସ୍ୱ-ରାଜଧାନୀକୁ ଯେଉଁଠି ସେ ପୂର୍ଣ୍ଣ ରାଜକୀୟ ଅଧିକାର ଓ କ୍ଷମତାକୁ ଆପଣା ଆୟତ୍ତରେ ରଖିବେ ।

ବର୍ତ୍ତମାନ ମାନବୀୟ ପ୍ରଜାତି ପାଖରୁ ଉଦ୍ଭୂତ ହେବାକୁ ଯାଉଛି ଏକ ନୂତନ ମାନବ-ଗୋଷ୍ଠୀ । ଏଇ ଶ୍ରେଣୀର ସତ୍ତା ସର୍ବତ୍ର ରହିଛନ୍ତି ଓ ଏମାନେ ନିକଟ ଭବିଷ୍ୟତରେ ନିୟନ୍ତ୍ରଣ କରିବେ, ଶାସନ କରିବେ ଏହି ପୃଥ୍ୱୀଲୋକକୁ । ଏମାନେ ରହିବେ ଜାଗତିକ ବିବର୍ତ୍ତନର ଆସନ୍ନ କାଳଚକ୍ରର ଶୀର୍ଷରେ, ହେବେ ତା'ର ପୁରୋଧା; ଆଜି ପର୍ଯ୍ୟନ୍ତ ମଣିଷ ଯେଉଁ ପଦବୀରେ ଥିଲା ଅପସୃୟମାଣ ଯୁଗଚକ୍ରର ନିୟନ୍ତ୍ରଣକାରୀ ହୋଇ, ଠିକ୍ ସେହିପରି ଆଗାମୀ ଯୁଗରେ ଏମାନେ ରହିବେ । ତେବେ ପ୍ରଶ୍ନ ହେଉଛି – ଏ ନୂଆଗୋଷ୍ଠୀ କି ଧରଣର ମଣିଷ ? ଉତ୍ତରରେ କୁହାଯିବ – ମଣିଷ ଯାହା ନୁହେଁ, ସେ ତାହା – ଅର୍ଥାତ୍ ମଣିଷ ଯାହା ହୋଇପାରି ନାହିଁ ଓ ମଣିଷ ଯାହା ହୋଇଛି ବା ହୋଇ ପାରିଛି ସେ ହେବ ଏ ଦୁଇଟିର ସମନ୍ୱୟ – ଦୁଇଟିଯାକ ଗୁଣ ତା'ପାଖରେ ରହିବ । ସେ ମାନୁଷୀଧାରାରେ ଜନ୍ମ ହେବ ନାହିଁ ଅଥଚ ମନୁଷ୍ୟସୁଲଭ ମୌଳିକ ଆସ୍ପୃହା ଓ ଆକୁଳ ଆଗ୍ରହର ସୁସ୍ପଷ୍ଟ ଉପଲବ୍ଧି ତା'ର ରହିବ । ମାନୁଷୀ ଧାରାର ସହଜାତ ବନ୍ଧନ ଓ ଅକ୍ଷମତାକୁ ସେ ପାରି ହୋଇଯିବ, ଅଥଚ ସେଇସବୁ ଉପଲବ୍ଧି ରହିବ ଯାହା ତା'ର ଆତ୍ମାକୁ ଓ ଅନ୍ତରସ୍ଥ ଗଭୀରତମ ଅଂଶକୁ ବିକ୍ଷୁବ୍ଧ କରୁଛି, ଯନ୍ତ୍ରଣା ଦେଉଛି, ପୁଣି ତା'ଠି ସାନ୍ତ୍ୱନା ଓ ଆଶ୍ୱାସନାର ପ୍ରଲେପ ଦେଉଛି ଏବଂ ସେହିସବୁ ପାର୍ଥିବ ଜୀବନର ବିଚିତ୍ର ନାନା ଅଭିଜ୍ଞତା ଆଣି ଦେଉଛି; ସେସବୁକୁ ଗ୍ରହଣ କରି ମଧ୍ୟ ସେ ମହାନ୍ ହେବ ।

ନବ-ମାନବ ହେବ ପ୍ରଭୁ – କ୍ରୀତଦାସ ନୁହେଁ; ସେ ହେବ ପ୍ରଭୁ – ପ୍ରଥମତଃ ତା' ନିଜ ଉପରେ ଏବଂ ତା'ପରେ ସମଗ୍ର ଜଗତ୍ ଉପରେ । ଏବେ ମଣିଷର ଯେଉଁ ସ୍ଥିତି ରହିଛି, ତାକୁ କ୍ରୀତଦାସ ଛଡ଼ା ଆଉ କିଛି କୁହାଯାଇ ପାରିବ ନାହିଁ । ତା'ର ବ୍ୟକ୍ତିଗତ ବକ୍ତବ୍ୟ ବୋଲି କିଛି ନାହିଁ କି ପସନ୍ଦ-ଅପସନ୍ଦ ବୋଲି ବି କିଛି ନାହିଁ । ସିଦ୍ଧାନ୍ତ ଯେ ନିଅନ୍ତି ତା' ଭିତରେ ଅର୍ଥାତ୍ ଯେ ତା'ର ମାଲିକ ସେ ଈଶ୍ୱର, ଅନ୍ତରସ୍ଥ ଆତ୍ମା ତା' ଭିତରେ ସୁପ୍ତ, ନିଷ୍କ୍ରିୟ, ନିରବ । ସେ ପ୍ରକୃତିର ଓ ପରିବେଶର ହାତରେ ଥିବା ଖେଳଣା କଣ୍ଢେଇ ଭଳି ମନୁଷ୍ୟକୁ ବ୍ୟବହାର କରୁଛି । ଏଥିଯୋଗୁଁ ଜଡ଼-ବିଜ୍ଞାନକୁ ସେ ତା'ର ମୁଖ୍ୟ 'ଧର୍ମଶାସ୍ତ୍ର' କରିଛି । କାରଣ ଜଡ଼ବିଜ୍ଞାନ ତାକୁ ଶିଖାଇବାକୁ ଚେଷ୍ଟା କରେ ପ୍ରକୃତିର କାର୍ଯ୍ୟ-ପ୍ରଣାଳୀ ଓ କିପରି ଭାବରେ ତାହାକୁ ମଣିଷ ଶାନ୍ତ ରଖିବ ଓ ସ୍ୱପକ୍ଷକୁ ଆଣିବ । ସାଧାରଣତଃ ଆଦର୍ଶ ମଣିଷ ବୋଲି ଲୋକେ ଯେଉଁ ମଣିଷର କଳ୍ପନା କରିଥା'ନ୍ତି ତା'ର ରୀତିନୀତି ଏକ ଚତୁର କ୍ରୀତଦାସ ଭଳି । ମାତ୍ର ଯେଉଁ ନୂଆ ମାନବ-ଗୋଷ୍ଠୀର କଥା ଆମେ ଏଠି କହୁଛୁ ସେ ତା'ର ସ୍ୱରୂପକୁ ଖୋଜି ପାଇଥିବ, ସେ ନିଜର ଆନ୍ତର ସଂକଳ୍ପ ଦ୍ୱାରା ସ୍ୱ-ଜଗତକୁ ଗଢ଼ି ତୋଳିବାକୁ ସମର୍ଥ ହୋଇଥିବ । ସେ ପ୍ରକୃତିର ଭୟରେ ପୀଡ଼ିତ ହେଉ ନ ଥିବ କିଂବା ଅନୁକ୍ଷଣ ଆଶଙ୍କା ଓ ଦ୍ୱିଧାର ରଜ୍ଜୁରେ ଟଣା ହେଉ ନ ଥିବ । ସେ ନୂଆମାନବ ନିଜକୁ ପ୍ରତିଷ୍ଠିତ କରିବ ନିଗୂଢ଼ ସୁସଙ୍ଗତି ଓ ମିଳନ ଉପରେ, ଯାହା ତାକୁ ଘୋଷିତ କରିବ ପ୍ରଭୁ ବୋଲି । ଆମେ ତାକୁ ଚିହ୍ନିବା ତା'ର ହାବଭାବରୁ ଓ ସୁଚାରୁ ଚାଲିଚଳନରୁ, ତା'ର ପ୍ରତ୍ୟେକ ଅଭିବ୍ୟକ୍ତିରେ ଫୁଟିଉଠୁଥିବା ରାଜୋଚିତ ସ୍ୱାଚ୍ଛନ୍ଦ୍ୟ ଓ ପ୍ରଭୁତ୍ୱରୁ ।

ଅଥଚ ଏଇ ସାର୍ବଭୌମ ଶକ୍ତି ଯେ କାହାକୁ ଆକ୍ରମଣ କରିବ ବା ବଳପ୍ରୟୋଗ କରିବ, ସେମିତି ଜମା ଆଶଙ୍କା ନାହିଁ – ସମ୍ଭାବନା ବି ରହିବ ନାହିଁ । ଯେଉଁ ଶକ୍ତି ସବୁବେଳେ ପ୍ରତିପକ୍ଷ ସୃଷ୍ଟି କରେ ଅର୍ଥାତ୍ ଯେଉଁ ଶକ୍ତି ସବୁବେଳେ କୌଣସି ନା କୌଣସି ପ୍ରତିଦ୍ୱନ୍ଦ୍ୱୀ ଖୋଜି ଯୁଦ୍ଧ କରେ – ଏସବୁ ରହିଲେ ଯାଇ ତା'ର ଅସ୍ତିତ୍ୱ ଅଛି ବୋଲି ଅନୁଭବ କରେ, ଯେଉଁ ଶକ୍ତି ଜୋର୍ କରି, ନିଜର କବଳରେ ରଖି ବା ନିଜର ବଶବର୍ତ୍ତୀ କରି ଜୟଲାଭ କରିବାକୁ ଚାହେଁ, ଆମର ଏଇ ମାନବଗୋଷ୍ଠୀ ସେପରି ହେବ ନାହିଁ, ତା'ର ଶକ୍ତିମତ୍ତା ସେ ପର୍ଯ୍ୟାୟର ନୁହେଁ । ସେମିତି ଯେଉଁ ନାଟକୀୟ 'କ୍ଷମତାର ଅଭିଳାଷ' (will to power), ଯାହାର ଚରମ ପ୍ରକାଶ ପ୍ରଚଣ୍ଡ ନିତ୍‌ସେଙ୍କ ଆସୁରିକ ଶକ୍ତିରେ, ଦିବ୍ୟମାନବର ଶକ୍ତି ସେଭଳି ନୁହେଁ । ପକ୍ଷାନ୍ତରରେ ତାହା ଦିବ୍ୟଶକ୍ତିମତ୍ତା – ସେଥିରେ ବଳ ପ୍ରୟୋଗ ଦ୍ୱାରା ବିଜୟ ହାସଲ ହୁଏ ନାହିଁ, ସେ ଯେଉଁ ବିଜୟ-ପ୍ରାପ୍ତି ତାହା ଅହଂପ୍ରସୂତ ନୁହେଁ । କାରଣ ଅହଂ ସ୍ୱଭାବତଃ ବାହ୍ୟ ପ୍ରତିପକ୍ଷରୁହିଁ ଆପଣାର ସତ୍ତାକୁ ଅନୁଭବ କରିବାର, ଜାହିର କରିବାର ପ୍ରୟୋଜନ ବୋଧ କରେ । ଦିବ୍ୟମାନବର ଶକ୍ତିମତ୍ତା ଆସିବ ମାନବର ଉଚ୍ଚତର ଆତ୍ମାରୁ ଯାହାକୁ ମାନବର ବିଶ୍ୱଗତ ଆତ୍ମା କହିଲେ ଠିକ୍ ହେବ । କାରଣ ସେ ଆତ୍ମା ଅପରସବୁ ବ୍ୟକ୍ତି ଆତ୍ମା ସହିତ ଏକୀଭୂତ । ଅସୁର ସ୍ୱୀୟ ଆକ୍ରମଣାତ୍ମକ ପ୍ରଚଣ୍ଡତା ସତ୍ତ୍ୱେ ଶାନ୍ତ ସ୍ୱଚ୍ଛନ୍ଦ ସ୍ୱୟଂସମ୍ପୂର୍ଣ୍ଣ ସାର୍ବଭୌମ ଶକ୍ତି ଯେ ହରାଇବସେ ତାହାର କାରଣ ଏଇଠାରେ ।

ଦୈବୀଶକ୍ତି କେବେ ହେଲେ ବି ନିଜକୁ ଜାହିର କରେ ନାହିଁ । ଖାଲି କାର୍ଯ୍ୟ ସମ୍ପାଦନ କରିଯାଏ ନିରବରେ; କୌଣସି ପ୍ରକାର ଜାଗତିକ ଶକ୍ତି ତାହା ବିରୋଧରେ ପ୍ରତିପକ୍ଷ ହୋଇ ଠିଆ ହୋଇପାରେ ନାହିଁ ସେହି କାରଣରୁ । ଜାଗତିକ ଶକ୍ତି କେବଳ ସେଇ ଊର୍ଦ୍ଧ୍ୱଶକ୍ତିର ଯନ୍ତ୍ର ହୋଇ କାମ କରିପାରେ । ନବୀନ ମାନବ-ଗୋଷ୍ଠୀ ତା'ର ସାର୍ବଭୌମତ୍ୱ ଦୃଢ଼ତାର ସହ ପ୍ରତିଷ୍ଠିତ କରିବ ଅନନ୍ତ ଭଗବାନଙ୍କ ସଙ୍ଗେ ଓ ବିଶ୍ୱଶକ୍ତିମାନଙ୍କ ସହ ସହଯୋଗିତା କରି । ସେ 'ସ୍ୱରାଟ୍' ହୋଇ 'ସମ୍ରାଟ୍' ହେବ – ସେ ନିଜର ପ୍ରଭୁ ହୋଇ ତା'ପରେ ଜଗତର ପ୍ରଭୁ ହେବ, ଏଥିରେ ସନ୍ଦେହ ନାହିଁ ।

ଏଇ ପ୍ରଭୁତ୍ୱ ଯେ ଖାଲି ସଂକଳ୍ପ ଭିତରେ କାମ କରିବ ତାହା ନୁହେଁ, ଏହା ମନକୁ, ହୃଦୟକୁ ସଂକ୍ରମିତ ହୋଇ ସେଠାରେ ନିଜକୁ ପ୍ରସାରିତ କରିବ । କାରଣ ଏଇ ନବମାନବ ଅହଂର ପ୍ରଭାବରୁ ମୁକ୍ତ ହୋଇଥିବ ଓ ସେଥିଯୋଗୁଁ ସେ ସୀମିତ ବୁଦ୍ଧି ସାହାଯ୍ୟରେ ବା ବିଚାର-ଯୁକ୍ତି ସାହାଯ୍ୟରେ ଜାଣିବ ନାହିଁ । ବିଚାର-ବିତର୍କ ଦ୍ୱାରା ଜାଣିବାକୁ ପରୋକ୍ଷ ଜ୍ଞାନ କୁହାଯାଏ । ସେ ମଣିଷ ଜ୍ଞାନ ଲାଭ କରିବ ପ୍ରତ୍ୟକ୍ଷ ଦର୍ଶନ ଦ୍ୱାରା, ଆନ୍ତର ସଂଯୋଗ, ଅପରୋକ୍ଷ ଆତ୍ମିକ ପ୍ରକାଶର ମାଧ୍ୟମରେ । ଏଇ ଅଭିନବ ଜ୍ଞାନ ହେବ ସୀମାହୀନ ନିଗୂଢ଼ ସୃଷ୍ଟିକ୍ଷମ । ଏହା ପ୍ରତିଷ୍ଠିତ ହେବ ସକଳବସ୍ତୁର ବାସ୍ତବ ସତ୍ୟ ଉପରେ ସେସବୁର ଭ୍ରାନ୍ତ ଅଳୀକ ଛାୟା ଉପରେ ପ୍ରତିଷ୍ଠିତ ନ ହୋଇ । ସେ ଜାତୀୟ ମାନବର ଯାବତୀୟ ଅଭିଜ୍ଞତା ଓ ଉକ୍ତିରେ ସତ୍ୟ ଦେଦୀପ୍ୟମାନ ହେବ, ଯେମିତି ବେଦ କହୁଛି – ''ଆମର ବାକ୍ୟରେ, ମନରେ ଓ ଶ୍ରବଣରେ ସତ୍ୟର ଆସନ ପ୍ରତିଷ୍ଠିତ ହେଉ'' । ସେଠି ମନ ଓ ବୁଦ୍ଧି ସକ୍ରିୟ ନୁହେଁ, ଏମିତିକି ଗଠନକାରୀ ବା ପରିଚାଳକ ନୁହେଁ । ସେଗୁଡ଼ିକ ଆଲୋକଦୀପ୍ତ ମାଧ୍ୟମ ବା ପୟଃ ପ୍ରଣାଳୀ ପରି କାମ କରିବେ ଅର୍ଥାତ୍ ସେଥିରେ ଆତ୍ମଦୀପ୍ତ ଜ୍ଞାନର ପ୍ରବାହ ପ୍ରବାହିତ ହେବ ଏବଂ ଆମର ଏଇ ହୃଦୟ, ଏବେ ଯେମିତି ରହିଛି ସେଇଟି ଆବେଗମତ୍ତା ଓ ଅହଂକାରର ଏକ କ୍ଷେତ୍ର ଛଡ଼ା ଅଧିକ କିଛି ନୁହେଁ; ସେତେବେଳେ ସେ ହୃଦୟର ଯାବତୀୟ କୋଳାହଳ ଶାନ୍ତ ହୋଇଯିବ ଓ ତାହା ନାନାପ୍ରକାର କୁଜ୍‌ଝଟିକାର ଅନ୍ଧକାରରୁ ମୁକ୍ତ ହେବ । ସେଇ ନିର୍ମେଘ ହୃଦୟ ଆକାଶରେ ଶୁଦ୍ଧ ସପ୍ରେମ ଉଷ୍ଣତା, ଶାନ୍ତ ନମନୀୟ ପ୍ରଭା ଦେଖାଦେବ । ଗ୍ରନ୍ଥି ଛିନ୍ନ ହେବ – ଭିଦ୍ୟତେ ହୃଦୟଗ୍ରନ୍ଥି, ଆଉ ତେଣିକି ମହାଜଳଧିର ଅନ୍ତହୀନ ପ୍ରବଳ ସ୍ରୋତଧାରା ବହିଯିବ ଆଗକୁ । ଆମେ ଖାଲି ସେମାନଙ୍କୁ ସ୍ନେହ-ଚକ୍ଷୁରେ ଦେଖିବୁ ନାହିଁ ଯାହାଙ୍କ ସହ ଆମର ଘନିଷ୍ଠ ପରିଚୟ ରହିଛି, ପ୍ରତ୍ୟେକ ମନୁଷ୍ୟକୁ ଆମେ ପ୍ରୀତିରେ ବାନ୍ଧିବୁ, ଯେହେତୁ ସେମାନେ ଭଗବାନଙ୍କ ସୃଷ୍ଟି । ଆମେ ଆଉ ଭଲପାଇବୁ ନାହିଁ ମାନବ-ସୁଲଭ ଆକୁଳ ଆକାଙ୍କ୍ଷା ଓ ବୁଭୁକ୍ଷା ନେଇ; ବରଂ ଆତ୍ମା ଆତ୍ମାରେ ନିହିତ ରହିଛି ଯେଉଁ ଦିବ୍ୟ ଏକାତ୍ମତା, ତାହାରିଠାରୁ ଉଦ୍ଭୂତ ଅପାର ରସରେ ଜର୍ଜରିତ ହୋଇ ପ୍ରେମକୁ ସଞ୍ଚାରିତ କରିବୁ ।

ଏବଂ ବିଶେଷ କରି ଏଇ ମାନବସମାଜର ଭିତ୍ତି ଗଢ଼ା ହେବ ପରସ୍ପର ପ୍ରତି ସହଯୋଗିତାକୁ କେନ୍ଦ୍ର କରି; ପ୍ରତିଦ୍ୱନ୍ଦ୍ୱିତା ଉପରେ ଏହା ଠିଆ ହେବ ନାହିଁ । ଏହି ସମାଜରେ ନଗ୍ନ ସଙ୍ଘର୍ଷ ବା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟଷ୍ଟିସ୍ୱାର୍ଥର ସୁବିଧା ସକାଶେ ଚାଲୁଥିବା ପ୍ରଚଳିତ ଆପୋସ-ମୀମାଂସା ରହିବ ନାହିଁ । ସମଷ୍ଟିଗତ ଆତ୍ମାର ସଂଗଠିତ ପ୍ରକାଶହିଁ ହେବ ସେ ମାନବସମାଜର ମୂଳକଥା । ପ୍ରତ୍ୟେକ ବ୍ୟଷ୍ଟି ଆତ୍ମାର ଭିତରେ କାମ କରି ସେମାନଙ୍କର ସ୍ୱ ସ୍ୱ ଦେବତ୍ୱକୁ ଅଭିବ୍ୟକ୍ତ କରି କରି ସେହି ଦିବ୍ୟ-ମାନବଗଣ ଆଗେଇ ଚାଲିବେ ଶ୍ରେଷ୍ଠତମ ଓ ବିଶାଳତମ ସ୍ୱାଧୀନତା ଲାଭ କରିବା ଦିଗରେ । ଏଇ ନୂଆ ଗୋଷ୍ଠୀ ଏଭଳି ଏକ ସଂଗଠନ ହେବ ଯାହା ସର୍ବାପେକ୍ଷା ମାର୍ଜିତ, ସୂକ୍ଷ୍ମ ତଥା ନମନୀୟ । ଏଥିରେ ଜଣେ ଅନ୍ୟ ଜଣକ ଉପରେ ନିର୍ଭର କରି ବସବାସ କରିବ ନାହିଁ, ବରଂ ଜଣେ ଅପର ଜଣକ ଭିତରେ ଜୀବନ ଧାରଣ କରିବ । ମୋଟାମୋଟି କହିବାକୁ ହେବ ସେହି ଗୋଷ୍ଠୀ-ସଂଗଠନ ଏକ ବିଶ୍ୱଦେବସଂଘ, ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ହେବ ସକଳ ବ୍ୟକ୍ତିର ପ୍ରତିନିଧି ଏବଂ ସମୂହ କହିଲେ ବୁଝାଇବ ଜଣ ଜଣ କରି ପ୍ରତ୍ୟେକଙ୍କର ଅଭିବ୍ୟକ୍ତି ।

ଦେବତାମାନଙ୍କ ବିଷୟରେ ଆମର ଯେଉଁ ଧାରଣା ରହିଛି, ବେଶୀଭାଗ ସେହି ଧାରାରେ ବା ଛାଞ୍ଚରେ ଗଢ଼ି ଉଠିଥିବେ ସେଇ ମାନବଗଣ । ଦେବତା ଓ ମନୁଷ୍ୟମାନଙ୍କ ମଧ୍ୟରେ ଯେଭଳି ଯୋଗସୂତ୍ର ଥିଲା, ତାହା ହଜିଯାଇଛି ବୋଲି ଆମେ ଜାଣୁ । ପୁଣି ଥରେ ସେଇ ଯୋଗାଯୋଗ ସ୍ଥାପିତ ହେବ, ଅର୍ଥାତ୍ ନୂଆ ମାନବସମାଜ ହେବ ମୂର୍ତ୍ତ ଶରୀରଧାରୀ ଦେବ-ଜାତି, ମନୁଷ୍ୟ ଯେଉଁଥି ପାଇଁ ସବୁବେଳେ ଦେବତା ହେବାକୁ ଅଭୀପ୍ସା କରି ଆସିଛି, ତାହା ପୂରଣ ହେବ । ମନୁଷ୍ୟର ପ୍ରଥମ ବାସନା ଆଦି ସ୍ୱପ୍ନ ସଫଳ ହେବ; ସେ ଅମରତା (ଅମୃତତ୍ୱଂ) ଲାଭ କରିବ । ନଶ୍ୱରତାହିଁ ତାକୁ ବିଦୀର୍ଣ୍ଣ କରୁଛି, ବିଚ୍ଛିନ୍ନ କରୁଛି,

ତାକୁ ସୀମାର ବନ୍ଧନରେ ବାନ୍ଧି ରଖୁଛି, ତାକୁ ଗୋଟିଏ ହତଭାଗ୍ୟ ଜୀବ କରି ରଖିଛି ଆଜିଯାଏଁ । ଏଥିପାଇଁ ଦାୟୀ ତା'ର ଅଜ୍ଞତା, ଦୁର୍ବଳତା ଓ ଅହଂକାର – ଦାୟୀ ତା'ର ଆତ୍ମା ସ୍ୱୟଂ । ଏଇ ଆତ୍ମାରହିଁ ରୂପାନ୍ତର ପ୍ରୟୋଜନ, ପ୍ରୟୋଜନ ନବ-ସର୍ଜନାର – ଯିଶୁଖ୍ରୀଷ୍ଟ ଯେପରି ଚାହୁଁଥିଲେ । ଆମମାନଙ୍କର ଏଇ ଯେଉଁ କ୍ଷୁଦ୍ର ଆତ୍ମା, ତାହା ଆପଣାକୁ ବିଚ୍ଛିନ୍ନ କରିଛି ତା'ର ଦିବ୍ୟ ସ୍ୱରୂପରୁ, ଅର୍ଥାତ୍ ସେ ସ୍ୱରୂପତଃ ଯାହା, ସେଇ ବିଶାଳତର ଓ ପ୍ରବଳତର ଶକ୍ତି-ସମ୍ପନ୍ନ ଆତ୍ମାଠାରୁ ସେ ବିଚ୍ଛିନ୍ନ ହୋଇଛି । ଏବଂ ସେଇ କାରଣରୁ ସେ ପ୍ରତି ମୁହୂର୍ତ୍ତରେ ମରୁଛି, ବଞ୍ଚି ରହି ମଧ ବଞ୍ଚିବାକୁ ଭୟ କରୁଛି, ଜୀବନ କଟାଉଛି ଦୀନହୀନ ଭାବରେ । କିନ୍ତୁ, ଏବେ ସେଇ ଯୁଗ ଆସିଛି ଯେତେବେଳେ ସେଇ ଦେବୋପମ ଆତ୍ମା ତା'ର ଅମୃତତ୍ୱର ରାଜପଦରେ ଭୂଷିତ ହୋଇ ଅଭ୍ୟୁଦିତ ହେବା ସକାଶେ ଆମର ଅଭିବାଦନ ପାଇବାକୁ ଅପେକ୍ଷା କରୁଛି ।

ନବ-ସୃଷ୍ଟିର ଶ୍ୱାସ-ପ୍ରଶ୍ୱାସ, ଉଚ୍ଛ୍ୱାସ-ଆଲୋଡ଼ନ ଭୁଲ୍ ହେବା କଥା ନୁହେଁ । ଆଜି ଆମେ ଯେଉଁ ପ୍ରଶ୍ନର ସାମନାସାମନି ହୋଇ ଠିଆ ହୋଇଛେ, ସେଇ ନୂଆ ମାନବ-ସମାଜ କେବେ ଆସିବ, ସତରେ ଆସିବ କି ନାହିଁ, ସେ ଗୋଷ୍ଠୀର ଆବିର୍ଭାବ ସମ୍ଭବ କି ନାହିଁ ଇତ୍ୟାଦି ସଂକ୍ରାନ୍ତରେ ନୁହେଁ, ଆମମାନଙ୍କ ମଧ୍ୟରୁ କିଏ କିଏ ବା କେଉଁମାନେ ଏହାର ଧାରକ ଓ ବାହକ ହେବାକୁ ସମ୍ମତ ହୋଇଛନ୍ତି, କେଉଁମାନେ ଏହି ନବ-ଗୋଷ୍ଠୀର ପ୍ରମୂର୍ତ୍ତ ବିଗ୍ରହ ହେବାକୁ ଚାହାନ୍ତି, ଆମକୁ ଏବେ ଏଇ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ।

ଅନୁବାଦ : କୃଷ୍ଣାଦେବୀ ❖

*ପ୍ରଶ୍ନ : ମଧୁମୟି ମା', ଆମ ମଧ୍ୟରେ ସଂଗୁପ୍ତ ହୋଇ ରହିଥିବା ଭଗବାନଙ୍କୁ ଆମେ କିପରି ଖୋଜି ପାଇବୁ ?*

**ଶ୍ରୀମା** : ଏ ବିଷୟ ଆମେ ବହୁବାର ବୁଝାଇଛୁ । କିନ୍ତୁ ପ୍ରଥମ କଥା ହେଲା ଆମେ ପ୍ରଥମେ ତାହା ଚାହିଁବା, ନିର୍ଦ୍ଦିଷ୍ଟଭାବେ ଜାଣିବା ଯେ ଏହାହିଁ ଆମର ପ୍ରଥମ କାମ୍ୟ, ଅନ୍ୟସବୁ ପରେ, ତାହାହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହା ହେଉଛି ପ୍ରଥମ ସର୍ତ୍ତ; ଅନ୍ୟ ସବୁକଥା ପରେ ଆସିପାରେ, ଏହା ହେଉଛି ଅପରିହାର୍ଯ୍ୟ ସର୍ତ୍ତ । ଦେଖ, ଯଦି ସମୟ ସମୟରେ କେବେ କେମିତି ତୁମର କୌଣସି କାମ ନଥିଲା ବେଳେ ତୁମେ ହଠାତ୍ ମନେ ମନେ ଭାବ, ''ଭଗବାନଙ୍କୁ ପାଇପାରିଲେ କେତେ ଭଲ ହୁଅନ୍ତା''– ଏହିପରି ହେଲେ ତୁମକୁ ଶହେ ହଜାର ବର୍ଷ ଲାଗିଯିବ ତାଙ୍କୁ ପ୍ରାପ୍ତ ହେବା ପାଇଁ ।

କିନ୍ତୁ ଏହା ଯଦି ତୁମ ପାଇଁ ଅତି ଆବଶ୍ୟକ ବିଷୟ ହୋଇଥାଏ, କେବଳ ମାତ୍ର ତାହାରି ଉପରେ ତୁମେ ଯଦି ଗୁରୁତ୍ୱ ଦେଉଥାଅ, ଅନ୍ୟମାନଙ୍କୁ ପଛକୁ ଆଡ଼େଇ ଦେଇଥାଅ, ଏବଂ ଏହା ବ୍ୟତୀତ ତୁମେ ଅନ୍ୟକିଛି ଚାହଁ ନାହିଁ – ତେବେ ତାହାହିଁ ହେଉଛି ପ୍ରଥମ ସର୍ତ୍ତ । ସର୍ବପ୍ରଥମେ ତୁମେ ଏହି ମନୋଭାବ ରଖିବ, ପରେ ଯାହାସବୁ ଘଟିବ ସେ ବିଷୟ ମୁଁ କହିବି । ପ୍ରଥମେ ଏହାହିଁ ଆବଶ୍ୟକ, ଅନ୍ୟସବୁର କିଛି ମୂଲ୍ୟ ନାହିଁ, କେବଳ ଏହାହିଁ ଆବଶ୍ୟକ, ଏହାକୁ ପ୍ରାପ୍ତ ହେବା ପାଇଁ ବ୍ୟକ୍ତି ଅନ୍ୟ ସବୁକିଛିକୁ ପରିତ୍ୟାଗ କରିବା ପାଇଁ ପ୍ରସ୍ତୁତ ଅଛି, ଏହାହିଁ ହେଉଛି ଜୀବନର କେବଳ ମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ । ଏତିକି ହେଲେ ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ଜଣେ ସମର୍ଥ ହୁଏ ।

ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନି ସୂକ୍ତମାଳା

# ଅଗ୍ନି, ଦିବ୍ୟ ସଂକଳ୍ପ-ଶକ୍ତି

## ଶ୍ରୀଅରବିନ୍ଦ

ଜ୍ୱଳନଶୀଳ ଦେବଙ୍କର ନାମ 'ଅଗ୍ନି', ଏହା ଯେଉଁ ଧାତୁରୁ ନିଷ୍ପନ୍ନ ତାହାର ଅର୍ଥବୈଶିଷ୍ଟ୍ୟ ହେଲା ଅତୀବ ପ୍ରବଳତା ବା ତୀବ୍ରତା, ସ୍ଥିତିରେ, କର୍ମରେ ଇନ୍ଦ୍ରିୟାନୁଭୂତିରେ ବା ଗତିବିଧିରେ ଏହା ବ୍ୟକ୍ତ ହୋଇପାରେ; କିନ୍ତୁ ଏହି ମୌଳିକ ଅର୍ଥର ଗୁଣଧର୍ମଗୁଡ଼ିକ ଭିନ୍ନ ଭିନ୍ନ । ଅଗ୍ନିକର୍ମ ନିମନ୍ତେ ଏହାର ଉପଯୋଗ ବେଳେ ଏହାର ଅର୍ଥ ଜାଜ୍ୱଲ୍ୟ ଦୀପ୍ତି; ଅନ୍ୟ ଅର୍ଥରେ ଏହା ଗତିକୁ ବୁଝାଏ, ବିଶେଷତଃ ବକ୍ର ବା ସର୍ପିଳ ଗତିକୁ; ଏହା ଶକ୍ତି ଓ ପ୍ରବଳତାକୁ, ସୌନ୍ଦର୍ଯ୍ୟ ଓ ସୌଷମ୍ୟକୁ, ନେତୃତ୍ୱ ଓ ପ୍ରାଧାନ୍ୟକୁ ବୁଝାଏ । କେତେଗୁଡ଼ିଏ ଭାବାତ୍ମକ ମୂଲ୍ୟ ମଧ୍ୟ ଏଥିରେ ବିକଶିତ ହୋଇଛି ଯାହା ସଂସ୍କୃତରେ ବିଲୁପ୍ତ ହୋଇ ଯାଇଥିଲେ ମଧ୍ୟ ଗ୍ରୀକ୍ ଭାଷାରେ ରହିଛି, ଯଥା ଗୋଟିଏ ପକ୍ଷରେ ଏହା ରୌଦ୍ରଭାବ ତ ଅନ୍ୟ ପକ୍ଷରେ ଆନନ୍ଦ ଓ ପ୍ରେମ ।

ବୈଦିକ ଦେବତା 'ଅଗ୍ନି' ହେଉଛନ୍ତି ପ୍ରଥମଶକ୍ତି, ସେ ସର୍ବପ୍ରାଚୀନ ତଥା ମୁଖ୍ୟ, ବିରାଟ ତଥା ଗୂଢ଼ ପରମ ଦେବଙ୍କ ମଧ୍ୟରୁ ତାଙ୍କର ଉତ୍ପତ୍ତି । ସେହି ପରମଦେବଙ୍କ ସଚେତନ ଶକ୍ତି ଦ୍ୱାରା ଲୋକଗୁଡ଼ିକର ସୃଷ୍ଟି ଏବଂ ସେହି ପ୍ରଚ୍ଛନ୍ନ ଓ ଅନ୍ତର୍ଯାମୀଙ୍କ ଦ୍ୱାରା ପ୍ରଶାସିତ; ଅଗ୍ନି ହେଉଛନ୍ତି ଏହି ପରମ ଦେବତାଙ୍କର ଆକୃତି, କଳାନ୍ୱିତ ଉତ୍ତାପ ଓ ଶିଖାବାନ୍ ସଂକଳ୍ପ । ଜ୍ଞାନର ଶିଖାନ୍ୱିତ ଶକ୍ତିରୂପେ ସେ ଲୋକରାଜିକୁ ଗଢ଼ିବା ନିମନ୍ତେ ଅବତରଣ କରି ସେମାନଙ୍କ ମଧ୍ୟରେ ବିରାଜମାନ ଥାଆନ୍ତି, ସେଠାରେ ସେ ଏକ ଗୁହାସୀନ ଦେବତା ଏବଂ ଗତି ଓ କର୍ମକୁ ପ୍ରବର୍ତ୍ତନ କରୁଥା'ନ୍ତି । ଚକ୍ରନାଭିରେ ଅରଗୁଡ଼ିକ ପରି ଏହି ସଚେତନ ଶକ୍ତି ଅନ୍ୟ ଦେବଗଣଙ୍କୁ ନିଜ ମଧ୍ୟରେ ଧାରଣ କରୁଥା'ନ୍ତି । ଯେତେ ବିରାଟ କର୍ମ ହେଉ, ସତ୍ତା ମଧ୍ୟରେ ଶକ୍ତି ହେଉ, ଆକାର ଯୁକ୍ତ ରୂପ ହେଉ, ଆଲୋକ ଓ ଜ୍ଞାନର ପ୍ରଭା ହେଉ, ସକଳ ମହିମା ଓ ମହତ୍ତା ହେଉଛନ୍ତି 'ଅଗ୍ନି'ଙ୍କ ଅଭିବ୍ୟକ୍ତି । ସେ ଯେତେବେଳେ ଜଗତର ମିଥ୍ୟା ବା କୁଟିଳତାର ଆବରଣ ମଧ୍ୟରୁ ପୂର୍ଣ୍ଣ ରୂପେ ମୁକ୍ତ ଓ ପୂର୍ଣ୍ଣ-ମନୋରଥ କରି ଦିଆ-ଯାଇପାରିଲେ ଏହି ଆଗ୍ନେୟ ତଥା ବଳାନ୍ୱିତ ସୌର ମଣ୍ଡଳୀୟ ଦେବତା 'ମିତ୍ର' ରୂପେ ଆବିର୍ଭୂତ ହୁଅନ୍ତି, ଯେ କି ପ୍ରେମ, ସଙ୍ଗତି ଓ ଆଲୋକର ଦେବତା, ଯେ କି ମନୁଷ୍ୟକୁ 'ସତ୍ୟ' ଦିଗରେ ନେଇ ଯାଇଥା'ନ୍ତି ।

ବୈଦିକ ବିଶ୍ୱରେ ଦୈବୀ ଶକ୍ତିର ସମ୍ମୁଖ ଭାଗ ରୂପେ ଅଗ୍ନି ପ୍ରକଟିତ ହୁଅନ୍ତି, ଜାଜ୍ୱଲ୍ୟ ଉତ୍ତାପ ଓ ଆଲୋକର ପିଣ୍ଡ ରୂପେ 'ଜଡ଼' ମଧ୍ୟସ୍ଥ ସକଳ ବସ୍ତୁକୁ ସେ ରୂପାୟିତ କରନ୍ତି, ଅଧିଗ୍ରହଣ କରନ୍ତି, ଅନୁପ୍ରବେଶ କରନ୍ତି, ଆବେଷ୍ଟନ କରନ୍ତି, ଗର୍ଭସାତ୍ କରନ୍ତି, ପୁନର୍ଗଠନ କରନ୍ତି । ଏ କୌଣସି ସାଧାରଣ ଅଗ୍ନିମାତ୍ର ନୁହନ୍ତି; ଶକ୍ତି ଏହାଙ୍କ ସ୍ୱଭାବ ଏବଂ ଏହା ସହିତ ରହିଛି ଏକ ବିଶେଷ ଆଲୋକ ଓ ଦିବ୍ୟ ଜ୍ଞାନ । ଅଗ୍ନି ହେଉଛନ୍ତି ବିଶ୍ୱଗତ ଦ୍ରଷ୍ଟୃ-ସଂକଳ୍ପ ଏବଂ ନିଜର ସକଳ କର୍ମରେ ସେ ଅପ୍ରମାଦ । ସେ ନିଜ ଆବେଶ ଓ ଶକ୍ତି ବଳରେ କରୁଥିବା ପ୍ରତ୍ୟେକ କର୍ମ ତାଙ୍କ ଅନ୍ତରସ୍ଥ ନୀରବ 'ସତ୍ୟ'ର ଆଲୋକ ଦ୍ୱାରା ନିର୍ଦ୍ଦେଶିତ । ସେ ହେଉଛନ୍ତି ଜଣେ ସତ୍ୟ-ସଚେତନ ଆତ୍ମା, ଜଣେ ଦ୍ରଷ୍ଟା, ପୁରୋହିତ ତଥା କର୍ମୀ, — ମାନବ-ମଧ୍ୟସ୍ଥ ଅମର କର୍ମୀ । ଏହାଙ୍କ କର୍ମର ଅଭିଲକ୍ଷ୍ୟ ହେଲା ଯେଉଁ ସମସ୍ତ ଉପରେ ସେ କାର୍ଯ୍ୟ କରୁଛନ୍ତି ତାହାକୁ ପରିଶୁଦ୍ଧ କରିବା ଏବଂ 'ପ୍ରକୃତି' ମଧ୍ୟରେ ସଂଘର୍ଷ କରୁଥିବା ଆତ୍ମାକୁ ତମସରୁ ଜ୍ୟୋତିଃ ପ୍ରତି, ସଂଘର୍ଷ ଓ ପୀଡ଼ା ମଧ୍ୟରୁ ପ୍ରେମ ଓ ପ୍ରହର୍ଷ ପ୍ରତି, ତାପ ଓ ପରିଶ୍ରମ ମଧ୍ୟରୁ ଶାନ୍ତି ଓ ଆନନ୍ଦ ପ୍ରତି ଉତ୍ତୋଳିତ କରିବା । ତେବେ ସେ ହେଉଛନ୍ତି ଦିବ୍ୟସଂକଳ୍ପ, ପରମ ଦେବଙ୍କ ଜ୍ଞାନ-ଶକ୍ତି; ସୂକ୍ଷ୍ମ ଭୌତିକ ପ୍ରକୃତି ତଥା ତା'ର ଆକୃତିଗୁଡ଼ିକର ଗୁପ୍ତ ଗୁହାନିବାସୀ, ମନୁଷ୍ୟର ଚାକ୍ଷୁଷ ତଥା ପ୍ରେମାସ୍ପଦ ଅତିଥି, ଜଗତରେ ପ୍ରତୀୟମାନ ଲକ୍ଷ୍ୟବିଚ୍ୟୁତି ଓ ବିଭ୍ରାନ୍ତିମାନ ମଧ୍ୟରେ ସେ ବସ୍ତୁଗୁଡ଼ିକର ସତ୍ୟବିଧାନକୁ ଦିଶା ନିର୍ଦ୍ଦେଶ ଦେଉଛନ୍ତି । ଅନ୍ୟ ଦେବତାମାନେ ଉଷାଙ୍କ ଆଗମନରେ ପ୍ରବୋଧିତ ହୁଅନ୍ତି, କିନ୍ତୁ 'ଅଗ୍ନି' 'ରାତ୍ରି'ରେ ମଧ୍ୟ ଜାଗ୍ରତ୍ ଥାଆନ୍ତି; ଏପରିକି ଚନ୍ଦ୍ର କି ତାରା ବିହୀନ ସେହି ଅନ୍ଧକାର ମଧ୍ୟରେ ସେ ନିଜର ଦିବ୍ୟ-ଦୃଷ୍ଟିକୁ ଧାରଣ କରି ରହିଥା'ନ୍ତି; ଦିବ୍ୟ ସଂକଳ୍ପ ଓ ଜ୍ଞାନର ଏହି ଅଗ୍ନି ଏପରିକି ଅଚେତନ ବା ଅର୍ଦ୍ଧଚେତନ ବସ୍ତୁଗୁଡ଼ିକର ଗାଢ଼ତମ ଅନ୍ଧକାର ମଧ୍ୟରେ ଦୃଶ୍ୟମାନ । ମାର୍ଗଦର୍ଶକ ମନର ସଚେତନ ଆଲୋକ

କୌଣସି ସ୍ଥାନରେ ବିଦ୍ୟମାନ ନଥିବା ବେଳେ ବି ଏହି ଅବ୍ୟର୍ଥ କର୍ମୀ ଉପସ୍ଥିତ ଥାଆନ୍ତି ।

ଅଗ୍ନିଙ୍କ ବିନା କୌଣସି ଯଜ୍ଞ ସମ୍ଭବ ନୁହେଁ । ସେ ଯୁଗପତ୍ ବେଦୀରେ ଜ୍ୱଳମାନ ଅଗ୍ନି ଓ ଯଜ୍ଞର ହୋତା । ଯେତେବେଳେ ମନୁଷ୍ୟ ତା' ରାତ୍ରିର ଅନ୍ଧକାରରୁ ପ୍ରବୋଧିତ ହୋଇ ତା' ଆଭ୍ୟନ୍ତରୀଣ ଓ ବାହ୍ୟ କ୍ରିୟାବଳିକୁ ସତ୍ୟତର ତଥା ଉଚ୍ଚତର ଜୀବନର ଦେବଗଣଙ୍କଠାରେ ଆହୁତି ଦେବାକୁ ଇଚ୍ଛା କରେ ଏବଂ ତା'ଦ୍ୱାରା ମୃତ୍ୟୁରୁ ନିର୍ଗତ ହୋଇ ସୁଦୂର ଅମୃତତ୍ୱ ଦିଗରେ ଉତ୍ତୋଳିତ ହେବା ସମ୍ଭବ ହୋଇଥାଏ, ଯାହା ତା'ର ଲକ୍ଷ୍ୟ ଓ କାମନା, ସେତେବେଳେ ତା'ର ଏହି ଊର୍ଦ୍ଧ୍ୱ ପ୍ରତି ଅଭୀପ୍ସୁ 'ଶକ୍ତି' ଓ 'ସଂକଳ୍ପ' ସ୍ୱରୂପ ଅଗ୍ନିଙ୍କୁ ପ୍ରଜ୍ୱଳିତ କରିବାର ଅଛି; ଏହି ଅଗ୍ନିଙ୍କୁ ତା'ର ଯଜ୍ଞ ଉତ୍ସର୍ଗ କରିବାର ଅଛି । କାରଣ ଏ ହେଉଛନ୍ତି ସେହି ଦେବତା ଯିଏ ଦେବଗଣଙ୍କୁ ଯଜ୍ଞ ଭାଗ ଅର୍ପଣ କରି ପ୍ରତିଦାନ ସ୍ୱରୂପ ସକଳ ଆଧ୍ୟାତ୍ମିକ ସମୃଦ୍ଧି, ଯଥା : ଦିବ୍ୟ ବାରିଧାରାମାନ, ଜ୍ୟୋତିଃ, ବଳ ଏବଂ ସ୍ୱର୍ଗୀୟ ବୃଷ୍ଟି ପ୍ରଭୃତି ନେଇ ଆସିଥା'ନ୍ତି । ସେହିଁ ଦେବଗଣଙ୍କୁ ଆବାହନ କରନ୍ତି, ସେହିଁ ସେମାନଙ୍କୁ ଯଜ୍ଞଗୃହ ପର୍ଯ୍ୟନ୍ତ ବହନ କରି ଆଣନ୍ତି । ଅଗ୍ନି ହେଉଛନ୍ତି ଋତ୍ୱିକ୍ ଯାହାଙ୍କୁ ମନୁଷ୍ୟ ନିଜର ଆଧ୍ୟାତ୍ମିକ ପ୍ରତିନିଧି (ପୁରୋହିତ) ରୂପେ ସମ୍ମୁଖ ଭାଗରେ ସ୍ଥାନ ଦିଏ, ସେ ଏପରି 'ସଂକଳ୍ପ', 'ଶକ୍ତି' ଯିଏ ତା'ର ନିଜ ସଂକଳ୍ପ ଓ ଶକ୍ତିଠାରୁ ମହତ୍ତର, ଉଚ୍ଚତର, ଅମୋଘତର, ସେ ତା' ନିମନ୍ତେ ଯଜ୍ଞକର୍ମ କରନ୍ତି, ଆହୁତିର ଦ୍ରବ୍ୟଗୁଡ଼ିକୁ ପରିଶୁଦ୍ଧ କରନ୍ତି, ଦିବ୍ୟ ଯଜ୍ଞକ୍ରିୟା ମଧ୍ୟକୁ ଆହୂତ ଦେବଗଣଙ୍କୁ ସେ ସେସବୁକୁ ସମର୍ପଣ କରିଦିଅନ୍ତି, ନିଜ କର୍ମର ଯଥାର୍ଥ କ୍ରମ ଓ କାଳର ବିଧାନକୁ ସେ ସ୍ୱୟଂ ନିର୍ଣ୍ଣୟ କରନ୍ତି, ଯଜମାନର ପ୍ରଗତିକୁ ଅର୍ଥାତ୍ ଯଜ୍ଞର ଉତ୍ତରୋତ୍ତର ବିକାଶକୁ ସେ ପରିଚାଳନା କରନ୍ତି । ପ୍ରତୀକାତ୍ମକ ପୌରୋହିତ୍ୟର ଏହି ସମସ୍ତ ତଥା ଅନ୍ୟାନ୍ୟ ଅନୁଷ୍ଠାନକୁ ବାହ୍ୟ ଯଜ୍ଞରେ ବିଭିନ୍ନ ଯାଜକ ବ୍ରାହ୍ମଣମାନେ ଯେଉଁ ଭଳି ପ୍ରତିନିଧିତ୍ୱ କରିଥା'ନ୍ତି ସେସବୁର ପ୍ରତିନିଧିତ୍ୱ ଏହି ଏକକ ଅଗ୍ନିହିଁ ନିର୍ବାହ କରନ୍ତି ।

ଅଗ୍ନି ହେଉଛନ୍ତି ଯଜ୍ଞର ନେତା, ଅନ୍ଧକାର-ଶକ୍ତିଗଣଙ୍କ ବିରୋଧରେ ଏହାର ଯାତ୍ରାରେ ସେ ଏହାକୁ (ଯଜ୍ଞକୁ) ସୁରକ୍ଷା ପ୍ରଦାନ କରନ୍ତି । ଏହି ଦିବ୍ୟ ଶକ୍ତିମତ୍ତାର ଜ୍ଞାନ ଓ ଅଭିପ୍ରାୟ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରାଯାଇପାରେ; ସେ ଆତ୍ମାର ଏପରି ମିତ୍ର ଓ ପ୍ରେମୀ ଯେ ଯିଏ ଅଶୁଭଙ୍କର ଦେବତାମାନଙ୍କ ଲାଭ ନିମନ୍ତେ ଆମର ବିଶ୍ୱାସଘାତକତା କରିବେ ନାହିଁ । ଯେଉଁ ମନୁଷ୍ୟ ରାତ୍ରି ଗର୍ଭରେ ବହୁତ ଭିତରକୁ ଚାଲିଯାଇଛି, ମାନବୀୟ ଅଜ୍ଞାନାନ୍ଧକାରରେ ପରିବେଷ୍ଟିତ ହୋଇ ରହିଛି, ତା'ପାଇଁ ଏହି ଅଗ୍ନି ହେଉଛନ୍ତି ଏକ ଆଲୋକ — ଏ ଯେତେବେଳେ ପୂର୍ଣ୍ଣରୂପେ ପ୍ରଜ୍ୱଳିତ ହୋଇଉଠନ୍ତି ଏବଂ ଯେଉଁ ଅନୁପାତରେ ଉଚ୍ଚରୁ ଉଚ୍ଚକୁ ଆରୂଢ଼ ହୁଅନ୍ତି ସେହି ଅନୁପାତରେ 'ଋତ'ର ବିରାଟ ଆଲୋକ ମଧ୍ୟକୁ ସ୍ୱୟଂ ବିସ୍ତାରିତ ହୋଇ ହୋଇ ଯାଉଥା'ନ୍ତି । ଦିବ୍ୟ ଉଷାଙ୍କ ସହ ମିଳିତ ହେବାକୁ ଇଏ ଯେତେବେଳେ ସ୍ୱର୍ଲୋକ ଦିଗରେ ଶିଖା ଟେକି ପ୍ରଜ୍ୱଳିତ ହୋଇଉଠନ୍ତି ସେତେବେଳେ ଆମର ପ୍ରାଣିକ ବା ସ୍ନାୟବିକ-ମନୋଜଗତ୍ ବା ଭୁବର୍ଲୋକର (ମଧ୍ୟଲୋକ) ମଧ୍ୟ ଦେଇ ଏବଂ ଆମର ମାନସ-ନଭୋଲୋକଗୁଡ଼ିକ ମଧ୍ୟଦେଇ ଉତ୍‌ଥିତ ହୁଅନ୍ତି, ପରିଶେଷରେ ଇଏ 'ଜ୍ୟୋତି'ର 'ଆନନ୍ଦମୟ ଲୋକ'ରେ ଯାଇ ପ୍ରବେଶ କରନ୍ତି ଯାହା ତାଙ୍କ ପରଜାଗତିକ ପରମ ନିବାସ, ଶାଶ୍ୱତ ସତ୍ୟ ମଧ୍ୟରେ ତାହା ନିତ୍ୟ-ଆନନ୍ଦମୟ, ଶାଶ୍ୱତ 'ଆନନ୍ଦ'ର ତାହା ହେଉଛି ଆଧାର ଯେଉଁଠି ଆଲୋକମୟ ଅମରଗଣ ନିଜର ଅମର-ଲୋକୀୟ ଅଧିବେଶନଗୁଡ଼ିକରେ ଆସୀନ ହୋଇ ଅସୀମ ଆନନ୍ଦର ମଦ୍ୟକୁ ପାନ କରୁଥା'ନ୍ତି ।

(କ୍ରମଶଃ)

['*The Secret of the Veda*', Part - III, ***Agni, the Divine Will-Force***, pp. 387-389]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

ନିଜକୁ ମା'ଙ୍କ ପ୍ରତି ଉନ୍ମୀଳିତ କରି ରଖ ଓ ତାଙ୍କ ସହ ପୂର୍ଣ୍ଣ ଭାବରେ ଯୁକ୍ତ ହୋଇ ରୁହ । ତାଙ୍କର ସ୍ପର୍ଶ ପ୍ରତି ନିଜକୁ ସମଗ୍ର ଭାବରେ ନମନୀୟ କରିଦିଅ ଏବଂ ସେ ତୁମକୁ ଗଢ଼ି ପୂର୍ଣ୍ଣତାର ପଥରେ ଦ୍ରୁତ ଗତିରେ ଆଗେଇ ନେବେ ।

— ଶ୍ରୀଅରବିନ୍ଦ

# ଆଜିର ସଙ୍କଟ : କ୍ରମ ବିକାଶରେ ଅନିବାର୍ଯ୍ୟ ?


## ଶ୍ରୀ ମନୋଜ ଦାସ


ଶହେ ବର୍ଷରୁ ଆଉ କିଛି ଅଧିକ କାଳ ତଳର କଥା । ଥିଲେ ଜଣେ ପ୍ରବୀଣ ଜ୍ଞାନପିପାସୁ ଅଧ୍ୟାପକ । ଦର୍ଶନ ତତ୍ତ୍ୱର ନାନାଦି ସମସ୍ୟା ଉପରେ ସେ ଅଧ୍ୟୟନ କରୁଥା'ନ୍ତି । ସେସବୁର ସମାଧାନ ଲିପିବଦ୍ଧ କରୁଥା'ନ୍ତି ତାଙ୍କ ଗବେଷଣାରତ ଛାତ୍ରମାନଙ୍କ ପାଇଁ । ଅଧ୍ୟାପକ ମହୋଦୟ ଗୋଟାଏ ସମସ୍ୟା ଉପରେ ଅଟକି ଯାଇଥିଲେ; ତା'ର ମୀମାଂସା କରିପାରୁ ନଥିଲେ । ପ୍ରଶ୍ନଟି ହେଲା, ଭଗବାନ୍ ଏକ ନା ବହୁ ?

### ସ୍ୱରୂପ ଏବଂ ରୂପ

ବଙ୍ଗଦେଶର ବୀରଭୂମ ଜିଲ୍ଲା ଅନ୍ତର୍ଭୁକ୍ତ ତାରାପୀଠରେ ଥିଲା ଏକ ବିଶାଳ ଶ୍ମଶାନ ଭୂମି । ତା'ର ଏକ ପ୍ରାନ୍ତରେ ଥିଲା ବହୁ ପ୍ରାଚୀନ କାଳରୁ ଦେବୀ ତାରାଙ୍କ ଆସ୍ଥାନ । ମନ୍ଦିର ଏବଂ ଶ୍ମଶାନ ଭିତରେ ବିଚରଣ କରୁଥା'ନ୍ତି ଜଣେ ଅଦ୍ଭୁତ ତାରାଭକ୍ତ । ମାଆ ବାପା ତାଙ୍କ ନାମ ଦେଇଥିଲେ ବାମାଚରଣ; କିନ୍ତୁ ସେ ପାଗଳ ଭଳି ଆଚରଣ କରୁଥିବା ହେତୁ ଜନସାଧାରଣରେ ବାମାକ୍ଷେପା ବୋଲି ପରିଚିତ ଥିଲେ (କ୍ଷେପା : ଉନ୍ମାଦ) । କିନ୍ତୁ ଯେଉଁମାନେ ତାଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇଥିଲେ ସେମାନେ ଜାଣିଥିଲେ ସେ ଜଣେ ଯୋଗୀ ତଥା ତନ୍ତ୍ର-ସିଦ୍ଧ ପୁରୁଷ । ସେ ରହୁଥିଲେ ପ୍ରାୟ ବିବସ୍ତ୍ର; ତାଙ୍କ ସହ ଏକତ୍ର ଭୋଜନ କରୁଥା'ନ୍ତି ଦଳେ କୁକୁର ।

ଅଧ୍ୟାପକ ମହୋଦୟ ଦିନେ ତାରାପୀଠ ଯାଇ ବାମାକ୍ଷେପାଙ୍କୁ ପ୍ରଶ୍ନ କଲେ, ''ଭଗବାନ୍ ଏକ ନା ବହୁ ?'' ବାମାକ୍ଷେପା ଦେଲେ ଉତ୍ତର, ''ଏଥିରେ ଧନ୍ଦି ହେବାର ଅଛି କ'ଣ ବାବା ? ଭଗବାନ୍ ତାଙ୍କ ସ୍ୱରୂପରେ ଏକ; ରୂପରେ ବହୁ ।''

ଅଧ୍ୟାପକଙ୍କ ଚିନ୍ତାକାଶରେ ସେଦିନ ହୋଇଥିଲା ଏକ ନୂତନ ସୂର୍ଯ୍ୟୋଦୟ ।

ଅଧ୍ୟାପକ ମହୋଦୟ ଥିଲେ ଜ୍ଞାନୀ; କିନ୍ତୁ ବାମାକ୍ଷେପା ଥିଲେ ପ୍ରଜ୍ଞାବାନ୍ । ପ୍ରଜ୍ଞା, ଜ୍ଞାନ, ଧୀ, ବୁଦ୍ଧି, ଚାତୁର୍ଯ୍ୟ, ଏସବୁ ଭିତରେ ଅନେକେ ପାର୍ଥକ୍ୟ ଦେଖନ୍ତି ନାହିଁ । ବିଶେଷତଃ ପ୍ରଜ୍ଞା (wisdom) ଏବଂ ଜ୍ଞାନ (knowledge)କୁ ବହୁ ସମୟରେ ଆମେ ସମାନାର୍ଥରେ ବ୍ୟବହାର କରୁଁ । ମୋଟାମୋଟି କୁହାଯାଇପାରେ ପ୍ରଜ୍ଞା ସାଧନାରୁ ବା ଦିବ୍ୟ-କରୁଣାରୁ ଆସିଥାଏ । ଜ୍ଞାନ ଜଣେ ଅନୁଶୀଳନ ମାଧ୍ୟମରେ ପାଇପାରେ । ବୁଦ୍ଧି (intelligence), ଧୀ (intellect) ଏବଂ ଚାତୁର୍ଯ୍ୟ (cleverness) ଆମ ମନର ଏକ ଏକ ଗୁଣ । କିନ୍ତୁ ବୁଦ୍ଧି, ଧୀ ବା ଚାତୁର୍ଯ୍ୟ, ଏସବୁ ଆମକୁ ବିବେକୀ କରି ପାରିବେ ନାହିଁ କିଂବା ଜୀବନରେ ଯେଉଁ ଶାନ୍ତି ଓ ସନ୍ତୋଷ ଆମର ସର୍ବଦା କାମ୍ୟ, ଆମ ପାଇଁ ସେସବୁ ଆଣିଦେଇ ପାରିବେ ନାହିଁ । ଏପରିକି ଜଣେ ପଣ୍ଡିତ ବା ଜ୍ଞାନୀ ହେଲେ ମଧ୍ୟ ପ୍ରବୁଦ୍ଧ ହୋଇପାରିବ, ଶାନ୍ତି ଓ ସନ୍ତୋଷ ଆୟତ୍ତ କରିପାରିବ ସେଭଳି ପ୍ରତିଶ୍ରୁତି କେହି ଦେଇପାରିବେ ନାହିଁ । ଅବଶ୍ୟ ଜ୍ଞାନ ପଛରେ ଯଦି ପ୍ରଜ୍ଞା ଥିବ, ତାହା ଭିନ୍ନ କଥା । କିନ୍ତୁ ପୃଥିବୀରେ ହାରାହାରି ଜନସାଧାରଣଙ୍କୁ ପରିଚାଳିତ କରେ ବୁଦ୍ଧି । ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ତାଙ୍କ ଜୀବନର ଶେଷ ବହି 'Out of My Later Years'ରେ ଦେଇଛନ୍ତି ଏହି ଚେତାବନୀ : ''ନିଜର ବୁଦ୍ଧି ବା ଧୀ ଉପରେ ବିଶ୍ୱାସ ରଖ ନାହିଁ । ତା'ର ବଳ ଅଛି; କିନ୍ତୁ ବିବେକ ନାହିଁ ।''

ଏ ମନ୍ତବ୍ୟର ବ୍ୟାଖ୍ୟା ନିଷ୍ପ୍ରୟୋଜନ । ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ରାଜନୀତି, ବ୍ୟବସାୟ, ଦୁର୍ନୀତି – ସବୁଥିରେ ବୁଦ୍ଧିର ପ୍ରାଚୁର୍ଯ୍ୟ ଜାଜ୍ୱଲ୍ୟମାନ । ମଣିଷକୁ ଏହା ଅଧିକ ସୁଖୀ କରିଛି ନା ଅଧିକ ଉଦ୍‌ବିଗ୍ନ ଓ ଆତଙ୍କିତ କରିଛି, ତାହା ସଭିଙ୍କ ଅନୁଭବର ବିଷୟ ।

ତେବେ କ୍ରମବିକାଶ ବା ବିବର୍ତ୍ତନର ଯେଉଁ ସ୍ତରରେ ଆମେ ରହିଛୁଁ, ତାହା ବୁଦ୍ଧି-ନିର୍ଭର ସ୍ତର । ନୂଆ ପିଢ଼ିର ପିଲାଏଁ ଅଧିକରୁ ଅଧିକ ବୁଦ୍ଧିମାନ୍, ଏ ତଥ୍ୟ ଉପରେ ପୁରୁଣା ପିଢ଼ିର ନରନାରୀଙ୍କ ବିସ୍ମୟ ତଥା ଗର୍ବର ଅନ୍ତ ନାହିଁ । ଅର୍ଥାତ୍, ମଣିଷ-ଜାତିର ବୁଦ୍ଧି ଅଧିକରୁ ଅଧିକ ପ୍ରଖର ହେଉଛି ବୋଲି ଆମର ଧାରଣା ।

କିନ୍ତୁ ଏ ସ୍ଥିତ ବିଶ୍ୱାସକୁ ଦୋହଲାଇ ଦେଉଛି ଷ୍ଟାନ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟର ଏକ ଗବେଷଣା । ଡ: ଜେରାଲ୍‌ଡ଼୍ କ୍ରାବ୍‌ଟ୍ରିଙ୍କ ଦିଗ୍‌ଦର୍ଶନରେ ପରିଚାଳିତ ଗବେଷଣାର ବିବରଣୀ ପ୍ରକାଶ

ପାଇଛି 'Trends in Genetics' ପତ୍ରିକାରେ । ଗବେଷଣାର ସିଦ୍ଧାନ୍ତ : ସାମୂହିକ ସ୍ତରରେ ମଣିଷର ବୁଦ୍ଧି ତଥା ଆବେଗର ମାତ୍ରା କ୍ରମେ ନିମ୍ନଗାମୀ ହେବାକୁ ଆରମ୍ଭ କରିଛି । Genetics Mutations ଇତ୍ୟାଦିର ଧାରା ଅନୁସରଣ କରି ସେ ଗବେଷକମାନେ ଏ ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ଏହାର ମନସ୍ତାତ୍ତ୍ୱିକ ଓ ସାମାଜିକ ପରିଣତିର ବିଚାରଭାର ସେମାନେ ଆପଣମାନଙ୍କ ଭଳି ବୁଦ୍ଧିମାନ୍ ଓ ଧୀମାନ୍‌ବର୍ଗଙ୍କ ଉପରେ ନ୍ୟସ୍ତ କରିଛନ୍ତି ।

## ବୁଦ୍ଧି ଏକ ନୀତି-ନିରପେକ୍ଷ ଶକ୍ତି

ମନ ଏବଂ ତା'ର ଅସ୍ତ୍ର ବୁଦ୍ଧିର କୌଣସି ନୈତିକ ଚରିତ୍ର ନାହିଁ । ତାହାକୁ ବ୍ୟବହାର କରିବ ଆମ ଚେତନା । ଆଣବିକ ଶକ୍ତି ବୁଦ୍ଧିର ଆବିଷ୍କାର । କିନ୍ତୁ ତା'ର ଦୁରୁପଯୋଗ ବା ସୁ-ଉପଯୋଗ ନିର୍ଭର କରିବ ବ୍ୟବହାରକାରୀର ଚେତନାର ଗୁଣ ଉପରେ । ସେ ଯାହାହେଉ, ମନ ଯେ ଜଣେ ସାଧାରଣ ମଣିଷର ସର୍ବ ନିମ୍ନ କାମ୍ୟ ସୁଖ, ଶାନ୍ତି ଓ ସନ୍ତୋଷ ସକାଶେ ନିର୍ଭର-ଯୋଗ୍ୟ ମାଧ୍ୟମ ନୁହେଁ, ଏ କଥା ବେଶ୍ କିଛି ବର୍ଷ ହେଲା ସ୍ୱାସ୍ଥ୍ୟ ଏବଂ ମାନସିକ ଚିକିତ୍ସା ବିଜ୍ଞାନର ଗବେଷକମାନେ ଉପଲବ୍ଧି କଲେଣି । ଧରନ୍ତୁ ଦୁଇଜଣ ଯୁବକ ଏକାପ୍ରକାର ମାନସିକ ବୈକଲ୍ୟ ଭୋଗୁଛନ୍ତି । ଦୁହିଙ୍କ ବୟସ, ସ୍ୱାସ୍ଥ୍ୟ, ସାମାଜିକ ଓ ସାଂସ୍କୃତିକ ପଟଭୂମି ସମାନ; ଶିକ୍ଷାଦୀକ୍ଷା ମଧ୍ୟ ସମାନ । ଉଭୟଙ୍କୁ ଏକହିଁ ଆରୋଗ୍ୟ ନିକେତନରେ ଚିକିତ୍ସା କରାଯାଉଛି । ସେମାନଙ୍କ ଦେହ ଆବେଗ ଏବଂ ମନ ଉପରେ ଚିକିତ୍ସାର ପ୍ରଭାବ ନିୟମିତ ଅନୁଧ୍ୟାନ କରାଯାଉଛି ଏବଂ ପ୍ରଭାବ ଉଭୟ କ୍ଷେତ୍ରରେ ସମାନ ବୋଲି ଦେଖାଯାଉଛି । ହଠାତ୍ କିନ୍ତୁ ଦୁହିଙ୍କ ଭିତରୁ ଜଣେ ପୂରା ଆରୋଗ୍ୟ ହୋଇଗଲେ । ସ୍ଥୂଳ ଅନୁଧ୍ୟାନରୁ ତା'ର କୌଣସି ହେତୁ ବୁଝା ପଡ଼ିଲା ନାହିଁ । ଏମନ୍ତ ଅନେକ ଅନୁଧ୍ୟାନରୁ ଏହି ପ୍ରଶ୍ନ ଆସିଲା : ଦେହ, ଆବେଗ ଓ ମନର ପ୍ରତିକ୍ରିୟା ଉଭୟ କ୍ଷେତ୍ରରେ ସମାନ ହେବା ସତ୍ତ୍ୱେ ଜଣେ ଆରୋଗ୍ୟ ଲାଭ କଲା, ଅନ୍ୟ ଜଣକ କଲା ନାହିଁ । ଏଥିରୁ କ'ଣ ବୁଝାଯିବ ଯେ ପ୍ରଥମ କ୍ଷେତ୍ରରେ ଦେହ, ଆବେଗ ଏବଂ ମନଠୁଁ ଭିନ୍ନ ଅନ୍ୟ କୌଣସି ସତ୍ତା ଚିକିତ୍ସା ପ୍ରତି ହେଉ ବା ପରିବେଶରେ ଥିବା ଅନ୍ୟ କୌଣସି ପ୍ରଭାବ ପ୍ରତି ହେଉ ସମ୍ବେଦନଶୀଳ ହୋଇ ବୈକଲ୍ୟରୁ ଉତ୍ତୀର୍ଣ୍ଣ ହୋଇଗଲା ? କ'ଣ ତେବେ ସେହି ଅଜଣା ସତ୍ତାର ପରିଚୟ ?

ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (WHO) ବେଶ୍ କେତେ ବର୍ଷ ଏହି ପ୍ରଶ୍ନ ଉପରେ ଆଲୋଚନା କରିବା ଅନ୍ତେ ୧୯୮୩ ମସିହା ବିଶ୍ୱ ସମ୍ମିଳନୀରେ ଯେଉଁ ପ୍ରସ୍ତାବ ଗ୍ରହଣ କଲେ, ତା'ର ମର୍ମ ହେଲା ଖାଲି ଦେହ, ମନ, ଆବେଗ-ପ୍ରବେଗ ଓ ପରିବେଶ ନୁହେଁ, ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟର ସଂଜ୍ଞା ଭିତରେ ଜଣକର ଆଧ୍ୟାତ୍ମିକ ସତ୍ତା, ସେ ଦିଗରେ ତା'ର ବିଶ୍ୱାସ ଏବଂ ସେ ବିଶ୍ୱାସର ଭୂମିକା ମଧ୍ୟ ବିଚାର୍ଯ୍ୟ ।

## ଆତ୍ମାର ଛଦ୍ମନାମ !

WHOର ଅନୁରୋଧ କ୍ରମେ ଭାରତ ସରକାରଙ୍କ ତତ୍କାଳୀନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ଃ. ଦେଶବନ୍ଧୁ ବିଷ୍ଟ୍ ଏବଂ ବାଙ୍ଗାଲୋରସ୍ଥିତ (ମାନସିକ ଏବଂ ସ୍ନାୟୁଗତ ଗବେଷଣା ଓ ଚିକିତ୍ସା ଦିଗରେ ମୁଖ୍ୟ ପ୍ରତିଷ୍ଠାନ)ର ନିର୍ଦ୍ଦେଶକ ଡ଼ଃ. ଜି.ଏନ୍. ରେଡ୍ଡୀଙ୍କ ଆବାହନରେ ୧୯୮୫ ଫେବ୍ରୁଆରୀରେ ଗୋଟିଏ ବିଶେଷ ଏବଂ ବିରଳ ଧରଣର ଆଲୋଚନାଚକ୍ର ଅନୁଷ୍ଠିତ ହେଲା । ୪୦ ଜଣ ସରିକି ଭାରତର ପ୍ରଖ୍ୟାତ ଚିକିତ୍ସକ, ମନୋବୈଜ୍ଞାନିକ, ଆଇନ ବିଶାରଦ, ସମାଜତତ୍ତ୍ୱବିତ୍ ଏବଂ ଦୁଇ, ତିନିଜଣ ଆଧ୍ୟାତ୍ମିକତାର ଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ । (ଶେଷୋକ୍ତ ଶ୍ରେଣୀର ଆଲୋଚକଙ୍କ ଅନ୍ତର୍ଭୁକ୍ତ ଥିଲେ ଏହି ଲେଖକ ।)

ଏ ଆଲୋଚନାଚକ୍ରକୁ ପ୍ରଚାରିତ କରାଯାଇ ନଥିଲା; କିନ୍ତୁ ଆଲୋଚନାର ମାନ ଥିଲା ଖୁବ୍ ଉଚ୍ଚ, ନିଷ୍ପାପର ତଥା ଖୁବ୍ ଆନ୍ତରିକ । ସର୍ବସମ୍ମତ ସିଦ୍ଧାନ୍ତର ସାରାଂଶ : ସମୟ ଆସିଛି ଯେତେବେଳେ ମଣିଷର ସ୍ୱାସ୍ଥ୍ୟ ଓ ସ୍ୱାଭାବିକତା ନିରୂପଣ କରିବାର ମାପକାଠିରେ ତା' ଚେତନାର ଗଭୀରରେ ଥିବା କୌଣସି ସତ୍ତାର ଭୂମିକା ସ୍ୱୀକାର କରାଯିବା ଆବଶ୍ୟକ । ମଣିଷର ମନ ଭିତରେ ବହୁ ଦ୍ୱନ୍ଦ୍ୱ ଥାଏ; ପୁଣି ମନ ଏବଂ ପ୍ରାଣ ଭିତରେ (ଅର୍ଥାତ୍ ବୁଦ୍ଧି ସହ ପ୍ରାଣଗତ ଆବେଗ ପ୍ରବେଗର) କଳହ ଲାଗି ରହିଥାଏ । ଏସବୁ ସତ୍ତ୍ୱେ ମଣିଷ ଯେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ ନାହିଁ, ତା'ର ହେତୁ ତା'ର ସମଗ୍ର ଚେତନାକୁ ଧାରଣ କରୁଥିବା କୌଣସି ଶକ୍ତି ବା ସତ୍ତା ସ୍ଥିର ରହିଥାଏ । ଭାରତର ବିପୁଳ ଆଧ୍ୟାତ୍ମିକ ପରମ୍ପରା ତାହାକୁ ଆତ୍ମା ବୋଲି ଅଭିହିତ କରିଥାଏ । କିନ୍ତୁ ଦେଶ ବିଦେଶର ହେତୁବାଦୀ, ବିଜ୍ଞାନମୁଖୀ ସୁଧୀସମାଜ ପାଇଁ ହୁଏତ ସେ ଶବ୍ଦ ପ୍ରହେଳିକା ସୃଷ୍ଟି କରିବ, ସେଥିପାଇଁ ତାକୁ କୁହାଗଲା Factor X ।

ମନ ଓ ବୁଦ୍ଧିର ଶକ୍ତି ସ୍ତିମିତ ହୋଇ ଆସୁଛି – ଏହାର ତାତ୍ପର୍ଯ୍ୟ କ'ଣ ? କ୍ରମବିକାଶରେ ମନ ତା'ର ବିପୁଳ ଭୂମିକା ତୁଲାଇ ସାରିଛି । ମନଠାରୁ ମହତ୍ତର ଏକ ଶକ୍ତି ହୁଏତ ଆଜି ଆମ ଚେତନାର ଗଭୀରରୁ ଉପରକୁ ଆସିବାକୁ ଉଦ୍ୟତ । ମନ ହୁଏତ ତାକୁ ସେ ସୁଯୋଗ ଦେଉ ନାହିଁ । କିଏ କହିବ ଆଜି ବହୁଧରଣର ମାନସିକ ବୈକଲ୍ୟ ଏହି ଦ୍ୱନ୍ଦ୍ୱ-ଭିତ୍ତିକ ନୁହେଁ !

## ସତ୍ୟ ଓ ସ୍ୱାସ୍ଥ୍ୟ

ଇତିମଧ୍ୟରେ ନୋତ୍ରଦାମ (Notre Dame) ବିଶ୍ୱ-ବିଦ୍ୟାଳୟର ମନସ୍ତତ୍ତ୍ୱ ଅଧ୍ୟାପକ ଅନିତା କେଲି ଏବଂ ଲିଜୁଆନ୍ ୟଙ୍ଗଙ୍କର ଅନ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗବେଷଣାର ବିବରଣୀ ପ୍ରକାଶ ପାଇଛି । ସିଦ୍ଧାନ୍ତ ହେଲା, ଯେଉଁମାନେ ମିଛ କହନ୍ତି ନାହିଁ, ସେମାନଙ୍କ ସ୍ୱାସ୍ଥ୍ୟ ଅପେକ୍ଷାକୃତ ନିରାପଦ ରହେ । ଅନେକ ସମୟରେ ଆମେ ଅଭ୍ୟାସବଶତଃ ଅନାବଶ୍ୟକ ମିଛ କହିଥାଉଁ । ଅତିରଞ୍ଜନ ମଧ୍ୟ ଏହି ମିଥ୍ୟାକଥନର ଅନ୍ତର୍ଭୁକ୍ତ । ପରୀକ୍ଷା କରି ଦେଖାଗଲା, ଯେଉଁମାନେ ସଚେତନ ଭାବରେ କିଛିଦିନ ସକାଶେ ମିଛ କହିବାରୁ ସମ୍ପୂର୍ଣ୍ଣ ବିରତ ରହିଲେ, ଅନେକଗୁଡ଼ିଏ ସ୍ୱାସ୍ଥ୍ୟଗତ ଅସ୍ୱସ୍ତି ବଳେ ବଳେ ସେମାନଙ୍କଠାରୁ ବିଦାୟ ନେଲେ ।

ଏହା କୌଣସି ବିଦ୍ୟାଳୟର ନୈତିକ ପାଠ ନୁହେଁ । ଏହା ଏକ ସାଧାରଣ ସତ୍ୟ । ଆମେ ଜାଣୁଁ ଯେ ଆମେ ମିଛ କହିବାବେଳେ ଆମ ଚେତନାର ଗୋଟିଏ ସୂକ୍ଷ୍ମ ଅଂଶ ବିଦ୍ରୋହ କରେ । ପୋଲିଗ୍ରାଫ୍ (Polygraph) ବା ଆମ ବିବୃତିର ସତ୍ୟ-ମିଥ୍ୟା ତଉଲିବା ଯନ୍ତ୍ର ତାହା ଦେଖାଇଦିଏ । ଯଦି ଆମ ସ୍ନାୟୁ ଆମ ଚେତନାର ସେ ଅସଂହତିକୁ ଗ୍ରହଣ କରୁ ନାହିଁ, ତେବେ କ୍ରମାଗତ ମିଥ୍ୟାଭ୍ୟାସ ଯେ ସ୍ନାୟୁସବୁକୁ ନିପୀଡ଼ିତ କରିବହିଁ କରିବ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କଥା ହେଲା, ଆମ ଚେତନାର ସ୍ୱାଭାବିକ ଧର୍ମହିଁ ସତ୍ୟ, ସୌନ୍ଦର୍ଯ୍ୟ, ସାଧୁତା ଓ ସାହସ ଇତ୍ୟାଦିର ଉପାସନା । ସେଥିପାଇଁ ଆମେ ଅଚେତନ ଭାବରେ ବି କୌଣସି ଭଲ ମଣିଷ ସମ୍ପର୍କରେ କହି ପକାଉଁ –''ବାସ୍ତବିକ କେଡ଼େ ମହତ୍ ସାଧୁ ଲୋକଟାଏ !'' ବା ''କେଡ଼େ ସାହସୀଟିଏ !'' ଆମେ କେବେ ବି ଭାବବିଗଳିତ ହୋଇ କହୁଁନା, ''ଆହା ! କେଡ଼େ ମହତ୍ ଅସାଧୁଟିଏ !'' ''ବାଃ, କେଡ଼େ ପ୍ରଶଂସନୀୟ ଭୀରୁଟାଏ !''

ଆମ ଭିତରେ ଥିବା ଏହି ସ୍ୱତଃସିଦ୍ଧ-ସତ୍ୟ ବିବର୍ତ୍ତନରେ ଆତ୍ମପ୍ରକାଶ କରିବାକୁ ଉନ୍ମୁଖ । ତାକୁ ଚାପିରଖିବା ନିମନ୍ତେ ବିବର୍ତ୍ତନୀ ଶକ୍ତିର ଅନ୍ଧ ଶତ୍ରୁମାନେ ଆଜି ପୃଥିବୀରେ ମଣିଷକୁ ଅଧିକ ଦୁର୍ନୀତିପରାୟଣ ଏବଂ ହିଂସା-ପ୍ରମତ୍ତ କରିଛନ୍ତି ବୋଲି ଧାରଣା ହୁଏ ।

## ବିବର୍ତ୍ତନର ନବଦିଗନ୍ତ

ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବରେ କହିଛନ୍ତି, ''ବର୍ତ୍ତମାନ ମାନବଜାତି ଏକ ବିବର୍ତ୍ତନଗତ ସଙ୍କଟ ଭିତର ଦେଇ ଯାଉଛି – ଯହିଁ ଭିତରେ ଲୁଚି ରହିଛି ତା'ର ଭବିତବ୍ୟ ନିର୍ଦ୍ଧାରଣ; କାରଣ ସେ ପହଞ୍ଚିଛି ଏମିତି ଏକ ପର୍ଯ୍ୟାୟରେ ଯେତେବେଳେ କେତୋଟି ଦିଗରେ ମଣିଷର ମନ ପ୍ରଚଣ୍ଡ ବିକାଶ ସାଧନ କରିଛି – କିନ୍ତୁ ଅନ୍ୟ ଦିଗମାନଙ୍କରେ ତାହା ରହିଛି ସ୍ଥାଣୁ, କିଂକର୍ତ୍ତବ୍ୟବିମୂଢ଼ ତଥା ଦିଗ୍‌ଭ୍ରାନ୍ତ ।''

ଶ୍ରୀଅରବିନ୍ଦ ଅବଶ୍ୟ ସଙ୍ଗେ ସଙ୍ଗେ ଏହା ମଧ୍ୟ କହିଛନ୍ତି ଯେ ମଣିଷର ଚେତନା ଭିତରେ ଲୁଚିରହିଥିବା ଦିବ୍ୟତା ଆପଣାକୁ ବିକଶିତ କରିବ ଏବଂ ମଣିଷ ଯଦି ଯଥାର୍ଥ ଆସ୍ପୃହା ପୋଷଣ କରେ, ତେବେ ମନ ତୁଳନାରେ ବହୁ ଗୁଣ ଗରୀୟାନ୍ ଏବଂ ମହତ୍ ଏକ ଚେତନା ତାକୁ ଏକ ରୂପାନ୍ତରିତ ଜାତିରେ ପରିଣତ କରିଦେବ ।

ଥରେ ଜଣେ ବିବର୍ତ୍ତନ-ବିଶେଷଜ୍ଞ ଅଧ୍ୟାପକ ସଭ୍ୟତା ଓ କ୍ରମବିକାଶ ସମ୍ପର୍କରେ ଭାଷଣ ଦେଇ ଶ୍ରୀଅରବିନ୍ଦଙ୍କ ଏହି ଆଶା ଓ ଆସ୍ଥାଧର୍ମୀ ଭବିଷ୍ୟଦ୍‌ବାଣୀର ଉଲ୍ଲେଖ କରନ୍ତେ କେହି କେହି ଶ୍ରୋତା ସଭା ପରେ ତାଙ୍କୁ ବଧେଇ ଜଣାଇବା ସଙ୍ଗେ ସଙ୍ଗେ କହିଲେ, ''ଶ୍ରୀଅରବିନ୍ଦଙ୍କ ବାଣୀ ହେଲେ ସଫଳ ହୁଅନ୍ତା ! କିନ୍ତୁ ଆଜିର କଳୁଷିତ, କର୍ଦ୍ଦମାକ୍ତ ମଣିଷର ମନ ବିଷୟରେ ଚିନ୍ତା କଲେ ସନ୍ଦେହ ହୁଏ, ଏ ମନ ଭିତରୁ ପୁଣି ବିକଶିତ ହେବ ଦିବ୍ୟ-ଚେତନା ?''

ଜଣେ ଅବସର ପ୍ରାପ୍ତ ଗ୍ରାମ୍ୟ ପ୍ରାଥମିକ ଶିକ୍ଷକ ଦେଇ ଥିଲେ ତାଙ୍କ ମୃଦୁ ମନ୍ତବ୍ୟ : ''ଯେତେବେଳେ ମୁଁ ଦେଖେ ସୂର୍ଯ୍ୟକିରଣର ଆଶୀର୍ବାଦ ଫଳରେ କର୍ଦ୍ଦମ ଭିତରୁ ବିକାଶ ଲଭୁଛି ପଦ୍ମ, ସେତେବେଳେ ମୋ ଭିତରେ ଫୁଟିଉଠେ ଏହି ବିଶ୍ୱାସ : ମଣିଷର କର୍ଦ୍ଦମାକ୍ତ ମନ ଭିତରୁ କିଆଁ ବିକଶିତ ନହେବ ଅତିମାନସ – ଦିବ୍ୟଶକ୍ତିର ଆଶୀର୍ବାଦ ଯୋଗେ ?'' ❖

# ଈଶ୍ୱର ଜନନୀ

## ଶ୍ରୀଅରବିନ୍ଦ

ଚିନ୍ମୟୀ, ଚିରନ୍ତନୀ ଶକ୍ତି ଏକ ଅଛନ୍ତି ଏଠାରେ
ନିରାନନ୍ଦେ, ମୃତ୍ୟୁଶୀଳ ଜନ୍ମ ଅନ୍ତରାଳେ
ଭ୍ରାନ୍ତିଭରା ଚିନ୍ତାରାଜି, ଭ୍ରମ ଆଉ ଶ୍ରମଶ୍ରାନ୍ତ କାଳର ଚଳନେ ।
ଈଶ୍ୱର-ଜନନୀ ସେ ଯେ, ସହୋଦରା ତାଙ୍କର ସେ, ତାଙ୍କରି ସେ ଜାୟା,
ତାଙ୍କରି ପ୍ରଜ୍ଞା-ଦୁହିତା, ସହଚର ତାଙ୍କ ବିକ୍ରମର,
ଲମ୍ଫି ଆସିଛନ୍ତି ସେ'ତ ଲୋକାତୀତଙ୍କର ନିଗୂଢ଼ ବକ୍ଷରୁ
ସରଜିବେ ବୋଲି ନିଜ ଭୁବନ ସକଳ, ମନ ଓ ପ୍ରାଣର, ଦେଇ ଇନ୍ଦ୍ରଧନୁ ବିଭା ।
ଏକ ଦିଗେ ଧ୍ରୁବଜ୍ୟୋତିଃ ପରାଚେତନାର
ଅନ୍ୟ ଦିଗେ ନିଶ୍ଚିତିର କର୍ମକାଣ୍ଡ, ମନନ-ବିହୀନ,
ଉଭୟର ମଧ୍ୟସ୍ଥଳେ ଘୂର୍ଣ୍ଣ୍ୟମାନ ନିୟମାନୁଗ ଜଡ଼ର ସୁଷୁପ୍ତି
ଏବଂ ତନ୍ଦ୍ରାଚାରୀ ନକ୍ଷତ୍ରଙ୍କ ଗତିଚକ୍ର ଭେଦି
ସବଳେ ସେ ଆରମ୍ଭନ୍ତି ଅନିଚ୍ଛୁକ ହିମଜଡ଼ ମହାଶୂନ୍ୟ ପରେ
ଜୀବନର ଅଭିଯାତ୍ରା, ଉଦ୍ଦାମ ସ୍ୱପ୍ନ ତାଙ୍କର ତୀବ୍ର କାମନାର ।
ଉଭା ସିଏ ଏହିଠାରେ ତାମସୀ ଶକ୍ତିରାଶିଙ୍କ କର୍ମକ୍ଷେତ୍ର ପରେ
ନିରାମୟ କରିବାକୁ ସକଳ ଅଶୁଭ, ତ୍ରୁଟି ମହା ବିସ୍ତାରର,
ଜ୍ଞାନହୀନ ଜଗତର ଶୋକାବହ ପରିଣତିଟିକୁ
ପରିଣତ କରିବାକୁ ଦିବ୍ୟ ମିଳନାତ୍ମକ ଆନନ୍ଦ-ଲୀଳାରେ
ଭାଗବତ ପ୍ରସାଦର ଉଲ୍ଲାସ ଓ ପୁଲକପ୍ଲାବନେ ।
ପରମେଶ୍ୱର-ଜନନୀ, ପ୍ରଭୁ ସେ ଯେ ଆମରି ଆତ୍ମାର;
ମହାକାଳ ମଧ୍ୟେ ତାଙ୍କ ଆବିର୍ଭାବେ ଆମେ ସମଭାଗୀ,
ଉତ୍ତରାଧିକାରୀ ତ ଆମେ ଭାଗୀ ହେଉଁ ତାଙ୍କ ନିତ୍ୟତାର ।

[ଶ୍ରୀଅରବିନ୍ଦଙ୍କ ରଚିତ '**The Mother of God**'
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ✤

# ନୂତନ ଚେତନା ଓ ନୂତନ ଜଗତ୍

ଶ୍ରୀ ପ୍ରପତ୍ତି

"Lord, Thou hast willed, and I execute :
A new light breaks upon the earth,
A new world is born.
The things that were promised
are fulfilled."

(CWM, Vol. 15, p.190) –The Mother

''ପ୍ରଭୁ, ତୁମେ ଯାହା ସଙ୍କଳ୍ପ କରିଛ,
ମୁଁ ତାହା କାର୍ଯ୍ୟରେ ପରିଣତ କରୁଛି ।
ପୃଥିବୀପୃଷ୍ଠରେ ଏକ ନୂତନ ଆଲୋକ ପ୍ରକାଶିତ ହେଉଛି ।
ଏକ ନୂତନ ଜଗତ୍ ଜନ୍ମଲାଭ କରିଛି ।
ଯେଉଁସବୁ ବିଷୟରେ ପ୍ରତିଶ୍ରୁତି ଦିଆହୋଇଛି,
ତାହା ପୂର୍ଣ୍ଣ ହେଉଛି ।''

– ଶ୍ରୀମା

ଯୁଗ ଯୁଗ ଧରି ମନୁଷ୍ୟ ପୃଥିବୀପୃଷ୍ଠରେ ଯେଉଁ ସ୍ୱର୍ଗରାଜ୍ୟର କଳ୍ପନା କରିଛି, ଯେଉଁ ଦିବ୍ୟସୃଷ୍ଟିର ସ୍ୱପ୍ନ ଦେଖିଛି, ଏକ ନୂତନ ଜଗତ୍, ଏକ ନୂତନ ସମାଜର ଆକାଙ୍କ୍ଷା ପୋଷଣ କରିଛି, ତାହାର ବାସ୍ତବ ପରିଣତି ଦିଗରେ ଆମ୍ଭେମାନେ ଯେ ଗତି କରୁଛୁ ଏବଂ ଏଥିପାଇଁ ସମଗ୍ର ମାନବଜାତି ଏବଂ ସମସ୍ତ ପୃଥିବୀ ନାନା ବାଧାବିଘ୍ନ ଓ ବିପଦ ମଧ୍ୟ ଦେଇ ଯେ ପ୍ରସ୍ତୁତ ହେଉଛି ଏଥିରେ କୌଣସି ସନ୍ଦେହ ନାହିଁ । ଏହି ନୂତନ ଚେତନାର ପ୍ରତିଷ୍ଠା ଯେ ଅବଶ୍ୟମ୍ଭାବୀ ଏବଂ ଏହି ଚେତନାର ଅନୁରୂପ ଏକ ନୂତନ ଜଗତର ଯେ ପ୍ରତିଷ୍ଠା ହେବା ସୁନିଶ୍ଚିତ ଏଥିରେ ମଧ୍ୟ ଦ୍ୱିଧା ନାହିଁ ।

ବର୍ତ୍ତମାନ ସମାଜ କେବଳ ଜରାଜୀର୍ଣ୍ଣ ନୁହେଁ, ମୃତପ୍ରାୟ । ଏହି କ୍ଷୟିଷ୍ଣୁ ସମାଜର ଅନ୍ତର୍ଦାହ ଓ ଅନ୍ତର୍ଦ୍ୱନ୍ଦ୍ୱ ଅତ୍ୟନ୍ତ ପ୍ରବଳ । ବର୍ତ୍ତମାନ ଜୀବନଧାରା ଓ ବ୍ୟବସ୍ଥା ମଧ୍ୟରେ ଯେଉଁ ଦୁର୍ଦମନୀୟ ବିକ୍ଷୋଭ ଦେଖା ଦେଇଛି, ତାହା କେବଳ ବାହ୍ୟିକ ନୁହେଁ, ସାମୟିକ ନୁହେଁ, ସ୍ୱଳ୍ପ ନୁହେଁ, ପରିସ୍ଥିତିମୂଳକ ନୁହେଁ, ବରଂ ଆନ୍ତରିକ, ସ୍ଥାୟୀ, ବିପୁଳ ଓ ମୂଳଗତ । ଏହି ବିକ୍ଷୋଭ ଏକ ଅନ୍ତର୍ଯୁଦ୍ଧ, ଏକ ମହାନ୍ ସଂଘର୍ଷ ଏବଂ ସଂଗ୍ରାମ – ଦୁଇ ପରସ୍ପର ବିରୋଧୀ ଶକ୍ତି ଏବଂ କ୍ରିୟା ମଧ୍ୟରେ । ଗୋଟିଏ ହେଲା ପରାକ୍ରମଶାଳୀ ପୂର୍ଣ୍ଣ ସତ୍ୟ, ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦର ଚେତନା, ଅନ୍ୟଟି ହେଲା ଅଜ୍ଞାନ, ଅସତ୍ୟ, ମିଥ୍ୟାର ଚେତନା – ଏହି ଉଭୟ ମଧ୍ୟରେ ତୀବ୍ର ଦ୍ୱନ୍ଦ୍ୱ ଓ ବିସମ୍ବାଦ ହେଉଛି । ସୃଷ୍ଟି କାଳରୁ ଅଜ୍ଞାନତା ଓ ଅନ୍ଧକାରହିଁ ଏହି ଜଗତକୁ ଶାସନ ଓ ପରିଚାଳନା କରୁଛି । ପୃଥିବୀ ଓ ଭଗବାନଙ୍କ ମଧ୍ୟରେ ଯୁଗ ଯୁଗ ବ୍ୟାପୀ ବ୍ୟବଧାନ ଓ ପାର୍ଥକ୍ୟ ରହିଆସିଛି । ଯାହାକିଛି ଏଠାରେ ଉଦ୍ଭବ ହେବ ତାହା ପରିଶେଷରେ ଏହି ଅନ୍ଧକାର ଗର୍ଭରେ ବିଲୀନ ହେବ । ମୃତ୍ୟୁ, ଜରା, ରୋଗ ମନୁଷ୍ୟଜାତିକୁ କବଳିତ କରି ରଖିଛି, ଜାଗତିକ ଓ ଭୌତିକ ସ୍ତରରେ ମିଥ୍ୟାର ଅଖଣ୍ଡ ରାଜତ୍ୱ ରହିଛି । ଏହିପରି ଏକ ସଂସାରକୁ ଏକ ନୂତନ ସ୍ତରରେ ଉଠାଇ ନେବାକୁ ହେଲେ,– ଯେଉଁଠାରେ ସତ୍ୟ, ଜ୍ୟୋତିଃ, ଶାନ୍ତି, ଜ୍ଞାନ, ଆନନ୍ଦ, ଅମୃତତ୍ୱର ପ୍ରତିଷ୍ଠା ହେବ, କି ଘୋର ଓ ଭୟଙ୍କର ସଂଗ୍ରାମର ସମ୍ମୁଖୀନ ହେବାକୁ ନହେବ ? ନିମ୍ନସ୍ତରରେ ଯେଉଁସବୁ ଶକ୍ତି ଆଦିମ କାଳରୁ ପ୍ରତିଷ୍ଠିତ ହୋଇ ରହିଛନ୍ତି, ସେମାନେ କଦାପି ସେମାନଙ୍କର ଶାସନ ଓ ପରିଚାଳନା ସହଜରେ ଛାଡ଼ି ଦେବେ ନାହିଁ । ଏହିସବୁ ଶକ୍ତିକୁ ଧ୍ୱଂସ ନକରି ବରଂ ସେସବୁକୁ ରୂପାନ୍ତରିତ କରି, ମାନବ-ବିଗ୍ରହକୁ ଊର୍ଦ୍ଧ୍ୱଭୂମିକୁ ଟେକି ନେବା କମ୍ କଠିନ କଥା ନୁହେଁ । ପ୍ରଥମତଃ, ମନୁଷ୍ୟ ନିତାନ୍ତ ଦୁର୍ବଳ ଓ ଅସହିଷ୍ଣୁ । ଏହି ନିମ୍ନଶକ୍ତିମାନଙ୍କର ମନୁଷ୍ୟ ଏପରି ପଦାନତ ଏବଂ ଏପରିଭାବେ ତାକୁ ଏମାନେ ନିଜର ଯନ୍ତ୍ର କରି ରଖିଛନ୍ତି ଯେ ସେ ଯେପରି ସେମାନଙ୍କର ଖେଳନା ମାତ୍ର । ଯାହାକିଛି ଉଚ୍ଚତର, ମହାନ୍ ଓ ଆଲୋକମୟ, ମନୁଷ୍ୟ ପକ୍ଷରେ ତାହା ଚିରକାଳ ଦୁଷ୍ପ୍ରାପ୍ୟ, ସ୍ୱପ୍ନ ଓ କଳ୍ପନା-ବିଳାସ । ଯଦି ଆଜି ଏହି ନିମ୍ନଶକ୍ତିଚୟକୁ ଅଧିକାର କରି, ସେମାନଙ୍କର ବିଷାକ୍ତ କର୍ତ୍ତୃତ୍ୱ ଓ ପରାକ୍ରମକୁ ସତ୍ୟ, ଜ୍ଞାନ ଓ ଆଲୋକରେ ପରିଣତ କରିବାକୁ ହୁଏ, ତେବେ ଯେଉଁ ବିପୁଳ ଆନ୍ଦୋଳନ ଏବଂ ପରିବର୍ତ୍ତନ ହେବ ତାହା ମନୁଷ୍ୟ ଭଳି ଦୁର୍ବଳ ଜୀବଙ୍କ ପକ୍ଷରେ ସହ୍ୟ କରିବା ଅତ୍ୟନ୍ତ କଠିନ ହୋଇ ପଡ଼ିବ । ଆଜି ବାସ୍ତବ ସମସ୍ୟା ଏହାହିଁ ହୋଇଛି । ଚତୁର୍ଦିଗରେ ଯେଉଁ ବିଶୃଙ୍ଖଳା ଓ ବିପର୍ଯ୍ୟୟ ଦେଖାଦେଇଛି ସେସବୁ ଏହି ତୀବ୍ର ସଂଗ୍ରାମର ଫଳାଫଳ । କିନ୍ତୁ ବର୍ତ୍ତମାନର ଏହି ଅନ୍ଧକାର ମଧ୍ୟରୁହିଁ ନୂତନ ଚେତନା ଓ ନୂତନ ଜଗତର

ଉଦ୍ଭବ ହେବ ଏବଂ ଏହି ସମ୍ବନ୍ଧରେ ଶ୍ରୀଅରବିନ୍ଦ ବହୁ ବର୍ଷ ପୂର୍ବେ ଏକ ପତ୍ରରେ ଲେଖିଥିଲେ :

"I am afraid I can hold out but cold comfort for the present at least to those of your correspondents who are lamenting the present state of things. Things are bad, are growing worse and may at any time grow worst or worse than worst if that is possible — and anything however paradoxical seems possible in the present perturbed world. The best thing for them is to realise that all this was necessary because certain possibilities had to emerge and be got rid of if a new and better world was at all to come into being; it would not have done to postpone them for a later time. It is as in Yoga where things active or latent in the being have to be put into action in the light so that they may be grappled with and thrown out or to emerge from latency in the depths for the same purificatory purpose. Also they can remember the adage that night is darkest before dawn and that the coming of dawn is inevitable. But they must remember too that the new world whose coming we envisage is not to be made of the same texture as the old and different only in pattern and that it must come by other means, from within and not from without—so the best way is not to be too much preoccupied with the lamentable things that are happening outside, but themselves to grow within so that they may be ready for the new world whatever form it may take."

(CWSA, Vol.-31, p. 691)

ଅର୍ଥାତ୍, ''ମୋର ଆଶଙ୍କା ହୁଏ, ତୁମ ସହିତ ଚିଠିପତ୍ରରେ ସମ୍ପର୍କ ରଖୁଥିବା ବ୍ୟକ୍ତିମାନେ – ଯେଉଁମାନେ ବର୍ତ୍ତମାନ ଅବସ୍ଥା ଦେଖି ଦୁଃଖ କରୁଛନ୍ତି – ମୁଁ ଅନ୍ତତଃ ସେମାନଙ୍କୁ ବିଶେଷ କିଛି ଆଶ୍ୱାସନା ଦେଇପାରିବି ନାହିଁ । ବର୍ତ୍ତମାନ ଅବସ୍ଥା ଖରାପ, ଆହୁରି ଖରାପ ହେବାକୁ ଯାଉଛି ଏବଂ ଯେକୌଣସି ସମୟରେ ନିତାନ୍ତ ଖରାପ ଅବସ୍ଥାରେ ପହଞ୍ଚିପାରେ, କିଂବା ସମ୍ଭବ ହେଲେ ତାହାଠାରୁ ମଧ୍ୟ ଆହୁରି ଖରାପତର ଅବସ୍ଥା ହୋଇପାରେ ଏବଂ ବର୍ତ୍ତମାନ ବିକ୍ଷୁବ୍ଧ ପୃଥିବୀରେ ଯାହାକିଛି ଅସମ୍ଭବ ଓ ପରସ୍ପର ବିରୋଧୀ ମନେ ହୁଏ ତାହା ମଧ୍ୟ ସମ୍ଭବ ହେବାକୁ ଯାଉଛି । ସେମାନଙ୍କ ପାଇଁ ଏହା ଉପଲବ୍ଧି କରିବା ସବୁଠାରୁ ଭଲ ହେବ ଯେ ଏହିସବୁର ଆବଶ୍ୟକତା ଥିଲା, କାରଣ ଯଦି ଏକ ନୂତନ ଓ ଉନ୍ନତତର ଜଗତ୍ ସୃଷ୍ଟି କରିବାକୁ ହେବ, ତେବେ ତାହା ପୂର୍ବରୁ ଏହିପରି କେତେ ବିରୋଧୀ ସମ୍ଭାବନାସବୁ ଦେଖାଦେବ ଏବଂ ସମ୍ପୂର୍ଣ୍ଣ ବିଲୁପ୍ତ ହେବ । ପରବର୍ତ୍ତୀ ସମୟରେ ସମାଧାନ ନିମିତ୍ତ ଏଗୁଡ଼ିକ ସାମୟିକ ସ୍ଥଗିତ କରି ଦିଆଗଲେ ଚଳିବ ନାହିଁ । ଏହା ହେଉଛି ଠିକ୍ ଯୋଗର ପ୍ରକ୍ରିୟା ପରି, ଯେଉଁଠି ସତ୍ତା ମଧ୍ୟରେ ଥିବା ସକ୍ରିୟ ବା ସୁପ୍ତ ବିଷୟଗୁଡ଼ିକୁ ଆଲୋକର ସମ୍ମୁଖରେ କ୍ରିୟା କରିବାକୁ ଛାଡ଼ି ଦିଆହୁଏ । ଯାହା ଫଳରେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ଦୂରକୁ ନିକ୍ଷେପ କରାଯିବ ଅଥବା ଅନୁରୂପ ବିଶୁଦ୍ଧିକରଣ ପାଇଁ ଗହ୍ୱର ମଧ୍ୟରେ ସୁପ୍ତ ଥିବା ବସ୍ତୁକୁ ଅଣାଯିବ । ସେମାନେ ମଧ୍ୟ ସେହି ପ୍ରାଚୀନ ସ୍ମୃତିକୁ ସ୍ମରଣ କରି ପାରନ୍ତି ଯେ ଉଷାକାଳ ପୂର୍ବରୁ ରାତ୍ରି ଘୋର ଅନ୍ଧକାରପୂର୍ଣ୍ଣ ହୋଇଥାଏ ଏବଂ ଉଷାର ଆଗମନ ଅନିବାର୍ଯ୍ୟ । କିନ୍ତୁ ସେମାନେ ଆହୁରି ମଧ୍ୟ ମନେ ରଖିବା ଉଚିତ, ଯେଉଁ ନୂତନ ଜଗତର ଆଗମନୀ ପାଇଁ ଆମ୍ଭେମାନେ ପ୍ରୟାସ କରୁଛୁ, ତାହା ପୁରାତନ ଜଗତ୍ ସହ କେବଳ ଗଠନ ଓ ନମୁନାରେ ଯେ ଭିନ୍ନ ତାହା ନୁହେଁ, ତାହାଠାରୁ ଭିନ୍ନ ଉପାଦାନରେ ମଧ୍ୟ ଏହା ଗଠିତ ହେବ, ଏବଂ ଏହା ଆସିବ ଅନ୍ୟ ଉପାୟ ମାଧ୍ୟମରେ ଅର୍ଥାତ୍ ତାହା ଗଠିତ ହେବ ଅନ୍ତରରୁ, ବାହାରରୁ ନୁହେଁ । ତେଣୁ ସବୁଠାରୁ ଉତ୍ତମ ପନ୍ଥା ହେଲା ବାହାରେ ଘଟୁଥିବା ଶୋଚନୀୟ ଘଟଣା ଦେଖି ବ୍ୟସ୍ତ ନହେବା କିନ୍ତୁ ଅନ୍ତର ମଧ୍ୟରେ ନିଜର ଅଭିବୃଦ୍ଧିକୁ ଅବ୍ୟାହତ ରଖିବା ଯାହାଫଳରେ ସେମାନେ ନୂତନ ଜଗତ୍ ପ୍ରତି ପ୍ରସ୍ତୁତ ହେବେ, ତାହା ଯେଉଁ ରୂପରେ ଆସୁନା କାହିଁକି ।''

ଚେତନାର ଅନୁରୂପହିଁ ଜଗତ୍ । ଚେତନାହିଁ ବସ୍ତୁର ସତ୍ତା

ଓ ତତ୍ତ୍ୱ, ନିୟାମକ ଓ ଚାଳକ । ଆମ ଚତୁର୍ଦ୍ଦିଗର ପରିସ୍ଥିତି ଆମର ଚେତନା ଓ ସ୍ଥିତିର ବାହ୍ୟ ପ୍ରକାଶ ମାତ୍ର । ଯଦି ଆମ୍ଭେମାନେ ଆମର ଚେତନାର ପରିବର୍ତ୍ତନ କରୁ, ରୂପାନ୍ତର କରୁ, ଅନ୍ୟ ଏକ ଅଖଣ୍ଡ, ବିଶାଳ, ସୁଷମ ଓ ଜ୍ଞାନମୟ ଚେତନା ମଧ୍ୟରେ ପ୍ରବେଶ କରୁ, ତେବେ ଆମର ଚତୁର୍ଦ୍ଦିଗର ପରିସ୍ଥିତି, ଯେଉଁ ଦୁଃଖ, ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ଦେଖା ଦେଇଛି ତାହାର ପରିବର୍ତ୍ତନ ଘଟିବ ।

ଶ୍ରୀଅରବିନ୍ଦ ତାଙ୍କର ଦୀର୍ଘକାଳବ୍ୟାପୀ ତପସ୍ୟା ଦ୍ୱାରା ପୃଥିବୀ ଉପରେ 'ଅତିମାନସ ଦିବ୍ୟ-ଚେତନା'କୁ ଉତାରି ଆଣିଛନ୍ତି । ଏହି ଚେତନାର ଅନୁପ୍ରବେଶ ଫଳରେ ସମଗ୍ର ପୃଥିବୀରେ ଗୋଟାଏ ନାହିଁ ନଥିବା ବିଶୃଙ୍ଖଳା ଓ ଦ୍ୱନ୍ଦ୍ୱ ଦେଖା ଦେଇଛି କାରଣ ଏହା ପୂର୍ଣ୍ଣ ସତ୍ୟ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଚେତନା । କେବଳ ସେତିକି ନୁହେଁ, ଏହା ଏକ ଅପରାଜେୟ ଚେତନା, ଏବଂ ଅନ୍ଧକାର ଶକ୍ତି ଉପରେ ଯେ ନିଶ୍ଚୟ ବିଜୟ ହାସଲ କରିବ ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ବିଶୃଙ୍ଖଳା ଓ ବିକ୍ଷୋଭର ପ୍ରଧାନ କାରଣ ହେଲା ଏହି ନୂତନ ଚେତନା ଓ ଶକ୍ତିର ଚାପ (Pressure) ଏବଂ ପୁରାତନ ଶକ୍ତିରାଜିର ପ୍ରତିରୋଧ ।

ବାସ୍ତବରେ ଏହା ଏକ ଯୁଗ-ସନ୍ଧିକ୍ଷଣ । ଗୋଟାଏ ଯୁଗ ଚାଲିଯାଉଛି, ଅନ୍ୟ ଗୋଟିଏ ନୂତନ ଯୁଗ ଆସୁଛି, ଏହି ସନ୍ଧିକ୍ଷଣ ବିପୁଳ ପରିବର୍ତ୍ତନ ଓ ସମ୍ଭାବନା ସହ ଆମ ସମ୍ମୁଖରେ ଛିଡ଼ା ହୋଇଛି । ଯଦି ଆମ୍ଭେମାନେ ଇଚ୍ଛା କରୁ ତେବେ ଏହି ପରିବର୍ତ୍ତନରେ ଅଂଶ ଗ୍ରହଣ କରି, ଭଗବାନଙ୍କ ସପକ୍ଷରେ ରହି ଅନ୍ଧକାର ଶକ୍ତି ଉପରେ ବିଜୟ ହାସଲ କରିବାରେ ସହଯୋଗ କରିପାରୁ । ଶ୍ରୀମା ତାଙ୍କ ୧୯୭୦ ମସିହାର ନବବର୍ଷ ବାଣୀରେ କହିଛନ୍ତି,

"The world is preparing for a big change. Will you help ?"

ଅର୍ଥାତ୍, ''ପୃଥିବୀ ଏକ ବିପୁଳ ପରିବର୍ତ୍ତନ ନିମିତ୍ତ ପ୍ରସ୍ତୁତ ହେଉଛି, ତୁମେ ଏଥିରେ ସହାୟତା କରିବ କି ?''

ଏହି ସହାୟତାର ଅର୍ଥ ନୂତନ ଚେତନାର ଗ୍ରହଣ ଓ ନୂତନ ଜଗତ୍ ପ୍ରତିଷ୍ଠା ନିମିତ୍ତ କାର୍ଯ୍ୟ କରିବା । ଯେଉଁମାନେ ଏହି ନୂତନ ଚେତନାକୁ ଗ୍ରହଣ କରିବା ନିମିତ୍ତ ପ୍ରସ୍ତୁତ ହେବେ – ନିଜ ମଧ୍ୟରେ ସତ୍ୟ, ଜ୍ଞାନ, ଜ୍ୟୋତିଃ ଓ ଅମୃତତ୍ୱକୁ ସ୍ଥାନ ଦେବାକୁ କଠୋର ଶ୍ରମସ୍ୱୀକାର କରିବେ, ସେହିମାନେହିଁ ଏହି କାର୍ଯ୍ୟ କରିବାରେ ସହାୟତା କରିବେ ଏବଂ ନୂତନ ଜଗତ୍ ପ୍ରତିଷ୍ଠାରେ ଅଂଶ ଗ୍ରହଣ କରିବେ । ନୂତନ ଚେତନାର ଦାବି ଏବଂ ପ୍ରତିଷ୍ଠାର ଧାରା ନିଜସ୍ୱ, ତାହା ସତ୍ୟ-ଜ୍ୟୋତିଃ ଓ ଜ୍ଞାନର ଧାରାରେ କାର୍ଯ୍ୟ କରିବ, ଅନ୍ଧକାର ଓ ମିଥ୍ୟା ନିକଟରେ ମୁଣ୍ଡ ନୁଆଁଇବ ନାହିଁ । ସୁତରାଂ ଯେଉଁ ଦୀର୍ଘକାଳ ଧରି ଆମ୍ଭେମାନେ ମିଥ୍ୟା ଓ ଅନ୍ଧକାର ଦ୍ୱାରା ପରିଚାଳିତ ହୋଇ ଆସିଛୁ, ତାହାକୁ ପ୍ରତ୍ୟାଖ୍ୟାନ କରିବା ମଧ୍ୟ ଖୁବ୍ କଷ୍ଟସାଧ । ଏହି କ୍ଷେତ୍ରରେହିଁ ଜୀବନ-ସମସ୍ୟା ଜଟିଳ ଏବଂ କଠୋର ହୋଇଉଠେ ।

ଏକଦା ମା ଦେଇଥିବା ଏକ ବାଣୀର ମର୍ମାର୍ଥ ଏହିପରି – ଜୀବନର ସମସ୍ୟା କଷ୍ଟସାଧ, କିନ୍ତୁ ଏହା ଆମକୁ ଅଧିକ ସଚେତନ କରିବା ନିମିତ୍ତ । ଆମ୍ଭେମାନେ ଏକ ଅବିଚଳିତ ବିଶ୍ୱାସ ରଖିବା ଦରକାର, କାରଣ ବିଜୟ ସୁନିଶ୍ଚିତ ।

ନୂତନ ଚେତନାର ପଟ୍ଟଭୂମିରେ ନୂତନ ଜଗତର ପ୍ରତିଷ୍ଠା ହେବ । ଏହି ଯେଉଁ ମହାନ୍ ବିପ୍ଳବ ସଂଘଟିତ ହେବାକୁ ଯାଉଛି, ସେହି ବିପ୍ଳବର କ୍ରିୟା ଓ ଅଗ୍ରଗତି ଅନ୍ତରରେ, ବାହାରେ ନୁହେଁ; ଚେତନାର ଭୂମିରେ, ବାହ୍ୟ ପରିସ୍ଥିତିରେ ନୁହେଁ । ଯେକୌଣସି ବାହ୍ୟିକ ପରିସ୍ଥିତି ଓ କାର୍ଯ୍ୟକ୍ରମର ପରିବର୍ତ୍ତନ ଦ୍ୱାରା, ଶାସନ, ସରକାର, କୃଷି, ଶିଳ୍ପତନ୍ତ୍ର, ଯୋଜନା ଓ ଶିକ୍ଷା ଦ୍ୱାରା ଏହା ସମ୍ଭବ ନୁହେଁ । ନୂତନ ସତ୍ୟ ଓ ନୂତନ ଜ୍ୟୋତିଃକୁ ଅନ୍ତରରେ ଗ୍ରହଣ କରି, ନିଜର ଚେତନା ଓ ତାହାର ଶକ୍ତି ସାମର୍ଥ୍ୟକୁ ଭାଗବତ-ଚେତନାରେ ରୂପାନ୍ତରିତ କରି ନୂତନ ଜଗତର ପ୍ରତିଷ୍ଠା ନିମିତ୍ତ ଅଗ୍ରସର ହେବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି ଏଥିପାଇଁ ଜାଗ୍ରତ୍ ହେବା ଆବଶ୍ୟକ । ଏହି ଜାଗରଣରେ ବ୍ୟକ୍ତିଗତ, ସାମାଜିକ ଏବଂ ଜାତୀୟ ଜାଗରଣ ସମ୍ଭବ । ଏହାହିଁ ଭବିଷ୍ୟତର ଆହ୍ୱାନ ଏବଂ ଦାବି ।

ଆଶା ଓ ବିଶ୍ୱାସ, ଭଗବତ୍ କୃପାକୁ ସ୍କନ୍ଧରେ ଧାରଣ କରି କ୍ଷୁଦ୍ର ମାନବ ଏହି ଆହ୍ୱାନର ଉତ୍ତର ଦେଇପାରିବ । ❖

ପଥ ଦୀର୍ଘ, କିନ୍ତୁ ଆତ୍ମ-ସମର୍ପଣ ଏହାକୁ ହ୍ରସ୍ୱ କରିଦିଏ; ମାର୍ଗ ଦୁରୂହ କିନ୍ତୁ ପୂର୍ଣ୍ଣ ଭରସା ଏହାକୁ ସହଜ କରିଦିଏ ।

– ଶ୍ରୀମା

# ଶ୍ରୀମାଙ୍କର ବାଲ୍ୟ ଜୀବନରେ ପରିବାରର ଭୂମିକା

## (୧)



### ମମତା ଦାଶ



ପୃଥିବୀର ବିବର୍ତ୍ତନ କ୍ରିୟାରେ ଅଂଶଗ୍ରହଣ କରିବା ନିମିତ୍ତ ଭଗବାନଙ୍କର ସଂକଳ୍ପର ପ୍ରତିଭୂ ସ୍ୱରୂପ ଅବତାରମାନେ ମନୁଷ୍ୟ ଶରୀରରେ ଜନ୍ମଗ୍ରହଣ କରନ୍ତି । ସେମାନେ ଈଶ୍ୱରଙ୍କର ସ୍ୱରୂପ ଧାରଣ କରିଥିଲେ ମଧ୍ୟ ମଣିଷମାନଙ୍କ ପରି ସାଧାରଣ ଜୀବନରେ ଚଳପ୍ରଚଳ କରନ୍ତି, ଦୁଃଖଭୋଗ କରନ୍ତି, ନାନାଦି ବିପଦ ତଥା ସଂଘର୍ଷକୁ ସାମନା କରନ୍ତି ଓ ତା' ଉର୍ଦ୍ଧ୍ୱକୁ ଉତ୍ଥାପିତ ହୁଅନ୍ତି । ସେମାନଙ୍କର ଜନ୍ମ ପୃଥିବୀର ଅଗ୍ରଗତିରେ ଏକ ପଦକ୍ଷେପ ଭଳି ହୋଇଥାଏ । ତେଣୁ ଅବତାରମାନଙ୍କର ମାତାପିତା, ବନ୍ଧୁବାନ୍ଧବ, ବାତାବରଣ, ବଞ୍ଚିବାର, ଲାଳନ-ପାଳନର କ୍ଷେତ୍ର ସବୁକିଛି ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ । କିଭଳି ପରିସ୍ଥିତିରେ, କେଉଁଠାରେ, କିପରି ମାତାପିତାଙ୍କଠାରୁ ଜନ୍ମ ହେଲେ ସେ ନିଜର ଲକ୍ଷ୍ୟକୁ ପୂର୍ଣ୍ଣ କରିପାରିବେ ସେକଥା ନିରୂପିତ ହୋଇଥାଏ । କେବଳ ଅବତାର କାହିଁକି, ମହାନ୍ ସାଧୁ, ସନ୍ଥ, ମୁନି, ଋଷିମାନେ ମଧ୍ୟ ସେମାନଙ୍କ ନିମିତ୍ତ ଯୋଗ୍ୟ ପରିବେଶରେ ଜନ୍ମଗ୍ରହଣ କରିଥା'ନ୍ତି ।

ଶ୍ରୀମା ଅବତାର ଗ୍ରହଣ କରିଥିଲେ ଭଗବାନଙ୍କର ଏପରି ଏକ ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ, ଯାହା ଅଦ୍ଭୁତ ଓ ଅକଳ୍ପନୀୟ ଏବଂ ଖୁବ୍ ଜଟିଳ ମଧ୍ୟ । ତେଣୁ ତାଙ୍କର ଶାରୀରିକ, ମାନସିକ, ପ୍ରାଣିକ, ବୌଦ୍ଧିକ ସମସ୍ତ ସ୍ତର ଭିନ୍ନ ଭାବରେ ପ୍ରସ୍ତୁତ ହୋଇଥିଲା । ସେ ଜଣେ ସାଧୁ, ସନ୍ଥ, ସନ୍ନ୍ୟାସିନୀ ନଥିଲେ କିଂବା ସେ ଶ୍ରୀରାମଙ୍କ ଭଳି ସାମାଜିକ ନୈତିକ ଜୀବନ ପ୍ରତିଷ୍ଠା କରିବାକୁ ଆସି ନଥିଲେ କିଂବା ଶ୍ରୀକୃଷ୍ଣଙ୍କ ଭଳି ଧର୍ମ ସଂସ୍ଥାପନ ନିମିତ୍ତ ଆସି ନଥିଲେ; ସେ ଆସିଥିଲେ ଏହି ପୃଥିବୀପୃଷ୍ଠରେ ଏଭଳି ଏକ ପ୍ରଜାତିକୁ ଅଭିବ୍ୟକ୍ତ କରିବାର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ – ଯାହା ପରମେଶ୍ୱରଙ୍କର ସଚ୍ଚିଦାନନ୍ଦ ଚେତନାକୁ ପୂର୍ଣ୍ଣତର ଭାବରେ ଧାରଣ କରିପାରିବ । ଏହାର ଚେତନା 'ମାନସ' ଚେତନାକୁ ଅତିକ୍ରମ କରିବ, ଏହାକୁ ଶ୍ରୀଅରବିନ୍ଦ ଓ ଶ୍ରୀମା 'ଅତିମାନସ ଚେତନା' ବୋଲି କହିଛନ୍ତି ।

ଶ୍ରୀମା ନିଜର ମା'ଙ୍କ ସମ୍ବନ୍ଧରେ ବହୁତ କିଛି କହିଛନ୍ତି ଏବଂ ଏକଥା ମଧ୍ୟ କହିଛନ୍ତି ଯେ ସେ ତାଙ୍କର ମା' ନ ହୋଇଥିଲେ ଏଭଳି ଦୁରୂହ କର୍ମ ସମ୍ପାଦନ କରିବାର ଦାୟିତ୍ୱ ସେ ନେଇ ପାରି ନଥା'ନ୍ତେ ।

ଶ୍ରୀମାଙ୍କର ମାତାମହୀଙ୍କ ନାମ ମଧ୍ୟ ମୀରା ଥିଲା, କିନ୍ତୁ ସେଥିରେ ଗୋଟିଏ 'r' ଥିଲା, ମିରା ଇସ୍‌ମାଲୁନ୍ (Mira Ismalun) । ତାଙ୍କ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଅଂଶଟିକୁ ଶ୍ରୀମା (Mirra Alfassa) ଗ୍ରହଣ କରି ନେଇଥିଲେ । ମୀରା ଇସ୍‌ମାଲୁନ୍ ୧୮୩୦, ଡିସେମ୍ବର ୧୮ ତାରିଖରେ କାଇରୋ ଠାରେ ଜନ୍ମଗ୍ରହଣ କରିଥିଲେ । ସେ ଏକ ଦୃଢ଼ ବ୍ୟକ୍ତିତ୍ୱ ସମ୍ପନ୍ନା ମହିଳା ଥିଲେ । ସେ ଏଇ ଜୀବନକୁ ଅସାଧାରଣ ଭାବରେ ବୁଝିଥିଲେ, ତାଙ୍କର ମନୋବୃତ୍ତି ବିଶ୍ୱଜନୀନ ଥିଲା । ସେ ତେର ବର୍ଷ ବୟସରେ ବିବାହ କରିଥିଲେ, କୋଡ଼ିଏ ବର୍ଷ ବୟସରେ ନିଜର ଦୁଇ ଛୋଟ ଶିଶୁ ଓ ଗଭର୍ଣ୍ଣେସ୍‌ଙ୍କ ସହିତ ଏକାକିନୀ ଜାହାଜରେ ଇଟାଲୀ ଯାଇଥିଲେ । ''ମୋର ସ୍ୱାମୀ ଇଜିପ୍ଟରେ ବାସ କରୁଥିଲେ । ଏହିପରି ଭାବରେ ଇଜିପ୍ଟ ବାହାରକୁ ଯିବା ପାଇଁ ସାହସ କରିବାରେ ମୁଁ ଥିଲି ପ୍ରଥମ ମହିଳା –'' ସେ କହିଥିଲେ ।

(Mother's Chronicle, Vol. No. 1, Sujata Nahar)

ସେ ଅସାଧାରଣ ବୁଦ୍ଧିସମ୍ପନ୍ନା ଥିଲେ, ବହୁତ ପଢ଼ାପଢ଼ି କରୁଥିଲେ । ଶ୍ରୀମା'ଙ୍କ ଭଳି ତାଙ୍କର ମନରେ ଅସାଧାରଣ ଭାରସାମ୍ୟ ଥିଲା, ବିପରୀତବୋଧକ ବସ୍ତୁକୁ କିଭଳି ସମନ୍ୱିତ କରିବାକୁ ହେବ ସେ ଭଲ ଭାବରେ ଜାଣିଥିଲେ । ''ମୋର ଚରିତ୍ରର ଗୋଟିଏ ସ୍ଥାୟୀ ବିଭାବ ହେଉଛି ହୃଦୟକୁ ଓ ମସ୍ତିଷ୍କକୁ ଏକ ନିରବଚ୍ଛିନ୍ନ, ପାରସ୍ପରିକ ଭାରସାମ୍ୟ ଭିତରେ ସମନ୍ୱିତ କରିବା ଓ ଏପରି ଭାବରେ କୌଣସି ଗୋଟିଏ ସହିତ ଅତିରିକ୍ତ ଭାବରେ ସମ୍ପୃକ୍ତ ନହେବା, ମୋର ଆର୍ଥିକ ବ୍ୟାପାରରେ, ମୁଁ ମୋର ଆୟବ୍ୟୟ ମଧ୍ୟରେ ଭାରସାମ୍ୟ ରଖିବାକୁ ଖୁବ୍ ଯତ୍ନଶୀଳ ଥିଲି ।'' ଶ୍ରୀମା'ଙ୍କର ମଧ୍ୟ ଏହି ଗୁଣ ରହିଥିଲା, ସେ କେବେ ମଧ୍ୟ କଳ୍ପନାର ଜଗତ୍ ଭିତରେ ନିଜର ବ୍ୟାବହାରିକ ଜୀବନକୁ ହରାଇ ପକାଉ ନଥିଲେ । କେବେ ମଧ୍ୟ ଅବାସ୍ତବତା ବା ସ୍ୱପ୍ନ ଭିତରେ ଭାସି ବୁଲୁ ନଥିଲେ ।

ମୀରା ଇସ୍‌ମାଲୁନ୍ ଜଣେ ଉଦାର ହୃଦୟା ମହିଳା

ଥିଲେ । ଧର୍ମର ସଂକୀର୍ଣ୍ଣତା ମଧ୍ୟରେ ବନ୍ଦୀ ନଥିଲେ । ତାଙ୍କର ବଡ଼ ଝିଅ ଏଲିଭର୍ ଜଣେ କାଥୋଲିକ୍‌ଙ୍କୁ ବିବାହ କରିବାକୁ ସେ ସମର୍ଥନ କରିଥିଲେ, ଯାହା ସେଇ ସମୟରେ ଏତେ ସହଜ କାମ ନଥିଲା । ତାଙ୍କର ଦ୍ୱିତୀୟ ଝିଅ ମାଥିଲ୍‌ଦ୍ ଯେ କି ଶ୍ରୀମା'ଙ୍କର ମା' ହେବା ନିମିତ୍ତ ନିୟତି ନିର୍ଦ୍ଦିଷ୍ଟ ଥିଲେ, ତାଙ୍କୁ ମଧ୍ୟ ନିଜର ସ୍ୱାମୀ ବାଛିବା ପାଇଁ ସେ ଅନୁମତି ଦେଇଥିଲେ । ମାଥିଲ୍‌ଦ୍ ଜଣେ ତୁର୍କୀ ବ୍ୟକ୍ତିଙ୍କୁ ବିବାହ କରିଥିଲେ, ତାଙ୍କର ନାମ ଥିଲା ମରିସ୍‌ସେ ଆଲଫାସା, ସେ ଜଣେ ବ୍ୟାଙ୍କର୍ ଥିଲେ । ତା'ପରେ ମୀରା ଇସ୍‌ମାଲୁନ୍ ସ୍ଥାୟୀ ଭାବରେ ଫ୍ରାନ୍ସରେ ବସବାସ କରିଥିଲେ । ଶେଷ ଜୀବନ ସେ ନାଇସ୍‌ରେ ବିତାଇ ଥିଲେ । ଅନେକ ଖ୍ୟାତିନାମା ଲୋକ ତାଙ୍କର ବନ୍ଧୁ ଥିଲେ, ସେ ନିଜକୁ କେବେ ବୃଦ୍ଧା ବୋଲି ମନେ କରୁ ନଥିଲେ । ସେହି ସମୟ ଖଣ୍ଡରେ ସେ ଜଣେ ଅସାଧାରଣ ମହିଳା ଥିଲେ । ଏହିପରି ବଂଶ ପରମ୍ପରା ମଧ୍ୟରୁ ଶ୍ରୀମା'ଙ୍କର ଜନ୍ମ ।

ଶ୍ରୀମା'ଙ୍କର ମା' ମାଥିଲ୍‌ଦ୍ ୧୮୫୭ ମସିହାର ଡିସେମ୍ବର ୧୮ ତାରିଖରେ ଆଲେକ୍‌ଜାଣ୍ଡ୍ରିଆରେ ଜନ୍ମ ଗ୍ରହଣ କରିଥିଲେ । ସେ ସତର ବର୍ଷ ବୟସରେ, ୧୮୭୪ ଜୁନ୍ ୧୮ ତାରିଖରେ ଜଣେ ତୁର୍କୀ ଯୁବକ ମରିସ୍‌ସେ ଆଲ୍‌ଫାସାଙ୍କୁ ବିବାହ କରିଥିଲେ । ବିବାହ ପରେ ସେମାନେ ତୁର୍କୀକୁ ଚାଲି ଯାଇଥିଲେ । ସେଠାରେ ତାଙ୍କର ପ୍ରଥମ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା, ମାତ୍ର ସନ୍ତାନଟି ଦୁଇ ମାସ ସମୟ ଅବଧିରେ ପ୍ରାଣ ହରାଇଥିଲା । ମାତାପିତା ପୁଣି ଇଜିପ୍‌ଟକୁ ଫେରି ଆସିଲେ । ମାଥିଲ୍‌ଦ୍‌ଙ୍କୁ ସେଠାରେ ଭଲ ଲାଗିଲା ନାହିଁ । କାରଣ ସେଠାରେ ନାରୀମାନଙ୍କ ଯଥେଷ୍ଟ ସମ୍ମାନ ନଥିଲା । ମାଥିଲ୍‌ଦ୍ ମଣିଷର ମର୍ଯ୍ୟାଦା ଉପରେ ବିଶ୍ୱାସ କରୁଥିଲେ । ସେଠାରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହୋଇଥିଲା, ଯେ'କି ଶ୍ରୀମା'ଙ୍କର ବଡ଼ ଭାଇ ମତ୍‌ତେୟୋ ମରିସ୍ ଆଲଫାସା ।

ଶ୍ରୀମା' କହିଥିଲେ, ଏହି ମାଥିଲ୍‌ଦ୍‌ଙ୍କ ଲାଗିହିଁ ସେ ଶରୀର ଗ୍ରହଣ କରିଥିଲେ । ଏହା ନିୟତି ନିର୍ଦ୍ଧାରିତ । ମା' ଜନ୍ମ ହେବା ବେଳକୁ ମାଥିଲ୍‌ଦ୍‌ଙ୍କୁ କୋଡ଼ିଏ ବର୍ଷ ହୋଇଥିଲା, ତାଙ୍କର ମହାନ୍ ଆସ୍ପୃହା ରହିଥିଲା । ଶ୍ରୀମା ପ୍ୟାରିସରେ ଜନ୍ମ ଗ୍ରହଣ କରିଥିଲେ । ମା' କହିଥିଲେ ଯେ, ''ମୋର ମା'ଙ୍କର ପ୍ରଚଣ୍ଡ ଇଚ୍ଛାଶକ୍ତି ଥିଲା । ସେ ଗୋଟିଏ ଲୁହାଦଣ୍ଡ ଭଳି ଥିଲେ, ବାହ୍ୟ ପ୍ରଭାବ ପ୍ରତି ସମ୍ପୂର୍ଣ୍ଣ ଅଭେଦ୍ୟ । ସେ ଯଦି ଥରେ ମନ ସ୍ଥିର କରି ନେଉଥିଲେ, ତେବେ ତାଙ୍କ ସାମନାରେ କେହି ମରିଗଲେ ସୁଦ୍ଧା ସେ ସେଥିରେ ତିଳେ ହେଲେ ବିଚଳିତ ହେଉ ନଥିଲେ । ସେ ସ୍ଥିର କରି ନେଇଥିଲେ ଯେ, ''ମୋ ପିଲାମାନେ ପୃଥିବୀରେ ସର୍ବୋତ୍ତମ ହେବେ ।'' ତାଙ୍କର ଆସ୍ପୃହା ସଫଳ ହୋଇଥିଲା । ଶ୍ରୀମା ପୁଣି କହିଥିଲେ, ''ତାଙ୍କର ଗୋଟିଏ ଗୁଣ ଥିଲା, ଅଗ୍ରଗତିର ଅବବୋଧ । ସେ ଅନୁଭବ କରୁଥିଲେ ଯେ ପୃଥିବୀ ଅଗ୍ରଗତି କରୁଛି; ଏବଂ ଆମର ପଛରେ ଯାହା ରହିଥଲା, ତାହାଠାରୁ ଆମେ ଉନ୍ନତତର ହେବା ଉଚିତ । ତାହାହିଁ ଯଥେଷ୍ଟ ଥିଲା ।'' ଅଗ୍ରଗତି ଓ ମାନବିକତାର ଅବବୋଧ ରହିଥିବା ହେତୁ ମାଥିଲ୍‌ଦ୍ କମ୍ୟୁନିଷ୍ଟ ହୋଇ ଯାଇଥିଲେ, ଯେତେବେଳେ କି ସମ୍ଭ୍ରାନ୍ତ ନାରୀମାନେ କେବଳ ବିଳାସପୂର୍ଣ୍ଣ ପୋଷାକ ପିନ୍ଧିବାରେ ବ୍ୟସ୍ତ ରହୁଥିଲେ । ମାଥିଲ୍‌ଦ୍ ସାରା ଜୀବନ କମ୍ୟୁନିଷ୍ଟ ହୋଇ ରହିଥିଲେ, ୮୭ ବର୍ଷ ପର୍ଯ୍ୟନ୍ତ । କିନ୍ତୁ ଏହି କମ୍ୟୁନିଜିମ୍ ଏକ ବିଶେଷ ଧରଣର ଥିଲା । ଶ୍ରୀମା' ୧୯୭୦ ମସିହାରେ ଏଭଳି ଗୋଟିଏ ମଜା କଥା କହିଥିଲେ, ''ଅନେକ ବର୍ଷ ତଳେ ମୋର ମା' କୁକୁଡ଼ା ପାଳୁଥିଲେ, ନିଜର ରୋଜଗାର ବଢ଼ାଇବା ପାଇଁ । କୁକୁଡ଼ା ଛୁଆ ଓ ଅଣ୍ଡା ବିକ୍ରୀ କରୁଥିଲେ, ମିଳୁଥିବା ଟଙ୍କା ନିଜେ ଖର୍ଚ୍ଚ କରୁଥିଲେ ଓ ବ୍ୟବସାୟ ଚଳାଉ ଥିଲେ । କିନ୍ତୁ ସେ ବ୍ୟବସାୟ କରୁଛନ୍ତି ଓ ଏଥିପାଇଁ ତାଙ୍କୁ ସେଲ୍ସ ଟ୍ୟାକ୍ସ ଦେବାକୁ ପଡ଼ିବ ବୋଲି ଜାଣି ନଥିଲେ । ତେଣୁ ଟାକ୍ସ ବିଭାଗ ତାଙ୍କ ଉପରେ ଜୋରିମାନା ପକାଇଲେ, ଅତୀତରେ ସେ ବିକିଥିବା ଅଣ୍ଡା ଉପରେ ବି ଟିକସ ଧାର୍ଯ୍ୟ କରା ହେଲା । ତାଙ୍କୁ ହିସାବ ମଗା ହେଲା । କିନ୍ତୁ ଯେହେତୁ ସେ ଉପାର୍ଜିତ ଅର୍ଥକୁ କେବଳ ଘର ଖର୍ଚ୍ଚରେ ଲଗାଇଥିଲେ ତେଣୁ ମୋଟା ରକମର ଜୋରିମାନା ଦେବାରୁ ତାଙ୍କୁ ମୁକ୍ତି ମିଳିଗଲା । କିନ୍ତୁ ମାଥିଲ୍‌ଦ୍ ଏ ଟିକସ କଥା କିଛି ବୁଝିପାରି ନଥିଲେ ।'' ଏପରିକି ଶ୍ରୀମା ମଧ୍ୟ ଏ କଥାକୁ ପସନ୍ଦ କରୁ ନଥିଲେ । ସେ କହିଥିଲେ, ''ମୁଁ ଏହାକୁ ଏକ ଅଦ୍ଭୁତ ମାନସିକତା ମନେ କରେ । ତୁମେ କାମ କର ଜୀବିକା ନିର୍ବାହ କରିବା ପାଇଁ, କିନ୍ତୁ ଏହା ବେନିୟମ କାମ ? ମାତ୍ର ତୁମେ କାମ କରିବ କିନ୍ତୁ ବ୍ୟବସାୟ ତୁମର ବ୍ୟକ୍ତିଗତ ବ୍ୟାପାର ନୁହେଁ ? ତୁମେ ନିଜେ ପ୍ରତିଷ୍ଠା କରିଥିବା ବ୍ୟବସାୟ ପ୍ରତିଷ୍ଠାନରୁ ନିଜର ଘର ଖର୍ଚ୍ଚ କରିବାର ଅଧିକାର ତୁମର ନାହିଁ ! ଏହି ପୃଥିବୀର ମୂର୍ଖତାର ତୁଳନା ନାହିଁ ।''

ମାଥିଲ୍‌ଦ୍ ଖୁବ୍ ସରଳ ଥିଲେ, ସଂସ୍କୃତିସମ୍ପନ୍ନା ଥିଲେ । ସେ ବହୁତ ପଢ଼ାପଢ଼ି କରିଥିଲେ । ସେ ମନେ କରୁଥିଲେ ଯେ ଜୀବନ ଗୋଟିଏ ଗାଣିତିକ ଉପପାଦ୍ୟ ଭଳି ଓ ଏହାକୁ କଠୋର

ଭାବରେ ପ୍ରଦର୍ଶିତ କରାଯିବା ଉଚିତ । ଏହା ଯଥାର୍ଥ ହେବା ଉଚିତ । ସେ ସମ୍ପୂର୍ଣ୍ଣ ନାସ୍ତିକ ଥିଲେ । କିନ୍ତୁ ଏହା ତାଙ୍କର ଅଗ୍ରଗତିର ବାଧକ ନଥିଲା ।

ମାଥିଲ୍ଡ୍ ସମସ୍ତ ଧର୍ମ ଓ ଭାବପ୍ରବଣତାକୁ ଦୁର୍ବଳତା ଓ ଅବିଶ୍ୱାସ ବୋଲି ଭାବୁଥିଲେ, ଘୃଣା କରୁଥିଲେ, ଅଦୃଶ୍ୟ ଭାବରେ ରହିଥିବା କୌଣସି ଅସ୍ତିତ୍ୱକୁ ସେ ବିଶ୍ୱାସ କରୁ ନଥିଲେ । ଏସବୁ ମସ୍ତିଷ୍କର ରୋଗ ବୋଲି କହୁଥିଲେ । କିନ୍ତୁ ତାଙ୍କର ପୁଅକୁ ସେ ଖୁବ୍ ଭଲ ପାଉଥିଲେ ଓ କହୁଥିଲେ, ''ମତ୍‌ତେୟୋ ମୋର ଈଶ୍ୱର ।'' ମତ୍‌ତେୟୋ ବିବାହ କରିବା ପରେହିଁ ମାଥିଲ୍ଡ୍ ତାଙ୍କୁ ନିଜ ପାଖରୁ ଛାଡ଼ିବାକୁ ବାଧ୍ୟ ହେଲେ ।

ଶ୍ରୀମା ବହୁତ ଥର  କହିଛନ୍ତି, ''ମୋର ମା ଆମ ଦୁହିଁଙ୍କୁ କହିଥିଲେ ଓ ବାରଂବାର ପୁନରାବୃତ୍ତି କରୁଥିଲେ ଯେ, ଜଣେ ପୃଥିବୀରେ କେବଳ ଆରାମ କରିବାକୁ ଜନ୍ମ ହୋଇ ନାହିଁ । ପୃଥିବୀ ଏକ ଚିରସ୍ଥାୟୀ ନର୍କ । କିନ୍ତୁ ତୁମକୁ ତାହା ସହ୍ୟ କରିବାକୁ ହେବ ଓ ନିଜର କର୍ତ୍ତବ୍ୟ କରିବା ଦ୍ୱାରା ତୁମକୁ ସନ୍ତୋଷ ମିଳିବ ।'' ଶ୍ରୀମା' କହୁଥିଲେ ଯେ ସେହି ଚମତ୍କାର ଶିକ୍ଷା ତାଙ୍କର ଦୁଇ ସନ୍ତାନଙ୍କୁ ଚିରକାଳ ଯାଏଁ ଅନୁପ୍ରାଣିତ କରିଥିଲା । ପିଲାଦିନେ ସେ ଶ୍ରୀମା'ଙ୍କର ଜୀବନକୁ ବୁଝିପାରୁ ନଥିଲେ, ସେଥିପାଇଁ ଶ୍ରୀମା' ନିଜ ଜୀବନର ଅନେକ ଅଲୌକିକ ଅଭିଜ୍ଞତାର କଥା ତାଙ୍କୁ କହୁ ନଥିଲେ । ସେ ଏସବୁକୁ ମସ୍ତିଷ୍କ ବିକୃତି ବୋଲି ଭାବନ୍ତି । କିନ୍ତୁ ଏହି ଶିକ୍ଷା ଶ୍ରୀମା'ଙ୍କୁ ପରବର୍ତ୍ତୀ କାଳରେ ଅନେକ ସାହାଯ୍ୟ କରିଥିଲା । ସେ କେବେ ମଧ୍ୟ କଳ୍ପନାରେ ଭାସି ଯାଉ ନଥିଲେ, ଭାବପ୍ରବଣତାରେ ବିହ୍ୱଳ ହୋଇ ଯାଉ ନଥିଲେ । ନିଜେ ଉପଲବ୍ଧି ନକରିବା ପର୍ଯ୍ୟନ୍ତ କୌଣସି କଥାକୁ ବାସ୍ତବ ବୋଲି ଭାବି ନେଉ ନଥିଲେ । ତାଙ୍କର ଆଧ୍ୟାତ୍ମିକ ଲକ୍ଷ୍ୟର ପରିପୂର୍ଣ୍ଣତା ନିମିତ୍ତ ଏପରି ଶିକ୍ଷା ଜରୁରୀ ଥିଲା । ଭଗବାନ୍ ତାଙ୍କ ନିମିତ୍ତ ଏକ ରହସ୍ୟମୟ ସତ୍ତା ହୋଇ ନଥିଲେ । ସେ ଭଗବାନଙ୍କୁ ବାସ୍ତବ ଭାବରେ ଜାଣିଥିଲେ । ଶ୍ରୀମା'ଙ୍କର ଜୀବନ-ଲକ୍ଷ୍ୟରେ ତାଙ୍କର ଆଇଙ୍କର ଚରିତ୍ରବତ୍ତାର ଓ ମା'ଙ୍କର ବ୍ୟକ୍ତିତ୍ୱର ଅବଦାନ ସାମାନ୍ୟ ନଥିଲା । କିନ୍ତୁ ସେମାନେ ଦୁହେଁ ଭଗବାନଙ୍କୁ ମାନୁ ନଥିଲେ । ତେଣୁ ଶ୍ରୀମା' ମଧ୍ୟ ଗତାନୁଗତିକ ଈଶ୍ୱରଙ୍କୁ ବିଶ୍ୱାସ କରୁ ନଥିଲେ, ପିଲାଟି ଦିନରୁ ସେ 'ଈଶ୍ୱର' ଏହି ଶବ୍ଦଠାରୁ ମଧ୍ୟ ଦୂରେଇ ରହୁଥିଲେ – ନିଜେ ଈଶ୍ୱରଙ୍କୁ ନିଜ ଭିତରେ ଆବିଷ୍କାର ନକରିବା ପର୍ଯ୍ୟନ୍ତ ।

ଶ୍ରୀମା' ମରିସ୍‌ସେ ଆଲ୍‌ଫାସାଙ୍କୁ କାହିଁକି ପିତା ଭାବରେ ବାଛିଥିଲେ ? ତା'ର କାରଣ ଭିନ୍ନ ଥିଲା । ସେ କହିଥିଲେ, ''ମୋର ବାପାଙ୍କର ବହୁତ ସୁନ୍ଦର ସ୍ୱାସ୍ଥ୍ୟ ଥିଲା । ସେ ବଳବାନ୍ ଥିଲେ । ସେ ଅଷ୍ଟ୍ରିଆରେ ଅଧ୍ୟୟନ କରିଥିଲେ । ସେ ଅଷ୍ଟ୍ରିଆନ୍ ଭାଷା, ଫରାସୀ ଭାଷା, ଇଂରାଜୀ, ଇଟାଲୀଆନ୍ ଓ ତୁର୍କୀ ଭାଷା ଜାଣିଥିଲେ । ସେ ଚମତ୍କାର ଘୋଡ଼ା ଚଢ଼ାଳି ଥିଲେ । ଗୋଟିଏ ବିଧା ମାରି ସେ ଯେକୌଣସି ଜିନିଷକୁ ଭାଙ୍ଗି ଦେଇ ପାରୁଥିଲେ । ଏପରିକି ସେତେବେଳେ ମିଳୁଥିବା ରୂପା ତିଆରି ପାଞ୍ଚ ଫ୍ରାଙ୍କ୍‌କୁ ସେ ଗୋଟିଏ ବିଧାରେ ଦୁଇଖଣ୍ଡ କରି ଦେଇଥିଲେ । ତାଙ୍କର ଅସମ୍ଭବ ମାନସିକ ସ୍ଥିରତା ଥିଲା । ଅସାଧାରଣ ଶାରୀରିକ ଭାରସାମ୍ୟ ମଧ୍ୟ ଥିଲା । ଗଣିତରେ ତାଙ୍କର ଆଶ୍ଚର୍ଯ୍ୟଜନକ ବୁଦ୍ଧିମତ୍ତା ଥିଲା ।  ଶ୍ରୀମା କହିଥିଲେ, ଏଭଳି ବୁଦ୍ଧିମତ୍ତା ସେ କେବେ ବି ଦେଖି ନଥିଲେ । ସେ ପକ୍ଷୀମାନଙ୍କୁ ଭଲ ପାଉଥିଲେ, ଆପାର୍ଟମେଣ୍ଟର ଗୋଟିଏ କୋଠରିରେ ସେ ଗୋଟିଏ ବଡ଼ ପଞ୍ଜୁରି ରଖିଥିଲେ, ଅନେକ ପକ୍ଷୀ ସେ ପଞ୍ଜୁରିରେ ରହିଥିଲେ । ସାରାଦିନ ଝରକା ବନ୍ଦ ରଖି ପକ୍ଷୀମାନଙ୍କୁ ଛାଡ଼ି ଦେଉଥିଲେ ।

ସେ ଖୁବ୍ ଭଲ ଗପ କହୁଥିଲେ । ମା'ଙ୍କର ଗଳ୍ପ କହିବାର ଆଗ୍ରହ ବୋଧହୁଏ ତାଙ୍କର ପିତାଙ୍କଠାରୁ ଆସିଥିଲା । ତାଙ୍କର ବାପା ଗପସବୁକୁ ଏମିତି ଢଙ୍ଗରେ କହୁଥିଲେ, ସତେ କି ସେସବୁ ନିଜର ଗପ । ମାଥିଲ୍ଡ୍ ଉଦାସୀନ ସ୍ୱଭାବର ଥିଲେ ବୋଲି ଶ୍ରୀମା ଓ ତାଙ୍କ ଭାଇ ତାଙ୍କର ବାପାଙ୍କ ସହିତ ଖେଳ କୌତୁକ କରୁଥିଲେ । ସେ ମା'ଙ୍କୁ ସର୍କସ ଦେଖିବାକୁ ନେଇ ଯାଉଥିଲେ । ତାଙ୍କ ପିତା ମତ୍‌ତେୟୋଙ୍କ ଅପେକ୍ଷା ଶ୍ରୀମା'ଙ୍କୁ ଅଧିକ ଭଲ ପାଉଥିଲେ ।

(କ୍ରମଶଃ)

ତୁମର ଚେତନା ଯେତିକି ଅଧିକ ବ୍ୟାପକ ଓ ବିସ୍ତୃତ ହେବ, ଊର୍ଦ୍ଧ୍ୱରୁ ଗ୍ରହଣ କରିବା ପାଇଁ ତୁମେ ସେତିକି ଅଧିକ ସକ୍ଷମ ହେବ ।

— ଶ୍ରୀଅରବିନ୍ଦ

# ମା' – ଏକ ଅନୁଭବ

## ଶ୍ରୀ ବିମଳ ପ୍ରସନ୍ନ ଦାସ

ଆର୍ଯ୍ୟ ସଂସ୍କୃତି ଓ ଭାରତୀୟ ପରମ୍ପରା ମାତୃଶକ୍ତିକୁ ସବୁଠାରୁ ବେଶୀ ପ୍ରାଧାନ୍ୟ ଦେଇଛି । ମଣିଷ ଜୀବନରେ ଏପରି କୌଣସି ଅବସ୍ଥା ନାହିଁ ଯେଉଁଠି ମାତୃ-ମହାଶକ୍ତିଙ୍କର ଉପଲବ୍ଧି ନାହିଁ । ମାତୃଶକ୍ତିର ମହିମାରେ ଯୁଗେ ଯୁଗେ ମହିମାନ୍ୱିତ ଆମ ଚିନ୍ତା ଓ ଚେତନା । ମା' – ଏହି ଗୋଟିଏ ଅକ୍ଷର ଭିତରେ ସୃଷ୍ଟିର ସକଳ ରହସ୍ୟ, ଶକ୍ତି ଓ ସୁଷମା, ସୌନ୍ଦର୍ଯ୍ୟ ଓ ସମ୍ବେଦନା, ସଂହତି ଓ ସଂଯୋଜନା, କ୍ଷମା ଓ କରୁଣା, ଅନୁରାଗ ଓ ଅନୁକମ୍ପା ଏବଂ ସର୍ବୋପରି ପ୍ରେମ ଓ ପ୍ରେରଣାର ଅନନ୍ତ ମହିମା ସୃଷ୍ଟିକର୍ତ୍ତା ଭରି ଦେଇଛନ୍ତି । ସମଗ୍ର ସୃଷ୍ଟିର ସେ ଯେପରି ପ୍ରକାଶିତ ସ୍ଥୂଳ ରୂପ । ମାତୃଶକ୍ତିର ଆବାହନ ଓ ଅବତରଣ ସୃଷ୍ଟିର ଏକ ଚିରନ୍ତନ ଧାରା ।

ମହାକାବ୍ୟ ''ସାବିତ୍ରୀ'' ସଂପର୍କରେ ମା' ଯେପରି କହିଥିଲେ "Sri Aurobindo has crammed the entire universe in Savitri." ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦିବ୍ୟ ଦୃଷ୍ଟିରେ ଦିବ୍ୟ ଜନନୀ ଶ୍ରୀମା ହେଉଛନ୍ତି ଦିବ୍ୟ ପ୍ରେମ ଓ କରୁଣାର ଅମୃତାୟନ । ସମଗ୍ର ବିଶ୍ୱର ପ୍ରତିରୂପ । ପାପ, ତାପ, କଳୁଷ କାଳିମାର ଅମା ଅନ୍ଧାର ଭିତରେ ନିର୍ଯାତିତ ଜାଗତିକ ଜୀବନର ଉଦ୍ଧାର ପାଇଁ ମା' ଯଥାର୍ଥରେ ପତିତପାବନୀ ପବିତ୍ର ଜାହ୍ନବୀଧାରା । ମୃତ୍ୟୁମୁଖୀ ମଣିଷ ଓ ଧୂଳିମାଟିର ପୃଥିବୀ ପାଇଁ କେବଳ ସେହିଁ ଅମରତ୍ୱ ତଥା ଅମୃତତ୍ୱର ଅମନ୍ଦ ମନ୍ଦାକିନୀ । ସଗରବଂଶ ମୁକ୍ତି ଲାଭ କଲା ପରି ମା'ଙ୍କ ପ୍ରତି ପ୍ରେମହିଁ କେବଳ ଏ ଯୁକ୍ତି-ବୁଦ୍ଧି-ସର୍ବସ୍ୱ ମଣିଷକୁ ତା'ର ଭବିଷ୍ୟତର ନିଶ୍ଚିତ ସ୍ୱର୍ଶ ଦେବାକୁ ସମର୍ଥ । ମହାଯୋଗୀଙ୍କ ପୂର୍ଣ୍ଣଯୋଗ ସାଧନାର ଆତ୍ମାହିଁ ଦିବ୍ୟପ୍ରେମ । ପ୍ରେମ ପୂର୍ଣ୍ଣଯୋଗ-ପଥର ପ୍ରଦୀପ୍ତ ତଥା ଶାଶ୍ୱତ ଆଲୋକସ୍ତମ୍ଭ, ଯୋଗର ସାଧନାମୟ ସଂକୁଳ ପଥରେ ଏକମାତ୍ର ଅଭୟ ଓ ପାଥେୟ ।

ନିଃସଙ୍ଗ କ୍ଷତବିକ୍ଷତ ପୃଥିବୀର ଯନ୍ତ୍ରଣା ଉପସମ-କାରିଣୀ ମା' ଶାନ୍ତି-ସ୍ୱରୂପା । ସମ୍ବେଦନାର ସ୍ୱସ୍ତି । ସନ୍ତାପର ସାନ୍ତ୍ୱନା । ସକଳ ରହସ୍ୟର ଛନ୍ଦ । ସବୁ ଅଶୁଭ ଭିତରେ ଆଶୀର୍ବାଦ । ଅଚେତନା ଭିତରେ ଚେତନା । ଅଜ୍ଞାନତା ଓ ଅଜ୍ଞତା ଭିତରେ ଜ୍ଞାନ । ସକଳ ଅପଶକ୍ତି ବିରୋଧରେ ସେ ଅଲଙ୍ଘନୀୟ ରକ୍ଷାକବଚ । ସବୁ ଅନିଶ୍ଚିତତା ଭିତରେ ସେହିଁ ନିଶ୍ଚିତତାର ପ୍ରତିଶ୍ରୁତି । ମୃତ୍ୟୁ ଓ ନିୟତି ବିରୋଧରେ ସଂଗ୍ରାମୀ ମଣିଷର ସେ ଦୁଃସାହସ । ସବୁକିଛି ଜ୍ଞାନ, ବିଚାର, ବିବେକ ଓ ମର୍ଯ୍ୟାଦାର ମହିମା । ଦ୍ରଷ୍ଟାର ଦର୍ଶନ; ଉଦ୍‌ଗାତାର ଉଦ୍ଦୀପନା । ଆକୁଳ ହୃଦୟରେ ଶାନ୍ତିର ଯମୁନା । ମୁମୂର୍ଷୁ ପ୍ରାଣରେ ସଂଜୀବନୀ ଧାରା । ମୃତ୍ୟୁର ଆଲିଙ୍ଗନ ଭିତରେ ଶାନ୍ତ, ଶୀତଳ ନୀରବତା । ସ୍ରଷ୍ଟାଙ୍କର ଜଗଜ୍ଜନନୀ ପରିକଳ୍ପନା ଯଥାର୍ଥରେ ଅନବଦ୍ୟ । ବିଧାତା ଯେତେସବୁ ବନ୍ଧନ ମଣିଷକୁ ଦେଇଛନ୍ତି ତା' ଭିତରେ ମା'ର ସ୍ନେହାଭିଷିକ୍ତ ପ୍ରୀତି ଓ କ୍ଷମା ସବୁଠାରୁ ନିବିଡ଼, ନିକଟତର ଓ ହୃଦୟସ୍ପର୍ଶୀ । ସେଥିପାଇଁ ମା' ଅମୃତମୟୀ ଅନ୍ନପୂର୍ଣ୍ଣା । ତା'ର ହୃଦୟ ସାଗର ପରି ବିଶାଳ, ଆକାଶ ପରି ଉଦାର, ଧରିତ୍ରୀ ପରି ସହଣିକ ଓ ମହାସାଗର ପରି କୋମଳ ମଧୁର, ମମତାର ମଣି ମାଣିକ୍ୟରେ ରତ୍ନଗର୍ଭା ।

ଦିବ୍ୟଦ୍ରଷ୍ଟା ଋଷି ଶ୍ରୀଅରବିନ୍ଦଙ୍କ ଭାଷାରେ ମା' ହେଉଛନ୍ତି ''ଦିବ୍ୟ କରୁଣାର ସର୍ବୋତ୍ତମ ଅଭିବ୍ୟକ୍ତି – "The Supreme revelation of Divine Grace." କେବଳ ମଣିଷ ପାଇଁ ନୁହେଁ, କୀଟ ପତଙ୍ଗ ଓ ତରୁତୃଣ ଏପରିକି ସ୍ଥିତିହୀନ, ରୂପହୀନ ଜୀବମାନଙ୍କ ପାଇଁ କରୁଣା ଓ କଲ୍ୟାଣମୟତାରେ ତାଙ୍କ ସମ୍ବେଦନଶୀଳ ମାତୃ-ହୃଦୟ କିପରି ସ୍ପନ୍ଦିତ ହୋଇ ଉଠିଛି, ୧୯୧୪ ମସିହା ମାର୍ଚ୍ଚ ୧୦ ତାରିଖରେ ମଙ୍ଗଳମୟଙ୍କ ଉଦ୍ଦେଶ୍ୟରେ ନିବେଦିତ ପ୍ରାର୍ଥନା ତା'ର ହୃଦୟସ୍ପର୍ଶୀ ଆଲେଖ୍ୟ ବହନ କରେ । ମା' ସେଦିନ ପ୍ରଥମେ ସୁଦୂର ଫ୍ରାନ୍‌ସରୁ ଭାରତକୁ (ପଣ୍ଡିଚେରୀକୁ) ଆସୁଛନ୍ତି :

''ରାତ୍ରିର ନୀରବତା ମଧ୍ୟରେ ତୁମର ଶାନ୍ତି ସର୍ବତ୍ର ବିରାଜମାନ, ମୋ ହୃଦୟର ନୀରବତା ମଧ୍ୟରେ ବି ତୁମର ଶାନ୍ତି ସର୍ବଦା ବିଦ୍ୟମାନ । ଯେତେବେଳେ ଏଇ ଦୁଇଟି ନୀରବତା ମିଶି ଏକ ହୋଇଯାଏ ସେତେବେଳେ ତୁମର ଶାନ୍ତି ଏତେ ଶକ୍ତିଶାଳୀ ହୋଇଉଠେ ଯେ କୌଣସି ବିପଦ ଆଉ ସେଥିରେ ବାଧା ଦେଇ ପାରେ ନାହିଁ । ଏପରି ସମୟରେ ମୋର ମନେ ପଡ଼ିଲା ସେଇମାନଙ୍କ କଥା ଯେଉଁମାନେ ଜାହାଜ ଉପରେ

ଜଗି ରହି ପହରା ଦିଅନ୍ତି ପଥ ନିର୍ବିଘ୍ନ ରଖିବା ପାଇଁ; ମୋ ହୃଦୟ କୃତଜ୍ଞତାରେ ଭରି ଉଠିଲା, ମୁଁ କାମନା କଲି ସେମାନଙ୍କ ହୃଦୟରେ ତୁମର ଶାନ୍ତି ଉତରି ଆସୁ ଏବଂ ସ୍ଥାୟୀ ଭାବରେ ପ୍ରତିଷ୍ଠିତ ହେଉ । ତା'ପରେ ମନେ ପଡ଼ିଲା ଅନ୍ୟମାନଙ୍କ କଥା ଯେଉଁମାନେ ଏକାନ୍ତ ଆତ୍ମବିଶ୍ୱାସୀ, ଭାବନାହୀନ, ନିଶ୍ଚେତନାର ନିଦ୍ରାରେ ନିମଗ୍ନ ଏବଂ ସେମାନଙ୍କ ଦୁଃଖଦୈନ୍ୟ ପାଇଁ ଚିନ୍ତିତ ହୋଇ, ସେମାନଙ୍କର ଯେଉଁ ପ୍ରସୁପ୍ତ ଦୁଃଖ କଷ୍ଟ ସେମାନଙ୍କ ଜାଗରଣର ସଙ୍ଗେ ସଙ୍ଗେ ଜାଗ୍ରତ୍ ହୋଇ ଉଠିବ ସେଥିପାଇଁ କରୁଣାର୍ଦ୍ର ଚିତ୍ତରେ ମୁଁ କାମନା କଲି ସେମାନଙ୍କ ହୃଦୟରେ ତୁମର ଶାନ୍ତି ଟିକେ ସ୍ଥାନ ପାଏ, ସେମାନଙ୍କ ଭିତରେ ଯେପରି ଆଧ୍ୟାତ୍ମିକ ଜୀବନ ଫୁଟି ଉଠେ, ଆଲୋକ ଆସି ଯେପରି ଦୂର କରିଦିଏ ଅଜ୍ଞାନ-ଅନ୍ଧକାର । ତା' ପରେ ମୋର ମନେ ହେଲା ସେଇସବୁ ଜୀବଙ୍କ କଥା ଯେଉଁମାନେ ଏହି ବିପୁଳ ସାଗର ଭିତରେ ବାସ କରୁଛନ୍ତି, କାମନା କଲି ଯେପରି ସେମାନଙ୍କ ଉପରେ ପ୍ରସାରିତ ହୁଏ ତୁମର ଶାନ୍ତି । ତା'ପରେ ମୋର ମନେ ହେଲା ସେମାନଙ୍କ କଥା ଯେଉଁମାନଙ୍କୁ ଛାଡ଼ି ଆସିଛି ବହୁ ଦୂରରେ, ଯେଉଁମାନଙ୍କ ସ୍ନେହ, ଶ୍ରଦ୍ଧା ବର୍ତ୍ତମାନ ବି ମୋ ସଙ୍ଗେ ସଙ୍ଗେ ରହିଛି, ଗଭୀର ସ୍ନେହର ସହିତ ସେମାନଙ୍କ ପାଇଁ ପ୍ରାର୍ଥନା କଲି ଯେପରି ସେମାନେ ପାଆନ୍ତି ତୁମର ସଚେତନ ଓ ସ୍ଥାୟୀ ଶାନ୍ତି, ତୁମର ଶାନ୍ତିର ପରିପୂର୍ଣ୍ଣତା ସେମାନଙ୍କ ଗ୍ରହଣ-ସାମର୍ଥ୍ୟର ଅନୁପାତରେ ଅଧିକରୁ ଅଧିକ ଯେପରି ଲାଭ କରନ୍ତି । ତା'ପରେ ମୋର ମନେ ହେଲା ସେମାନଙ୍କ କଥା ଯେଉଁମାନଙ୍କ ନିକଟକୁ ଆମେ ଯାଉଛୁ, ଯେଉଁମାନେ ନାନା ଶିଶୁସୁଲଭ କାର୍ଯ୍ୟକ୍ରମ ନେଇ ବ୍ୟତିବ୍ୟସ୍ତ, ଯେଉଁମାନେ ଅଜ୍ଞାନ ଓ ଅହଂକାର ବଶରେ ହୀନସ୍ୱାର୍ଥ ପାଇଁ କଳହ କରି ଚାଲିଛନ୍ତି; ସେମାନଙ୍କର ହୋଇ, ତୀବ୍ର ଭାବରେ ବିପୁଳ ଆସ୍ପୃହା ନେଇ ମୁଁ ପ୍ରାର୍ଥନା କଲି ଯେଉଁଥିରେ ସେମାନେ ମଧ୍ୟ ଲାଭ କରନ୍ତି ତୁମ ଶାନ୍ତିର ପରିପୂର୍ଣ୍ଣ ଜ୍ୟୋତିଃ । ତା'ପରେ ପୁଣି ମୁଁ ଚିନ୍ତା କଲି ସେମାନଙ୍କ କଥା ଯେଉଁମାନଙ୍କୁ ମୁଁ ଚିହ୍ନେ, ଯେଉଁମାନଙ୍କୁ ମୁଁ ଚିହ୍ନେ ନାହିଁ, ଚିନ୍ତା କଲି ଯେଉଁ ଅଖଣ୍ଡ ଜୀବନଧାରା ପରିସ୍ଫୂର୍ତ୍ତ ହୋଇ ଚାଲିଛି, ଯାହା କିଛି ନିଜର ରୂପ ପରିବର୍ତ୍ତନ କରୁଛି, ଯାହା କିଛି ଏ ପର୍ଯ୍ୟନ୍ତ ରୂପ ଗ୍ରହଣ କରି ନାହିଁ, ସେ ସମସ୍ତଙ୍କ କଥା, ପୁଣି ସେମାନଙ୍କର କଥା ଯେଉଁମାନଙ୍କୁ ମୁଁ ଚିନ୍ତାରେ ଆଣିପାରେ ନାହିଁ ଏବଂ ଯାହା କିଛି ମୋ ସ୍ମୃତି ଭିତରେ ଜାଗ୍ରତ୍ ରହିଛି ଏବଂ ଯାହା କିଛି ବିସ୍ମୃତ ହୋଇଛି – ଏ ସମସ୍ତଙ୍କ ପାଇଁ ଗଭୀର ସମାହିତ ଚିତ୍ତରେ, ନୀରବ ଆରାଧନାରେ ମୁଁ ଭିକ୍ଷା କଲି ତୁମର ଶାନ୍ତି ।''

('ଧ୍ୟାନ ଓ ପ୍ରାର୍ଥନା', ପୃଷ୍ଠା : ୫୭ - ୫୮)

ମା ବାସ୍ତବରେ କରୁଣା ଓ କାରୁଣ୍ୟର ଶାଶ୍ୱତ ନିର୍ଝର । ସବୁରି ଭିତରେ ସେ ନିରନ୍ତର ବିଶ୍ୱସ୍ରଷ୍ଟାଙ୍କର ସନ୍ଧାନ କରିଛନ୍ତି ଓ ତାଙ୍କୁ କ୍ରମଶଃ ପୂର୍ଣ୍ଣ ଭାବରେ ପ୍ରକାଶ କରିବାର ସଂକଳ୍ପ ଓ ସାମର୍ଥ୍ୟ ଭିତରେ କିପରି ପରମ ଶାନ୍ତି, ପରିପୂର୍ଣ୍ଣ ପ୍ରସନ୍ନତା ଏବଂ ତୃପ୍ତି ଅନ୍ତର୍ନିହିତ ତା' ସେ ନିଜେ ପରିପ୍ରକାଶ କରିଛନ୍ତି । ଏହାରି ଭିତରେହିଁ ଜୀବନ ପ୍ରସ୍ଫୁଟିତ ହୁଏ, ବିସ୍ତୃତ ହୁଏ, ପ୍ରସାରିତ ହୁଏ । ଫଳରେ କୌଣସି ବାହ୍ୟ ପ୍ରତିକୂଳତା ଓ ଝଡ଼ଝଞ୍ଜା ତାଙ୍କୁ ବିକ୍ଷୁବ୍ଧ କରିପାରେ ନାହିଁ ।

ଏହିପରି ସ୍ୱର୍ଣକାତର ଚେତନାରେ ବିଶ୍ୱଜନନୀ ଉପଲବ୍ଧି କରିଛନ୍ତି ''ଏପରି ପ୍ରାଣୀ ନାହିଁ, ଏପରି ବୃକ୍ଷଲତା ନାହିଁ ଯେଉଁମାନେ ମୋତେ ତୁମ କଥା କହନ୍ତି ନାହିଁ ଏବଂ ଯାହା କିଛି ଉପରେ ଦୃଷ୍ଟିପାତ କରେ ତା' ଉପରେ ମୁଁ ତୁମର ନାମାଙ୍କନ ଦେଖେ ।'' ଏହି ଦୃଷ୍ଟିଭଙ୍ଗୀ ଓ ଅନୁଭବ ସକଳ କର୍ମକୁ ଭଗବତ୍ ଆଶୀର୍ବାଦରେ ରୂପାନ୍ତରିତ କରିବାକୁ ଅଭୀପ୍‌ସା ରଖେ । ମରଣମୁଖୀ ଧରିତ୍ରୀର ଉଦ୍ଧାର ପାଇଁ ଦିବ୍ୟଜନନୀ ଭଗବାନଙ୍କୁ ନିବେଦନ କରିଛନ୍ତି :

''ସମସ୍ତ ପୃଥିବୀ ପୀଡ଼ିତ ଶିଶୁତୁଲ୍ୟ ମୋ କୋଳରେ ରହିଛି, ତାକୁ ରୋଗମୁକ୍ତ କରିବାକୁ ହେବ, ଦୁର୍ବଳ ବୋଲିହିଁ ତା' ଉପରେ ରହିଛି ବିଶେଷ ସ୍ନେହ ।''

ଦୁଃଖ କାତର ପୃଥିବୀକୁ କଲ୍ୟାଣମୟତାରେ କଳ୍ପିତ କରି ମା' ତାକୁ ଶାଶ୍ୱତ ଭରସା ଦେଇ କହିଛନ୍ତି :

''ଦୁଃଖିନୀ ପୃଥିବୀ, ମନେ ରଖ ମୁଁ ତୁମ ମଧ୍ୟରେ ରହିଛି, ନିରାଶ ହୁଅନା, ତୁମର ପ୍ରତ୍ୟେକ ଚେଷ୍ଟା, ପ୍ରତିଟି ବ୍ୟଥା, ପ୍ରତ୍ୟେକ ଉଲ୍ଲାସ ଓ ପ୍ରତ୍ୟେକ ବେଦନା, ତୁମ ହୃଦୟର ପ୍ରତ୍ୟେକ ଆହ୍ୱାନ, ତୁମ ଆତ୍ମାର ପ୍ରତିଟି ଅଭୀପ୍ସା, ତୁମ ଋତୁଚକ୍ରର ପ୍ରତିଟି ଆବର୍ତ୍ତନ, ସବୁକିଛି – କୌଣସିଟିକୁ ବାଦ୍ ନ ଦେଇ – ତୁମ ପାଖରେ ଯାହା ଦୁଃଖକର ମନେ ହୁଏ ଆଉ ଯାହା ମନେ ହୁଏ ସୁଖକର, ଯାହା ମନେ ହୁଏ କୁତ୍ସିତ ଏବଂ ଯାହା ମନେ ହୁଏ ସୁନ୍ଦର, ସକଳ – ସକଳ ଅନିବାର୍ଯ୍ୟ ଭାବେ ତୁମକୁ ନେଇ ମୋ ଆଡ଼କୁ ଚାଲିଛନ୍ତି – ମୁଁ ଅନ୍ତହୀନ ଶାନ୍ତି, ଛାୟାହୀନ ଜ୍ୟୋତିଃ, ପରିପୂର୍ଣ୍ଣ ସମନ୍ୱୟ, ପୂର୍ଣ୍ଣ ନିଶ୍ଚୟତା, ବିଶ୍ରାନ୍ତି ଓ ପରମ ଆଶୀର୍ବାଦ ।

''ଶୁଣ ହେ ପୃଥିବୀ; ଏହି ଯେ ଫୁଟି ଉଠୁଛି ଅପରୂପ ଧ୍ୱନି, ଶୁଣ ଓ ନୂତନ ସାହସ ରଖ ।''

ଆମ ପରି ଅହଂଗ୍ରସ୍ତ, ସ୍ୱାର୍ଥ ଓ ବର୍ତ୍ତମାନସର୍ବସ୍ୱ ମଣିଷର ବିଭାଜନୀ ବୁଦ୍ଧି ଓ ବିଚାରବୋଧ ଆମକୁ ମା'ଙ୍କ ସାନ୍ନିଧ୍ୟ ଏବଂ ସଂସ୍ପର୍ଶରୁ ବିଚ୍ଛିନ୍ନ କଲାବେଳେ ମା' ସତେ ଯେପରି ଆମରି ସଂଶୋଧନ ପାଇଁ ବ୍ୟାକୁଳ ପ୍ରାର୍ଥନା କରିଛନ୍ତି :

''ହେ ମହିମମୟୀ ମା', ତୁମକୁ କେତେ ସହ୍ୟ କରିବାକୁ ନ ପଡ଼େ ! ଯେତେଥର ତୁମର ସଚେତନ ଇଚ୍ଛାଶକ୍ତି ପ୍ରକଟିତ ହେବାକୁ ଚେଷ୍ଟା କରେ ଭୁଲ୍‌ସବୁ ସଂଶୋଧନ କରିବାକୁ, ନିଜ ଜ୍ଞାନଭ୍ରାନ୍ତିରେ ପଥହରା ବ୍ୟକ୍ତିର ଅନିଶ୍ଚିତ ଗତିକୁ ତ୍ୱରାନ୍ୱିତ କରିବାକୁ, ସେହି ପଥରେ ଝୁଣ୍ଟି ନ ପଡ଼ି ଚାଲିବା ସକାଶେ ସାମର୍ଥ୍ୟ ଦାନ କରିବାକୁ, ପ୍ରାୟ ସେତେଥର ସେ ସର୍ବଦାହିଁ ତୁମକୁ ଏକ ଛଦ୍ମବେଶୀ ଅଦୂରଦର୍ଶୀ ଉପଦେଷ୍ଟା ଭାବି ଫେରାଇ ଦିଏ । ସେ ତୁମକୁ ତଥ୍ୟତଃ ଭଲ ପାଇବାକୁ ଚାହେଁ ଗୋଟିଏ ଅସ୍ପଷ୍ଟ ଓ ଅସଂଲଗ୍ନ ପ୍ରେମ ଦ୍ୱାରା, କିନ୍ତୁ ତା'ର ଅହଂଗତ ମନ ତୁମ ଉପରେ ନିର୍ଭର କରିବାକୁ ଚାହେଁ ନାହିଁ, ବରଂ ସେ ଏକାକୀ ବିପଥରେ ଘୂରି ବୁଲିବ କିନ୍ତୁ ତୁମର ସାହାଯ୍ୟ ନେଇ ଆଗେଇ ଯିବାକୁ ଚାହେଁ ନାହିଁ ।

''ତୁମେ କିନ୍ତୁ ସଦା ସର୍ବଦା ସହାସ୍ୟେ ସ୍ୱୀୟ ଅପରିସୀମ କରୁଣା ନେଇ ଉତ୍ତର ଦିଅ, ଏହି ଯେଉଁ ବୁଦ୍ଧିବୃତ୍ତି ମନୁଷ୍ୟକୁ ଗର୍ବାନ୍ୱିତ କରେ ଏବଂ ଭୁଲ୍‌ଭ୍ରାନ୍ତିରେ ପକାଏ, ସେହି ବୁଦ୍ଧି ଯଦି ଥରେ ବିଶୁଦ୍ଧ ଓ ପ୍ରଦୀପ୍ତ ହୁଏ ତା' ହେଲେ ତା' ମନୁଷ୍ୟକୁ ଅନେକ ଦୂର ଏପରିକି ବିଶ୍ୱ-ପ୍ରକୃତିର ଆହୁରି ଊର୍ଦ୍ଧ୍ୱକୁ ଆଗେଇ ନେଇ ଯାଇପାରେ ଓ ନିଖିଳ ବିଶ୍ୱର ଅଧୀଶ୍ୱର, ସକଳ ବିଶ୍ୱକୁ ଅତିକ୍ରମ କରି ରହିଛନ୍ତି ଯେଉଁ ଭଗବାନ୍ ତାଙ୍କ ସଙ୍ଗେ ସଚେତନ ଓ ସାକ୍ଷାତ୍ ସଂପର୍କ ସ୍ଥାପନ କରାଇ ପାରେ । ଏହି ଯେଉଁ ବିଭାଜନୀ ବୁଦ୍ଧି ମନୁଷ୍ୟକୁ ମୋଠାରୁ ପୃଥକ୍ କରି ଧରେ ତାହା ପୁଣି ମନୁଷ୍ୟକୁ ଶିଖରରୁ ଶିଖର ଆରୋହଣ କରିବାକୁ ସହାୟତା କରେ, ବିଶ୍ୱର ସମଗ୍ର ଭାର ତା' ଗତିରେ ଆଉ ବିଘ୍ନ ଓ ବିଳମ୍ବ ଘଟାଇପାରେ ନାହିଁ । ଏହି ବିଶ୍ୱ ଏତେ ବିଶାଳ ଓ ଜଟିଳ ଯେ ତା' ପକ୍ଷରେ ଏତେ ସହଜ ଓ କ୍ଷିପ୍ର ଆରୋହଣ ସମ୍ଭବ ନୁହେଁ ।

''ହେ ଦିବ୍ୟଜନନି ! ସର୍ବଦା ତୋ ବାଣୀ ସାନ୍ତ୍ୱନା ଓ ଆଶିଷ, ଶାନ୍ତି ଓ ଜ୍ୟୋତିଃ ଆଣି ଦିଏ, ଏବଂ ତୁମର ଉଦାର ହସ୍ତ ସେହି ପର୍ଦାର କିୟଦଂଶ ଉନ୍ମୁକ୍ତ କରେ ଯାହା ଲୁଚାଇ ରଖିଛି ଅନନ୍ତ ଜ୍ଞାନ । ତୁମର ପରିପୂର୍ଣ୍ଣ ଧ୍ୟାନର ଜ୍ୟୋତିଃ କି ପ୍ରଶାନ୍ତ, କି ମହିମମୟ, କି ପରିଶୁଦ୍ଧ !''

ଏତେ ନିର୍ଭରଯୋଗ୍ୟ ଭରସା ଓ ଆଶ୍ରୟ ଓ ପରିପୂର୍ଣ୍ଣ ପ୍ରତିଶ୍ରୁତି ସତ୍ତ୍ୱେ ଆମେ ମା'ଙ୍କୁ ଜାଣି ପାରୁନୁ । ଅବଶ୍ୟ ପୂଜା କରୁଛୁ, ଧ୍ୟାନ କରୁଛୁ, ପ୍ରାର୍ଥନା କରୁଛୁ, ବିପଦରେ ପଡ଼ି ଡାକୁଛୁ; ମାତ୍ର ଜାଣି ପାରୁନୁ । ଅନୁସରଣ କଲେ ବି ଅନୁଭବି ପାରୁନୁ କିଂବା ଉପଲବ୍ଧି କରିବାକୁ ସମର୍ଥ ହୋଇନୁ । ସେଥିପାଇଁ ଗୋଟିଏ ଶିଶୁର ପ୍ରଶ୍ନର ଉତ୍ତରରେ ମା' କହିଥିଲେ : ''ମୁଁ ମଣିଷ ଭାବରେ, ମା' ଭାବରେ ତୁମ ପାଖକୁ ଆସି ନ ଥିଲେ ତୁମେମାନେ କ'ଣ ମୋ ପାଖକୁ ଏପରି ଆସନ୍ତ ?'' ଅନୁରୂପ ଉତ୍ତର ଆମମାନଙ୍କ ଉଦ୍ଦେଶ୍ୟରେ କହିଥିଲେ : ''ମୁଁ ଏତେ ସହଜରେ ତୁମ ପାଖକୁ ଆସିଛି ବୋଲି ତୁମେ ମୋତେ ଚିହ୍ନି ପାରୁନ ।'' ତାହାହିଁ ହୁଏତ ଆମର ଅବସ୍ଥା ।

ଧୂଳିକଣାରେ ଯଦି ପୃଥିବୀ, ଫୁଲ ଭିତରେ ସ୍ୱର୍ଗ ଓ ହାତମୁଠାରେ ସମୟକୁ ସୀମିତ ଓ ସଂକ୍ଷିପ୍ତ କରି ହୁଅନ୍ତା, ମା'ଙ୍କୁ ଠିକ୍ ସେପରି କେବଳ ଭାଷା ଓ ଭାବରେ ବୁଝି ହୁଅନ୍ତା । ସୁତରାଂ ସେ ଏସବୁର ଊର୍ଦ୍ଧ୍ୱରେ – କେବଳ ଏକ ଶାଶ୍ୱତ ଅନୁଭବ । ସେହି ଅନୁଭୂତିହିଁ ଆଜିର ପ୍ରାର୍ଥନା :

ଶ୍ରୀଯୁକ୍ତ ମାଧବ ପଣ୍ଡିତ ଯଥାର୍ଥରେ କହିଛନ୍ତି,

"We came here because our Mother is here, we live here because She is present here and we will follow Her where ever She is – not merely in this life but in all lives to come. All our lives are centered round Her Person, even as all life in the Ashram is woven round Her Personality. Every leaf, every brick in the Ashram vibrates with only one note, Mother, Mother !"

(SERVICE LETTER - July, 2002)

ସାଧନା-ପରମ୍ପରା :

# ଯୋଗବାଶିଷ୍ଠ ରାମାୟଣ

## (୪)

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଳୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂର କରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟ ଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

### ପ୍ରହ୍ଲାଦଙ୍କର ଆତ୍ମଜ୍ଞାନ ଲାଭ

(*ପୂର୍ବ ପ୍ରକାଶିତ ଉତ୍ତାରୁ ...*)

ପ୍ରହ୍ଲାଦ କହିଲେ – ଏହି ଜଗତ୍ ହେଲା ଓଁକାରରୂପୀ ଆତ୍ମା । ସେ ସୂର୍ଯ୍ୟଙ୍କ ଅନ୍ତରରେ ଥାଇ ସୂର୍ଯ୍ୟଙ୍କୁ ପ୍ରକାଶ କରିଛନ୍ତି; ଅଗ୍ନିକୁ ଉଷ୍ଣ, ଜଳକୁ ଦ୍ରବ କରିଛନ୍ତି । ସେ ସ୍ଥିର ହୋଇ ମଧ୍ୟ ଗତିଶୀଳ, ପୁଣି ଗତିଶୀଳ ହୋଇ ମଧ୍ୟ ସ୍ଥିର । ସେ କର୍ମଫଳ ଭୋକ୍ତା ହେଲେ ମଧ୍ୟ ଭୋଗକାଳରେ ପୁଣି ନିର୍ଲିପ୍ତଭାବେ ଅବସ୍ଥାନ କରନ୍ତି । ସେ କ୍ରମାନୁସାରେ ଜନ୍ମଗ୍ରହଣ କରନ୍ତି ସତ, କିନ୍ତୁ ପୁଣି ବ୍ରହ୍ମାଙ୍କ ଠାରୁ ତୃଣ ପର୍ଯ୍ୟନ୍ତ ଏହି ଚତୁର୍ଦ୍ଦଶ ଭୁବନକୁ ସାନ୍ନିଧ୍ୟ ମାତ୍ରେ ପରିଚାଳନା କରୁଛନ୍ତି । ସେ ସର୍ବଥା ତତୋଽଧିକ ଅଟନ୍ତି : ଯଥା ସେ ବାୟୁ ଅପେକ୍ଷା ଅଧିକ ଗତିଶୀଳ, ପୁଣି ସ୍ଥାଣୁ ଅପେକ୍ଷା ମଧ୍ୟ ନିଶ୍ଚଳ, ଆକାଶ ଅପେକ୍ଷା ନିର୍ଲେପ । ବାୟୁ ଦ୍ୱାରା ଯେପରି ବୃକ୍ଷ ଓ ପଲ୍ଲବ ସ୍ପନ୍ଦିତ ହୁଏ, ସେହିପରି ସେ ସମସ୍ତଙ୍କ ମନକୁ ଚଞ୍ଚଳ କରୁଛନ୍ତି । ପୁଣି ଏହି ଆତ୍ମା ଇନ୍ଦ୍ରିୟଗଣଙ୍କୁ ପରିଚାଳିତ କରୁଛନ୍ତି । ସେ କେଉଁଠି ଦୀନଭାବାପନ୍ନ ହୋଇ କର୍ମ କରୁଛନ୍ତି, କେଉଁଠି ସମ୍ରାଟଙ୍କ ପରି ନିଜଠାରେ ଅବସ୍ଥିତ ଥାଇ ବିଷୟ ଭୋଗ କରୁଛନ୍ତି । ଏହି ଆତ୍ମାହିଁ ଅନ୍ୱେଷ୍ଟବ୍ୟ, ଧାତବ୍ୟ ଓ ସ୍ତୋତବ୍ୟ । ତାଙ୍କୁ ଅନ୍ୱେଷଣପୂର୍ବକ ପ୍ରାପ୍ତ ହେଲେ ଜରା-ମରଣସ୍ୱରୂପ ମୋହରୁ ନିଷ୍କୃତି ମିଳେ । ସେ ଜ୍ଞାନ ଦ୍ୱାରା ଲଭ୍ୟ । ଦେହରୂପ ପଦ୍ମକୋଷରେ ଏହି ଆତ୍ମା ଭ୍ରମର ରୂପେ ଅବସ୍ଥାନ କରୁଛନ୍ତି । ତାଙ୍କୁ ଉଚ୍ଚ ସ୍ୱରରେ ଡାକିବାକୁ ହୁଏନା; ନିଜ ଶରୀର ମଧ୍ୟରେ ତାଙ୍କୁ ଦେଖିବାକୁ ହୁଏ । ପ୍ରଣବ ଉଚ୍ଚାରଣପୂର୍ବକ ସ୍ମରଣ କଲେ ସେ ଉପସ୍ଥିତ ହୋଇଥା'ନ୍ତି । ଧନୀ ବ୍ୟକ୍ତିର ଯେପରି ଅହଂକାର ଓ ଅନ୍ୟ ପ୍ରତି ଅବଜ୍ଞା ଥାଏ, ସର୍ବସମ୍ପତ୍ତିଶାଳୀ ଏହି ଆତ୍ମାଙ୍କଠାରେ ସେହିପରି ଅହଂକାର ନାହିଁ ଏବଂ ସେ କାହାକୁ ଅବଜ୍ଞା କରନ୍ତି ନାହିଁ । ପୁଷ୍ପରେ ଗନ୍ଧ ଓ ତିଳରେ ତୈଳ ପରି ସେ ଶରୀର ମଧ୍ୟରେ ରହିଛନ୍ତି । ଆତ୍ମା ହୃଦୟସ୍ଥିତ ଚୈତନ୍ୟ ରୂପ ହେଲେ ମଧ୍ୟ ଅବିଚାରବଶତଃ ତାଙ୍କୁ ଜଣା ଯାଏନା । ପୁଣି ବିଚାର ବଳ ଦ୍ୱାରା ଯେତେବେଳେ ତାଙ୍କୁ ଜଣାଯାଏ ସେତେବେଳେ ଅପହୃତ ଧନ ପୁନଃପ୍ରାପ୍ତ ହେବା ପରି ପରମ ଆନନ୍ଦ ଲାଭ ହୋଇଥାଏ । ପରମବନ୍ଧୁ ଏହି ଆତ୍ମା ଉପଲବ୍ଧ ହେଲେ ଦିବ୍ୟଦୃଷ୍ଟି ଆବିର୍ଭୂତ ହୋଇଥାଏ ଏବଂ ସେହି ଦିବ୍ୟଦୃଷ୍ଟି ପ୍ରଭାବରେ ସେତେବେଳେ ଜରାମରଣ ଦୂରୀଭୂତ ହୁଏ, ସମସ୍ତ ବନ୍ଧନ ଛିନ୍ନ ହୁଏ, ଯାବତୀୟ ଶତ୍ରୁବର୍ଗ ଧ୍ୱଂସପ୍ରାପ୍ତ ହୁଅନ୍ତି ଏବଂ ଆଶା ଓ ମନକୁ କୌଣସି ବିଷୟରେ ଧାବିତ କରେନା । ଆତ୍ମାଙ୍କୁ ଦେଖିଲେ ସମଗ୍ର ଜଗତ୍ ଦୃଷ୍ଟ ହେଲା; ତାଙ୍କ ତତ୍ତ୍ୱ ଶ୍ରବଣ କଲେ ସବୁ ଶୁଣା ହେଲା; ତାଙ୍କୁ ସ୍ପର୍ଶ କଲେ

ସମସ୍ତ ଜଗତ୍ ସ୍ପର୍ଶ କରାହେଲା । କାରଣ, ଆତ୍ମାଙ୍କର ବିଦ୍ୟମାନତାବଶତଃହିଁ ଏହି ବିଶ୍ୱ ବର୍ତ୍ତମାନ ରହିଅଛି । ଏହି ଆତ୍ମା ଜାଗ୍ରତ୍ ଥାଇ ସୁପ୍ତ ବ୍ୟକ୍ତିମାନଙ୍କୁ ରକ୍ଷା କରନ୍ତି, ବିବେକହୀନ ବ୍ୟକ୍ତିମାନଙ୍କୁ ଦୁଃଖ ଦିଅନ୍ତି, ବିପଦାପନ୍ନ ବ୍ୟକ୍ତିମାନଙ୍କୁ ବିପଦରୁ ମୁକ୍ତ କରନ୍ତି ଏବଂ ଯେଉଁମାନେ ଅନାତ୍ମଭାବେ ଈଶ୍ୱରଙ୍କ ଉପାସନା କରନ୍ତି, ସେମାନଙ୍କୁ ଅଭୀଷ୍ଟଫଳ ଦାନ କରନ୍ତି । ସଂସାରର ସ୍ଥିତିବିଧାନାର୍ଥ ଏହି ଆତ୍ମା ଜୀବଭାବେ ସଜ୍ଜିତ ହୋଇ ଲୋକଲୋକାନ୍ତରରେ ଭ୍ରମଣ କରୁଛନ୍ତି । ଭୋଗ୍ୟ ବିଷୟରେ ବିକଶିତ ହେଉଛନ୍ତି, ଅଳଙ୍କାର ଓ ବସ୍ତ୍ରାଦିର ଶୋଭା ସମ୍ପାଦନ କରୁଛନ୍ତି । ଆତ୍ମା ନିଜ ଦ୍ୱାରା ନିଜକୁ ସର୍ବରୂପେ ଜାଣୁଛନ୍ତି । ଯେଉଁଠି ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟ ଓ ମାନସିକ ବ୍ୟାପାର ରହିଛି, ସେହିଠାରେହିଁ ଆତ୍ମା ଅଛନ୍ତି; ଇନ୍ଦ୍ରିୟ ଓ ମନ ଦ୍ୱାରା ଯେଉଁ ବସ୍ତୁ ପ୍ରକାଶ ପାଇଥାଏ, ସେହି ପ୍ରକାଶହିଁ ହେଲା ଆତ୍ମାଙ୍କ ସ୍ୱଭାବ । ଏହିପରି ଗୁଣସମ୍ପନ୍ନ ଆତ୍ମା ଦେବଗଣଙ୍କ ପର୍ଯ୍ୟନ୍ତ ପ୍ରକାଶସମ୍ପନ୍ନ କରି ରଖିଛନ୍ତି ଏବଂ ଏହି ଆତ୍ମାହିଁ ନିତ୍ୟ ଓ ଶିବସ୍ୱରୂପ । ମୁଁ ହେଲି ଏହି ଆତ୍ମା; ତଦ୍ ଭିନ୍ନ ମୋର ଆଉ ଯେଉଁସବୁ ପରିଚୟ, ତାହା କେବଳ କଳ୍ପନା । ଧୂଳି ଯେପରି ଆକାଶକୁ ବିଲୁପ୍ତ କରି ପାରେନା, ସେହିପରି ଏହି ଆତ୍ମ-ସ୍ୱରୂପ । ମୋ ସହିତ କୌଣସି କିଛିର ସମ୍ପର୍କ ନାହିଁ । ସୁତରାଂ ଶରୀରର ସୁଖଦୁଃଖ ସହିତ ମୋର କୌଣସି ସମ୍ପର୍କ ନାହିଁ । ମୁଁ ହେଲି ସର୍ବବିଧ ଭାବର ଅତୀତ; ସୁତରାଂ କେହି ମୋର ବନ୍ଧନ ଘଟାଇ ପାରିବ ନାହିଁ । ଆକାଶ ସହିତ କାହାର କୌଣସି ସମ୍ପର୍କ ଘଟେ କି ? ସୁତରାଂ ଦେହ ଛିନ୍ନବିଚ୍ଛିନ୍ନ ହେଲେ ମଧ୍ୟ ଆକାଶୋପମ – ଦେହୀର ତହିଁରେ କ୍ଷତି କ'ଣ ? ଏହି ମନ ନିରର୍ଥକ ଉଦିତ ହୋଇଅଛି । ତତ୍ତ୍ୱଜ୍ଞାନ ବଳରେ ଯଦି ଏହି ଜଡ଼ ସ୍ୱଭାବ ମନ ବିଲୀନ ହୁଏ, ତହିଁରେ ମୋର କିଛି କ୍ଷତି ନାହିଁ । ଯାହାର ବାସନା ଥାଏ, ତାକୁହିଁ ମନ କୁହାଯାଏ । ପୂର୍ବେ ମୋର ଏହିପରି ମନ ଥିଲା, ଏବେ ମୋର ଆଉ ନାହିଁ; କାରଣ ଏକ୍ଷଣି ମୋର ଅନ୍ତରରେ କେବଳ ପରମ ଆନନ୍ଦହିଁ ବିରାଜମାନ । ଏତେକାଳ ଅଜ୍ଞାନରୂପ ଶତ୍ରୁ ମୋତେ ନିପୀଡ଼ିତ କରିଅଛି; ମୋର ବିବେକରୂପ ଧନ ଅପହରଣ କରିଅଛି । ଏକ୍ଷଣି ଆତ୍ମରୂପୀ ଭଗବାନ୍ ବିଷ୍ଣୁଙ୍କ ଅନୁଗ୍ରହରେ ସେହି ଧନ ମୁଁ ଉଦ୍ଧାର କରିଅଛି । ମୋର ମୋହ ଅପଗତ ହୋଇଛି; ବିବେକରୂପ ଧନଲାଭ କରି ମୁଁ ପରମ ଐଶ୍ୱର୍ଯ୍ୟ ଲାଭ କରିଅଛି । ମୁଁ ଶମ, ନିୟମ, ସ୍ତୁତି ଓ ପ୍ରଣାମ ଦ୍ୱାରା ଆତ୍ମରୂପୀ ଭଗବାନଙ୍କୁ ଲାଭ କରିଅଛି । ହେ ଈଶ୍ୱର ! ଆପଣଙ୍କୁ ଦର୍ଶନ କରି ମୋର ଅହଂକାର ସୂର୍ଯ୍ୟୋଦୟରେ ଚୋର ପରି ପଳାୟନ କରିଅଛି । ବୃକ୍ଷରୁ ଅଜଗର ସର୍ପ ପ୍ରସ୍ଥାନ କଲେ ବୃକ୍ଷ ଯେପରି ସ୍ୱସ୍ତି ଅନୁଭବ କରେ, ଅହଂକାରସ୍ୱରୂପ ପିଶାଚ ଦୂରୀଭୂତ ହେବାରୁ ମୁଁ ମଧ୍ୟ ସେହିପରି ଶାନ୍ତି ଲାଭ କରିଅଛି । ଆଶା ରୂପକ ମରୀଚିକା ବିଲୁପ୍ତ ହେବାରୁ ମୋ ଅନ୍ତର ଏକ୍ଷଣି ସୁଶୀତଳ ହୋଇଅଛି । ଆତ୍ମବିଚାର ଦ୍ୱାରା ଆତ୍ମା ପରିମାର୍ଜିତ ହେଲେ ଦୁଃଖ, ମୋହ, ଆଶା, ମନୋବେଦନା କିଛି ଆଉ ରହିପାରେନା । ଅହଂକାରର ବିଦ୍ୟମାନତାବଶତଃ ସ୍ୱର୍ଗ-ନର୍କ, ମୁକ୍ତି-ବନ୍ଧନ ପ୍ରଭୃତି ଭ୍ରାନ୍ତି ଜନ୍ମି ଥାଏ । କାରଣ, ଚିତ୍ରଫଳକ ଥିଲେ ଚିତ୍ରାଙ୍କନର ଚେଷ୍ଟା ହୁଏ; ଆକାଶରେ ଚିତ୍ର ଅଙ୍କିତ କରିବାକୁ କେହି ଉଦ୍‌ଯୁକ୍ତ ହୁଏନା । ହେ ଆତ୍ମନ୍ ! ଅହଂକାରଶୂନ୍ୟ ଅନ୍ତରରେ ସ୍ୱଚ୍ଛ ଆନନ୍ଦ ସରୋବରରୂପୀ ମୁହିଁ ତୁମେ; ସେହି ତୁମକୁ ମୁଁ ନମସ୍କାର କରୁଛି । ହେ ଆତ୍ମନ୍ ! ଇନ୍ଦ୍ରିୟଗଣ କ୍ଷୀଣ ହେଲେ ଯେଉଁ ଆନନ୍ଦ ସାଗରର ଉଦୟ ହୁଏ ସେହି ଆନନ୍ଦ ସାଗରର ସ୍ୱରୂପ ତୁମେ ହେଲ ମୁଁ; ତୁମକୁ ମୁଁ ବାରଂବାର ନମସ୍କାର କରୁଛି । ଅହଂକାର ବିଲୀନ ହେଲେ, ଦିକ୍‌ଦାବାଗ୍ନି ପ୍ରଶମିତ ହେଲେ, ଯେଉଁ ଆନନ୍ଦ ରୂପ ନିଶ୍ଚଳ ପର୍ବତ ବିରାଜମାନ ଥାଏ, ସେହି ଆନନ୍ଦପର୍ବତରୂପୀ ମୋତେ ନମସ୍କାର । ଯାହାଙ୍କଠାରେ ଆନନ୍ଦରୂପ ପଦ୍ମ ପ୍ରସ୍ଫୁଟିତ, ଚିନ୍ତାରୂପ ତରଙ୍ଗ ପ୍ରଶାନ୍ତ, ହେ ଆତ୍ମନ୍ ! ମୋର ସେହି ମାନସ ସରୋବରର ହଂସସ୍ୱରୂପ ତୁମକୁ ବାରଂବାର ନମସ୍କାର କରୁଛି । ବୁଦ୍ଧି ଓ ବୁଦ୍ଧି ବୃତ୍ତିରେ ପ୍ରତିବିମ୍ବିତ ଚୈତନ୍ୟ ଯେଉଁ ହଂସର ପକ୍ଷଦ୍ୱୟ, ସକଳ ମାନସ ସରୋବରର ହଂସରୂପୀ ସେହି ଆତ୍ମାଙ୍କୁ ବାରଂବାର ପ୍ରଣାମ କରୁଛି । ଶମାଦି ଗୁଣସମ୍ପନ୍ନ ମନ ଦ୍ୱାରା କାମାଗ୍ନି-ସନ୍ତପ୍ତ ମନକୁ ମୁଁ ପରାଭୂତ କରିଅଛି । ଇନ୍ଦ୍ରିୟ ଦ୍ୱାରା ଇନ୍ଦ୍ରିୟକୁ, ମନ ଦ୍ୱାରା ମନକୁ ଏବଂ ଅହଂକାର ଦ୍ୱାରା ଅହଂକାରକୁ ପରାଜିତ କରି, ମୁଁ ତଦ୍ ବିଶିଷ୍ଟ ଚିନ୍ମାତ୍ରରୂପେ ଜୟଯୁକ୍ତ ହୋଇଅଛି । ହେ ଆତ୍ମନ୍ ! ଶ୍ରଦ୍ଧା ଦ୍ୱାରା ଅଶ୍ରଦ୍ଧାକୁ, ବିଚାରଶାଳିନୀ ବୁଦ୍ଧି ଦ୍ୱାରା ଦୁର୍ବୁଦ୍ଧିକୁ ଏବଂ ତୃଷ୍ଣାହୀନତା ଦ୍ୱାରା ତୃଷ୍ଣାକୁ ଅତିକ୍ରମ କରି ତୁମେ ସତ୍ୟସ୍ୱରୂପ ହୋଇଅଛ; ତୁମକୁ ବାରଂବାର ନମସ୍କାର । କି ଆଶ୍ଚର୍ଯ୍ୟ ! ଏତେ କାଳ ମୁଁ କ'ଣ ଥିଲି ! ବୃଥା ଅହଂକାରରେ ଆବଦ୍ଧ ହୋଇ ଏତେଦିନ ମୁଁ କି କଷ୍ଟ ଭୋଗ କରିଛି ! ଆଜି ମୁଁ ପ୍ରକୃତ ଜ୍ଞାନ ଲାଭ କରି ନୂତନ ଜନ୍ମ ପ୍ରାପ୍ତ ହେଲି । କାରଣ, ଅହଂକାରରୂପ ମହାମେଘରୁ ମୁଁ ଏକାବେଳେ ନିର୍ମୁକ୍ତ ହୋଇ ଆତ୍ମାଙ୍କୁ ଲାଭ କଲି । ମୁଁ ଭଗବାନ୍

ଆତ୍ମାଙ୍କୁ ଦେଖିଲି, ତତ୍ତ୍ୱତଃ ଜାଣିଲି, ଅନୁଭବ କଲି, ଲାଭ କଲି । ଆଜି ମୁଁ ଅଦ୍ୱୟ ଚିଦ୍‌ରୂପ ମହେଶ୍ୱରଙ୍କୁ ପାଇଅଛି । ସୁତରାଂ ମୋର ଅଜ୍ଞାନରୂପ ଜଡ଼ତା ଦୂରୀଭୂତ ହେଲା ।

ପ୍ରହ୍ଲାଦ କହିଲେ – ହେ ଭଗବାନ୍ ! ଭାଗ୍ୟବଶତଃ ମୁଁ ଆଜି ଆପଣଙ୍କୁ ଲାଭ କରିଅଛି । ଏହି ତ୍ରି-ଜଗତରେ ଆପଣଙ୍କ ଛଡ଼ା ମୋର ଆଉ କିଏ ବନ୍ଧୁ ଅଛି ? ଆପଣ ଯେତେଦିନ ଉପଲବ୍ଧ ନ ହୁଅନ୍ତି, ସେତେଦିନ ଆପଣଙ୍କ ଅଭକ୍ତମାନଙ୍କୁ ଆପଣହିଁ ମୃତ୍ୟୁ ରୂପେ ଗ୍ରାସ କରନ୍ତି । ପକ୍ଷାନ୍ତରରେ ଆପଣଙ୍କ ଭକ୍ତଗଣଙ୍କୁ ଆପଣ ରକ୍ଷା କରନ୍ତି । ସେମାନଙ୍କ ହୃଦୟରେ ଥାଇ ଆପଣ ଆପଣଙ୍କ ସ୍ତବ କରନ୍ତି, ସେମାନଙ୍କ ନିକଟକୁ ଆପଣ ଗନ୍ତା ହୋଇ ଗମନ କରନ୍ତି । ଏହିପରି ଭକ୍ତଗଣଙ୍କର ସର୍ବବିଧ ବ୍ୟବହାର ଆପଣହିଁ ସମ୍ପନ୍ନ କରନ୍ତି । ସେହି ଆପଣଙ୍କୁ ମୁଁ ଆଜି ଲାଭ କଲି । ହେ ପ୍ରଭୋ ! ଆପଣ ନିଜର ସତ୍ତା ଦ୍ୱାରା ସମଗ୍ର ବିଶ୍ୱ ବ୍ୟାପ୍ତ କରିଅଛନ୍ତି । ହେ ସର୍ବଜନହିତକାରିନ୍ ! ପୂର୍ବେ ଆପଣଙ୍କଠାରେ ଓ ମୋ'ଠାରେ ଅତିଶୟ ବ୍ୟବଧାନ ଥିଲା । ଏକ୍ଷଣି ତାହା ଦୂରୀଭୂତ ହୋଇ ଆପଣ ସମୀପସ୍ଥ ହୋଇ ଅଛନ୍ତି । ଆପଣ ଆଉ କୁଆଡ଼େ ପଳାୟନ କରିପାରିବେ ? ହେ ବାନ୍ଧବ ! ଆଜି ମୁଁ କୃତକୃତ୍ୟ ହୋଇଅଛି । ଏହି ଜଗତର କର୍ତ୍ତା ଓ ଭର୍ତ୍ତା ଆପଣଙ୍କୁ ମୁଁ ନମସ୍କାର କରୁଛି । ଆପଣ ଚକ୍ର ଓ ପଦ୍ମଧାରୀ ନିର୍ମଳ ଆତ୍ମା – ଆପଣଙ୍କୁ ନମସ୍କାର । ଆପଣଙ୍କଠାରେ, ମୋ'ଠାରେ ଯେଉଁ ପାର୍ଥକ୍ୟ, ତାହା ହେଲା ଜଳ ଓ ଜଳ ତରଙ୍ଗ ପରି । ଏହି ତରଙ୍ଗ ବୈଚିତ୍ର୍ୟ ରୂପେ ଆପଣ ସର୍ବତ୍ର ପ୍ରକାଶ ପାଉଛନ୍ତି । ସୁତରାଂ ଅନନ୍ତରୂପେ ପ୍ରକାଶମାନ ଆପଣଙ୍କୁ ନମସ୍କାର । ଏତେକାଳ ଆପଣ 'ମୁଁ' ଭାବାପନ୍ନ ହୋଇ ମୋ ଦ୍ୱାରା ପରିଚାଳିତ ହୋଇଛନ୍ତି । ତଦ୍ଦ୍ୱାରା ଆପଣଙ୍କ ଜ୍ଞାନ ଓ ଐଶ୍ୱର୍ଯ୍ୟ ତିରୋହିତ ହୋଇ, ଅସତ୍ ପଥରେ ଗମନପୂର୍ବକ କେତେ ଜନ୍ମରେ କେତେ ଦୁଃଖ ଉପସ୍ଥିତ ନ ହୋଇଛି ଏବଂ ସେଥିପାଇଁ ମୁଁ ମଧ୍ୟ ଆପଣଙ୍କୁ ଲାଭ କରିପାରି ନାହିଁ । ହେ ଦେବ ! ଆପଣଙ୍କ ବ୍ୟତୀତ ଏହି ଜଗତର ସତ୍ତାହିଁ ଅସିଦ୍ଧ । କାରଣ, ଆପଣଙ୍କୁ ପ୍ରାପ୍ତ ହେଲେ ଏହି ସମଗ୍ର ଜଗତ୍ ପ୍ରାପ୍ତ ହୋଇଥାଏ । ହେ ଦେବ ! ଆଜି ମୁଁ ଆପଣଙ୍କୁ ଦେଖିଅଛି, ଲାଭ କରିଅଛି; ଆପଣ ଯେ ଯଥାର୍ଥ ବସ୍ତୁ, ତାହା ବୁଝିଅଛି ଏବଂ ମୋ ଦ୍ୱାରା ଦୃଷ୍ଟ ଓ ଗୃହୀତ ହୋଇ ଆପଣ ମଧ୍ୟ ମୋହ ନିର୍ମୁକ୍ତ ହୋଇଛନ୍ତି । ହେ ଦେବ ! ଆପଣ ତ ନିଜେହିଁ ସାକ୍ଷାତ୍ ଦର୍ଶନ; ତେବେ ଆପଣ ମୋ କର୍ତ୍ତୃକ ଦୃଷ୍ଟ ହେବେ ନାହିଁ କାହିଁକି ? ଆପଣ ତ ନିଜେହିଁ ସ୍ପର୍ଶ; ତେବେ ମୋ ଦ୍ୱାରା ସ୍ପୃଷ୍ଟ ହେବେ ନାହିଁ କାହିଁକି ? ଶବ୍ଦ ଶୁଣି ଯିଏ ଅନ୍ତରରେ ଶବ୍ଦ ଶକ୍ତି ପ୍ରଦାନ କରନ୍ତି, ସେ କି ଦୂରରେ ଅବସ୍ଥିତ ହୋଇପାରନ୍ତି ? ମଧୁର ଓ ଅମ୍ଳ ପ୍ରଭୃତି ରସ ଜିହ୍ୱାରେ ସଂସ୍ପୃଷ୍ଟ ହେବାମାତ୍ରେ ଯିଏ ଆସ୍ୱାଦଗମ୍ୟ ହୁଅନ୍ତି, ତାଙ୍କୁ କିଏ ଆସ୍ୱାଦ କରି ନାହିଁ ? ଯିଏ ଘ୍ରାଣରୂପ ହସ୍ତ ଦ୍ୱାରା କୁସୁମଗନ୍ଧ ଗ୍ରହଣ କରନ୍ତି, ସେ ତ ସମସ୍ତଙ୍କର କରତଳଗତ । ବେଦ ଓ ବେଦାନ୍ତାଦି ସର୍ବଶାସ୍ତ୍ରରେ ଯିଏ ପରିଚିତ, ସେହି ଆତ୍ମାଙ୍କୁ ଥରେ ଜାଣିପାରିଲେ ଆଉ କ'ଣ କିଏ ତାଙ୍କୁ ଭୁଲିପାରିବ ? ଯେଉଁସବୁ ଦୈହିକ ଭୋଗରେ ପୂର୍ବେ ମୋର ପ୍ରବୃତ୍ତି ଥିଲା, ହେ ଦେବ ! ଆପଣ ମୋର ନୟନ ଗୋଚର ହେବାରୁ ବର୍ତ୍ତମାନ ଆଉ ସେହିସବୁ ଭୋଗରେ ମୋର ସ୍ପୃହା ନାହିଁ । ଆପଣହିଁ ସୂର୍ଯ୍ୟଙ୍କୁ ତେଜସ୍ୱୀ ଓ ଚନ୍ଦ୍ରଙ୍କୁ ଶୀତଳ କରିଛନ୍ତି । ଆପଣଙ୍କ ଇଚ୍ଛାରେ ପର୍ବତସକଳ ଗୁରୁ ଏବଂ ଧରିତ୍ରୀ ସର୍ବଂସହା ହୋଇଛନ୍ତି । ଆପଣ ବାୟୁ ପ୍ରଭୃତିକୁ ଧାରଣ କରିଛନ୍ତି ଏବଂ ଆପଣଙ୍କ ଇଚ୍ଛାରେ ଆକାଶ ଆକାଶ ରୂପେ ପ୍ରକାଶ ପାଉଅଛି । ଭାଗ୍ୟକ୍ରମେ ଆପଣ ଆଜି 'ମୁଁ' ହୋଇଛନ୍ତି ଏବଂ ମୁଁ ମଧ୍ୟ 'ଆପଣ' ହୋଇଅଛି; ଅତଏବ ମୁଁ 'ଆପଣ' ଓ ଆପଣ 'ମୁଁ' ଅଟୁ । ହେ ଦେବ ! ସୌଭାଗ୍ୟବଶତଃ ଆଜି ଆଉ ଆପଣଙ୍କ ଠାରେ ଓ ମୋ ଠାରେ କୌଣସି ଭେଦ ନାହିଁ । ମୁଁ ଏବଂ ଆପଣ ଏହି ଦୁଇ ଶବ୍ଦ ଆପଣଙ୍କର ବୋଧକ । କାରଣ, ମୁଁ ହେଲି କାର୍ଯ୍ୟ ଆତ୍ମା ଏବଂ ଆପଣ ହେଲେ କାରଣ ଆତ୍ମା । ସୁତରାଂ ଏହି ଶବ୍ଦକୁ ମୁଁ ନମସ୍କାର କରୁଛି; ରୂପବିବର୍ଜିତ, ସୁତରାଂ ସମସ୍ୱରୂପ ମୋତେ ନମସ୍କାର । ହେ ବ୍ରହ୍ମନ୍ ! ଦିକ୍ ଓ କାଳ ପ୍ରଭୃତି ଦ୍ୱାରା ଅନବଚ୍ଛିନ୍ନ, ସାକ୍ଷୀସ୍ୱରୂପ, ନିରାକାର, ମୋ ରୂପ ଆତ୍ମାଙ୍କଠାରେ ଆପଣ ସଂସ୍ଥିତ । ଏହି ଯେଉଁ ବିକ୍ଷୋଭିତ ମନ, ଇନ୍ଦ୍ରିୟ, ପ୍ରାଣପଞ୍ଚକ ଓ ଦେହ, ଏମାନଙ୍କ ସହିତ ମୋର କୌଣସି ସମ୍ପର୍କ ନାହିଁ । ମୁଁ ବହୁକାଳ ପରେ ପ୍ରକୃତ ମୁଁ ହୋଇ ନିଜକୁ ଲାଭ କଲି । କଳ୍ପ ଅବସାନରେ ଯେପରି ଜଗତର ଲୟ ହୁଏ, ସେହିପରି ବହୁକାଳ ପରେ ମୋର ଭ୍ରମ ବିଲୀନ ହେଲା । ମୁଁ ଦୀର୍ଘ ସଂସାର ପଥରେ ବୁଲି ବୁଲି ଶ୍ରାନ୍ତ ହୋଇଥିଲି; ଏକ୍ଷଣି ମୁଁ ବିଶ୍ରାମ ଲାଭ କଲି । ସମସ୍ତଙ୍କ ଅତୀତ ଓ ସକଳରୂପଧାରୀ ଆପଣଙ୍କୁ ବାରଂବାର ନମସ୍କାର କରେ । ହେ ଆତ୍ମନ୍ ! ପୁଷ୍ପରେ ସୁଗନ୍ଧ ପରି ଆପଣ ସକଳ ଦେହରେ ବର୍ତ୍ତମାନ । ଅହଂକାର ଶୂନ୍ୟ ହୋଇ ମଧ୍ୟ ଆପଣ ହିଂସା କରୁଛନ୍ତି, ରକ୍ଷା କରୁଛନ୍ତି, ଦାନ କରୁଛନ୍ତି ଓ ସ୍ପର୍ଦ୍ଧା ପ୍ରକାଶ

କରୁଛନ୍ତି । ହେ ଈଶ୍ୱର ! ଆପଣଙ୍କ ମାୟା ଅତୀବ ବିଚିତ୍ର । କ୍ଷୁଦ୍ର ବୀଜ ମଧ୍ୟରେ ଯେପରି ବିଶାଳ ବୃକ୍ଷ ବିଦ୍ୟମାନ ଥାଏ, ସେହିପରି ଅଣୁରୂପୀ ଆପଣଙ୍କ ମଧ୍ୟରେ ଏହି ବିରାଟ ଜଗତ୍ ସର୍ବଦା ବିଦ୍ୟମାନ ଅଛି । ଆକାଶମଣ୍ଡଳରେ ଯେପରି ମେଘସକଳ ହସ୍ତୀ, ଅଶ୍ୱ ପ୍ରଭୃତି ଆକାରରେ ଦୃଷ୍ଟ ହୋଇଥାଏ, ହେ ଦେବ ! ଆପଣ ମଧ୍ୟ ସେହିପରି ସଂକଳ୍ପବଳରେ ନାନା ବସ୍ତୁ ଆକାରରେ ଦୃଷ୍ଟ ହୋଇଥା'ନ୍ତି । ଆପଣହିଁ ପଦାର୍ଥସକଳର ବୋଧା, ଇନ୍ଦ୍ରିୟର କର୍ମସମ୍ପାଦକ, ପ୍ରାଣବାୟୁର ଚାଳୟିତା, ଚିତ୍ତରୂପ ହସ୍ତୀର ମନଧାରା, ବୁଦ୍ଧିର ପ୍ରକାଶକ ଓ ଉତ୍ତାପର କାରଣ । ଆପଣଙ୍କର ଏହି ସକଳ ତତ୍ତ୍ୱବାଣୀ ଆପଣହିଁ ଉପସଂହୃତ କରି ନିଅନ୍ତି ବୋଲି ଅନ୍ତର୍ହିତ ହୁଏ; ପୁଣି ଆପଣଙ୍କ ଇଚ୍ଛାରେ ଏହିସବୁ ବାଣୀ ଅନ୍ୟତ୍ର ପ୍ରକାଶ ପାଏ । ମୁଁ, ତୁମେ, ଇଏ, ସିଏ, ଏହିସବୁ ବାକ୍ୟ ଦ୍ୱାରା ଲୀଳାପରାୟଣ ଆପଣ ନିଜକୁହିଁ ନିଜେ ପରିଚିତ କରୁଛନ୍ତି, ଏବଂ ଏହି ଅସଂଖ୍ୟ ପ୍ରାଣୀ ଆକାରରେ ଆପଣ ନିଜେ ପ୍ରକାଶ ପାଉଛନ୍ତି । ଆପଣ ଯେତେବେଳେ ଏହି ଶରୀର ପରିତ୍ୟାଗ କରନ୍ତି, ସେତେବେଳେ ଏହା କାଷ୍ଠ ପରି ଭୂତଳରେ ଲୁଣ୍ଠିତ ହୁଏ । ସୂର୍ଯ୍ୟ ଉଦିତ ହେଲେ ଅନ୍ଧକାର ସହିତ ଯେପରି ନକ୍ଷତ୍ରାଦିର ପ୍ରଭା ମଧ୍ୟ ବିଲୁପ୍ତ ହୁଏ, ଆପଣଙ୍କ ଉଦୟରେ ସେହିପରି ସୁଖ-ଦୁଃଖର ପ୍ରକାଶ ମଧ୍ୟ ବିଲୁପ୍ତ ହୋଇଥାଏ । ଅଳ୍ପକାଳସ୍ଥାୟୀ ଏହି ସୁଖଦୁଃଖାଦି ମିଥ୍ୟା ହେଲେ ମଧ୍ୟ ଆପଣଙ୍କ ଅନୁଗ୍ରହରେ ପ୍ରକାଶ ପାଏ; ପୁଣି ଆପଣ ଦର୍ଶନପଥରେ ଉପସ୍ଥିତ ହେବା ମାତ୍ରେ ସେମାନେ ବିଲୀନ ହୁଅନ୍ତି । ହେ ଅନନ୍ତରୂପ ଓ ନାମରେ ପରିଚିତ ଆତ୍ମନ୍ ! ଆପଣ ବିବେକହୀନମାନଙ୍କର ହୃଦୟରେ ଯେଉଁ ଯେଉଁ ରୂପରେ ପ୍ରକାଶ ପାଇଥାଆନ୍ତି, ସେହିସବୁ ରୂପର ମୁଁ ବର୍ଣ୍ଣନା କରିବି ନାହିଁ । କାରଣ, ସେହିସବୁ ବର୍ଣ୍ଣନା ଦ୍ୱାରା ମୋ ଅନ୍ତରରେ ତଜ୍ଜାତୀୟ ବାସନା ଉଦ୍‌ବୁଦ୍ଧ ହୋଇପାରେ । ହେ ଈଶ ! ଆପଣ ଏହି ବ୍ରହ୍ମାଣ୍ଡ ଅପେକ୍ଷା ମହାନ୍, ଆପଣଙ୍କର ଜୟ ହେଉ । ହେ ଜାତ ! ହେ ଅଜାତ ! ହେ ଜେୟ ! ହେ ଅଜେୟ ! ହେ କ୍ଷତ ! ହେ ଅକ୍ଷତ ! ହେ ଭାବ ! ହେ ଅଭାବ ! ଆପଣଙ୍କର ଜୟ ହେଉ । ମୁଁ ଯଥାର୍ଥ ଜ୍ଞାନ ଲାଭ କରିଅଛି, ମୁଁ ବିଜୟୀ ହୋଇଅଛି; ମୋତେ ନମସ୍କାର, ଆପଣଙ୍କୁ ନମସ୍କାର ।

*

ବଶିଷ୍ଠ କହିଲେ – ଏହିପରି କହି ଭଗବାନ୍ ବିଷ୍ଣୁ କ୍ଷୀରୋଦସାଗରକୁ ପ୍ରସ୍ଥାନ କରିବାରୁ, ସ୍ୱର୍ଗରେ ଇନ୍ଦ୍ର ଓ ପାତାଳରେ ଦାନବରାଜ ପ୍ରହ୍ଲାଦ ନିରୁଦ୍‌ବିଗ୍ନ ଭାବେ ରାଜତ୍ୱ କରିବାକୁ ଲାଗିଲେ । ହେ ରାମ ! ମୁଁ ଏବେ ତୁମ ନିକଟରେ ପ୍ରହ୍ଲାଦଙ୍କ ଆତ୍ମବୋଧଲାଭ କଥା କହିଲି । ଯେଉଁମାନେ ପ୍ରହ୍ଲାଦଙ୍କ ଏହି ତତ୍ତ୍ୱଜ୍ଞାନଲାଭ ବିଷୟ ଏକାଗ୍ରଚିତ୍ତରେ ବିଚାର କରିବେ, ଦୁଷ୍କୃତିସମ୍ପନ୍ନ ହେଲେ ମଧ୍ୟ ସେମାନେ ଅଚିରେ ଆତ୍ମଜ୍ଞାନ ଲାଭ କରିବେ । ସାଧାରଣ ବିଚାରବଳ ଦ୍ୱାରା ଯେତେବେଳେ ଦୁଷ୍କୃତରାଶି କ୍ଷୟପ୍ରାପ୍ତ ହୁଏ, ସେତେବେଳେ ଏହି ଯୋଗ ବାକ୍ୟ ବିଚାର କଲେ ଦୁଷ୍କୃତି ଧ୍ୱଂସ କରି ପରମପଦ ପ୍ରାପ୍ତ ହେବେ ନାହିଁ କାହିଁକି ?

ରାମ କହିଲେ – ବ୍ରହ୍ମଙ୍କଠାରେ ବିଲୀନ ମହାତ୍ମା ପ୍ରହ୍ଲାଦଙ୍କ ମନ ପାଞ୍ଚଜନ୍ୟ ଶଙ୍ଖଧ୍ୱନିରେ କିପରି ପୁଣି ଉଦ୍‌ବୁଦ୍ଧ ହେଲା, ତାହା ମୋତେ କୁହନ୍ତୁ ।

ବଶିଷ୍ଠ କହିଲେ – ହେ ଅନଘ ! ମୁକ୍ତି ଦ୍ୱିବିଧ; ସଦେହ ମୁକ୍ତି ଓ ବିଦେହ ମୁକ୍ତି । ବିଷୟରେ ଅନାସକ୍ତ ହୋଇ ମାତ୍ର କର୍ତ୍ତବ୍ୟ ବୁଦ୍ଧିରେ ଯେଉଁ ବ୍ୟକ୍ତି ଇଷ୍ଟ ଓ ଅନିଷ୍ଟ, ଉଭୟ କର୍ମ ସମଭାବେ ସମ୍ପନ୍ନ କରନ୍ତି, ସେ ଜୀବନ୍ମୁକ୍ତ ବା ସଦେହମୁକ୍ତ । ହେ ରାମ ! ତାଦୃଶ ଜୀବନ୍ମୁକ୍ତ ବ୍ୟକ୍ତି ଶରୀର କ୍ଷୟ ପରେ ଯେଉଁ ଅବସ୍ଥା ଲାଭ କରନ୍ତି, ତାହାର ନାମ ବିଦେହ ମୁକ୍ତି । ଜୀବନ୍ମୁକ୍ତ ବ୍ୟକ୍ତିଗଣଙ୍କ ହୃଦୟ ଉର୍ଜିତ ବୀଜ ପରି; ସୁତରାଂ ପୁନର୍ଜନ୍ମର ଅଙ୍କୁରହୀନ ଯେଉଁ ବାସନା ଥାଏ, ସେହି ବାସନା ଦ୍ୱାରା ସେମାନେ ସମାଧିରୁ ଉତ୍‌ଥିତ ହୋଇଥା'ନ୍ତି । ହେ ମହାବାହୋ ! ପ୍ରହ୍ଲାଦ ମଧ୍ୟ ପାଞ୍ଚଜନ୍ୟ ଶଙ୍ଖ ଧ୍ୱନିରେ ଉଦ୍‌ବୁଦ୍ଧ, ସେହି ବିଶୁଦ୍ଧ ବାସନା ଦ୍ୱାରା ସମାଧି ମଧ୍ୟରୁ ବ୍ୟୁତ୍‌ଥିତ ହୋଇଥିଲେ । ବିଶେଷତଃ ଭଗବାନ୍ ହରି ସର୍ବଭୂତଙ୍କର ଆତ୍ମା । ସେ ଯେତେବେଳେ ପ୍ରହ୍ଲାଦଙ୍କ ସମାଧିଭଙ୍ଗ ବିଷୟରେ ଇଚ୍ଛାକଲେ, ସେତେବେଳେ ତାଙ୍କର ସେହି ଇଚ୍ଛା ତତ୍‌କ୍ଷଣାତ୍ ସଫଳ ହେଲା । ଯେଉଁ ବ୍ୟକ୍ତି ଆତ୍ମସାକ୍ଷାତ୍କାର ଲାଭ କରନ୍ତି, ବାସୁଦେବଙ୍କୁ ମଧ୍ୟ ସେ ଆତ୍ମରୂପରେ ଦେଖିବାକୁ ପାଆନ୍ତି । ହେ ରାଘବ ! ଏହିପରି ବିଚାର ପ୍ରଭାବରେ ତୁମେ ଶାଶ୍ୱତ ଆତ୍ମାଙ୍କୁ ଲାଭ କରିପାରିବ ।

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ'' ପୁସ୍ତକରୁ ସଂଗୃହୀତ)

অন্তরাল জগত্ :

# ଅତିମାନସ ଓ ମଧ୍ୟବର୍ତ୍ତୀ ସ୍ତରସବୁ

## ଶ୍ରୀମା

*ପ୍ରଶ୍ନ : ଆପଣ କହିଛନ୍ତି ଯେ ମନ ଓ ଅତିମାନସ ଭିତରେ ଅନେକଗୁଡ଼ିଏ ମଧ୍ୟବର୍ତ୍ତୀ ସ୍ତର ରହିଛି ଏବଂ ଯଦି ଜଣେ ସାଧାରଣ ଲୋକ ଏହି ମଧ୍ୟବର୍ତ୍ତୀ ସ୍ତର ଭିତରୁ କୌଣସି ଗୋଟିଏ ସ୍ତରର ସଂପର୍କରେ ଆସେ ତା'ହେଲେ ତାହା ତାକୁ ଝଲସାଇ ଦେବ । ମଣିଷ ଯଦି ଏହିପରି ଏକ ଅବିକଶିତ ଅବସ୍ଥାରେ ଅଛି ତେବେ ଆମେ କାହିଁକି ଅନ୍ୟ କୌଣସି ମଧ୍ୟବର୍ତ୍ତୀ ସ୍ତରର ଅବତରଣ କଥା ନ କହି ଅତିମାନସ ସ୍ତରର ଅବତରଣ କଥା କହୁଛୁ ?*

ଶ୍ରୀମା : କାରଣ ଅତି ସହଜ । ଯେହେତୁ ଏପର୍ଯ୍ୟନ୍ତ ସମଗ୍ର ସ୍ଥୂଳ, ଜଡ଼ ଜଗତ୍, ସମଗ୍ର ପୃଥିବୀ (ପୃଥିବୀକୁ ଧରାଯାଉ) ଶାସିତ ହେଉଛି ସେହିସବୁ ଶକ୍ତି ଓ ଚେତନା ଦ୍ୱାରା, ଯାହା ଆସିଥାଏ ସେହି ସ୍ତରରୁ ଯାହାକୁ ଶ୍ରୀଅରବିନ୍ଦ ଅଧିମାନସ ବୋଲି କହିଛନ୍ତି । ଏପରିକି ମଣିଷମାନେ ଯାହାଙ୍କୁ ଭଗବାନ୍ ବୋଲି କୁହନ୍ତି ତାହା ହେଉଛି ଅଧିମାନସରୁ ଆସିଥିବା ଏକ ଶକ୍ତି ଓ କ୍ଷମତା, ଏବଂ ସମଗ୍ର ବିଶ୍ୱ ଅଧିମାନସର ଶାସନ ଓ କର୍ତ୍ତୃତ୍ୱାଧୀନ ହୋଇରହିଛି । ସେଠାରେ ପହଞ୍ଚିବାକୁ ହେଲେ ତୁମକୁ ଅନେକ ମଧ୍ୟବର୍ତ୍ତୀ ସ୍ତର ପାର ହୋଇଯିବାକୁ ହେବ ଏବଂ ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଝଲସି ନଯାଇ ସେଠାରେ ପହଞ୍ଚି ପାରିବେ । କିନ୍ତୁ ଶ୍ରୀଅରବିନ୍ଦ ଯାହା କହିଛନ୍ତି ତାହା ହେଉଛି ବର୍ତ୍ତମାନ ଅଧିମାନସର ଶାସନକାଳ ଶେଷ ହେବାକୁ ଯାଉଛି ଓ ତାହାର ସ୍ଥାନ ନେବ ଅତିମାନସର ଶାସନ । ଯେଉଁମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ରହିଛି, ଭଗବତ୍ ଉପଲବ୍ଧି କରି ଯେଉଁମାନେ ଭଗବାନଙ୍କ ସଙ୍ଗେ ମିଳିତ ହୋଇଛନ୍ତି ସେମାନେ ଏହି ଅଧିମାନସ କ'ଣ ଜାଣନ୍ତି । କିନ୍ତୁ ଶ୍ରୀଅରବିନ୍ଦ କୁହନ୍ତି ଯେ ଅଧିମାନସକୁ ଅତିକ୍ରମ କରି ଅନ୍ୟ କିଛି ରହିଛି ଏବଂ ଏହି ଅନ୍ୟ କିଛିରହିଁ ବର୍ତ୍ତମାନ ପାଳି ଓ ସମୟ ଆସିଛି, ଯେତେବେଳେ ତାହା ଆସି ପୃଥିବୀକୁ ଶାସନ କରିବ, ପୃଥିବୀପୃଷ୍ଠରେ ତାହା ଅଭିବ୍ୟକ୍ତ ହେବ ଏବଂ ପୃଥିବୀକୁ ଶାସନ କରିବ ।

ତେଣୁ ଅଧିମାନସ ସମ୍ପର୍କରେ କହିବାର ଆଉ କୌଣସି ଆବଶ୍ୟକତା ନାହିଁ, କାରଣ ଅନେକ ବ୍ୟକ୍ତି ଏହା ସଂପର୍କରେ କହିସାରିଛନ୍ତି ଏବଂ ଏହାର ଅନୁଭୂତି ପାଇସାରିଛନ୍ତି ।

କିନ୍ତୁ ଆମେ ଯେଉଁ ସତ୍ୟଟି ବିଷୟରେ କହୁଛୁ, ତାହା ସଂପୂର୍ଣ୍ଣ ନୂତନ ଓ ସଂପୂର୍ଣ୍ଣ ନୂତନ ଭାବରେ ତାହା ନିଜକୁ ଅଭିବ୍ୟକ୍ତ କରିବାକୁ ଯାଉଛି ଏବଂ ପୂର୍ବରୁ ଏହା ସଂପର୍କରେ କେହି କିଛି ଜାଣି ନାହାନ୍ତି ଓ ସଚେତ ନାହାନ୍ତି । ଏହାହିଁ ହେଉଛି କାରଣ । ପୁରାତନ ବିବରଣୀ ସଂପର୍କରେ କୁହାଯାଇପାରେ ଯେ ଏପରି ଲୋକଙ୍କର ଅଭାବ ନାହିଁ ଯେଉଁମାନେ ଏଗୁଡ଼ିକୁ ଉପଲବ୍ଧି କରିଛନ୍ତି, ଏହାର ବର୍ଣ୍ଣନା ଦେଇଛନ୍ତି, ଏବଂ ଏହି ବିଷୟବସ୍ତୁ ଉପରେ ଅନେକ ପୁସ୍ତକ ରଚିତ ହୋଇଛି । ତେଣୁ ଅନ୍ୟମାନେ ଯାହା କହିଯାଇଛନ୍ତି ତାହାର ଆଉ ଥରେ ପୁନରାବୃତ୍ତିର କୌଣସି ପ୍ରୟୋଜନ ନାହିଁ । ଶ୍ରୀଅରବିନ୍ଦ ଆସିଥିଲେ ନୂଆ କିଛି କହିବାକୁ । ଲୋକମାନେ ଯେଉଁସବୁ ଅନୁଭୂତି ବିଷୟରେ ଜାଣି ସାରିଛନ୍ତି, ଯେଉଁ ବିଷୟରେ କୁହାଯିବାର ଶୁଣି ସାରିଛନ୍ତି, ତହିଁରୁ ବାହାରି ଆସିବା ପାଇଁ ସେମାନେ ଅସମର୍ଥ ହୁଅନ୍ତି ଏବଂ ଅଧିମାନସ ସମେତ ଅନ୍ୟାନ୍ୟ ମଧ୍ୟବର୍ତ୍ତୀ ସ୍ତରର ଅନୁଭୂତିଗୁଡ଼ିକୁ ସେମାନେ ସେହି ନୂତନ ଦିବ୍ୟଶକ୍ତି ସଙ୍ଗେ ସମାନ ବୋଲି ଦେଖିବା ପାଇଁ ଚେଷ୍ଟା କରନ୍ତି ଯେଉଁ ଶକ୍ତିକୁ ଶ୍ରୀଅରବିନ୍ଦ କହିଛନ୍ତି ଅତିମାନସ । କାରଣ ସେମାନଙ୍କ ପକ୍ଷେ ଆଉ ଅନ୍ୟ କିଛି ସତ୍ୟ ଯେ ରହିପାରେ ତାହା ଧାରଣା କରିବା ଅସମ୍ଭବ ହୋଇପଡ଼େ । ... ଶ୍ରୀଅରବିନ୍ଦ ବରାବର କହୁଥିଲେ : ଯେଉଁଠି ପୂର୍ବତନ ଯୋଗସବୁର ଶେଷ, ସେହିଠାରୁହିଁ ତାଙ୍କ ଯୋଗର ଆରମ୍ଭ ଏବଂ ତାଙ୍କ ଯୋଗର ଉପଲବ୍ଧି ପାଇଁ ସକ୍ଷମ ହେବାକୁ ହେଲେ ପ୍ରଥମେ ପ୍ରୟୋଜନ ହେଉଛି ପୁରାତନ ଯୋଗରେ ଯେଉଁସବୁ ଉପଲବ୍ଧି ହୋଇଥିଲା, ସେଗୁଡ଼ିକର ଚୂଡ଼ାନ୍ତ ସୀମାରେ ଯାଇ ପହଞ୍ଚିବା, ଅର୍ଥାତ୍ ଭଗବାନଙ୍କ ପ୍ରତ୍ୟକ୍ଷ ଉପଲବ୍ଧି ପାଇବା ଓ ତାଙ୍କ ସଙ୍ଗେ ମିଳନ ଓ ଏକାତ୍ମତା ଲାଭ କରିବା । କିନ୍ତୁ ଶ୍ରୀଅରବିନ୍ଦ କୁହନ୍ତି ଯେ ସେହି ଭଗବାନ୍ ହେଉଛନ୍ତି ଅଧିମାନସ ସ୍ତରର ଭଗବାନ୍ ଏବଂ ତଥାପି ତାହା ଏପରି କିଛି ଯାହା ମାନୁଷୀ ଚେତନା ତୁଳନାରେ ବେଶ୍ ଅଚିନ୍ତନୀୟ । ଏପରିକି ସେଠାରେ ମଧ୍ୟ ପହଞ୍ଚିବାକୁ ହେଲେ ଆମକୁ ଅନେକଗୁଡ଼ିଏ ମଧ୍ୟବର୍ତ୍ତୀ ସ୍ତର ଭିତର ଦେଇ ଅତିକ୍ରମ କରିବାକୁ ହେବ ଏବଂ

ସେହିସବୁ ସ୍ତରରେ ଆମେ ଝଲସି ଯିବା ପରି ଅନୁଭବ କରୁ ।

ପ୍ରାଣଜଗତର ଏପରି ସବୁ ସତ୍ତା ଅଛନ୍ତି, ସେମାନେ ଯଦି ମଣିଷମାନଙ୍କ ଆଗରେ ଆବିର୍ଭୂତ ହୁଅନ୍ତି ବା ଅଧିକ ନିର୍ଭୁଲ ଭାବରେ କହିଲେ ଯେତେବେଳେ ସେମାନେ ମଣିଷମାନଙ୍କ ଆଗରେ ଆବିର୍ଭୂତ ହୁଅନ୍ତି, ଲୋକମାନେ ସେମାନଙ୍କୁ ପରମ ଭଗବାନ୍ ବୋଲି ଗ୍ରହଣ କରନ୍ତି – ଏହି ପ୍ରାଣିକ ସତ୍ତାମାନେ ! ତୁମେ ଚାହିଁଲେ ଆମେ ତାହାକୁ ଏକ ଛଦ୍ମବେଶ ବୋଲି କହିବା, କିନ୍ତୁ ଏହା ଅତି ସଫଳ ଏକ ଛଦ୍ମବେଶ, କାରଣ ଯେଉଁମାନେ ଏହାକୁ ଦେଖିଛନ୍ତି ସେମାନଙ୍କର ପୂରା ହୃଦ୍‌ବୋଧ ହୋଇଥାଏ ଯେ ସେମାନେ ପୂରା ପରମ ଭଗବାନଙ୍କୁ ଦେଖିଲେ; ଅଥଚ ସେସବୁ ହେଉଛନ୍ତି ମାତ୍ର ପ୍ରାଣଜଗତର ସତ୍ତାମାନେ । ଆଉ ଏହି ଅଧିମାନସ ସ୍ତରର ଦିବ୍ୟସତ୍ତାମାନେ, ଏହି ଅଧିମାନସ ଦେବତାମାନେ ଆମ ମାନୁଷୀ ସତ୍ତାମାନଙ୍କ ତୁଳନାରେ ମହାନ୍ ଶକ୍ତିଧର ସତ୍ତା । ଏମାନଙ୍କ ସଂସ୍ପର୍କରେ ଆସିଲେ ମନୁଷ୍ୟମାନଙ୍କ ଚିତ୍ତ ଝଲସି ଯାଏ ଓ ସେମାନେ ଯଥାର୍ଥରେ ହତଚକିତ ହୋଇ ପଡ଼ନ୍ତି ।

ଅବଶ୍ୟ ଦିବ୍ୟକୃପା ଭଳି କିଛି ଅଛି ଯାହାକି ଅନ୍ୟମାନଙ୍କ ଅନୁଭୂତିରୁ ଉପକୃତ ହେବା ପାଇଁ ଆମକୁ ସାହାଯ୍ୟ କରେ । ଏହା ହେଉଛି ବିଜ୍ଞାନ ଶିକ୍ଷା ଭଳି ଏକ ଜିନିଷ । ଯଦି ପ୍ରତ୍ୟେକ ବୈଜ୍ଞାନିକଙ୍କୁ ଏକ ନୂତନ ଆବିଷ୍କାର ପାଇଁ ଅତୀତରେ ହୋଇଥିବା ସମସ୍ତ ପରୀକ୍ଷା ଓ ଗବେଷଣାର ପୁନରାବୃତ୍ତି କରିବାକୁ ପଡୁ ଥାଆନ୍ତା, ଅନ୍ୟମାନେ ଯାହା ଆବିଷ୍କାର କରିଛନ୍ତି ସେସମସ୍ତ ପ୍ରକ୍ରିୟା ଭିତର ଦେଇ ଯିବାକୁ ପଡୁଥାଆନ୍ତା, ତା'ହେଲେ ତାଙ୍କର ସମଗ୍ର ଜୀବନଟା ସେଇଥିରେ କଟି ଯାଆନ୍ତା ଏବଂ ତାଙ୍କ ନିଜର ନୂତନ ଆବିଷ୍କାର ପାଇଁ ଆଉ ହାତରେ ସମୟ ରହନ୍ତା ନାହିଁ । ବର୍ତ୍ତମାନ ଆଉ ସେସବୁ ଭିତର ଦେଇ ଯିବାର ଆବଶ୍ୟକତା ନାହିଁ । ତୁମେ ବହିଟିଏ ଖୋଲିଲ ଏବଂ ପୂର୍ବର ସମସ୍ତ ଗବେଷଣାର ଫଳାଫଳଗୁଡ଼ିକୁ ପାଇଗଲ, ସେଇଠାରୁହିଁ ତୁମେ ଅଧିକ ଆଗକୁ ଯିବ । ବୁଝ, ଶ୍ରୀଅରବିନ୍ଦହିଁ ଠିକ୍ ତାହାହିଁ କରିବାକୁ ଚାହିଁଥିଲେ । ସେ ତୁମକୁ କହି ଦିଅନ୍ତି ତାଙ୍କ ପୂର୍ବରୁ ଅନ୍ୟମାନେ ଯାହା ପାଇଛନ୍ତି ତା'ର ଫଳାଫଳଗୁଡ଼ିକ,– ସେମାନେ ଯେଉଁସବୁ ପରୀକ୍ଷା କରିଥିଲେ ଓ ତା'ର ଯେଉଁ ଫଳାଫଳ ହୋଇଥିଲା – ଏବଂ ତୁମେ ବର୍ତ୍ତମାନ କେଉଁଠି ଛିଡ଼ା ହୋଇଛ, ପୃଥିବୀର ଆଧ୍ୟାତ୍ମିକ ଇତିହାସରେ ତୁମେ କେଉଁଠି ଛିଡ଼ା ହୋଇଛ । ଏବଂ ତା'ପରେ ସେ ତୁମକୁ ସେଠାରୁ ଆଗେଇ ନେଇଯାଆନ୍ତି, ଏବଂ ତୁମ ପାଇଁ ମୂଳ ଭିତ୍ତିଟି ଦୃଢ଼ଭାବେ ପ୍ରତିଷ୍ଠିତ ହୋଇଗଲା ପରେ ସେ ତୁମକୁ ପର୍ବତର ଶିଖର ଆରୋହଣ କରିବା ଦିଗରେ ଆଗେଇ ନିଅନ୍ତି ।

(M.C.W. Vol. 5, pp. 282 - 84) ✤

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

## ସଂପାଦକୀୟ ...

ପୃଥିବୀପୃଷ୍ଠରେ ଅତିମାନସ ଅବତରଣ କରିଥିଲା ଫେବ୍ରୁଆରୀ ୨୯, ୧୯୫୬ ରେ । ଅବଶ୍ୟ ସମସ୍ତେ ଦେଖି ପାରିବା ଭଳି ବା ଅନୁଭବ କରିପାରିବା ଭଳି ଏହା କୌଣସି ସ୍ଥୂଳ, ବାହ୍ୟ ଘଟଣା ନ ଥିଲା । ଏହା ଚେତନା ଜଗତର ଏକ ଘଟଣା । ଅତିମାନସ ଏକ ଦିବ୍ୟ ଚେତନା ଓ ଶକ୍ତି ରୂପେ ପ୍ରକୃତିର ରୂପାନ୍ତର ପାଇଁ ପୃଥିବୀ ଉପରେ ଅବତରଣ କରି କ୍ରିୟା କରୁଛି । ଯେଉଁମାନେ ନିଜର ଚେତନାକୁ ଯେତିକି ଭଗବତ୍ ଅଭିମୁଖୀ ଓ ଦିବ୍ୟାୟିତ କରିପାରିବେ ସେମାନେ ସେତିକି ସଚେତ ଭାବରେ ଏହାର କ୍ରିୟାକୁ ଲକ୍ଷ୍ୟ କରିପାରିବେ ଓ ତହିଁରେ ଭାଗ ନେଇ ପାରିବେ । ଏହି ନୂତନ ସତ୍ୟ ଚେତନା ପ୍ରତି ନିଜ ଚେତନାର ଉନ୍ମୋଚନ ଓ ଗ୍ରହଣଶୀଳତାହିଁ ପ୍ରଧାନ କଥା । ଅବଶ୍ୟ ଅତିମାନସ ଏପରି ଏକ ଶକ୍ତି ନୁହେଁ ଯାହା କେବଳ ସାକ୍ଷୀ ବା ଦ୍ରଷ୍ଟାଭାବ ନେଇ ନୀରବ ଓ ଉଦାସୀନ ଭାବରେ ମଣିଷ ଓ ପ୍ରକୃତିର ଅଜ୍ଞାନମୟ କ୍ରିୟାକଳାପକୁ କେବଳ ଲକ୍ଷ୍ୟ କରିଯାଏ ଓ ଏକ କଲ୍ୟାଣମୟ ଆଶୀର୍ବାଦର ଭାବ ନେଇ ଅପେକ୍ଷା କରୁଥାଏ ମଣିଷ କେବେ ତା'ର ନିଜ ଚେଷ୍ଟା ଓ ସାଧନା ବଳରେ ଅଜ୍ଞାନ କବଳରୁ ନିଜକୁ ମୁକ୍ତ କରି ଭଗବତ୍ ସତ୍ୟରେ ପହଞ୍ଚିବ । ଏହା ଏକ ଦିବ୍ୟ ସକ୍ରିୟତା ନେଇ ମଣିଷର ମିଥ୍ୟାଚାର ଓ ଭୁଲ୍ କ୍ରିୟାକଳାପରେ ହସ୍ତକ୍ଷେପ କରେ, ତା'ର ଅଜ୍ଞାନମୟ ଚେତନାକୁ ରୂପାନ୍ତରିତ କରିବା ପାଇଁ ଶକ୍ତି ପ୍ରେରଣ କରେ, ମଣିଷକୁ ଦିବ୍ୟ ସତ୍ୟ ପ୍ରତି ଉନ୍ମୋଚିତ ଓ ଗ୍ରହଣଶୀଳ କରିବା ପାଇଁ ନିଜ ତରଫରୁ ଏକ ଚାପ ଦିଏ ଓ ସେହି ଚାପକୁ ସହ୍ୟ କରିବା ପାଇଁ ମଧ୍ୟ ମଣିଷ ଭିତରେ ସାହସ, ବିଶ୍ୱାସ, ଶ୍ରଦ୍ଧା, ଧୈର୍ଯ୍ୟ ଓ ସହନଶୀଳତା ଆଦି ଦିବ୍ୟଗୁଣ ଓ ସାମର୍ଥ୍ୟ ଆଣିଦିଏ । କାରଣ ଅତିମାନସ ହେଉଛି ଏକ ଅତି ସକ୍ରିୟ ଦିବ୍ୟ ପ୍ରେମର ଶକ୍ତି, ଦିବ୍ୟକୃପାର ଶକ୍ତି ।

ଦିବ୍ୟ ପ୍ରେମ ଓ କୃପାର ମୂର୍ତ୍ତିମତୀ ରୂପ ସ୍ୱୟଂ ଦିବ୍ୟଜନନୀ ଶ୍ରୀମା ଏକ ମାନୁଷୀ ଶରୀର ନେଇ ପୃଥିବୀରେ ଜନ୍ମ ହୋଇଥିଲେ ଏହି ଅତିମାନସ ଶକ୍ତିକୁ ଅବତରଣ କରାଇବା ପାଇଁ । ପୃଥିବୀ ଓ ତା'ର ଜୀବକୁଳର ଦୁଃଖ ଦୁର୍ଦ୍ଦଶାରେ ବ୍ୟଥିତ ଶ୍ରୀଅରବିନ୍ଦଙ୍କ କରୁଣାଘନ ହୃଦୟ ତଥା ଦିବ୍ୟଦୃଷ୍ଟି ଏହି ସତ୍ୟଟିକୁ ଦେଖି ପାରିଥିଲା ଯେ ଅତିମାନସହିଁ ସେହି ଦିବ୍ୟସତ୍ୟ ଯାହା ପୃଥିବୀର ଚେତନା ଓ ପ୍ରକୃତିକୁ ଦିବ୍ୟତାରେ ରୂପାନ୍ତରିତ କରି ସ୍ଥାୟୀ ଭାବରେ ପୃଥିବୀକୁ ସମସ୍ତ ଅଜ୍ଞାନତା ଓ ଦୁଃଖକ୍ଳେଶରୁ ମୁକ୍ତ କରିଦେଇପାରେ ଓ ତା' ଭିତରେ ଏପରି ଏକ ନୂତନ ଜୀବନ ଓ ନୂତନ ଜ୍ଞାନ, ଶକ୍ତି, ପ୍ରେମ ଓ ଆନନ୍ଦର ସଞ୍ଚାର କରିପାରେ ଯାହା କ୍ରମଶଃ ସାର୍ବଜନୀନ ହୋଇ ଉଠିବ । ଭଗବାନଙ୍କର ପରମ ଆନନ୍ତ୍ୟରେ ଏହି ଅତିମାନସ ସତ୍ୟ ଚିରକାଳ ରହିଥିଲେ ମଧ୍ୟ ପୃଥିବୀ ଚେତନାର କ୍ରମବିକାଶରେ ଏହା ଏପର୍ଯ୍ୟନ୍ତ ଅଭିବ୍ୟକ୍ତ ଓ କ୍ରିୟାଶୀଳ ହୋଇ ନ ଥିଲା ତା'ର ସମୟ ଆସି ନ ଥିବା ଯୋଗୁଁ । ଏକ ନୂତନ ସତ୍ୟ ଓ ଶକ୍ତିକୁ ପୃଥିବୀରେ ଅବତରଣ କରାଇ କ୍ରିୟାଶୀଳ କରାଇବା କାମଟି ଅବତାରଙ୍କର । ମା'ଙ୍କ କହିବାନୁସାରେ ବିବର୍ତ୍ତନର ସୋପାନକ୍ରମରେ ଏକ ନୂତନ ସୋପାନ ଯୋଡ଼ି ଦେବା ପାଇଁ ଅବତାର ଆସନ୍ତି । ଏହି ନୂତନ ସୋପାନଟି ହେଉଛି ଅତିମାନସ ଏବଂ ଏଇଥିପାଇଁ ଶ୍ରୀଅରବିନ୍ଦ ଓ ତାଙ୍କର ଶକ୍ତି ଶ୍ରୀମା ଏହି ପୃଥିବୀରେ ଜନ୍ମଗ୍ରହଣ କରିଥିଲେ ।

ଶ୍ରୀମା'ଙ୍କର ଏହି ଜନ୍ମ ଗ୍ରହଣ ଆମମାନଙ୍କୁ ଉଦ୍ଧାର କରିବା ପାଇଁ ଏକ ଆତ୍ମବଳି । ଶ୍ରୀଅରବିନ୍ଦଙ୍କ କଥାରେ, ''ସେ ସନ୍ତାନମାନଙ୍କ ପ୍ରତି ଗଭୀର ଓ ବିପୁଳ ସ୍ନେହବଶରେ ଏହି ତମସାର ଆବରଣକୁ ପରିଧାନ କରିବାକୁ ସମ୍ମତ ହୋଇଛନ୍ତି, ଅଜ୍ଞାନ ଓ ମିଥ୍ୟାଶକ୍ତିରାଜିର ଆକ୍ରମଣ ଓ ସେସବୁର ପୀଡ଼ାଦାୟକ ପ୍ରଭାବକୁ କୃପା କରି ସହ୍ୟ କରିବାକୁ ସ୍ୱୀକୃତ ହୋଇଛନ୍ତି, ଜନ୍ମମୃତ୍ୟୁର ତୋରଣକୁ ପାର ହୋଇ ଚାଲି ଆସିଛନ୍ତି, ସୃଷ୍ଟିର ଯେତେ ଦୁଃଖ, ଯନ୍ତ୍ରଣା ଓ ବେଦନା ସମସ୍ତ ନିଜ ଉପରେ ଗ୍ରହଣ କରିଛନ୍ତି – କାରଣ ମନେହୁଏ ଏହାହିଁ ଏକମାତ୍ର ପନ୍ଥା, ଯଦ୍ଦ୍ୱାରା ସୃଷ୍ଟିକୁ ଜ୍ୟୋତିଃ, ଆନନ୍ଦ ଓ ସତ୍ୟର ଅନ୍ତର୍ଜୀବନ ମଧ୍ୟରେ ଉନ୍ନୀତ କରାଯାଇପାରେ । ଏହି ଯେଉଁ ବିରାଟ ଆତ୍ମବଳି, ସମୟ ସମୟରେ ଏହାର ନାମ ଦିଆହୋଇଛି ପୁରୁଷର ଯଜ୍ଞ – କିନ୍ତୁ ଗଭୀରତର ଅର୍ଥରେ ଏହା ହେଉଛି ପ୍ରକୃତିର ଯଜ୍ଞ – ଭାଗବତୀ ମା'ଙ୍କର ନିଃଶେଷରେ ଆତ୍ମବଳି ।''

ଆମେ ମଧ୍ୟ ଦେଖୁ ଯେ ମଣିଷର ମନ, ପ୍ରାଣ ଓ ଦେହର ରୂପାନ୍ତର ପାଇଁ ମା' କିପରି ଆମ ସଙ୍ଗେ ସଙ୍ଗେ ରହି, ନିଜର ସର୍ବଶକ୍ତିମତ୍ତା ସତ୍ତ୍ୱେ ମାନୁଷୀ ଚେତନାର ସୀମାଗୁଡ଼ିକୁ ନିଜେ ମାନି ନେଇ, ତାହାକୁ ଅତିକ୍ରମ କରିବାର

ପଥପ୍ରଦର୍ଶନ କରୁଥିଲେ । ବିଶେଷ କରି ନିଜ ଜୀବନର ଶେଷ ପର୍ଯ୍ୟାୟରେ ଦେହର ରୂପାନ୍ତର ସାଧନ ସମ୍ପର୍କରେ ତାଙ୍କର ଅନୁଭୂତିଗୁଡ଼ିକ ପଢ଼ିଲେ ଆମେ ଦେଖୁ ସେ କିପରି ସ୍ୱେଚ୍ଛାକୃତ ଭାବରେ ମାନୁଷୀ ଦେହର ସମସ୍ତ ତ୍ରୁଟି, ଅଜ୍ଞାନ ଓ ଅପାରଗତାକୁ ସ୍ୱୟଂ ବରଣ କରି ନେଉଥିଲେ ଆମର ଏହି ସ୍ଥୂଳ ଦେହଟିରେ ଦିବ୍ୟ ସାମର୍ଥ୍ୟ ଭରି ଦେବା ପାଇଁ । ଏପରିକି ଯାହାଙ୍କର ଏତେ ଟିକେ ସ୍ପର୍ଶ ଓ ଆଶୀର୍ବାଦ ଅଗଣିତ ନରନାରୀଙ୍କ ଦୁଃଖ, ଯନ୍ତ୍ରଣା ଦୂର କରି ସେମାନଙ୍କ ଭିତରେ ଆନନ୍ଦର ସ୍ରୋତ ବୁହାଇ ଦେଉଥିଲା, ସେହି ମା' ପୁଣି ଦେହର ସାଧନାକୁ ଆଗେଇ ନେବା ପାଇଁ ନିଜକୁ ସେହି ଆନନ୍ଦରୁ ବଞ୍ଚିତ କରି ରଖୁଥିଲେ । ଦେହର ସମସ୍ତ କଷ୍ଟ ଓ ଯନ୍ତ୍ରଣା ସହିବାକୁ ପଡୁଥିଲେ ମଧ୍ୟ ମା' ଦେହ-ଚେତନାରୁ ଅଲଗା ହୋଇ ନଯାଇ, ଦେହ ଭିତରେ ରହି ତାହାକୁ ରୂପାନ୍ତର କରିବା ପାଇଁ ଚେଷ୍ଟା କରୁଥିଲେ । କାରଣ ମା'ଙ୍କ ପାଇଁ ତାହାହିଁ ଥିଲା ଭଗବତ୍ ସଂକଳ୍ପ ଓ ଆଦେଶ ଯାହାକୁ ସେ ଶିରୋଧାର୍ଯ୍ୟ କରି ନେଇଥିଲେ । ନିଜ ଶରୀରରେ ନାନା ଯନ୍ତ୍ରଣାର ସମ୍ମୁଖୀନ ହେଉଥିଲେ ମଧ୍ୟ ମା' ଅନୁଭବ କରୁଥିଲେ ଯେପରି ଭଗବାନଙ୍କର ଅନୁମତି ନ ଥିଲା ସେ ସେହି ଶରୀର-ଚେତନାରୁ ବାହାରି ଅଲଗା ହୋଇଯିବାକୁ । ମା'ଙ୍କ ନିଜ କଥାରେ, ''... And you know, you can arrive very well at an almost absolute freedom with regard to your body, so much so that you can feel nothing, nothing at all. But I no longer have even the right to exteriorise myself, just imagine ! Even when I am quite unwell or things are quite difficult or even when I am left a little quiet, that is to say, at night, and I say to myself, "Oh, to go into my blissfulness"– it is not permitted. I am bound there (*Mother touches her body*). It is there, there that it is to be realised.''

(CWM, Vol. 11, p. 8)

ଅର୍ଥାତ୍, ''ଏବଂ ତୁମେ ଜାଣ ଯେ ତୁମ ଶରୀର ସମ୍ପର୍କରେ ତୁମେ ଏକ ପୂର୍ଣ୍ଣ ସ୍ୱାଧୀନତାର ଅବସ୍ଥାରେ ପହଞ୍ଚି ପାରିବ, ଏତେ ଅଧିକ ଭାବରେ ଯେ ତୁମେ ଆଦୌ କିଛି ଅନୁଭବ କରିପାରିବ ନାହିଁ, ଆଦୌ କିଛି ନୁହେଁ । କିନ୍ତୁ ଏପରିକି ମୋର ଶରୀର ଚେତନାରୁ ନିଜକୁ ନେଇ ବାହାରି ଯିବାର ଅଧିକାର ମଧ୍ୟ ମୋର ଆଉ ନାହିଁ । କଳ୍ପନା କର ! ଏପରିକି ଯେତେବେଳେ ମୁଁ ଖୁବ୍ ଅସୁସ୍ଥ ହୋଇପଡ଼େ ଓ ଖୁବ୍ କଷ୍ଟ ହୁଏ ବା ଏପରିକି ଯେତେବେଳେ ମୁଁ ରାତ୍ରିରେ ଟିକେ ନୀରବ, ଚୁପ୍‌ଚାପ୍ ରୁହେ ଓ ନିଜକୁ କହେ, ''ଆଃ, ବର୍ତ୍ତମାନ ମୋର ଆନନ୍ଦମୟ ଅବସ୍ଥା ଭିତରକୁ ଚାଲିଯିବି –'' ସେଥିପାଇଁ ଅନୁମତି ମିଳେ ନାହିଁ । ମୁଁ ସେହିଠାରେ ଆବଦ୍ଧ ହୋଇ ରୁହେ (*ମା' ନିଜ ଶରୀର ସ୍ପର୍ଶ କଲେ*) ସେହିଠାରେ, ସେହିଠାରେହିଁ ତାଙ୍କର ସିଦ୍ଧି ପାଇବାକୁ ହେବ ।''

ଏପରି ନୁହେଁ ଯେ ମା' ଯେଉଁ ମହାନ୍ ଦିବ୍ୟଶକ୍ତିକୁ ନେଇ କ୍ରିୟା କରୁଥିଲେ ତାହା ଆଉ ତାଙ୍କ ଅଧିକାରରେ ନ ଥିଲା, କିନ୍ତୁ ତାହା ଅନ୍ୟାନ୍ୟ କ୍ଷେତ୍ରରେ, ଅନ୍ୟାନ୍ୟ ବିଷୟ ପାଇଁ କ୍ରିୟା କରୁଥିଲେ ମଧ୍ୟ ମା'ଙ୍କ ଶରୀରରେ ହସ୍ତକ୍ଷେପ କରୁ ନ ଥିଲା । କାରଣ ଶରୀରକୁ, ଊର୍ଦ୍ଧ୍ୱର କୌଣସି ଶକ୍ତିର ହସ୍ତକ୍ଷେପ ଦ୍ୱାରା ନୁହେଁ, ନିଜ ଭିତରୁହିଁ ରୂପାନ୍ତରିତ ହେବାକୁ ହେବ । ମା'ଙ୍କ କଥାରେ, ''...the great Power that was there before, that used to be constantly felt, comes rushing, does its work, then goes away. But never on this body. It never does anything for this body – it is not a higher intervention that will change it, it is... from within.''

(CWM, Vol. 11, p. 9)

– ଅର୍ଥାତ୍, ''... ସେହି ମହାନ୍ ଦିବ୍ୟଶକ୍ତି ଯାହା ଆଗରୁ ଥିଲା ଓ ନିରନ୍ତର ଅନୁଭୂତ ହେଉଥିଲା ତାହା ହଠାତ୍ ଏକ ପ୍ଲାବନ ପରି ଆସେ, ନିଜର କାମ କରିଯାଏ ଏବଂ ତା'ପରେ ଚାଲିଯାଏ । କିନ୍ତୁ ଏହି ଶରୀର ଉପରେ ତାହା କେବେ କ୍ରିୟା କରେ ନାହିଁ, ଏହି ଶରୀର ପାଇଁ ତାହା ଆଦୌ କିଛି କରେ ନାହିଁ – ଊର୍ଦ୍ଧ୍ୱର କୌଣସି ହସ୍ତକ୍ଷେପ ଏହାକୁ ପରିବର୍ତ୍ତନ କରିବ ନାହିଁ, ଏହା ହେବ ... ଭିତରୁ ।''

ଆମ ପାଇଁ ମା'ଙ୍କର ଏହିସବୁ ସ୍ୱେଚ୍ଛାକୃତ ତ୍ୟାଗ, ଏହି ଆତ୍ମବଳିକୁ କୃତଜ୍ଞତାର ସହ ସ୍ମରଣ କରିବା ସଙ୍ଗେ ସଙ୍ଗେ ଆମକୁ ଯୋଗ୍ୟ ହେବାକୁ ହେବ ମା'ଙ୍କ ସନ୍ତାନ ରୂପେ ରୂପାନ୍ତର ପଥରେ ତାଙ୍କ ସହ ପାଦମିଳାଇ ଆଗେଇ ଯିବା ପାଇଁ । ଏଥିପାଇଁ ଆମର ପ୍ରଥମ କାମଟି ହେଲା ଆମେ ନିଜେ ଜାବୁଡ଼ି

ଧରିଥିବା ନାନା ପୁରୁଣା ଭାବନା, ବିଚାର, ଆଦର୍ଶ, ବିଶ୍ୱାସ, ପ୍ରଥା ଓ ସଂସ୍କାର ଆଦିରୁ ନିଜକୁ ମୁକ୍ତ କରିବା । ନିଜର ସମସ୍ତ ବନ୍ଧନ ଓ ଆସକ୍ତିରୁ ମୁକ୍ତ ହୋଇ ଆମ ଭିତରେ ଜାଗରିତ କରିବାକୁ ହେବ ରୂପାନ୍ତର ପଥରେ ଆଗେଇ ଯିବାର ସେହି ଅଭୀପ୍ସା ଓ ତୃଷ୍ଣାକୁ ଯାହା ସମ୍ପର୍କରେ ଶ୍ରୀମା କହିଛନ୍ତି, –

''... the thirst for progress, the thirst for knowledge, the thirst for transformation and, above all, the thirst for Love and Truth – if one keeps that, one goes quicker. Truly a thirst, a need, a need ...

" ... No more bonds – free, free. Always ready to change everything, except one thing : to aspire, this thirst.'' (CWM, Vol. 11, p. 6)

ଅର୍ଥାତ୍, – ''... ଅଗ୍ରଗତିର ଏହି ପିପାସା, ଜ୍ଞାନର ଏହି ପିପାସା, ରୂପାନ୍ତରର ପିପାସା, ଏବଂ ସର୍ବୋପରି ଦିବ୍ୟପ୍ରେମ ଓ ସତ୍ୟର ପିପାସା – ଯଦି ଜଣେ ଏହା ବଜାୟ ରଖିପାରେ, ସେ ଦ୍ରୁତଗତିରେ ଆଗେଇ ଯାଏ । ଯଥାର୍ଥରେ ଏକ ତୃଷ୍ଣା, ଏକ ପ୍ରୟୋଜନ, ଏକ ପ୍ରୟୋଜନ । ...

''... ଆଉ କୌଣସି ବନ୍ଧନ ନୁହେଁ – ମୁକ୍ତ ଓ ସ୍ୱାଧୀନ ହୁଅ । ସବୁକିଛିକୁ ବଦଳାଇ ଦେବା ପାଇଁ ସର୍ବଦା ପ୍ରସ୍ତୁତ ରୁହ, କେବଳ ସେହି ଗୋଟିଏ ଜିନିଷ ବ୍ୟତୀତ : ଏହି ଅଭୀପ୍ସା, ଏହି ପିପାସା ।''


I shall save earth, if earth consents to be saved.

(Savitri, p. 516) – Sri Aurobindo

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**




ଅମରାବତୀରେ ଶ୍ରୀଅରବିନ୍ଦ, ଜାନୁଆରୀ ୧୯୦୮

ଶ୍ରୀଅରବିନ୍ଦଙ୍କ କଲିକତା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟ ସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।

(ତୃତୀୟ ପର୍ବ)

ରଷଭଚାନ୍ଦଙ୍କର ଉକ୍ତିରେ : ''ପ୍ରକୃତରେ କହିବାକୁ ଗଲେ ଶ୍ରୀଅରବିନ୍ଦଙ୍କର ସମସ୍ତ ରାଜନୈତିକ ରଚନା ଓ ଭାଷଣରେ ପାଠକଗଣ ଲକ୍ଷ୍ୟ କରିବେ ଯେ ଅନ୍ୟ କୌଣସି ବିଷୟ ଅପେକ୍ଷା ଯେଉଁ ଏକମାତ୍ର ବିଷୟଟିର ବାରଂବାର ପୁନରାବୃତ୍ତି ଘଟିଛି, ଯେଉଁ ଏକମାତ୍ର କଥାଟି ଉପରେ ସେ ତାଙ୍କର ସ୍ୱଭାବସିଦ୍ଧ ପ୍ରଭାବ ଓ ବାଗ୍ମିତାରେ ଗୁରୁତ୍ୱ ଦେଇଛନ୍ତି, ଯେଉଁ ଏକମାତ୍ର କଥାଟି ସହିତ ସେ ତାଙ୍କର ପାଠକବୃନ୍ଦଙ୍କୁ ତଥା ଶ୍ରୋତାମଣ୍ଡଳୀଙ୍କୁ ଅନୁପ୍ରାଣିତ କରିବାକୁ ଚାହିଁଛନ୍ତି, ଯାହା ହେଉଛି ତାଙ୍କର ରାଜନୈତିକ ଓ ଆଧ୍ୟାତ୍ମିକ ଗୀତିକବିତାର ଧ୍ରୁବପଦ, ତା'ହେଉଛି ଭଗବାନ୍, ଭଗବତ୍ ଇଚ୍ଛା ନିକଟରେ ଆତ୍ମ-ସମର୍ପଣ ଏବଂ ଭଗବତ୍ ସେବା । ତାଙ୍କ ପୂର୍ବରୁ କିଂବା ପରେ ଅଦ୍ୟାବଧି (୧୯୬୦ ଦଶକରେ ଲିଖିତ) କେହି ଜଣେ ହେଲେ ରାଜନୈତିକ ନେତା ଭଗବାନଙ୍କ ସମ୍ବନ୍ଧେ ଏମିତି ମତୁଆଲା ହୋଇ ନାହାନ୍ତି, ଭଗବତ୍ ଜ୍ୟୋତିଃରେ ଏମିତି ଦୀପ୍ତିମାନ୍ ହୋଇ ନାହାନ୍ତି କିଂବା ଏମିତି ଅଭ୍ରାନ୍ତ ଭାବରେ ଭଗବତ୍ ଇଚ୍ଛା ଦ୍ୱାରା ପରିଚାଳିତ ହୋଇଥିବାର ଦୃଷ୍ଟାନ୍ତ ନାହିଁ ।''



ରଷଭଚାନ୍ଦ ସମ୍‌ସୁଖା (୧୯୦୦-୧୯୭୦)
ମୁର୍ଶିଦାବାଦ, ବଙ୍ଗଦେଶ :
୧୯୩୨ରେ ପଣ୍ଡିଚେରୀ ଆଶ୍ରମକୁ ଆସି ଆଜୀବନ ରହିଯାଇଥିଲେ । ୧୯୬୦ର ପ୍ରାରମ୍ଭରେ ଶ୍ରୀମା'ଙ୍କ ନିର୍ଦ୍ଦେଶନା ଓ ସମ୍ପାଦନାରେ ସେ ଶ୍ରୀଅରବିନ୍ଦଙ୍କର ବାହ୍ୟ-ଜୀବନ କାହାଣୀ ('Sri Aurobindo : His Life Unique') ରଚନା ଆରମ୍ଭ କରିଥିଲେ । ଏହା ୧୯୮୧ରେ ଗ୍ରନ୍ଥାକାରରେ ପ୍ରକାଶିତ ।

ଏ. ବି. ପୁରାଣୀଙ୍କ ଉକ୍ତିରୁ ଉଦ୍ଧୃତି : ''ଶ୍ରୀଅରବିନ୍ଦ ସୁରତରୁ ବରୋଦାରେ ପହଞ୍ଚିବା ପରେ ଏବଂ ଲେଲେଙ୍କ ସହିତ ଏକାନ୍ତବାସ ପୂର୍ବରୁ ଏକାଧିକ ଭାଷଣ ଦେଇଥିଲେ ... ଯଦ୍ଦ୍ୱାରା ଶ୍ରୋତାମଣ୍ଡଳୀଙ୍କ ମଧ୍ୟରୁ କେତେକଙ୍କର ଜୀବନର ଗତିପଥ ଏକେବାରେ ପରିବର୍ତ୍ତିତ ହୋଇ ଉଠିଥିଲା । ମୁଁ ମଧ୍ୟ ତାଙ୍କର ଭାଷଣ ଶୁଣୁଥିଲି; ସମ୍ପୂର୍ଣ୍ଣରୂପେ ବୁଝିପାରୁ ନଥିଲେ ବି ଏକାଗ୍ର ମନରେ ବସି ଶୁଣୁଥିଲି ଏବଂ ଏହାଠାରୁ ବଡ଼ କଥା ହେଲା ତାଙ୍କୁ ଦର୍ଶନ କରୁଥିଲି । ତାଙ୍କୁ ଦର୍ଶନ କରିବା ମାତ୍ରେହିଁ ମୋ ଅନ୍ତରରେ ଏକଥା ଦୃଢ଼ନିଶ୍ଚିତ ହୋଇ ଉଠିଥିଲା ଯେ ଏହାଙ୍କୁ ମୁଁ ପୂର୍ବରୁ ଚିହ୍ନିଛି ଏବଂ ଇଏ ମୋର ଅତି ଆପଣାର । ...''


ଇତି ମଧ୍ୟରେ ଏ. ବି. ପୁରାଣୀଙ୍କର ଅଗ୍ରଜ ଛୋଟୁଲାଲ ପୁରାଣୀଙ୍କ ସହିତ ଶ୍ରୀଅରବିନ୍ଦଙ୍କର ଏକ ବ୍ୟକ୍ତିଗତ ସାକ୍ଷାତ୍‌କାର ହୋଇଥିଲା । ... ଏହି ସାକ୍ଷାତ୍‌କାର ଫଳରେ ଗୁଜରାଟରେ ଏକ ବୈପ୍ଳବିକ ସଂଗଠନର ବୀଜବପନ ହୋଇଥିଲା ଯାହାକି ପରେ ଏକ ବିଖ୍ୟାତ ସଂଗଠନରେ ପରିଣତ ହୋଇଥିଲା ଏବଂ ଏହାର ଅନୁପ୍ରେରଣାର ଉତ୍ସ ଥିଲେ ସ୍ୱୟଂ ଶ୍ରୀଅରବିନ୍ଦ ।

ପୁରାଣୀ ଭ୍ରାତୃଦ୍ୱୟ ସମଗ୍ର ଗୁଜରାଟରେ ଶରୀରଚର୍ଚ୍ଚା କେନ୍ଦ୍ରମାନ (ବ୍ୟାୟାମଶାଳା) ପ୍ରତିଷ୍ଠା କରିବାରେ ବୀର ଅଗ୍ରଣୀ ସ୍ୱରୂପ ଥିଲେ । ଏବଂ ଏହିସବୁ ସଂଗଠନ ମଧ୍ୟ ରାଜ୍ୟର ନୈଷ୍ଠିକ ବିପ୍ଳବୀମାନଙ୍କର କେନ୍ଦ୍ରସ୍ଥଳ ଥିଲା । ଏମାନେ ତିଳକଙ୍କ ପ୍ରେରଣାରେ 'ଗୀତା'ରେ ଯେଉଁସବୁ ସ୍ଥାନରେ 'ଶ୍ରୀଭଗବାନ୍ ଉବାଚ' ମୁଦ୍ରିତ ହୋଇଥିଲା ସେହିସବୁ ସ୍ଥାନରେ 'ଶ୍ରୀଅରବିନ୍ଦ ଉବାଚ' ବୋଲି ପାଠ କରୁଥିଲେ ।





ବ୍ୟାୟାମଶାଳାରେ ଅମ୍ବାଲାଲ ବାଳକୃଷ୍ଣ ପୁରାଣୀ (A. B. Purani) ଏବଂ ତାଙ୍କର ଅଗ୍ରଜ ଛୋଟୁଲାଲ ପୁରାଣୀ



ଏ. ବି. ପୁରାଣୀ (୧୮୯୪-୧୯୬୫)

୧୯୧୬ରୁ ଶ୍ରୀଅରବିନ୍ଦଙ୍କ ସହିତ ଏ. ବି. ପୁରାଣୀ ପତ୍ରାଳାପ କରି ୧୯୧୮ରେ ପ୍ରଥମେ ଆଶ୍ରମକୁ ଆସିଥିଲେ ଏବଂ ୧୯୨୧ରେ ଆଶ୍ରମରେ ଚିରଦିନ ପାଇଁ ରହିଯାଇଥିଲେ । ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶନା ଓ ସହାୟତାରେ ୧୯୨୩ରୁ ଗୁରୁଦେବଙ୍କର ଜୀବନ-ଚରିତର ବିଶ୍ୱାସଯୋଗ୍ୟ ତଥ୍ୟସବୁର ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ । ଏବଂ ୧୯୫୮ରେ ସେସବୁ 'LIfe of Sri Aurobindo' ଗ୍ରନ୍ଥାକାରରେ ପ୍ରକାଶିତ ।

୧୯୦୮ର ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଶ୍ରୀଅରବିନ୍ଦ ବରୋଦାରୁ ପୁଣେ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଲେଲେଙ୍କୁ ତାଙ୍କ ସହିତ ଆସିବାକୁ ଅନୁରୋଧ କଲେ । ଏଥିରେ ଲେଲେ ରାଜି ହୋଇଥିଲେ ।

ପୁଣେରେ ପହଞ୍ଚିବା ପରେ ଶ୍ରୀଅରବିନ୍ଦଙ୍କ ଚେତନାର ଉପରିଭାଗରେ ମଧ୍ୟ କୌଣସି 'ଚିତ୍ତବୃତ୍ତି' ନଥିଲା । ତେଣୁ ଏହି ଅବସ୍ଥାରେ ସେ ସଭାସମିତିରେ କେମିତି ଭାଷଣ ଦେବେ, ଶ୍ରୋତାମଣ୍ଡଳୀଙ୍କୁ କେମିତି ସମ୍ଭାଷଣ ଦେବେ ?— ଏ ବିଷୟରେ ସନ୍ଦିହାନ ହୋଇ ନିଜର କର୍ତ୍ତବ୍ୟ ସମ୍ବନ୍ଧେ ଲେଲେଙ୍କ ଉପଦେଶ ଲୋଡ଼ିଲେ । ଲେଲେ ତାଙ୍କୁ କହିଥିଲେ : ''ଶ୍ରୋତାଗଣଙ୍କୁ ନମସ୍କାର କରି ଅପେକ୍ଷା କରିବ; ତା'ପରେ ମାନସୋତ୍ତର ଏକ ସ୍ତରରୁ ତୁମ ମଧ୍ୟକୁ ବକ୍ତୃତାର ପ୍ରେରଣା ଉତରି ଆସିବ ।''



ପୁଣେରେ ଶ୍ରୀଅରବିନ୍ଦ




ତଦାନୀନ୍ତନ ପୁଣେ ସହରର ସଦର ରାସ୍ତା

୧୨ ଜାନୁଆରୀରେ ତିଳକଙ୍କ ସହିତ ଶ୍ରୀଅରବିନ୍ଦ ପୁଣେର ଖଡ୍‌କି ନାମକ ସ୍ଥାନରେ ଥିବା ବ୍ରିଟିଶ ସେନାନିବାସରେ ଅନୁଷ୍ଠିତ ହେଉଥିବା ଭାରତର ବିଖ୍ୟାତ ପହିଲମାନ ରାମମୂର୍ତ୍ତି ନାଇଡୁଙ୍କର ଅସାଧାରଣ ଶାରୀରିକ ଶକ୍ତି ପ୍ରଦର୍ଶନ ସମୟରେ ଉପସ୍ଥିତ ଥିଲେ ।

ସେତେବେଳେ ଜର୍ମାନରେ 'ଶକ୍ତିମାନ୍ ପୁରୁଷ' ନାମରେ ସୁବିଖ୍ୟାତ ପହିଲମାନ ୟୁଜିନ୍ ସାଣ୍ଡୋ (୧୮୬୭-୧୯୨୫) ଇଂଲଣ୍ଡ ତଥା ଆମେରିକାରେ ମଧ୍ୟ ଶରୀରଚର୍ଚ୍ଚାରେ ବିଶାରଦ ଥିଲେ । ବୀର ହନୁମାନ୍-ଭକ୍ତ ରାମମୂର୍ତ୍ତି ମଧ୍ୟ ତାଙ୍କଠାରୁ ଶକ୍ତିଶାଳୀ ଥିବାରୁ ତାଙ୍କୁ 'ଭାରତର ସାଣ୍ଡୋ' ନାମରେ ସମ୍ବୋଧନ କରାଯାଉଥିଲା ।



ରାମମୂର୍ତ୍ତି : ପରବର୍ତ୍ତୀ କାଳରେ ରାମମୂର୍ତ୍ତିଙ୍କର ଦୁଇ ଜଣ ଶିଷ୍ୟ ଗାମା ଓ ଇମାମ୍ ମାକ୍‌ସ ପୃଥିବୀ-ବିଖ୍ୟାତ ମଲ୍ଲଯୋଦ୍ଧା ହୋଇ ଉଠିଥିଲେ ।

ରାମମୂର୍ତ୍ତିଙ୍କର ବିଚକ୍ଷଣ ଶାରୀରିକ ଶକ୍ତି ପ୍ରଦର୍ଶନ ପରେ ସେଠାରେ ଆୟୋଜିତ ଏକ ସଭାରେ ଶ୍ରୀଅରବିନ୍ଦ ତାଙ୍କ ଭାଷଣରେ ରାମମୂର୍ତ୍ତିଙ୍କୁ ଯୁବଶକ୍ତିର ଏକ ଉଚ୍ଚମାନର ନିଦର୍ଶନ ସ୍ୱରୂପ ସୂଚାଇ ଥିଲେ । ଏବଂ କହିଥିଲେ ଯେ ଏହିପରି ସମାନ ଭାବରେ ଜଣେ ନିଜର ସଂକଳ୍ପ-ଶକ୍ତିକୁ ମଧ୍ୟ ରୀତିମତ ବିକଶିତ କରି ତା'ର ତୁଙ୍ଗ ଅବସ୍ଥାରେ ପହଞ୍ଚାଇ ଦେଶର କର୍ମ ନିମିତ୍ତ ପ୍ରୟୋଗ କରି ପାରିବ ।



'କାଳ' ପତ୍ରିକାର କାର୍ଯ୍ୟାଳୟ

୧୩ ତାରିଖ ପ୍ରାତଃକାଳରେ ଶ୍ରୀଅରବିନ୍ଦ ପୁଣେର ସର୍ଦାର କାଣାଡ଼େ ୱାଡ଼ାରେ ଅବସ୍ଥିତ ଏସ୍. ଏମ୍. ପାରଞ୍ଜପେଙ୍କ ଦ୍ୱାରା ସମ୍ପାଦିତ ଜାତୀୟତାବାଦୀ ପତ୍ରିକା 'କାଳ'ର କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟାଳୟସ୍ଥିତ ଏକ ସୁବିଶାଳ ହଲ୍‌ରେ ତାଙ୍କ ନିମିତ୍ତ ମରାଠୀ ବିପ୍ଳବୀ ଗୋବିନ୍ଦ ପାଣ୍ଡୁରଙ୍ଗ ବାପଟ୍‌ଙ୍କ ଦ୍ୱାରା ଘରୋଇ ଭାବରେ ପ୍ରସ୍ତୁତ ଏକ ହାତବୋମା ବିସ୍ଫୋରଣର ପ୍ରଦର୍ଶନ କରାଯାଇଥିଲା ।

ଏହି ଦିନ ପ୍ରାତଃକାଳରେ ମଧ୍ୟ ଶ୍ରୀଅରବିନ୍ଦ ସ୍ଥାନୀୟ ସ୍ୱଦେଶୀ ଦୋକାନ ଓ ଶିଳ୍ପ ସଂସ୍ଥାମାନ ପରିଦର୍ଶନ କରିଥିଲେ ଏବଂ ସନ୍ଧ୍ୟାରେ ତିଳକଙ୍କ ବାସଭବନ, ଗାୟକ୍‌ୱାଡ୍ ୱାଡ଼ାରେ ଆୟୋଜିତ ଏକ ସାଧାରଣ ସଭାରେ ଭାଷଣ ଦେଇଥିଲେ । ... ପରିଶେଷରେ ତିଳକ ସଂକ୍ଷେପରେ ଶ୍ରୀଅରବିନ୍ଦଙ୍କ ଭାଷଣର ସାରମର୍ମକୁ ଶ୍ରୋତାଗଣଙ୍କୁ ମରାଠୀରେ ବୁଝାଇବା ସହ ବକ୍ତାଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ତିଳକଙ୍କର ଗୁରୁ



ଗାୟକ୍‌ୱାଡ୍ ୱାଡ଼ା : ଏହି ବାସଭବନକୁ ବରୋଦା ମହାରାଜା ସାୟାଜୀ ରାଓ ତିଳକଙ୍କ ସକାଶେ ନିର୍ମାଣ କରିଥିଲେ ।

ଆନ୍ନା ସାହେବ ପଟ୍ଟବର୍ଦ୍ଧନ୍ ସଭାପତିତ୍ୱ କରିଥିଲେ । ସଭା ଶେଷରେ ଆନ୍ନା ସାହେବଙ୍କ ସମେତ କେତେକ ଯୁବ-ବିପ୍ଳବୀଙ୍କ ସହ ଶ୍ରୀଅରବିନ୍ଦଙ୍କର ଏକ ଘରୋଇ ସାକ୍ଷାତ୍କାର ହୋଇଥିଲା ।

୧୫ ଜାନୁଆରୀରେ ଶ୍ରୀଅରବିନ୍ଦ ପୁଣେର ହିଙ୍ଗ୍ଣେରେ ପ୍ରସିଦ୍ଧ ଶିକ୍ଷାବିତ୍ ଓ ସମାଜ ସଂସ୍କାରକ ଶ୍ରୀଯୁକ୍ତ ଡି. କେ. କାର୍‌ଭେଙ୍କ ଦ୍ୱାରା ସ୍ଥାପିତ ଅନାଥାଶ୍ରମ ଓ ବିଧବାଶ୍ରମ ପରିଦର୍ଶନ କରିଥିଲେ ।



ହିଙ୍ଗ୍ଣେରେ ଅବସ୍ଥିତ ତଦାନୀନ୍ତନ ଅନାଥାଶ୍ରମ ଓ ବିଧବାଶ୍ରମର କିୟଦଂଶ

ଏହି ୧୫ ତାରିଖରେ ଶ୍ରୀଅରବିନ୍ଦ ପୁଣେରୁ ବମ୍ବେ ଅଭିମୁଖେ ଯାତ୍ରାରମ୍ଭ କଲେ ଏବଂ ସେଦିନ ସନ୍ଧ୍ୟାରେ ବମ୍ବେର ଗିର୍‌ଗାଓଁରେ ଆୟୋଜିତ ଏକ ସାଧାରଣ ସଭାରେ 'ଜାତୀୟ ଶିକ୍ଷା' ସମ୍ବନ୍ଧରେ ଭାଷଣ ଦେଇଥିଲେ ।


ଏହି ସମୟକାଳରେ ଶ୍ରୀଅରବିନ୍ଦଙ୍କର ଏକ ଅପୂର୍ବ ଅନୁଭୂତି ହୋଇଥିଲା । ତାଙ୍କର ନିଜସ୍ୱ ଉକ୍ତିରେ : ''ମୁଁ ବମ୍ବେରେ ଜଣେ ବନ୍ଧୁଙ୍କ ବାସଭବନରେ ଅବସ୍ଥାନ କାଳରେ ତାଙ୍କର ବାଲ୍‌କୋନିରେ ଛିଡ଼ା ହୋଇ କର୍ମମୁଖର ଗତିବିଧିରେ ଚଳଚଞ୍ଚଳ ସମଗ୍ର ସହରଟିକୁ ଦେଖୁଥିଲି । ହଠାତ୍ ମୋତେ ଲାଗିଲା ମୁଁ ଯେମିତି ଚଳଚ୍ଚିତ୍ର ଦେଖୁଛି, ସବୁକିଛି ଅବାସ୍ତବ, ମାୟା, ଛାୟା, ଅସ୍ପଷ୍ଟ ।'' — ଶୂନ୍ୟ ମନର ଅବସ୍ଥାଟି ନୀରବ ବ୍ରହ୍ମଚେତନାରେ ପରିଣତ ହୋଇଉଠିଲା । ପରେ ଶ୍ରୀଅରବିନ୍ଦ ତାଙ୍କର ଏହି ଅନୁଭୂତିକୁ ସନେଟ୍ କବିତା 'Nirvana'ରେ ଲିପିବଦ୍ଧ କରିଛନ୍ତି ।



ତଦାନୀନ୍ତନ ଗିର୍‌ଗାଓଁର ସଦର ରାସ୍ତା

୧୯ ଜାନୁଆରୀରେ ବମ୍ବେର ମହାଜନ ୱାଡ଼ିର ନ୍ୟାସନାଲ ୟୁନିୟନରେ ଆୟୋଜିତ ଏକ ସାଧାରଣ ସଭାରେ ଶ୍ରୀଅରବିନ୍ଦଙ୍କର ଭାଷଣ ଦେବାର ଥିଲା । ସଭାମଞ୍ଚକୁ ଆଗମନ କରିବାର ପୂର୍ବ ମୁହୂର୍ତ୍ତର ଘଟଣା ସମ୍ବନ୍ଧେ ଶ୍ରୀଅରବିନ୍ଦ ଏହି ମର୍ମରେ ବର୍ଣ୍ଣନା କରିଥିଲେ :

''ମୁଁ ସେତେବେଳେ ନୀରବ ନିଶ୍ଚଳ ବ୍ରହ୍ମ ଚେତନାରେ ଲୀନ ହୋଇ ରହିଥାଏ । ତେଣୁ ଲେଲେଙ୍କୁ ପଚାରିଲି, 'ମୁଁ ଏବେ କ'ଣ କରିବି ।' ଲେଲେ କହିଲେ, 'ପ୍ରାର୍ଥନା କରନ୍ତୁ ।' ମୁଁ ତାଙ୍କୁ କହିଲି, 'ମୁଁ ଏବେ ପ୍ରାର୍ଥନା କରିବାର ପ୍ରବୃତ୍ତିରେ ନାହିଁ ।' ସେ କହିଲେ, 'ତେବେ ମୁଁ ଏବଂ ଅନ୍ୟ କେତେଜଣ ଆପଣଙ୍କ ସକାଶେ ପ୍ରାର୍ଥନା କରିବୁ । ଆପଣ କେବଳ ସଭାମଞ୍ଚକୁ ଯାଇ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ 'ଜନତା ଜନାର୍ଦ୍ଦନ' ସଦୃଶ ଭାବି ନମସ୍କାର କରିବେ ଏବଂ ଆପଣଙ୍କୁ ନିମିତ୍ତ ମାତ୍ର କରି ଅନ୍ତରରୁ ଏକ କଣ୍ଠସ୍ୱର ଭାଷଣ ଦେବ ।' ମୁଁ ଲେଲେଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ସଭାମଞ୍ଚରେ ଦଣ୍ଡାୟମାନ ହେଲି । ...''



ତଦାନୀନ୍ତନ ବମ୍ବେ ସହର (ରାଜା ବାଇ କ୍ଲକ୍ ଟାୱାରରୁ ଦୃଶ୍ୟ)

ଏହି ଭାଷଣର ମୁଖ୍ୟ ବିଷୟବସ୍ତୁ ଥିଲା : 'What is the one thing needful ?'



ସର୍ଦାର ମଜୁମ୍‌ଦାରଙ୍କ ପ୍ରଦତ୍ତ ପଶ୍ମିନା ଶାଲ ପରିହିତ ଶ୍ରୀଅରବିନ୍ଦ

୧୬ ଜାନୁଆରୀ ୧୯୦୮ରେ ବମ୍ବେରେ ଶ୍ରୀଅରବିନ୍ଦଙ୍କ ସକାଶେ ଆୟୋଜିତ ଏକ ଅତିଥି ସତ୍କାର ସମାରୋହରେ ସ୍ଥାନୀୟ ନ୍ୟାସନାଲ ୟୁନିୟନର ସଦସ୍ୟବୃନ୍ଦ ତାଙ୍କୁ ଏହି ଫଟୋଗ୍ରାଫଟି ଉପହାର ଦେଇଥିଲେ । ଏହା ଆଇଭରି-ନିର୍ମିତ ଫଳକରେ ମୁଦ୍ରିତ ହୋଇଥିଲା ।

ବମ୍ବେରେ ଶ୍ରୀଅରବିନ୍ଦ ଜାନୁଆରୀ ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ରହିଥିଲେ । ଶ୍ରୀଅରବିନ୍ଦଙ୍କୁ ତିଳକ ଏହି ମର୍ମରେ ଅନୁରୋଧ କରିଥିଲେ ଯେ ବମ୍ବେରୁ କଲିକତା ଅଭିମୁଖୀ ହେବା ବେଳେ ସେ ମରାଠୀ ସଂସ୍କୃତିର ଏବଂ ଜାତୀୟତାବାଦୀମାନଙ୍କର ସୁରକ୍ଷିତ ପ୍ରତିଷ୍ଠାନମାନ ପରିଦର୍ଶନପୂର୍ବକ ସେସବୁ ଜାଗାରେ ଭାଷଣ ଦେବେ ।

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ‘‘ବମ୍ବେରୁ ଲେଲେଙ୍କଠାରୁ ବିଦାୟ ନେବା ବେଳେ ମୁଁ ତାଙ୍କର ନିର୍ଦେଶ ଲୋଡ଼ିଲି । ସେ ମୋତେ ପୁଙ୍ଖାନୁପୁଙ୍ଖ ନିର୍ଦେଶ ଦେଉଥିଲେ । ହଠାତ୍ ମୋ ଅନ୍ତରରୁ ସ୍ୱତଃ ଏକ ମନ୍ତ୍ର ଗୁଞ୍ଜରିତ ହୋଇଉଠିଲା ଏବଂ ସେଇଟିକୁ ମୁଁ ତାଙ୍କୁ କହିଲି । ଏହା ଶୁଣି ସେ ରହିଗଲେ ଏବଂ ମୋତେ ପଚାରିଲେ, ‘ଅନ୍ତରସ୍ଥ ଭଗବାନ୍ ଯିଏ ତୁମକୁ ଏହି ମନ୍ତ୍ର ଦେଲେ, ତାଙ୍କଠାରେ ତୁମେ ସମ୍ପୂର୍ଣ୍ଣ ରୂପେ ନିର୍ଭରତା ରଖି ପାରିବ କି ?’ ମୁଁ ତାଙ୍କୁ ଉତ୍ତର ଦେଲି, ‘ମୁଁ ସର୍ବଦା ତାହାହିଁ କରିଥାଏ ।’ ତା’ପରେ ସେ କହିଲେ, ‘ତା’ହେଲେ ଅଧିକ ନିର୍ଦେଶ ଦେବାର ଆବଶ୍ୟକତା ନାହିଁ । ... ଭବିଷ୍ୟତରେ ଆନ୍ତର ମାର୍ଗ-ପ୍ରଦର୍ଶକଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କର, ଯେପରି ମାନବୀୟ ମାଧ୍ୟମ ନିକଟରେ କରି ପାରିଛ ।’ ଏହା ଥିଲା ଏକ ସିଦ୍ଧାନ୍ତ ବରଂ ଏକ ବୀଜ-ଶକ୍ତି ଯାହାକୁ ମୁଁ ଅଟଳ ଭାବରେ ଅଧିକରୁ ଅଧିକ ଧରି ରଖିଥିଲି; ...’’

(ମେ ୧୯୩୨ରେ ଲିଖିତ)

୨୪ ଜାନୁଆରୀରେ ଶ୍ରୀଅରବିନ୍ଦ ବମ୍ବେରୁ ବିଦାୟ ନେଇ ସେହି ଦିନ ସନ୍ଧ୍ୟାରେ ମହାରାଷ୍ଟ୍ରର ନାସିକରେ ପ୍ରଥମେ ଅଟକିଲେ । ଏବଂ ସେଠାରେ ବିପୁଳ ଜନସମାବେଶରେ ଦେଢ଼ ଘଣ୍ଟା ଧରି ‘ସ୍ୱରାଜର ତାତ୍ପର୍ଯ୍ୟ’ ସମ୍ବନ୍ଧେ ଭାଷଣ ଦେଇଥିଲେ । ତାଙ୍କ ଭାଷଣର କିୟଦଂଶ : ‘‘... ଆମର ଜୀବନ ଧାରଣ ହେଉଛି ସ୍ୱରାଜ, ସ୍ୱରାଜ ହେଉଛି ଅମୃତ, ଅମର, ସ୍ୱରାଜ ହେଉଛି ମୁକ୍ତି । ... ସ୍ୱରାଜରେହିଁ ରହିଛି ତା’ର ସ୍ୱରାଜ (ସ୍ୱାଧୀନତା) ଲାଭ ନିମିତ୍ତ ଯୋଗ୍ୟତା ପ୍ରାପ୍ତି । ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ ହେଉଛି ଏହି ସ୍ୱରାଜ ଲାଭ ନିମିତ୍ତ ଉପାୟଗୁଡ଼ିକ ମଧ୍ୟରେ



ତଦାନୀନ୍ତନ ନାସିକ ସହରର ଏକ ଦୃଶ୍ୟ



ଧୁଳିୟାରେ ଆୟୋଜିତ ସଭାମଣ୍ଡପରେ ସଦସ୍ୟବୃନ୍ଦଙ୍କ ସହ ଶ୍ରୀଅରବିନ୍ଦ

ସର୍ବପ୍ରଥମ ଓ ସର୍ବପ୍ରଧାନ । ... ତେଣୁ ସେହିଁ ଆମର ସବୁକିଛି । ତୁକାରାମ, ରାମଦାସ ସ୍ୱାଧୀନତାର ବାଣୀ ପ୍ରଚାର କରିଥିଲେ, ଆଉ ଶିବାଜି ଏହାକୁ ଅଧ୍ୟବସାୟପୂର୍ବକ ଲାଭ କରିଥିଲେ । ବର୍ତ୍ତମାନ ଯୁଗରେ ସମଗ୍ର ଦେଶର ଯୁବଶକ୍ତିଙ୍କ ମାଧ୍ୟମରେ ଏଥି ନିମିତ୍ତ ଭଗବାନଙ୍କ ଇଚ୍ଛାଶକ୍ତି ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟ କରିଚାଲିଛି, ତେଣୁ ବିଜୟ ସୁନିଶ୍ଚିତ । ...''

୨୫ ତାରିଖରେ ନାସିକରୁ ଶ୍ରୀଅରବିନ୍ଦ ମହାରାଷ୍ଟ୍ରର ଧୁଳିୟା ଅଭିମୁଖେ ଯାତ୍ରା କଲେ । ସେଠାରେ ୨୬ ତାରିଖରେ 'ସ୍ୱଦେଶୀ ଓ ବୟକଟ୍' ଉପରେ ଏକ ସାରଗର୍ଭକ ଭାଷଣ ଦେଇଥିଲେ । ତହିଁ ପରଦିନ ଆକୋଲାରେ ପହଞ୍ଚି ସେଠାକାର ସ୍ୱଦେଶୀ ଅନୁଷ୍ଠାନଗୁଡ଼ିକ ପରିଦର୍ଶନ କରିଥିଲେ ।



ତଦାନୀନ୍ତନ ଅମରାବତୀର ଏକ ଦୃଶ୍ୟ

୨୮ ତାରିଖରେ ଶ୍ରୀଅରବିନ୍ଦ ମହାରାଷ୍ଟ୍ରର ଅମରାବତୀରେ ପଦାର୍ପଣ କରି ତାଙ୍କର ଘନିଷ୍ଠ ବନ୍ଧୁ ଗଣେଶ ଶ୍ରୀକୃଷ୍ଣ ଖପାର୍ଦ୍ଦେଙ୍କର ବାସଭବନରେ ଆତିଥ୍ୟ ଗ୍ରହଣ କଲେ । ସେଦିନ ସନ୍ଧ୍ୟା ୫ଟା ୪୦ ମିନିଟରେ ତାଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ରାୟ ଚାରି ହଜାର ବ୍ୟକ୍ତି ଏକତ୍ରିତ ହୋଇ ବିପୁଳ ସମ୍ବର୍ଦ୍ଧନାପୂର୍ବକ ଏକ ଭିକ୍ଟୋରିଆ (ଘୋଡ଼ା)ଗାଡ଼ିରେ ତାଙ୍କୁ ବସାଇ ଖପାର୍ଦ୍ଦେଙ୍କ ବାସଭବନରୁ ସଭାସ୍ଥଳ ଇନ୍ଦ୍ରଭବନ ଥିଏଟର ଅଭିମୁଖେ ଶୋଭାଯାତ୍ରାରେ ବାହାରିଲେ । ...



ଗଣେଶ ଶ୍ରୀକୃଷ୍ଣ ଖପାର୍ଦ୍ଦେ



ଖପାର୍ଦ୍ଦେଙ୍କ ବାସଭବନରେ ଶ୍ରୀଅରବିନ୍ଦଙ୍କ ବ୍ୟବହୃତ କକ୍ଷ



ଖପାର୍ଦ୍ଦେଙ୍କ ବାସଭବନ

ଅମରାବତୀର ସଭାସ୍ଥଳ ଇନ୍ଦ୍ରଭବନ ଥିଏଟରରେ (୨୮ ତାରିଖରେ) ଶ୍ରୀଅରବିନ୍ଦ ସନ୍ଧ୍ୟା ସାତଟାରେ ତିନି ହଜାରରୁ ଊର୍ଦ୍ଧ୍ୱ ଶ୍ରୋତାଙ୍କ ଦ୍ୱାରା ଭରପୂର ହଲଟିରେ 'ସ୍ୱଦେଶୀ, ସ୍ୱରାଜ ଓ ଜାତୀୟ ଶିକ୍ଷା' ଉପରେ ଭାଷଣ ଦେଇଥିଲେ ।

୨୯ ତାରିଖରେ ଶ୍ରୀଅରବିନ୍ଦ ଅମରାବତୀରେ 'କାଶିବାଈ ଜାତୀୟ ବିଦ୍ୟାଳୟ' ସମ୍ମୁଖସ୍ଥ ପ୍ରଶସ୍ତ ଜଗସ୍ ସ୍କୋୟାର ମଇଦାନରେ ଆୟୋଜିତ ଏକ ବିରାଟ ସାଧାରଣ ସଭାରେ ଭାଷଣ ଦେଇଥିଲେ । ଉପସ୍ଥିତ ବିପୁଳ ଜନସମାବେଶରେ ସମବେତ କଣ୍ଠରେ 'ବନ୍ଦେ ମାତରମ୍' ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଶ୍ରୀଅରବିନ୍ଦ ଏହି 'ବନ୍ଦେ ମାତରମ୍' ସଙ୍ଗୀତ ଉପରେ ଦେଇଥିବା ଭାଷଣର କିୟଦଂଶ :



ଇନ୍ଦ୍ରଭବନ ଥିଏଟର



ବଙ୍କିମଚନ୍ଦ୍ର

''... ଏହି ମନ୍ତ୍ର-ସଙ୍ଗୀତକୁ 'ଆନନ୍ଦମଠ'ର ରଚୟିତା ପ୍ରତ୍ୟାଦିଷ୍ଟ ଋଷି ବଙ୍କିମଚନ୍ଦ୍ର ତାଙ୍କର ସନ୍ନ୍ୟାସୀ-ଗୁରୁଙ୍କଠାରୁ କୃପାଲାଭପୂର୍ବକ ଆମମାନଙ୍କଠାରେ ପ୍ରକଟ କରିଥିଲେ । ଏବଂ ବଙ୍କିମଙ୍କର ଭବିଷ୍ୟତ୍ ବାଣୀ ଥିଲା ଯେ ଦେଶରେ ଏମିତି ଏକ ମୁହୂର୍ତ୍ତ ଆସିବ ଯେତେବେଳେ ଏହି ମନ୍ତ୍ର-ସଙ୍ଗୀତ ଗାନରେ ସମଗ୍ର ଦେଶ ପ୍ରତିଧ୍ୱନିତ୍ୱ ହୋଇଉଠିବ । ଆଜି ଏହି ଭବିଷ୍ୟ-ବକ୍ତାଙ୍କର ମୁଖନିଃସୃତ ବାଣୀ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ ମର୍ମସ୍ପର୍ଶୀ ଭାବରେ ସଫଳ ହୋଇଛି । ...''

ଶ୍ରୀଅରବିନ୍ଦଙ୍କର ଏହି ଭାଷଣ ସମ୍ବନ୍ଧେ ତତ୍‌କାଳୀନ ଏକ ସ୍ଥାନୀୟ ପତ୍ରିକାରେ ପ୍ରକାଶିତ ହୋଇଥିବା ଅଭିମତର ଶେଷାଂଶ ଏହିପରି ଥିଲା :

''... ଯେଉଁ ଭାବରେ ଶ୍ରୀଅରବିନ୍ଦ ପ୍ରେମ ଓ ଭକ୍ତିର ବ୍ୟାଖ୍ୟା କଲେ, ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା ଏବଂ ଉପସ୍ଥିତ ଶ୍ରୋତୃବର୍ଗ ସ୍ଥାନ, କାଳ ଭୁଲି ଜୀବନର ଉଚ୍ଚତର ରହସ୍ୟସବୁକୁ ସେମାନଙ୍କ ସାମନାରେ ଉଦ୍‌ଘାଟିତ କରୁଥିବା ଜଣେ ମହାପୁରୁଷଙ୍କର ବଚନାମୃତକୁ ନିଶ୍ଚଳ ନିର୍ବାକ୍ ସ୍ଥିତିରେ ଶ୍ରବଣ କରୁଥିଲେ ।''



ଜଗସ୍ ସ୍କୋୟାରର କିୟଦଂଶ

ଅମରାବତୀରୁ ଶ୍ରୀଅରବିନ୍ଦ ନାଗପୁର ଅଭିମୁଖେ ଯାତ୍ରା କରି ସେଠାରେ ତିନୋଟି ଭାଷଣ ଦେଇଥିଲେ । ନାଗପୁରସ୍ଥ ଭେଙ୍କଟେଶ୍ ଥିଏଟରରେ ୩୦ ଜାନୁଆରୀରେ ପ୍ରଦତ୍ତ ଭାଷଣଟି 'ଜାତୀୟତାବାଦୀ ଦଳର କର୍ମଧାରା' ବିଷୟ ଉପରେ ଥିଲା । ଦ୍ୱିତୀୟଟି (ଖୁବ୍ ସମ୍ଭବତଃ ସେହି ସମାନ ସ୍ଥାନରେ) ୩୧ ଜାନୁଆରୀରେ; ଭାଷଣର ବିଷୟବସ୍ତୁ ଥିଲା, 'ଆମ୍ଭମାନଙ୍କର ଭବିଷ୍ୟତ୍ କର୍ତ୍ତବ୍ୟ-କର୍ମ' । ଏହି ଭାଷଣର ଶେଷାଂଶ ଏହିପରି ଥିଲା : ''... ଏହି ରାଜନୈତିକ ଆନ୍ଦୋଳନର ପଶ୍ଚାତରେ ଭଗବାନଙ୍କ ଶକ୍ତି ଚିର ବିଦ୍ୟମାନ ରହିଛି ଏବଂ



ତଦାନୀନ୍ତନ ନାଗପୁର ସହରର ଏକ ଦୃଶ୍ୟ



ନାଗପୁର ସହରର ଏକ ପ୍ରଧାନ ଛକ

ନେତାଗଣ ନୁହଁନ୍ତି, ସ୍ୱୟଂ ଭଗବାନହିଁ ଏହାର ପରିଚାଳନା କରୁଛନ୍ତି । ପ୍ରକୃତରେ କହିବାକୁ ଗଲେ ଏହା ହେଉଛି ଆଧ୍ୟାତ୍ମିକ ବିପ୍ଳବ ଏବଂ ଏହାର ଭିତ୍ତିସ୍ଥାପନ ଓ ପ୍ରସ୍ତୁତି ରାଜନୈତିକ ବିପ୍ଳବ ଦ୍ୱାରାହିଁ ଚାଲିଛି । ଯଦି ଦେଶବାସୀଗଣ ଏହି ଜାତିର ନବଜନ୍ମ ବା ପୁନର୍ଗଠନର ଆଶାପୋଷଣ କରନ୍ତି ତେବେ ସେମାନେ ପ୍ରତ୍ୟେକେ ସର୍ବାନ୍ତଃକରଣରେ ନିଜ ନିଜକୁ ଭଗବାନଙ୍କଠାରେ ଉତ୍ସର୍ଗ କରିବା ନିମିତ୍ତ ନିୟତ ପ୍ରସ୍ତୁତ ରହିବା ଉଚିତ ।''

୧୯୦୮ର ଫେବ୍ରୁଆରୀ ପହିଲାରେ ଶ୍ରୀଅରବିନ୍ଦଙ୍କର ତୃତୀୟ ଭାଷଣଟି ନାଗପୁରସ୍ଥ ଇତ୍‌ୱାର୍ ବଜାରରେ ଥିଲା । ଭାଷଣଟିର ବିଷୟବସ୍ତୁ ଥିଲା : 'ବାଣିଜ୍ୟିକ ସ୍ୱରାଜ ଓ ଶିକ୍ଷାଭିତ୍ତିକ ସ୍ୱରାଜ' । ଏହି ଭାଷଣର ଶେଷରେ ସେ ଦେଶର ବିତ୍ତଶାଳୀ ବ୍ୟକ୍ତିଗଣଙ୍କୁ ସନିର୍ବନ୍ଧ ଅନୁରୋଧ କରି କହିଥିଲେ ଯେ ସେମାନେ ସ୍ୱଦେଶୀମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ, ଯଦି ଏଥିନିମିତ୍ତ ସେମାନଙ୍କୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼େ, ତେବେ ସ୍ୱତଃସ୍ଫୂର୍ତ୍ତ ଭାବରେ ସେମାନେ ତ୍ୟାଗ ସ୍ୱୀକାର କରି ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ । ... ଯଦି ଦେଶରେ ବାଣିଜ୍ୟିକ ଏବଂ ଶିକ୍ଷାଭିତ୍ତିକ ସ୍ୱରାଜ ଆସେ ତେବେ ଏହାର ସ୍ୱାଭାବିକ ବା ଅପରିହାର୍ଯ୍ୟ ଫଳସ୍ୱରୂପ ରାଜନୈତିକ ସ୍ୱରାଜ ଆସିବହିଁ ଆସିବ ।



ନାଗପୁରର ଏକ ସ୍ୱଦେଶୀ ବଜାର

ଶ୍ରୀଅରବିନ୍ଦ ୧୯୦୮, ଫେବ୍ରୁଆରୀ ପ୍ରଥମ ସପ୍ତାହରେ କଲିକତାରେ ପହଞ୍ଚି ପ୍ରଥମେ ସୁବୋଧ ମଲ୍ଲିକଙ୍କ ବାସଭବନରେ ରହିଥିଲେ । ତା'ପରେ ୨୩ ନଂ. ସ୍କଟ୍ସ୍ ଲେନ୍ ଭଡ଼ାଘରେ ରହିଲେ । ଏବଂ ୧୨-୧୩ ଫେବ୍ରୁଆରୀରେ ପୂର୍ବବଙ୍ଗର ପବନାରେ ଅନୁଷ୍ଠିତ 'ଜାତୀୟ କଂଗ୍ରେସର ପ୍ରାଦେଶିକ ସମ୍ମିଳନୀ'ରେ ଯୋଗ ଦେଲେ ।

ଉପରୋକ୍ତ ସମ୍ମିଳନୀରେ 'ଜାତୀୟ ଶିକ୍ଷା'କୁ ପୂର୍ବାପେକ୍ଷା ଅଧିକତର ଗୁରୁତ୍ୱ ଓ ପ୍ରୋତ୍ସାହନର ସହିତ ଆନୁଷ୍ଠାନିକ ଭାବରେ ସ୍ୱୀକାର କରାଗଲା । ଏହାର ମୌଳିକ ସିଦ୍ଧାନ୍ତ ଥିଲା – ସମଗ୍ର ଦେଶରେ ଜାତୀୟ ଲକ୍ଷ୍ୟ ଓ ଆବଶ୍ୟକତାକୁ ଭିତ୍ତି କରି ଅଧିକରୁ ଅଧିକ ଜାତୀୟ ଶିକ୍ଷାନୁଷ୍ଠାନମାନ ଗଠନପୂର୍ବକ ସେସବୁକୁ ସ୍ଥାୟୀ ଭାବରେ ଚାଲୁ ରଖିବା । ଶ୍ରୀଅରବିନ୍ଦ ଏହି ଦୁଇଦିନ ଧରି ସଭାରେ ଉପରୋକ୍ତ ପ୍ରସ୍ତାବକୁ ସବିଶେଷ ଭାବରେ ବ୍ୟକ୍ତ କରି ଶେଷରେ ଏକ ଗଭୀର ପ୍ରେରଣାଦାୟକ ସଂକ୍ଷିପ୍ତ ଭାଷଣ ଦେଇଥିଲେ ।



୨୩ ନଂ. ସ୍କଟ୍ସ୍ ଲେନ୍ ବାସ ଭବନ



Bande Mataram

Weekly Edition.

PUBLISHED EVERY SUNDAY.

Price One Anna. Price One Anna.

VOL. I. CALCUTTA, SUNDAY, SEPTEMBER 29, 1907. NO. 18.

ସାପ୍ତାହିକ 'ବନ୍ଦେ ମାତରମ୍'




ପବନାର ଏକ ଦୃଶ୍ୟ


ଫେବ୍ରୁଆରୀ ୧୮ରେ ଶ୍ରୀଅରବିନ୍ଦ 'ବନ୍ଦେ ମାତରମ୍'ରେ ଲେଖିଲେ : ''ଅଦ୍ୟାବଧି ଆମମାନଙ୍କୁ ଅଜ୍ଞାତ ଥିବା ଏକ ସମ୍ପୂର୍ଣ୍ଣ ନୂତନ ଭାବଧାରାର ସ୍ୱଦେଶାନୁରାଗ ପବନା ସମ୍ମିଳନୀରେ ଦେଖିବାକୁ ମିଳିଲା । ଯେଉଁସବୁ ପ୍ରସ୍ତାବ ଗୃହୀତ ହେଲା ବା ପଦକ୍ଷେପ ନିଆଗଲା, ସେସବୁ ଏକ ସୌହାର୍ଦ୍ଦପୂର୍ଣ୍ଣ ମନୋଭାବରେ ହିଁ ନିଆଯାଇଥିଲା, ଯାହାକି ଇତିପୂର୍ବରୁ କଂଗ୍ରେସରେ ବା କୌଣସି ଅଧିବେଶନରେ କେବେହେଲେ ଦେଖାଯାଇ ନଥିଲା । ଅଦ୍ୟାବଧି ଆମେମାନେ କେବଳ ଆମମାନଙ୍କର ଆଦର୍ଶ ଓ ପଦ୍ଧତିଗୁଡ଼ିକୁ ନେଇ ତର୍କବିତର୍କରେ ମାତିଥିଲୁ । ପବନା ସମ୍ମିଳନୀରେ ଆମେ ଦୃଢ଼ନିଶ୍ଚିତ ହେଲୁ ଯେ ସମଗ୍ର ଦେଶ, ଅନ୍ତତଃପକ୍ଷେ ବେଙ୍ଗଲ, ଏପରି ଏକ ସ୍ଥିତିରେ ପହଞ୍ଚିଛି ଯେଉଁଠି ଏହିସବୁ ତର୍କବିତର୍କର ଆଉ ଆବଶ୍ୟକତା ନାହିଁ । ଆମେମାନେ ଆମମାନଙ୍କର କାର୍ଯ୍ୟଧାରାର ଆଦର୍ଶଗତ ଖାତିରରେ

ହେଉ ବା ଭୟର ଖାତିରରେ ହେଉ, ଯାହାକିଛି କହିଥାଉନା କାହିଁକି, ସମଗ୍ର ଦେଶ ଏବେ ଏକ। 'ସ୍ୱରାଜ' ହେଉଛି ଆମମାନଙ୍କର ଏକମାତ୍ର ଉଦ୍ଦେଶ୍ୟ, ସମ୍ପୂର୍ଣ୍ଣ ଓ ଅକପଟ 'ସ୍ୱରାଜ'– ଏକଥା ବେଙ୍ଗଲର ହୃଦୟ ସ୍ୱୀକାର କରି ନେଇଛି। ...''

ପବନାରୁ ଶ୍ରୀଅରବିନ୍ଦ କଲିକତାରେ ପହଞ୍ଚି ତାଙ୍କର ସ୍କଟ୍‌ସ୍ ଲେନ୍ ବାସଭବନରୁ ୧୭ ଫେବ୍ରୁଆରୀ, ୧୯୦୮ରେ ମୃଣାଳିନୀ ଦେବୀଙ୍କୁ ପତ୍ର ଲେଖିଥିଲେ : (ମୃଣାଳିନୀ ଦେବୀ ସେତେବେଳେ ତାଙ୍କର ପିତୃଗୃହ ଶିଲଂରେ ଥିଲେ।)


ଶ୍ରୀଅରବିନ୍ଦଙ୍କ ସହ ମୃଣାଳିନୀ ଦେବୀ (୧୯୦୧)

''... ଜାନୁଆରୀ ୮ ତାରିଖରେ ଆସିବାର କଥା ଥିଲା, ଆସି ପାରିଲି ନାହିଁ। ତାହା ମୋ ଇଚ୍ଛାରେ ଘଟି ନାହିଁ। ଯେଉଁଠାକୁ ଭଗବାନ୍ ନେଇଗଲେ, ସେଠାକୁ ଯିବାକୁ ହେଲା। ଏଥର ମୁଁ ନିଜ କାର୍ଯ୍ୟରେ ଯାଇ ନଥିଲି, ତାଙ୍କରି କାର୍ଯ୍ୟରେ ଯାଇଥିଲି। ଏଥର ମୋ ମନର ଅବସ୍ଥା ଅନ୍ୟ ପ୍ରକାର ହୋଇଛି, ... ତୁମେ ଏଠାକୁ ଆସିଲେ (ସେ କଥା) କହିବି। କେବଳ ଏଠାରେ ଏତିକି କହି ରଖୁଛି ଯେ ଏହା ପରେ ମୁଁ ଆଉ ମୋର ଇଚ୍ଛାଧୀନ ନୁହେଁ। ଯେଉଁଠାକୁ ଭଗବାନ୍ ମୋତେ ନେଇଯିବେ ସେଇଠାକୁ କଣ୍ଢେଇ ପରି ଯିବାକୁ ହେବ, ଯାହା କରାଇବେ ତାହା ପିତୁଳା ପରି କରିବାକୁ ହେବ। ବର୍ତ୍ତମାନ ଏହି କଥାର ଅର୍ଥ ବୁଝିବା ତୁମ ପକ୍ଷରେ କଠିନ ହୋଇପାରେ, ତେବେ କହିବା ଆବଶ୍ୟକ, ନଚେତ୍ ମୋର ଗତିବିଧି ତୁମର ଆକ୍ଷେପ ଓ ଦୁଃଖର କାରଣ ହୋଇପାରେ। ... ବର୍ତ୍ତମାନ ମୋର ଆଉ ସ୍ୱାଧୀନତା ନାହିଁ, ଏହା ପରେ ତୁମକୁ ବୁଝିବାକୁ ହେବ ଯେ ମୋର ସମସ୍ତ କାର୍ଯ୍ୟ ମୋ ଇଚ୍ଛାନୁଯାୟୀ ନହୋଇ ଭଗବାନଙ୍କ ଆଦେଶରେହିଁ ହେଉଛି। ...''



ତଦାନୀନ୍ତନ ଶିଲଂର ଏକ ଦୃଶ୍ୟ

ପ୍ରକୃତରେ କହିବାକୁ ଗଲେ ବମ୍ବେରେ ଲେଲେଙ୍କଠାରୁ ବିଦାୟ ନେବା ମୁହୂର୍ତ୍ତରୁହିଁ ଶ୍ରୀଅରବିନ୍ଦଙ୍କର ପରବର୍ତ୍ତୀ ଜୀବନଧାରା ଅନ୍ୟ ପ୍ରକାରେ ହୋଇ ଉଠିଥିଲା। ଏହା ଥିଲା : ''ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ ଯଥା ନିଯୁକ୍ତୋଽସ୍ମି ତଥା କରୋମି।''


ବାରୀନ୍ ୧୯୦୮ ଜାନୁଆରୀର ମଧ୍ୟଭାଗରେ ଲେଲେ ଓ ଶ୍ରୀଅରବିନ୍ଦଙ୍କଠାରୁ ବିଦାୟ ନେଇ କଲିକତାରେ ପହଞ୍ଚିଲେ । ଏବଂ ଦ୍ୱିଗୁଣ ଉତ୍ସାହ ଓ ଉଦ୍ଦୀପନାର ସହିତ 'ଗୁପ୍ତ ବିପ୍ଳବ ସମିତି'ର କ୍ରିୟାକଳାପରେ ମନ-ପ୍ରାଣ ଢାଳି ଦେଲେ । ପ୍ରକାଶ ଥାଉକି ଦେଶର ସ୍ୱାଧୀନତା ପ୍ରାପ୍ତି ନିମିତ୍ତ ଶ୍ରୀଅରବିନ୍ଦଙ୍କ ପନ୍ଥା ଏବଂ ବାରୀନ୍‌ଙ୍କ ପନ୍ଥା ମଧ୍ୟରେ ବରାବର ମୌଳିକ ତଫାତ୍ ରହିଥିଲା । ... ତେଣୁ କର୍ମର ଗୁରୁତ୍ୱରେ ନିରାପତ୍ତା ଓ ସୁବିଧା ନିମିତ୍ତ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶରେ ବାରୀନ୍ ସ୍କଟ୍‌ସ୍ ଲେନ୍ ବାସଭବନରେ ନରହି ନଗର ଉପକଣ୍ଠରେ ଥିବା ତାଙ୍କର ପୈତୃକ ସମ୍ପତ୍ତି ମୁରାରୀପୁକୁର ବଗିଚା-ଘରେ ବିପ୍ଳବୀ ଦଳର କେତେକ ସଦସ୍ୟଙ୍କ ସହ ରହିଲେ । ...


ଇତିମଧ୍ୟରେ ବାରୀନ୍ ନିଜର ଭବିଷ୍ୟତ୍ କର୍ମପନ୍ଥା ଅବଲମ୍ବନରେ ଦୋଦୁଲ୍ୟମାନ ସ୍ଥିତିରେ ଉପନୀତ ହୋଇ ଲେଲେଙ୍କୁ ଥରେ କଲିକତା ଆସିବାକୁ ଅନୁରୋଧ କରି ପତ୍ର ଲେଖିଲେ । ଖୁବ୍ ସମ୍ଭବତଃ ୧୯୦୮ ଫେବ୍ରୁଆରୀ ମାସର ଶେଷ ଆଡ଼କୁ ଲେଲେ ତାଙ୍କର ଜଣେ ମରାଠୀ ଶିଷ୍ୟଙ୍କ ସାଥିରେ ଶ୍ରୀଅରବିନ୍ଦଙ୍କ ସ୍କଟ୍‌ସ୍ ଲେନ୍ ବାସଭବନରେ ଆସି ପହଞ୍ଚିଲେ । ...


ବାରୀନ୍


ମୁରାରୀପୁକୁରର ମାଣିକତଳା ବଗିଚା-ଘର

ଲେଲେ ଶ୍ରୀଅରବିନ୍ଦଙ୍କୁ ପଚାରିଲେ ଯେ ବର୍ତ୍ତମାନ ସେ କ'ଣ ସବୁ ସାଧନା କରୁଛନ୍ତି । ଶ୍ରୀଅରବିନ୍ଦ ସେତେବେଳେ ପୁରୁଣା ପନ୍ଥାରେ ଧ୍ୟାନ-ଧାରଣା ବନ୍ଦ କରି ଦେଇଥିଲେ, କାରଣ କାର୍ଯ୍ୟତଃ ତାଙ୍କର ଏହା ସର୍ବଦାହିଁ ଚାଲିଥିଲା । ଲେଲେ ଏସବୁ ଜାଣି ଶ୍ରୀଅରବିନ୍ଦଙ୍କୁ କହିଲେ ଯେ ତାଙ୍କୁ ସଇତାନ ଗ୍ରାସ କରିଛି ଏବଂ ତାଙ୍କୁ ପୁଣି ନିର୍ଦ୍ଦେଶ ଦେବାକୁ ଚାହିଁଲେ । ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ମୁଁ ତାଙ୍କ ଉପଦେଶ ଅନୁସାରେ କିଛି ବି କରୁ ନଥିଲି । ... ମୁଁ ସେତେବେଳେ ଅନ୍ତରରୁ ଏହି ଆଦେଶ ପାଇ ସାରିଥିଲି ଯେ ବର୍ତ୍ତମାନ ଜଣେ ମାନବିକ ଗୁରୁଙ୍କର ଆଦୌ ଆବଶ୍ୟକତା ନାହିଁ । ...''


ବିଷ୍ଣୁ ଭାସ୍କର ଲେଲେ




28 February 1968

Greetings from Auroville to all men of good will.

Are invited to Auroville all those who thirst for progress and aspire to a higher and truer life.

The Mother


Vol. LXVII, No. 1, NAVAJYOTI – 21 February, 2024, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

**ବିଶେଷ ସୂଚନା :**

## ଦିବ୍ୟଜୀବନ (ପ୍ରଥମ ଭାଗ)

ଶ୍ରୀଅରବିନ୍ଦଙ୍କ ରଚିତ 'The Life Divine' (Book One)ର ଓଡ଼ିଆ ଭାଷାନ୍ତର ''ଦିବ୍ୟ ଜୀବନ'' (ପ୍ରଥମ ଭାଗ) ଗ୍ରନ୍ଥଟି ପୁନଃ ପ୍ରକାଶିତ ହୋଇଛି । ଏହି ଗ୍ରନ୍ଥରେ ବିଶ୍ୱଚେତନା ଭିତରେ ଚିତ୍ ଓ ଜଡ଼ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱର ସମାଧାନ କରି ଆମେ ଯେ ବିଶ୍ୱୋତ୍ତୀର୍ଣ୍ଣ ଚେତନାକୁ ଅନୁଭବ କରିପାରିବା ତାହାର ନିଶ୍ଚୟତା ଶ୍ରୀଅରବିନ୍ଦ ପ୍ରଦାନ କରିଛନ୍ତି ।




ଆଶାକରୁ 'ନବଜ୍ୟୋତି ପ୍ରକାଶନ' ଦ୍ୱାରା ପ୍ରକାଶିତ ଏହି ଗ୍ରନ୍ଥଟି ଦିବ୍ୟଜୀବନ ପ୍ରୟାସୀ ଶ୍ରୀଅରବିନ୍ଦଙ୍କ ଅନୁଧ୍ୟାୟୀମାନଙ୍କ ଜିଜ୍ଞାସା ପୂର୍ଣ୍ଣ କରିବାରେ ସହାୟକ ହେବ ।

୪୪୨ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : ଟ. ୫୦୦/- ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**